# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 15/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୩୨୧ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 321 ମୂଲ୍ୟ₹୭/-




50 years of Trust

No.1 Odisha RETAIL Chain Brand

GD Symbol of Trust

# GUPTA DISTRIBUTORS

MOBILE, CAMERA, LAPTOP, ELECTRONICS, HOME APPLIANCES & FURNITURES

## FESTIVE SALE

HURRY LIMITED PERIOD OFFER

## COST TO COST DHAMAKA

CHECK OUR PRICE, BEFORE YOU BUY

PICK ANY GIFT ON PURCHASE OF Rs.10,000/- AND ABOVE

DOUBLE BED SHEET MRP - 1999/- @500/-
ELECTRIC KETTLE 1.8ltr MRP - 1399/- @500/-
EGG BOILER MRP - 699/- @300/-

ADDITIONAL ASSURED GIFT ON EVERY PURCHASE

FREE GIFT: SAMSUNG* TOP LOAD 10KG | SAMSUNG* GALAXY S23 | VIP* STROLLEY | SOUND BAR* | BOROSIL DINNER SET | Buy an OLED & Bring Home a 43 inch Google TV* | & MANY MORE OFFER

0 EASY FINANCE DOWN PAYMENT INTEREST | 1 EMI OFF | 5 YEAR ASK FOR EXTENDED WARRANTY | EXCHANGE OFFER | UPTO 15 YEAR WARRANTY* | ASSURED CASHBACK OF UP TO 1,00,000/-* | ASSURED EXCLUSIVE GIFT COUPONS WORTH AROUND Rs. 25,000/-

ADDITIONAL GIFT TO ALL EMI CARD HOLDER | HDFC BANK We understand your world | 0 DOWN PAYMENT 30 EMI | IDFC FIRST Bank 10% CASHBACK UPTO Rs.15,000/- | HDB FINANCIAL SERVICES 10% CASHBACK UPTO Rs.10,000/-

LED TV PRICE START ₹7490/- | REFRIGETOR PRICE START ₹11190/- | AIR CONDITION PRICE START ₹28900/- | WASHING MACHINE PRICE START ₹7990/- | MICROWAVE OVEN PRICE START ₹6990/- | MOBILE Smartphones at EASY no cost EMI | LAPTOP PRICE START ₹29990/- | CAMERA PRICE START ₹42990/- | ACCESSORIES | HOME APPLIANCES

## HOME & OFFICE FURNITURE

UPTO........... 60% OFF*

HYDRAULIC STORAGE BEDS | 4 SEATER DINING | LCD UNITS | CENTER TABLES WITH MARBLE TOP | WITHOUT STORAGE BEDS | CUSHION HEAD BOARD BEDS | OFFICE TABLE | SPD DINING SETS | DRESSING TABLES | DIWANS | SIDE BOARD UNITS | PREMIUM DINING SETS | SHOE RACKS | STUDY TABLES | LCD UNITS | COFFEE SETS

FREE DELIVERY WITHIN 20 KMS | EASY FINANCE AVAILABLE | GIFT ON EVERY PURACHASE | EXCHANGE FACILITY AVAILABLE
MARRIAGE EXCLUSIVE OFFER ALSO AVAILABLE | FREE INSTALLATION WITHIN MUNICIPALITY AREA

Furniture Available at PATRAPARA (BBSR), CDA (CUTTACK), KALAPATHAR, JAGATSINGHPUR, NIMAPADA, NAYAGARH, BALUGAON, PARADEEP, ATHAGARH, JAJPUR TOWN, ANGUL, PURI & CHANDIKHOLE

FINANCE PARTNER: BAJAJ FINSERV | IDFC FIRST Bank | HDFC BANK We understand your world | HDB FINANCIAL SERVICES

ALL CREDIT & DEBIT CARDS ACCEPTABLE

UP TO 5% INSTANT DISCOUNT* SBI card

#Min. Trxn.: ₹25,000; Max. Discount: ₹4,000 per card. Also valid on EMI Trxns. Validity: 15 Oct - 13 Nov 2023. T&C Apply.

WIDECARE SECURE YOUR PRODUCT WITH EXTENDED WARRANTY

LG | SONY | SAMSUNG | Panasonic | Kelvinator | Godrej | Whirlpool | HITACHI Inspire the Next | VOLTAS | BLUE STAR | DAIKIN | Haier | Carrier | LLOYD | IFB | ONEPLUS | oppo | vivo | Apple | DELL | hp | ASUS | EUREKA FORBES | BAJAJ | BOSCH | KUTCHINA | CG Cine Gold | HAVELLS | Nikon | Canon

BHUBANESWAR- BARAMUNDA, Main Road, Front of Kali Mandir, Mob: 7008989309, PATIA, KIIT Square, In front of Khimji Honda, Mob: 7008989302, LAXMI SAGAR (Cuttack Road), Mob: 7008989301, SAHEED NAGAR, Beside PNB Bank, Mob-8144920830, HANSPAL, Puri Canal Road, Near Hanuman Mandir, Mob: 7735455009, SAMANTARAPUR - NEAR Sanjeevani Medicare Hospital, ASIDE HANUMAN MANDIR, Mob: 9692316302, PATRAPARA – Plot No: 283/2979, Near ICICI Bank, Mob: 7008989313, CUTTACK- Dolmundai, Mob: 2424932/7008989303, Buxi Bazar, Mob: 7008989304, CDA, Near Judicial Academy (Utkal Hyundai), Mob: 7008989312, PURI- Hospital Square,Grand Road, Mob: 7008989310, JATNI- Near Axis bank, Mob: 2492932/7008989305, NIMAPADA- Near Dolabedi Chhack, Mob: 7008989307, BALUGAON- Main Road, Near Digantika Hotel, Mob: 7008989308, KHORDA- Main Road, Palla Chhack, Mob: 7008989311, NAYAGARH- Khandapada Road, Mob: 7008989306, BHADRAK- Main Road, Chappulia, Mob: 7008989314, JAGATSINGHPUR - Main Bus Stand, Mob: 7008989317, GUPTA FURNITURE PLAZA, Gandhi Chhack, Jagatsinghpur, JAJPUR TOWN- N C College Road, Boula Mula Chhack, Mob: 8144920820, KALAPATHAR- Near Dhabaleswor Temple, Mob: 7008989315, PARADEEP– Dochaaki, Udaybata, Mob: 7008989316, BARIPADA – Near Roxy Cinema Hall, Mob: 7008989347, ANGUL - NH-55, Kandasar, Nalco Nagar (Near Kargil Petrol Pump), Mob: 9692316300, CHANDIKHOLE – Jena Premium, National Highway, Near RLY Overbridge, Mob: 9692316301, ATHAGARH – Birakishorpur, Athagarh, Mob: 9692316303

*T&C Apply. Price/EMI mentioned are subject to change. Offer applicable on selected brand/product only. Products are also available without offer. Pictures are indicative only/CASH BACK IS SUBJECT TO BANK/CREDIT CARD, Depending on Purchase Value/Under Extended Warranty Scheme*

* ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର୍ସ ର ଶୁଭାରମ୍ଭ କେଉଁ ମସିହାରେ ହୋଇଥିଲା ? ☐୧୯୭୦ ☐୧୯୮୩ ☐୧୯୭୨
* ଅନୁଷ୍ଠାନର ମୁଖ୍ୟ ପରିଚାଳକଙ୍କ ନାମ କ'ଣ ? ☐ପି. ଗୁପ୍ତା ☐ଆର୍. ଗୁପ୍ତା ☐ଡି. ଗୁପ୍ତା
* ସାରା ଓଡ଼ିଶାରେ କେତେଗୋଟି ଶାଖା ରହିଅଛି ? ☐୧୫ ☐୨୮ ☐୨୨
* ଗୁପ୍ତାର ପ୍ରଥମ ଷ୍ଟୋର କେଉଁଠାରେ ହୋଇଥିଲା ? ☐କଟକ ☐ଭୁବନେଶ୍ୱର ☐ନୟାଗଡ଼

ଏହି କୁପନଟି ସଠିକ୍ ଉତ୍ତର ସହିତ ପୂରଣ କରି, ନିକଟତମ ଗୁପ୍ତା ଡ଼ିଷ୍ଟ୍ରିବ୍ୟୁଟର ଶାଖାରେ ଥିବା LUCKY DRAW BOX ରେ ପକାଇ ଉପହାର ମାନ ଜିତନ୍ତୁ ।

Mob: ..........................................

# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ | Bhubaneswar, Sunday, October 15/2023


# ପାକିସ୍ତାନକୁ ହରାଇ ଶୀର୍ଷରେ ଭାରତ


ପ୍ଲେୟର ଅଫ୍ ଦି ମ୍ୟାଚ ଯଶପ୍ରୀତ୍ ବୁମ୍‌ରା

## ଦିନିକିଆ କ୍ରିକେଟ ବିଶ୍ୱକପ

**ଅହମଦାବାଦ, ୧୪।୧୦** ଇତିହାସର ପୁନରାବୃତ୍ତି ଘଟିଛି। ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନ ବିପକ୍ଷରେ ଶତପ୍ରତିଶତ ବିଜୟ ରେକର୍ଡ ବଜାୟ ରଖିଛି ଭାରତ। ୧୯୯୨ଠାରୁ ଆରମ୍ଭକରି ଏପର୍ଯ୍ୟନ୍ତ କ୍ରମାଗତ ୮ ମ୍ୟାଚରେ ବିଜୟୀ ହୋଇଛି ଟିମ୍ ଇଣ୍ଡିଆ। ଶନିବାର ବିଶ୍ୱର ସର୍ବବୃହତ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକଙ୍କ ଗହଣରେ ଅନୁଷ୍ଠିତ ହାଇପ୍ରୋଫାଇଲ୍ ମ୍ୟାଚରେ ଭାରତ ୭ ଉଇକେଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଦମ୍‌ଦାର ବିଜୟ ହାସଲ କରିଛି। ଭାରତୀୟ ବୋଲରଙ୍କୁ ମୁକାବିଲା କରି ନ ପାରି ପାକିସ୍ତାନ ୪୨.୫ ଓଭରରେ ୧୯୧ ରନକରି ଅଲ୍‌ଆଉଟ ହୋଇଥିଲା। ୧୯୨ ରନର ବିଜୟ ଲକ୍ଷ୍ୟକୁ ରୋହିତ ଶର୍ମାଙ୍କ ଦଳ ୩୦.୩ ଓଭରରେ ୩ ଉଇକେଟ ହରାଇ ହାସଲ କରି ନେଇଥିଲା। ୭ ଓଭରରେ ଗୋଟିଏ ମେଡେନ ନେବା ସହ ମାତ୍ର ୧୯ ରନରେ ୨ଟି ଉଇକେଟ ନେଇଥିବା ଯଶପ୍ରୀତ୍ ବୁମ୍‌ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ବିଜୟ ଫଳରେ ଭାରତ ପ୍ରଥମଥର ପାଇଁ ପଏଣ୍ଟ ଟେବୁଲର ଶୀର୍ଷକୁ ଉନ୍ନୀତ ହୋଇଛି। ୩ ମ୍ୟାଚରେ ଭାରତର ଏହା ତୃତୀୟ ବିଜୟ ହୋଇଥିବାବେଳେ ପାକିସ୍ତାନର ପ୍ରଥମ ପରାଜୟ। ଭାରତର ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଛନ୍ତି।

ଟାର୍ଗେଟ ବଡ଼ ନ ଥିଲେ ମଧ୍ୟ ୨୩ ରନ ମଧ୍ୟରେ ପ୍ରଥମ ଉଇକେଟ ହରାଇ ଭାରତ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ☞ପୃଷ୍ଠା-୭


**ଆଜିର ସମ୍ପାଦକୀୟ**
**ସିଏଜିର ଅଧୋଗତି**








**ଆଜିର ମନ୍ତବ୍ୟ**

"ଇସ୍ରାଏଲ୍ ଆକ୍ରମଣକାରୀ ହମାସ୍ ପ୍ରତି ଅଧିକାଂଶ ପାଲେଷ୍ଟିନୀୟଙ୍କ ସମର୍ଥନ ନାହିଁ। କାରଣ ଅବିକଳ ଅଲ୍-କାଏଦା ଭଳି ମନେହେଉଥିବା ଏହି ଆତଙ୍କବାଦୀ ସଂଗଠନ ଯୋଗୁ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।

–ଜୋ ବାଇଡେନ୍, ଆମେରିକା ରାଷ୍ଟ୍ରପତି

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡରେ ଥରଥର ନୁହଇଁ ସୁତ
ଡାକଇ ଯାହାକୁ ପାଖକୁ ତାତ
ଡାକ ନ ଶୁଣୁ ଧରଇ ଠେଙ୍ଗା
କହେ ଦନାଇ ଏ କୁଳବାଲୁଙ୍ଗା।**

ଯେଉଁ ପୁତ୍ରର ପିତା ବା ଗୁରୁଜନଙ୍କ ପ୍ରତି ଭୟ ଓ ଭକ୍ତିଭାବ ନ ଥାଏ କିମ୍ବା ସେମାନଙ୍କ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରିଥାଏ, ସେଭଳି ପୁତ୍ର କୁଳବାଲୁଙ୍ଗା ହୋଇଥାଆନ୍ତି। ପୁତ୍ରର ପରିସୀମା ଟପି ଅଭଦ୍ର ଆଚରଣ ବା ବ୍ୟବହାର ଦେଖାଇବା କୁଳବାଲୁଙ୍ଗାର ସ୍ୱରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଡେଙ୍ଗା ନଡ଼ିଆ ବାଙ୍ଗରା ଗୁଆ
ଏହା ଠଉଁ ଚାରା ବନ୍ଧରେ ଛୁଆ।**

ଯେଉଁ ନଡ଼ିଆ ଗଛ ଡେଙ୍ଗା, ତା'ଗଛର ଚାରା ଉନ୍ନତମାନର ହୋଇଥାଏ। ସେହିପରି ବାଙ୍ଗରା ଗୁଆ ଗଛର ଚାରାରୁ ଗଛ ଭଲ ହେଉଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଅନ୍ୱେଷା ହଷ୍ଟେଲର ୨୮ ଛାତ୍ରୀ ଅସୁସ୍ଥ

## ପରିବେଶ ନିରୀକ୍ଷଣକଲେ ସ୍ୱାସ୍ଥ୍ୟ ଅଧିକାରୀ


ମେଡିକାଲରେ ଚିକିତ୍ସିତ ହେଉଥିବା ଛାତ୍ରୀମାନେ।

**କେନ୍ଦୁଝର,୧୪।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଥିବା ଏସ୍‌ସି/ଏସ୍‌ଟି ବିଭାଗ ଅଧୀନରେ ପରିଚାଳିତ ଅନ୍ୱେଷା ହଷ୍ଟେଲରେ ରହୁଥିବା ୨୮ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସମସ୍ତ ଛାତ୍ରୀ ଭୂତାଣୁଜନିତ ଜ୍ୱର ଓ କେତେଜଣ ଝାଡ଼ାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଧରଣୀଧର ମେଡିକାଲ କଲେଜ ହସ୍ପିଟାଲର ଶିଶୁ ୱାର୍ଡରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଘଟଣା ପରେ ଶନିବାର ସିଡିଏମ୍‌ଓଙ୍କ ନେତୃତ୍ୱରେ ଏକ ଟିମ୍ ହଷ୍ଟେଲରେ ରହୁଥିବା ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲା। ଏଥିସହ ହଷ୍ଟେଲର ପରିବେଶ ନିରୀକ୍ଷଣ କରିଥିବା ଜଣାପଡ଼ିଛି।

ଉକ୍ତ ହଷ୍ଟେଲରେ ସମୁଦାୟ ୪୬୦ ଛାତ୍ରୀଛାତ୍ର ମାଗଣାରେ ରହି ବିଭିନ୍ନ ପବ୍ଲିକ ସ୍କୁଲରେ ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ସ୍କୁଲ ନେବା ଆଣିବା ପାଇଁ ବସ୍ ବ୍ୟବସ୍ଥା ମଧ୍ୟ କରାଯାଇଛି। ଶୁକ୍ରବାର ସକାଳେ ଅନ୍ତେବାସୀଙ୍କୁ ଖାଦ୍ୟ ତାଲିକା ଅନୁଯାୟୀ ବ୍ରେଡ୍ ଓ ଜାମ୍ ଖାଇବାକୁ ଦିଆଯାଇଥିଲା। ଖାଇ ସାରି ୧୯୦ ପିଲା ପଳାଶପଙ୍ଗାସ୍ଥିତ ଗ୍ରୀନ୍ ଫିଲ୍ଡ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇଥିଲେ। ସେଠାରେ ପ୍ରାର୍ଥନା ସମୟରେ ୧୮ ପିଲା ଅସୁସ୍ଥ ହୋଇ ତଳେ ପଡ଼ିଯିବାରୁ ତାଙ୍କୁ କେନ୍ଦୁଝର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ରାତିରେ ଆଉ ୧୦ ଜଣ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପରୀକ୍ଷା ବେଳେ ସେମାନେ ଭୂତାଣୁଜନିତ ଜ୍ୱରରେ ଆକ୍ରାନ୍ତ ହୋଇଥିବା ମେଡିକାଲ ସୂତ୍ରରୁ ଜଣାପଡ଼ିଛି। ହଷ୍ଟେଲ ପରିଚାଳକ ସନ୍ତୋଷ ସାହୁ କହିଛନ୍ତି, ସମସ୍ତେ ସକାଳେ ବ୍ରେଡ୍ ଓ ଜାମ୍ ଖାଇ ଯାଇଥିଲେ। ମଧ୍ୟାହ୍ନରେ ଭୋଜନ କରିବାକୁ ଭାତ ଓ ତରକାରି ପଠାଯାଇଥିଲା। ଖାଦ୍ୟରେ କୌଣସି ଅସୁବିଧା ନାହିଁ। ଡାକ୍ତରୀଦଳ ଆସି ପରିସ୍ଥିତି ଅନୁଧ୍ୟାନ କରିଯାଇଛନ୍ତି। ପିଇବା ପାଣି ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି ବୋଲି କହିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କେ.ସି.ପୃଷ୍ଟି କହିଛନ୍ତି, ଛାତ୍ରୀଛାତ୍ରଙ୍କୁ ଜ୍ୱର ହୋଇଥିବା ବେଳେ କେତେଜଣଙ୍କୁ ଝାଡ଼ା ହେଉଛି। ଏବେ ସମସ୍ତଙ୍କ ଅବସ୍ଥା ଭଲ ରହିଛି। ଭୂତାଣୁ ଜନିତ ଜ୍ୱର ହୋଇଥିବା ଜଣାଯାଉଛି। ଏକ ଟିମ୍ ସହ ହଷ୍ଟେଲ ସ୍ଥିତି ଅନୁଧ୍ୟାନ କରାଯାଇଛି। ଅନ୍ୟ ଛାତ୍ରୀଛାତ୍ରଙ୍କ ଅବସ୍ଥା ଭଲ ଅଛି। ଜ୍ୱର ହେଲେ ପିଲାମାନଙ୍କୁ ମେଡିକାଲ ଆଣିବା ପାଇଁ ପରିଚାଳକଙ୍କୁ କୁହାଯାଇଛି ବୋଲି ସେ କହିଥିଲେ।

# ୧୮ରୁ ବଦଳିବ ପାଗ

**ଭୁବନେଶ୍ୱର,୧୪।୧୦(ଅନିଲ ଦାସ)**

ରାଜ୍ୟରେ ଗତ କିଛିଦିନ ହେବ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଛି। ଅଧିକାଂଶ ସ୍ଥାନରେ ଦିନର ତାପମାତ୍ରା ୩୫ ଡିଗ୍ରୀ ସେଲ୍‌ସିୟସ ଉପରକୁ ଚାଲିଯାଉଛି। କେତେକ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି। ରାତ୍ରିରେ ମଧ୍ୟ ତାପମାତ୍ରା ୨୫ରୁ ୨୬ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହୁଛି।

ଆଶ୍ୱିନ ମାସରେ ହାଲୁକା ଶୀତ ଓ କାକର ପରିବେଶକୁ ଶୀତଳ କରିଥାଏ। ଅକ୍ଟୋବର ଶେଷ ଆଡକୁ ଶୀତର ପ୍ରକୋପ ବଢ଼ିଥାଏ। ମାତ୍ର ଚଳିତ ବର୍ଷ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ଶୀତ ବିଳମ୍ବରେ ଆସିବ ବୋଲି ଜଳବାୟୁ ବିଶେଷଜ୍ଞ ମତ ଦେଉଛନ୍ତି। ସେପ୍ଟେମ୍ବର ଶେଷକୁ ବର୍ଷା ଛାଡ଼ିଯିବା ପରେ ତାତିର ପ୍ରକୋପ ବଢ଼ିଯାଇଛି। ଆସନ୍ତା ୪ ଦିନ ଯାଏ ପାଗରେ ମଧ୍ୟ କୌଣସି ପରିବର୍ତ୍ତନର ସୂଚନା ନାହିଁ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପାଗ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୮ ତାରିଖରୁ ତାତି ହ୍ରାସ ପାଇବ। ପାରଦ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିବ। ଏହି ସମୟରେ ଆଣ୍ଡାମାନ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୦ ତାରିଖ ବେଳକୁ ଏହା ଲଘୁଚାପରେ ପରିଣତ ହେବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ଡିପ୍ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ରହିଛି। ତେବେ ଏହା ବାତ୍ୟା ରୂପ ନେବ କି ନାହିଁ ତାହା ସ୍ପଷ୍ଟ ହୋଇ ନାହିଁ। ଆସନ୍ତା ୨୦ ତାରିଖ ବେଳକୁ ଏ ନେଇ ସୂଚନା ମିଳିପାରିବ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି।

# ରାଜ୍ୟରେ ୧,୧୨,୬୭୫ ମାମଲା ଫଇସଲା

**ଜିଲାସ୍ତରୀୟ ଲୋକ ଅଦାଲତ**

**କଟକ,୧୪।୧୦(କାର୍ତ୍ତିକ ସାହୁ)**

ନୂଆଦିଲ୍ଲୀସ୍ଥିତ ନ୍ୟାଶନାଲ ଲିଗାଲ ସର୍ଭିସ ଅଥରିଟି(ନାଲ୍‌ସା) ପକ୍ଷରୁ ସ୍ଥିରୀକୃତ ସମୟସୂଚୀ ଅନୁଯାୟୀ ରାଜ୍ୟର ବିଭିନ୍ନ ଜିଲାରେ ଜିଲାସ୍ତରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲିଗାଲ ସର୍ଭିସ ଅଥରିଟି(ଓଲ୍‌ସା)ର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ତଥା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଜିଲାରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧,୧୨,୬୭୫ ମାମଲା ଫଇସଲା କରାଯାଇ ୨୧କୋଟି ୪୪ଲକ୍ଷ ୨୪ହଜାର ୨ ଟଙ୍କା ଜରିମାନା ଆଦାୟ ପାଇଁ ସ୍ଥିରୀକୃତ ହୋଇଛି। ତନ୍ମଧ୍ୟରେ କୋର୍ଟରେ ବିଚାରାଧୀନ ମାମଲା ୬୯୬ ଓ ରାଜସ୍ୱ ସମ୍ବନ୍ଧୀୟ ମାମଲା ୧,୧୧,୯୭୯ ରହିଛି। କୋର୍ଟରେ ବିଚାରାଧିନ ମାମଲାଗୁଡ଼ିକ ମଧ୍ୟରୁ ମୋଟର ଦୁର୍ଘଟଣାଜନିତ ମାମଲା ୧୫୨, ଖାଉଟି ବିବାଦ ମାମଲା ୧୫, ଜମିଜମା ସଂକ୍ରାନ୍ତୀୟ ମାମଲା ୧୬, ପାରିବାରିକ ବିବାଦ ସମ୍ବନ୍ଧୀୟ ୨୮୩ ଓ ଅନ୍ୟାନ୍ୟ ୨୩୦ ମାମଲା ରହିଛି।

# ଦେଶର ଶ୍ରେଷ୍ଠ ସ୍କୁଲ ତାଲିକାରେ ରାଣୀଭୋଳ ଓଏଭି

**ବାରିପଦା,୧୪।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)**



ନୂଆଦିଲ୍ଲୀରେ ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ ଇଡବ୍ଲ୍ୟୁ ପକ୍ଷରୁ ସାର୍ଟିଫିକେଟ ଗ୍ରହଣ କରୁଛନ୍ତି।

ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ସ୍କୁଲ ତାଲିକାରେ ମୟୂରଭଞ୍ଜ ଜିଲା ରାଣୀଭୋଳ ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି) ୯ମ ସ୍ଥାନ ଅଧିକାର କରିଛି। ରାଜ୍ୟର ଏକମାତ୍ର ଓଏଭି ଗୁଣାତ୍ମକ ଶିକ୍ଷାଦାନ ଏବଂ ବିଦ୍ୟାଳୟସ୍ତରୀୟ ସହ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଉତ୍ତମ ପ୍ରଦର୍ଶନକୁ ନେଇ ଲଗାତାର ଏହି ସଫଳତା ହାସଲ କରିପାରିଛି। ଏହି ବିଦ୍ୟାଳୟ ସର୍ବଭାରତୀୟ ସ୍ତରରେ ପୁନର୍ବାର ସୁନାମ ଅର୍ଜନ କରିଛି। ଇଡବ୍ଲ୍ୟୁ ପୋର୍ଟାଲ ଦ୍ୱାରା ପ୍ରକାଶିତ 'ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ୍ ୨୦୨୩-୨୪' ତାଲିକାରେ ଶ୍ରେଷ୍ଠ ସରକାରୀ ଆବାସିକ ସ୍କୁଲ ଭାବେ ରାଣୀଭୋଳ ଓଏଭି ବିଦ୍ୟାଳୟ ରହିଛି। ଦେଶର ଶ୍ରେଷ୍ଠ ୧୦ ଆବାସିକ ସ୍କୁଲ ତାଲିକାରେ ୧୧ଟି ମଧ୍ୟରୁ ଉତ୍ତରାଖଣ୍ଡ, କେରଳ, ହିମାଚଳପ୍ରଦେଶ ଓ କର୍ଣ୍ଣାଟକ ରାଜ୍ୟର ୨ଟି ଲେଖାଏ, ହରିୟାଣା, ବିହାର ଏବଂ ଓଡ଼ିଶାର ଗୋଟିଏ ଲେଖାଏ ଆଦର୍ଶ ସ୍କୁଲ ରହିଛି। ଓଏଭି ରାଣୀଭୋଳ ଆବାସିକ ସ୍କୁଲ ୧୧୨୬ ମାର୍କ ପାଇ ସର୍ବଭାରତୀୟ ସ୍ତରରେ ୯ମ ସ୍ଥାନରେ ରହିଥିବା ବେଳେ ରାଜ୍ୟରେ ପ୍ରଥମ ହୋଇଛି।

୨୦୧୬ରେ ଏହି ସ୍କୁଲ ପ୍ରତିଷ୍ଠା ହୋଇ କାର୍ଯ୍ୟାରମ୍ଭ ହୋଇଥିଲା। ଚଳିତବର୍ଷ ୬ଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୬୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଶହେ ଅନ୍ତେବାସୀ ଛାତ୍ରୀଙ୍କ ନିମନ୍ତେ ଆବାସିକ ବ୍ୟବସ୍ଥା ରହିଛି। ଶିକ୍ଷାଦାନ ନିମନ୍ତେ ପ୍ରଧାନଶିକ୍ଷକଙ୍କ ସହ ୨୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ବିଗତ ୩ବର୍ଷ ଧରି ମାଟ୍ରିକ ଓ ଏକାଦଶ ପରୀକ୍ଷାରେ ଶତପ୍ରତିଶତ ରେଜଲ୍ଟ ହାସଲ କରି ଛାତ୍ରୀଛାତ୍ର ବିଦ୍ୟାଳୟର ଗୌରବ ପ୍ରତିପାଦନ କରିଛନ୍ତି। ଏହାବ୍ୟତୀତ ସ୍କୁଲ ପରିସର ପରିଷ୍କାର ପରିଚ୍ଛନ୍ନତା, ବୈଜ୍ଞାନିକ ମେଧା ଅନ୍ୱେଷା କାର୍ଯ୍ୟକ୍ରମ ସହ ସ୍କୁଲରେ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଉଚ୍ଚକୋଟୀର ପାରଦର୍ଶିତା ପ୍ରଦର୍ଶନ କରି ଜିଲା ଓ ରାଜ୍ୟ ସ୍ତରରେ ସୁନାମ ଅର୍ଜନ କରିଚାଲିଛନ୍ତି। ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ପାରଦର୍ଶିତା, ଶିକ୍ଷାନୁଷ୍ଠାନର ଖ୍ୟାତି, ସହଶିକ୍ଷା କାର୍ଯ୍ୟକ୍ରମ, ଅନ୍‌ଲାଇନ ଶିକ୍ଷାଦାନର ପ୍ରତିଫଳନ, ଶିକ୍ଷାର୍ଥୀଙ୍କ ପ୍ରତି ବ୍ୟକ୍ତିଗତ ଧ୍ୟାନ, ଉତ୍ତମମାନର ନେତୃତ୍ୱ ଓ ପରିଚାଳନା, ଅଭିଭାବକଙ୍କ ସହଭାଗିତା, ସ୍କୁଲର ଆବଶ୍ୟକ ଭିତ୍ତିଭୂମି, ମାନସିକ ଓ ଭାବପ୍ରବଣର ଯଥାର୍ଥତା ସେବା, ଶିକ୍ଷାର ସ୍ୱତନ୍ତ୍ର ଆବଶ୍ୟକତା, ସରକାରୀ ଅନୁଦାନର ଉଚିତ ବିନିଯୋଗ ଓ ଗୋଷ୍ଠୀଗତ ସେବା ପ୍ରଦାନରେ ଉଲ୍ଲେଖନୀୟ ଅବଦାନ ରହିଥିବାରୁ ଏହି ସ୍କୁଲ ସର୍ବଭାରତୀୟ ର୍‍ୟାଙ୍କିଙ୍ଗ୍ ତାଲିକାରେ ସ୍ଥାନ ପାଇପାରିଛି। ୨୦୨୨-୨୩ରେ ସର୍ବଭାରତୀୟ ସ୍ତରରେ ୧୦ମ ସ୍ଥାନ ଅଧିକାର କରିଥିବା ବେଳେ ଚଳିତବର୍ଷ ତାହା ବୃଦ୍ଧି ପାଇ ୯ମ ସ୍ଥାନରେ ରହିଛି। ବିଦ୍ୟାଳୟର ସଫଳତା ପାଇଁ ଅଧ୍ୟକ୍ଷ ବିଭୂତି ଭୂଷଣ ମଣ୍ଡଳ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଶ୍ରେୟ ଦେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ପ୍ରକଳ୍ପ ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ଓ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ଶୁଭେଚ୍ଛା ଜଣାଇଛନ୍ତି।

# ଆବାସିକ ଛାତ୍ରୀନିବାସରେ ୪ର୍ଥ ଶ୍ରେଣୀ ଛାତ୍ରୀଙ୍କ ମୃତ୍ୟୁ

**କାଲିମେଲା, ୧୪।୧୦(ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଭୁବନପଲ୍ଲୀ ପଞ୍ଚାୟତରେ ଥିବା ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ଛାତ୍ରୀନିବାସରେ ରହୁଥିବା ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କର ଶନିବାର ମୃତ୍ୟୁ ହୋଇଛି। ମୃତ ଛାତ୍ରୀ ଜଣଙ୍କ ହେଲେ ଅଞ୍ଜୁ ମାଡ଼ି(୧୦)। ପ୍ରଧାନ ଶିକ୍ଷକ ଲୋକନାଥ ପରିଡ଼ାଙ୍କ କହିବା ଅନୁଯାୟୀ, ଗତ ୧୩ ତାରିଖର ସକାଳେ ହଠାତ୍ ଅଞ୍ଜୁଙ୍କୁ ଜ୍ୱର ହେବାରୁ ସେ ଅସୁସ୍ଥ ହୋଇ ପଡିଥିଲେ। ବିଦ୍ୟାଳୟ କର୍ମଚାରୀମାନେ ତାଙ୍କୁ ପ୍ରଥମେ ଏମ୍‌ଭି ୭୯ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସନ୍ଧ୍ୟା ବେଳକୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଅଧିକ ଚିକିତ୍ସା ପାଇଁ ଜିଲା ସଦର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ତେବେ ସେଠାରୁ ତାଙ୍କୁ କୋରାପୁଟ ମେଡିକାଲ କଲେଜ ଓ ହସ୍ପିଟାଲକୁ ଡାକ୍ତର ରେଫର୍ କରିଥିଲେ ତାଙ୍କୁ ନେବା ବାଟରେ ମୃତ୍ୟୁ ହୋଇଥିଲା। ତେବେ କେଉଁ କାରଣ ପାଇଁ ଛାତ୍ରୀଙ୍କର ମୃତ୍ୟୁ ହେଲା ସେ ନେଇ ପ୍ରକୃତ ଘଟଣା ଜଣାପଡ଼ି ନାହିଁ। ମୃତଦେହ ବ୍ୟବଚ୍ଛେଦ କରା ନ ଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଦିଆଯାଇଛି। ବିନା ବ୍ୟବଚ୍ଛେଦରେ ଘର ଲୋକ ସଂସ୍କାର କରିଦେଇଛନ୍ତି।

ଏ ନେଇ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସୁମନ୍ତ କୁମାର ପଣ୍ଡାଙ୍କୁ ପଚାରିବାରୁ ଛାତ୍ରୀଙ୍କୁ ଜ୍ୱର ହେବାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ମେଡିକାଲ ନେଇଥିଲେ। ସେଠାରେ ମୃତ୍ୟୁ ହୋଇଥିବା କଥା କହିବା ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କଲା ପରେ ପ୍ରକୃତ କଥା ଜଣାପଡିବ ବୋଲି କହିଛନ୍ତି।

# ଆତ୍ମସମର୍ପଣ କଲେ ମାଓବାଦୀ

**ମାଲକାନଗିରି,୧୪।୧୦(ଦୁର୍ଯ୍ୟୋଧନ ପାତ୍ର)**


ରାକେଶ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡାରେ ୧ ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀ ରାକେଶ ପୋଲିସ ନିକଟରେ ଆତ୍ମ ସମର୍ପଣ କରିଛନ୍ତି। ମାଓବାଦୀ ସଙ୍ଗଠନ ଭୁଶୁଡିବାରେ ଲାଗିଥିବା ବେଳେ ନିଜର ନୀତି ଆଦର୍ଶ ହରାଉଥିବାରୁ ରାକେଶ ସଙ୍ଗଠନ ଛାଡି ସାଧାରଣ ଜୀବନ ଯାପନ କରିବା ପାଇଁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ସେ ଅନେକ ହିଂସା ଘଟଣାରେ ଜଡିତ ଥିଲେ। ତେବେ ଆତ୍ମସମର୍ପଣ ନୀତି ଅନୁଯାୟୀ ରାକେଶଙ୍କୁ ସମସ୍ତ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବାଣ, ୨୫ କେଜି ବାରୁଦ ଜବତ

**ଖୋର୍ଦ୍ଧା/ବେଗୁନିଆ,୧୪।୧୦
(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)**


ଜବତ ହୋଇଥିବା ବାରୁଦ ଓ ବିଭିନ୍ନ ପ୍ରକାର ବାଣ।

- **ଜଣେ ବ୍ୟବସାୟୀ ଗିରଫ**
- **ବେଆଇନ ଭାବେ ପ୍ରସ୍ତୁତ ହେଉଥିଲା**

ଆଗକୁ ଆସୁଛି ଦଶହରା ଓ ଆଲୋକର ପର୍ବ ଦୀପାବଳି। ଏଥିପାଇଁ ବିଭିନ୍ନ ସ୍ଥାନରେ ଏବେଠୁ ବାଣ ବିକ୍ରି ଚାଲିଲାଣି। ତେବେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ ସ୍ଥିତ ମୁକୁନ୍ଦପୁର ଗ୍ରାମରେ ଶନିବାର ପୋଲିସ ଚଢ଼ାଉ କରି ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବିଶ୍ୱନାଥ ମହାପାତ୍ର। ଆତସବାଜି ପ୍ରସ୍ତୁତ ହେଉଥିବା କୋଠରିରୁ ୨୫ କେଜି ବାରୁଦ ସହିତ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକାର ବାଣ ଜବତ କରାଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୬୪/୨୩) ରୁଜୁକରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ମୁକୁନ୍ଦପୁର ଗ୍ରାମରେ ବେଆଇନ ଭାବେ ବାଣ ପ୍ରସ୍ତୁତ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଏହା ପରେ ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଏସ୍‌ଡିପିଓ ଦିଲୀପ ଦାସଙ୍କ ନିର୍ଦ୍ଦେଶକ୍ରମେ ବେଗୁନିଆ ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟଙ୍କ ସମେତ ଅନ୍ୟ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଶନିବାର ସକାଳେ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥଙ୍କ ଘରେ ଚଢ଼ାଉ କରିଥିଲା। ଏକ କୋଠରିରେ ଗଚ୍ଛିତ ଥିବା ଭଳିକି ଭଳି ହାତ ତିଆରି ଧପିଧପି, କୁମ୍ଭି ବାଣ, ବାଡିଆ ବାଣ, ଝରଝରି ଆଦି ୫୦ପେଟିରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ବାଣ ଜବତ କରିଥିଲା। ଏଥିସହ ବାଣ ପ୍ରସ୍ତୁତ ପାଇଁ ଥିବା ବାରୁଦ ୨୫କେଜି ଜବତ ହୋଇଛି। ଜବତ ବାଣଗୁଡ଼ିକୁ ଦୁଇଟି ମିନି ଟ୍ରକ୍‌ରେ ଥାନାକୁ ଅଣାଯାଇଛି। ଉକ୍ତ ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଥିବାରୁ ବିଶ୍ୱନାଥଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଏସ୍‌ଆଇ ଉମାକାନ୍ତ ବେହେରା, ଏଏସ୍‌ଆଇ ଜେ.ପୂଜାରୀ, ପି.କେ. ଆଚାର୍ଯ୍ୟ, ଏମ୍. ବେହେରା, ବି.ବଳବନ୍ତରାୟ, ପି.କେ. ବେହେରା ପ୍ରମୁଖ ସାମିଲ ଥିଲେ। ସୂଚନାଥାଉ କି, ୨୦୨୦ ଅଗଷ୍ଟ ୧୬ରେ ବିଶ୍ୱନାଥଙ୍କ ଘରେ ବାଣ ପ୍ରସ୍ତୁତ ବେଳେ ବଡ଼ଧରଣର ଅଘଟଣ ଘଟିଥିଲା। ୪ରୁ ୫ ବଖରା ଘର କ୍ଷତିଗ୍ରସ୍ତ ହୋଇଥିଲା। ବେଗୁନିଆ ପୋଲିସ ପହଞ୍ଚି ବିଶ୍ୱନାଥଙ୍କ ଘରୁ ୨ଲକ୍ଷ ଟଙ୍କାର ବାଣ ଜବତ କରିଥିଲା। ବେଆଇନ ବାଣ ପ୍ରସ୍ତୁତ ଓ ବିକ୍ରି କରୁଥିବା ଅଭିଯୋଗରେ ଥାନାରେ ଏକ ମାମଲା (ନଂ.୧୬୬/୨୦) ରୁଜୁ ହୋଇଥିଲା। ତେବେ ପୁଣି ୩ବର୍ଷ ପରେ ବିଶ୍ୱନାଥଙ୍କ ଘରୁ ୧୨ଲକ୍ଷ ଟଙ୍କାର ବିଭିନ୍ନ ପ୍ରକାର ବାଣ ଏବଂ ବାରୁଦ ଜବତ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଆପଣ କର୍ମକ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ କାମ ହାସଲ କରିପାରିବେ। ବିବାଦୀୟ ପରିସ୍ଥିତିରେ ଅନ୍ୟ ଲୋକମାନଙ୍କ ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ, ଯାହାକି ଆପଣଙ୍କୁ ସାମୟିକ ଆନନ୍ଦ ପ୍ରଦାନ କରିବ। ପ୍ରଶାସନ, ଆଇନ, ସଭା ସମିତି, ଆନୁଷ୍ଠାନିକ କାମ ଓ ବନ୍ଧୁମିଳନ ହେତୁକ ଖୁସି ରହିବେ।

**ବୃଷ** – ସାମାଜିକ ସ୍ତରରେ ଲୋକାଭିମୁଖୀ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ବ୍ୟବସାୟିକ ସଫଳତା ମିଳିବ ଓ କଳା ସାହିତ୍ୟରେ ପ୍ରଶଂସିତ ହେବେ। ଦୀର୍ଘ ଦିନରୁ ରହି ଆସିଥିବା ବିବାଦୀୟ ଘଟଣାର ଅବସାନ ଘଟିବ। ଅଭାବ ନ ଥିଲେ ମଧ୍ୟ ଛୋଟ ଛୋଟ କଥାକୁ କେନ୍ଦ୍ରକରି ପରିବାରରେ ଝଡ଼ ଉଠିବ। ସନ୍ତାନହେତୁକ ଚିନ୍ତା ଚଳିବ।

**ମିଥୁନ** – କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ଅନୁରୋଧକ୍ରମେ ସ୍ଥଗିତ କାମକୁ ସମ୍ପନ୍ନ କରିବେ। ମିଠା କଥା କହି ସହକର୍ମୀଙ୍କ ମନରେ ବିଶ୍ୱାସ ଜନ୍ମାଇବାରେ ସମର୍ଥ ହେବେ। ପ୍ରତିଦ୍ୱନ୍ଦ୍ୱିତା କାରଣରୁ ବାଣିଜ୍ୟ, ବ୍ୟବସାୟରେ ମାନମନାନ୍ତର ଦେଖାଦେଇପାରେ। ଆତ୍ମୀୟମାନେ ଅସହଯୋଗ କରିପାରନ୍ତି, ଯାହାକି ସାମୟିକ ସମସ୍ୟା ସୃଷ୍ଟି କରିବ।

**କର୍କଟ** – କର୍ମକ୍ଷେତ୍ରରେ ସହକର୍ମୀମାନେ ସହଯୋଗର ହାତ ବଢାଇବେ ଓ ସହାନୁଭୂତି ପ୍ରକାଶ କରିବେ। ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିବାର ଆଶଙ୍କା ରହିଛି। ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ପ୍ରତିଯୋଗିତା ଉପୁଜିପାରେ। ଯେତେ ପାଇଲେ ମଧ୍ୟ ଅଭାବ ଲାଗି ରହିବା କାରଣରୁ ଅଶାନ୍ତି ଅନୁଭବ କରିପାରନ୍ତି।

**ସିଂହ** – ଆଜି ବିଭିନ୍ନ ଯୋଜନା ସମ୍ପର୍କୀୟ ଆଲୋଚନା କରିବାରେ ସଫଳତା ପାଇବେ। ଜଣେ ବନ୍ଧୁଙ୍କଠାରୁ ଆଶା ଅନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ରାଜନୈତିକ ତଥା ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।

**କନ୍ୟା** – ଆଜି ଆନୁଷ୍ଠାନିକ କାମରେ ଆଶା ଅନୁରୂପ ଫଳ ପାଇ ଖୁସି ହେବେ। କଥା ଦେଇଥିବା ଲୋକଟି ପରକ୍ଷଣରେ ଓଲଟା କଥା କହି ଯୁକ୍ତିତର୍କର ଆଶ୍ରୟ ନେପାରନ୍ତି। ଆତ୍ମୀୟସ୍ୱଜନଙ୍କ ଆରୋଗ୍ୟ ପାଇଁ ଚିନ୍ତା ବଢ଼ିପାରେ। ବହୁତ ଦିନରୁ ରହି ଆସିଥିବା ସମସ୍ୟା ସମାଧାନ ହୋଇଯିବ।

**ତୁଳା** – କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ବନ୍ଧୁମିଳନ ଅବକାଶରେ ସନ୍ତାନମାନଙ୍କ ବୈବାହିକ ପ୍ରସ୍ତାବର ଆଲୋଚନା କରିପାରନ୍ତି। ସାମୟିକ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ପୂର୍ବ ସ୍ଥିରୀକୃତ ଗସ୍ତ କାର୍ଯ୍ୟକ୍ରମ କେତେକ ଆକସ୍ମିକ ସମସ୍ୟା ହେତୁ ବାତିଲ ହୋଇପାରେ।

**ବିଛା** – ବହୁତ ଦିନର ଆଶା ପୂରଣ ହେବା କାରଣରୁ ମନ ଉତ୍‌ଫୁଲ୍ଲିତ ରହିବ। ଗୃହସୀମାକୁ କେନ୍ଦ୍ରକରି ରହିଥିବା ବିବଦମାନ ସ୍ଥିତିରୁ ସହସା ମୁକ୍ତି ମିଳିବ। ଅନ୍ୟମାନଙ୍କର ଉଦ୍ଦେଶ୍ୟକୁ ବୁଝିନପାରି ଅସମ୍ମାନିତ ହୋଇପାରନ୍ତି। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିବାକୁ ପଡ଼ିପାରେ।

**ଧନୁ** – ଭୁଲ୍ ବୁଝାମଣାଜନିତ ପରିବାର ମଧ୍ୟରେ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହୋଇପାରେ। ସାଙ୍ଗଠନିକ କ୍ଷେତ୍ରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଦେହ ଭଲ ରହିଲେ ମଧ୍ୟ ପେଟ ଓ ମୁଣ୍ଡ ରୋଗରେ କଷ୍ଟ ପାଇପାରନ୍ତି। ଚେଷ୍ଟା ସଫଳ ହେବାରେ ଜଣେ ପୁରାତନ ବନ୍ଧୁ ସାହାଯ୍ୟ କରିବେ।

**ମକର** – ଆଜି ଦିନଟିରେ ଯେଉଁ କାମରେ ହାତ ଦେବେ, ସେଥିରେ ସଫଳତା ଅବଶ୍ୟମ୍ଭାବୀ। ପ୍ରତ୍ୟୁଷ ଯାତ୍ରା ପ୍ରଶାସନ, ଆଇନ କଳା ସାହିତ୍ୟ କ୍ଷେତ୍ର ମନ୍ଦ ହେବନି। ବାଣିଜ୍ୟ, ବ୍ୟବସାୟରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ। ପରିବାରରେ ବିଶୃଙ୍ଖଳିତ ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗି ରହିବ।

**କୁମ୍ଭ** – ଆଜି ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟ ଲାଭ କରି ବିବାଦୀୟ ପରିସ୍ଥିତିକୁ ସୁଧାରି ନେବେ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହୋଇପାରନ୍ତି। ବାଣିଜ୍ୟ ଓ ବ୍ୟବସାୟରେ କିଛିନାକିଛି ସମସ୍ୟା ଅବଶ୍ୟ ପରିଲକ୍ଷିତ ହେବ। ଆତ୍ମୀୟମାନଙ୍କ ବେଖାତିର ମନୋଭାବ ଦୁଶ୍ଚିନ୍ତାକୁ ବଢ଼ାଇପାରେ।

**ମୀନ** – ଆଜି ଟେନ୍‌ସନ୍ କମିଯିବ, ମାତ୍ର ସହଯୋଗ ଭିତିରେ କାମ କଲେ ଉପକାର ପାଇବେ। ଶିଳ୍ପ, ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ଶିକ୍ଷା, ସନ୍ତାନ, ସମ୍ପର୍କ ସ୍ଥାପନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଖୋଜିପାରନ୍ତି।

ଆଜି ଆଶ୍ୱିନ ଶୁକ୍ଳପ୍ରତିପଦା ରବିବାର, ଶାରଦୀୟ ନବରାତ୍ର ବା ନବଦିନ ପକ୍ଷ ଆରମ୍ଭ, ଶ୍ରୀମନ୍ଦିରରେ ଦୁର୍ଗାମାଧବଙ୍କ ବାହାର ବିଜେ, ଅକ୍ଟୋବର ୧୫ ତାରିଖ, ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଏ.ପି.ଜେ. ଅବଦୁଲ୍ କଲାମଙ୍କ ଜୟନ୍ତୀ, ବିଶ୍ୱ ହାତଧୁଆ ଦିବସ, ବିଶ୍ୱ ଛାତ୍ର ଦିବସ, ଶିରିଡ଼ି ସାଇବାବାଙ୍କ ମହାପ୍ରୟାଣ ଦିବସ, ରାଶିନକ୍ଷତ୍ର-ଚିତ୍ରା/ତୁଳା, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା. ଘ.୦୬।୩୧ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୯ ଗତେ ଘ.୦୩।୦୧ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୩ ଗତେ ଘ.୦୫।୨୦ ମଧ୍ୟେ ରାହୁକାଳ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୫/୨୦୨୩ | Bhubaneswar, Sunday, October 15/2023 | 

# ଯୁକ୍ତ୨ ପଢ଼ିବାକୁ ଆଗ୍ରହ କମୁଛି

## ୩ ଥର ନାମଲେଖା ସୁଯୋଗ ପରେ ବି ଲକ୍ଷାଧିକ ସିଟ୍ ଖାଲି

ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପଢ଼ିବାକୁ ପିଲାଙ୍କ ଆଗ୍ରହ କମୁଛି। ଏବର୍ଷ ମାଟ୍ରିକ ପାସ୍ ହାର ଅନୁସାରେ ପିଲାମାନେ ସେପରି ନାମ ଲେଖାଇ ନାହାନ୍ତି। ଫଳରେ ପ୍ରଥମ ବର୍ଷ ନାମଲେଖା ଏ ଯାଏ ଶେଷ ହେଉନାହିଁ। ସିଟ୍ ପୂରଣ ହେଉ ନ ଥିବାରୁ ଗଣଶିକ୍ଷା ବିଭାଗ ପକ୍ଷରୁ ୩ଥର ନାମଲେଖା ସୁଯୋଗ ଦିଆଯାଇଛି। ତଥାପି ଲକ୍ଷେରୁ ଅଧିକ ସିଟ୍ ଖାଲି ପଡ଼ିଥିବାରୁ ଏହାକୁ ନେଇ ତର୍ଜମା ଆରମ୍ଭ ହୋଇଛି। କରୋନା ସମୟରେ ସିଟ୍ ବୃଦ୍ଧି ଓ ମାଟ୍ରିକ ପରେ ପିଲାମାନେ ବୈଷୟିକ ଶିକ୍ଷା ମୁହାଁ ହେଉଥିବାରୁ ଯୁକ୍ତ୨ରେ ସିଟ୍ ଖାଲି ପଡୁଥିବା କୁହାଯାଉଛି।

କରୋନା ସମୟରେ ମାଟ୍ରିକ ପାସ୍ ହାର ଅଧିକ ରହିଥିଲା। ବିନା ପରୀକ୍ଷାରେ ଛାତ୍ରୀଛାତ୍ରଙ୍କୁ ମାର୍କ ଦିଆଯାଇଥିବାରୁ ଦୁଇବର୍ଷ ପାସ୍ ହାର ଅଧିକ ରହିଥିଲା। ତେଣୁ ବାଧହୋଇ ସରକାରଙ୍କୁ ଯୁକ୍ତ୨ ସିଟ୍ ବଢ଼ାଇବାକୁ ପଡ଼ିଥିଲା। କିନ୍ତୁ ଏବେ ପାସ୍ ହାର ପୁଣି କମିଯାଇଥିବାରୁ ଯୁକ୍ତ୨ ସିଟ୍ ବଳକା ପଡୁଥିବା କୁହାଯାଉଛି। ଅନ୍ୟପକ୍ଷରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ନାହିଁ କି ଭବିଷ୍ୟତକୁ ନେଇ ପିଲାଙ୍କ ମଧ୍ୟରେ ସେପରି ଉତ୍ସାହ ସୃଷ୍ଟି ହେଉ ନାହିଁ। ତେଣୁ ନାମଲେଖା ପାଇଁ ସରକାର ଯେତେ ସୁଯୋଗ ଦେଲେ ବି ସିଟ୍ ପୂରଣ ହେବା ସମ୍ଭବ ନୁହେଁ ବୋଲି ଶିକ୍ଷାବିତ୍‌ମାନେ କହିଛନ୍ତି। ଏ ସମ୍ପର୍କରେ ୬୬୨ବର୍ଗ ଅଧ୍ୟାପକ ସଂଘ ସଭାପତି ଗୋଲକ ନାୟକ କହିଛନ୍ତି, କରୋନା ପାଇଁ ଯେଉଁ ସିଟ୍ ବଢ଼ାଯାଇଥିଲା ତାହା ଏବେ କମାଇଦେବା ଉଚିତ। ଏଥିସହିତ ଉଚ୍ଚ ମାଧ୍ୟମିକ ସ୍କୁଲରେ ଆବଶ୍ୟକ ଶିକ୍ଷକଙ୍କ ଅଭାବ ରହୁଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୁକ୍ତ୨ରେ ୩୦-୪୦ବର୍ଷ ତଳେ ଯେଉଁ ପାଠ୍ୟକ୍ରମ ରହିଥିଲା ସେସବୁ ରହିଛି। ଆଜିକାଲି ପିଲାମାନେ ଟେକ୍ନିକାଲ ଲାଇନ୍‌ରେ ଯିବା ପାଇଁ ଚାହୁଁଛନ୍ତି। ତେଣୁ ଯୁକ୍ତ୨ ସିଲାବସ୍‌ରେ ଏଭଳି ନୂତନ ପାଠ୍ୟକ୍ରମ ସାମିଲ କରିବା ଉଚିତ, ଯେପରି ପିଲାମାନେ ପଢ଼ିବା ପାଇଁ ଆଗ୍ରହ ପ୍ରକାଶ କରିବେ।

ସୂଚନାଯୋଗ୍ୟ, ଶନିବାର ତୃତୀୟ ପର୍ଯ୍ୟାୟ ମେଧା ତାଲିକାରେ ମନୋନୀତ ଛାତ୍ରୀଛାତ୍ରଙ୍କ ନାମଲେଖା ଶେଷ ହୋଇଛି। ଗତ ୧୩ ଓ ୧୪ ତାରିଖରେ ଏହି ନାମଲେଖା ଅନୁଷ୍ଠିତ ହୋଇଥିଲା। ଏହା ପରେ ବି ଯୁକ୍ତ୨ରେ ଲକ୍ଷେରୁ ଊର୍ଦ୍ଧ୍ୱ ସିଟ୍ ଖାଲି ପଡ଼ିଥିବା ଦେଖାଯାଇଛି।

ରାଜ୍ୟରେ ୨,୨୦୬ ଉଚ୍ଚ ମାଧ୍ୟମିକ ସ୍କୁଲରେ ୫,୨୧,୬୫୭ ସିଟ୍ ଥିବାବେଳେ ୪,୧୪,୬୬୧ ସିଟ୍‌ରେ ନାମଲେଖା ହୋଇଛି ଓ ୧,୦୬,୯୯୬ ସିଟ୍ ଖାଲି ପଡ଼ିଛି। ଏଥିମଧ୍ୟରୁ କଳାରେ ୩୩,୬୨୯, ବିଜ୍ଞାନରେ ୫୨,୪୯୧, ବାଣିଜ୍ୟରେ ୧୩,୪୧୭, ସଂସ୍କୃତରେ ୨,୮୬୨ ଏବଂ ଧନ୍ଦାମୂଳକ ଶିକ୍ଷାରେ ୪,୫୯୭ ସିଟ୍ ବଳକା ପଡ଼ିଛି। ତେଣୁ ଆସନ୍ତା ୧୭ ତାରିଖ ଅପରାହ୍ନ ୪ଟା ୩୦ରେ ୱେଟିଂ ଲିଷ୍ଟ ପ୍ରକାଶ ପାଇବ। ୧୮ ଓ ୧୯ ତାରିଖ ଦୁଇଦିନ ଏହି ଛାତ୍ରୀଛାତ୍ରଙ୍କ ନାମଲେଖା ଅନୁଷ୍ଠିତ ହେବ। ତେବେ ଏହି ନାମଲେଖା ସରିବା ପରେ ବି ଆହୁରି ଲକ୍ଷେ ଉପରେ ସିଟ୍ ବଳକା ପଡ଼ିବ ବୋଲି ଆଶଙ୍କା କରାଯାଉଛି।

ଅନ୍ୟପକ୍ଷରେ ନାମଲେଖା ବିଳମ୍ବିତ ହେଉଥିବାରୁ ଗତ ଅଗଷ୍ଟ ୧ରୁ ପ୍ରଥମ ବର୍ଷ ପାଠପଢ଼ା ମଧ୍ୟ ଆରମ୍ଭ ହୋଇଛି। ସେପଟେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଦ୍ୱିତୀୟ ବର୍ଷ ପରୀକ୍ଷା ପାଇଁ ନଭେମ୍ବର ୧୦ରୁ ଫର୍ମ ପୂରଣ ଆରମ୍ଭ ହେବାକୁ ଯାଉଛି। ଏପରିସ୍ଥିତିରେ ସିଟ୍ ପୂରଣ ପାଇଁ ବିଳମ୍ବିତ ସମୟ ଯାଏ ନାମଲେଖା ଯାଉଥିବାରୁ ଏହି ପିଲାମାନେ କେବେ କୋର୍ସ ସାରି ପରୀକ୍ଷା ଦେବେ ତାହାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।






# ଗୀତିକାର ସାଜିଲେ ମୋଦି

## ଧ୍ୱନି ଭାନୁଶାଳୀ ଗାଇଲେ 'ଗର୍ବା' ଗୀତ

ନୂଆଦିଲ୍ଲୀ,୧୪।୧୦

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୀତିକାର ପାଲଟିଛନ୍ତି। ମୋଦି ଲେଖିଥିବା ଏକ ନୂଆ 'ଗର୍ବା' ଗୀତକୁ ଜଣାଶୁଣା କଣ୍ଠଶିଳ୍ପୀ ଧ୍ୱନି ଭାନୁଶାଳୀ ଗାଇଛନ୍ତି। ତନିଷ୍କ ବାଗ୍‌ଚୀ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଗୀତ ସହ ନୃତ୍ୟର ଭିଡିଓକୁ ଧ୍ୱନି ଏକ୍ସ'ରେ ଶେୟାର କରିବା ପରେ ସାମାଜିକ ଗଣମାଧ୍ୟମରେ ଏହା ବହୁଳ ପ୍ରସାରିତ ହୋଇଛି। ମୋଦି ଏହାକୁ ରିଟୁଇଟ୍ କରି ଧ୍ୱନି, ତନିଷ୍କ ଓ ସେମାନଙ୍କ ଟିମ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି।


ନରେନ୍ଦ୍ର ମୋଦି


ଧ୍ୱନି ଭାନୁଶାଳୀ

ପ୍ରଧାନମନ୍ତ୍ରୀ କହିଛନ୍ତି, ବହୁ ବର୍ଷ ହେଲା ସେ ଗୀତ ଲେଖାଲେଖି କରୁ ନ ଥିଲେ। ହେଲେ ଗତ କିଛିଦିନ ଭିତରେ ସେ ଏହି ଗୀତ ରଚନା କରିପାରିଛନ୍ତି। ରବିବାରଠାରୁ ନବରାତ୍ରୀ ଉତ୍ସବ ଆରମ୍ଭ ହେଉଛି। ଏହି ସମୟରେ ଗୁଜରାଟୀ ସଂସ୍କୃତି ଓ ପରମ୍ପରାକୁ ନେଇ ସ୍ୱତନ୍ତ୍ର ଡ୍ୟାନ୍ସ 'ଗର୍ବା' ପ୍ରଦର୍ଶିତ ହୋଇଥାଏ। ଏହି ଉପଲକ୍ଷେ ମୋଦିଙ୍କ ଲିଖିତ ଗର୍ବା ଗୀତକୁ ଧ୍ୱନି ଓ ତନିଷ୍କ ଏକ ନୂଆ ସ୍ୱରରେ ସଜାଇଛନ୍ତି। ଜଷ୍ଟ ମ୍ୟୁଜିକ୍ ଏହି ସଙ୍ଗୀତ ଓ ଭିଡିଓକୁ ପ୍ରସ୍ତୁତ କରିଛି।



> ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି- ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। —ଶ୍ରୀମା

# ସିଏଜିର ଅଧୋଗତି



ଆକାର ପଟେଲ

ଭାରତର କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ(ସିଏଜି) ୨୦୧୯-୨୦ କାର୍ଯ୍ୟଦକ୍ଷତା ବା ପ୍ରଦର୍ଶନ ରିପୋର୍ଟରେ କହିଛନ୍ତି , ସିଏଜି ହେଉଛି ଭାରତର ସର୍ବୋଚ୍ଚ ଅଡିଟ୍ ସଂସ୍ଥା ଏବଂ ଏହା ଅଡିଟ୍ କରାଯାଉଥିବା ସଂସ୍ଥାଗୁଡ଼ିକର ଆର୍ଥିକ ଉତ୍ତରଦାୟିତ୍ୱ ଓ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରିବ ବୋଲି ଆଶା। କିନ୍ତୁ ସରକାରଙ୍କ ଆଭ୍ୟନ୍ତରୀଣ କାର୍ଯ୍ୟ ଉପରେ ତୀକ୍ଷ୍ଣ ନଜର ରଖୁଥିବା ସଂସ୍ଥାଗୁଡ଼ିକ ଉପରେ ନରେନ୍ଦ୍ର ମୋଦିଙ୍କର ନିୟନ୍ତ୍ରଣ ରହୁଥିବାରୁ ସେଗୁଡ଼ିକର ଅଧୋଗତି ଘଟୁଛି। ଏପରିକି ସିଏଜି ପ୍ରଭାବୀ ଢଙ୍ଗରେ କାର୍ଯ୍ୟକରିବା ବନ୍ଦ କରିଦେଇଛି। କେନ୍ଦ୍ର ସରକାରଙ୍କ ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକ ଉପରେ ପ୍ରସ୍ତୁତ ସିଏଜି ରିପୋର୍ଟଗୁଡ଼ିକର ସଂଖ୍ୟା ୨୦୧୫ରେ ୫୫ ଥିଲାବେଳେ ୭୫% ହ୍ରାସ ପାଇ ୨୦୨୦ରେ ୧୪କୁ ଖସି ଆସିଛି। ୨୦୧୫ରୁ ବର୍ଷ ଅନୁଯାୟୀ କ୍ରମାଗତ ଭାବରେ ୫୫ ରୁ ୪୨, ୪୫, ୨୩, ୨୧ ଏବଂ ୧୪କୁ କମିଛି। ପ୍ରତିରକ୍ଷା ଅଡିଟ୍ ରିପୋର୍ଟ ସଂଖ୍ୟା ୨୦୧୭ରେ ୭ ଥିଲାବେଳେ ୨୦୨୦ରେ କୌଣସି ରିପୋର୍ଟ ପ୍ରକାଶ ପାଇନାହିଁ। କିନ୍ତୁ ସିଏଜି ହେଉଛି ସେହି ସଂସ୍ଥା ଯାହା ମନମୋହନ ସିଂ ସରକାରଙ୍କ ସମୟରେ ୨ଜି ନିଲାମ, କୋଇଲା ଖଣି ନିଲାମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉପରେ ସଶକ୍ତ ରିପୋର୍ଟ ଉପସ୍ଥାପନ କରି ସରକାରଙ୍କ ଉପରେ ପ୍ରତିକୂଳ ପ୍ରଭାବ ପକାଇଥିଲା। ଏବେ ଏହି ସଂସ୍ଥାରେ ସ୍ୱାଧୀନ ଭାବେ କାମ କରିବାକୁ ଚେଷ୍ଟା କରୁଥିବା ଲୋକଙ୍କୁ ଦଣ୍ଡ ଦିଆଯାଇଛି। କିଛି ସପ୍ତାହ ପୂର୍ବରୁ ସଂସଦର ମୌସୁମୀ ଅଧିବେଶନରେ ୧୨ଟି ସିଏଜି ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କିନ୍ତୁ ତା' ପରେ ଅଡିଟ୍‌ରେ ଦୁର୍ନୀତିକୁ ସାମ୍ନାକୁ ଆଣିଥିବା ସିଏଜି ଅଧିକାରୀମାନଙ୍କୁ ବଦଳି କରାଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଦତ୍ତପ୍ରସାଦ ସୂର୍ଯ୍ୟକାନ୍ତ ଶିରସତ। ସେ ଆୟୁଷ୍ମାନ ଭାରତ- ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ପ୍ରଦର୍ଶନ ଅଡିଟ୍ ଦାୟିତ୍ୱରେ ଥିଲେ। ସେ ସମସ୍ତ ୨୮ ରାଜ୍ୟର ୧୬୧ ଜିଲାର ୯୬୪ ଡାକ୍ତରଖାନାର ଅଡିଟ୍‌ରୁ ଜାଣିବାକୁ ପାଇଲେ ଯେ ୨.୨୫ ଲକ୍ଷ ମାମଲାରେ ସର୍ଜରି ସବୁ ଡିସ୍‌ଚାର୍ଜ ତାରିଖ ପରେ କରାଯାଇଥିଲା। ମହାରାଷ୍ଟ୍ରରେ ୧.୭୯ ଲକ୍ଷରୁ ଅଧିକ ଏଭଳି ମାମଲା ଦେଖିବାକୁ ମିଳିଥିଲା, ଯାହା ପାଇଁ ୩୦୦ କୋଟିରୁ ଅଧିକ ଟଙ୍କା ଦାବି କରାଯାଇଥିଲା। 'ଦି ୱେର' ରିପୋର୍ଟ ଦର୍ଶାଇଥିଲା ଯେ, ଯେଉଁ ଲୋକମାନଙ୍କର ନିକଟରେ ମୃତ୍ୟୁ ଘଟିଥିଲା ସେମାନଙ୍କ ପାଇଁ ଲଗାତର ଲକ୍ଷାଧିକ ଟଙ୍କା ଦାବି କରାଯାଇଥିଲା। ଏଭଳି ୧.୫୭ ଲକ୍ଷ ନକଲ ହିତାଧିକାରୀ ଥିବା ଅଡିଟ୍‌ରୁ ଜଣାପଡ଼ିଥିଲା। ସିଏଜିର ଆଉ ଜଣେ ଅଧିକାରୀ ଅତୁର୍ଭ ସିହ୍ନା ରାଜପଥ ପ୍ରୋଜେକ୍ଟର ଅଡିଟ୍ କରିଥିଲେ। ଦ୍ୱାରକା ଏକ୍ସପ୍ରେସ୍‌ରେ ବିପୁଳ ଅର୍ଥ ଖର୍ଚ୍ଚ ହୋଇଥିବା ରିପୋର୍ଟରେ ଦର୍ଶାଇବା ପରେ ତାଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଉପରକୁ ଉଠିଥିବା ରାସ୍ତାର ଗୋଟିଏ ଅଂଶ ପାଇଁ ଖର୍ଚ୍ଚରେ ପରିବର୍ତ୍ତନ କରାଯାଇ ପ୍ରତି କି.ମି.କୁ ୨୫୦ କୋଟି ଟଙ୍କା ସ୍ଥିର କରାଯାଇଥିବା ରିପୋର୍ଟରେ କୁହାଯାଇଥିଲା। କିନ୍ତୁ ପ୍ରତି କି.ମି.କୁ ୧୮ କୋଟି ଖର୍ଚ୍ଚ ହେବ ବୋଲି କ୍ୟାବିନେଟ କମିଟି ଅନ୍ ଇକୋନୋମିକ ଆଫେୟାର୍ସର ସ୍ୱୀକୃତି ଥିଲା। ବିରୋଧୀ ଏହି ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଛନ୍ତି, କିନ୍ତୁ ସରକାରଙ୍କୁ ଏହି ଭୁଲ୍ କାର୍ଯ୍ୟ ସ୍ୱୀକାର କରାଇବାରେ ସକ୍ଷମ ହୋଇନାହାନ୍ତି। ସରକାରଙ୍କୁ ଉତ୍ତରଦାୟୀ କରାଇବାରେ ଗଣମାଧ୍ୟମର ମଧ୍ୟ ଆଗ୍ରହ ନାହିଁ। ବିରୋଧୀ ଏବଂ ନାଗରିକ ସମାଜ ହିଁ ସେମାନଙ୍କର ରିପୋର୍ଟ ପାଇଁ ପ୍ରଥମରୁ ଟାର୍ଗେଟରେ ରହିଆସିଛନ୍ତି। ତେବେ ସିଏଜିର ଅଧୋଗତି କିଭଳି ହେଲା ତାହା ଜାଣିବାକୁ ପାଠକମାନେ ନିଶ୍ଚିତ ଭାବେ ଆଗ୍ରହୀ ହୋଇପାରନ୍ତି।

ଭାରତର ସିଏଜି ଅଛନ୍ତି ଗୁଜରାଟ କ୍ୟାଡର ଆଇଏଏସ୍ ଅଧିକାରୀ ଗିରୀଶ ମୁର୍ମୁ। ସେ ମୋଦିଙ୍କର ଅତି ବିଶ୍ୱସ୍ତ। ଅତୀତରେ ସେ ଜଣେ ବରିଷ୍ଠ ଅଧିକାରୀଙ୍କୁ ତାଙ୍କ ବସ୍‌ଙ୍କ ବିରୋଧରେ ସାକ୍ଷୀ ଦେବା ପାଇଁ ଭୟଭୀତ କରିଥିଲେ। ଗୁଜରାଟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଆର୍.ବି. ଶ୍ରୀକୁମାର ୯ ଏପ୍ରିଲ ୨୦୦୨ରୁ ୧୭ ସେପ୍ଟେମ୍ବର ୨୦୦୨ ଯାଏ ରାଜ୍ୟ ଗୋଇନ୍ଦା ବ୍ୟୁରୋର ମୁଖ୍ୟ ଥିଲେ। ଗୋଧ୍ରା ଦଙ୍ଗାର ଯାଞ୍ଚ କରୁଥିବା ନାନାବତୀ କମିଶନଙ୍କୁ ଏକ ସତ୍ୟପାଠରେ କହିଥିଲେ, ମୋଦିଙ୍କ ସପକ୍ଷରେ ସାକ୍ଷୀ ଦେବା ଲାଗି ମୁର୍ମୁ ତାଙ୍କୁ ଶିଖେଇଥିଲେ, ଡରେଇଥିଲେ ଏବଂ ବାଧ କରିଥିଲେ। ମୁର୍ମୁ ସେତେବେଳେ ମୋଦିଙ୍କ ମୁଖ୍ୟ ସଚିବ ଥିଲେ। ମୋତେ ମଧ୍ୟ ଧମକ ଦିଆଯାଇଥିଲା , ଯଦି ମୁଁ ସରକାରଙ୍କ ସ୍ୱାର୍ଥ ବିରୋଧୀ ବିବୃତି ଦିଏ ତେବେ ମୋତେ ଜଣେ ଶତ୍ରୁ ସାକ୍ଷୀ ଘୋଷଣା କରାଯିବ ଏବଂ ପରେ ଏହାର ମୁକାବିଲା କରାଯିବ। ମୁଁ କହିଥିଲି, ନ୍ୟାୟିକ ଆବଶ୍ୟକତା ଅନୁଯାୟୀ ମୁଁ ଆୟୋଗଙ୍କ ନିକଟରେ ସାକ୍ଷୀ ଦେବି ଏବଂ ସତ୍ୟକୁ ଚାପିଦେବି ନାହିଁ। ମୁର୍ମୁ ସରକାରୀ ଅଧିକାରୀଙ୍କୁ ଶିଖେଇ ନାନାବତୀ କମିଶନଙ୍କ ସମ୍ମୁଖରେ କୁହାଇବା ଲାଗି ଅଧିକାର ଦିଆଯାଇଥିଲା । ମୁର୍ମୁଙ୍କୁ କଶ୍ମୀରର ରାଜ୍ୟପାଳ କରିଥିଲେ ମୋଦି ଓ ପରେ ସିଏଜି। ସରକାରଙ୍କ ୱେବ୍‌ସାଇଟ pmindia.gov.inରେ ସ୍ୱଚ୍ଛତା ସମ୍ପର୍କରେ ଏକ ବିଭାଗ ଅଛି ଯେଉଁଥିରେ ଲେଖା ଅଛି: 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୃଢ଼ ବିଶ୍ୱାସ କରନ୍ତି ଯେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ଯେକୌଣସି ଜନକୈନ୍ଦ୍ରିକ ସରକାରଙ୍କ ଦୁଇଟି ମୂଳଦୁଆ। ଏହା କେବଳ ଲୋକଙ୍କୁ ସରକାରଙ୍କ ନିକଟତର କରେ ନାହିଁ, ବରଂ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାରେ ସେମାନଙ୍କୁ ସମାନ ଏବଂ ଅବିଚ୍ଛେଦ୍ୟ ଅଙ୍ଗ ମଧ୍ୟ କରାଏ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ମୋଦି ସରକାର ଅସ୍ୱଷ୍ଟତାକୁ ପ୍ରୋତ୍ସାହନ ଦେଇଥିବାରୁ ଏହିସବୁ କଥା ସହ ଏକମତ ହେବା କଷ୍ଟକର। ପ୍ରଧାନମନ୍ତ୍ରୀଙ୍କ ସାଇଟ୍‌ରେ 'ସ୍ୱଚ୍ଛତା ପାଇଁ ଅନୁସନ୍ଧାନ' ଶୀର୍ଷକରେ ମଧ୍ୟ ଦର୍ଶାଯାଇଛି , 'ନିୟମ ଏବଂ ନୀତି ଏସି ଚାମ୍ବରରେ ନୁହେଁ ବରଂ ଲୋକଙ୍କ ମଧ୍ୟରେ ତିଆରି ହୋଇଥିଲା' । ଏଥିରେ ବି ଦର୍ଶାଯାଇଛି, ସ୍ୱଚ୍ଛତା ପ୍ରତି ମୋଦିଙ୍କ ଦୃଢ଼ ସଂକଳ୍ପ ରହିଛି ଓ ସେ ଏହା ପାଳନ କରିବାକୁ ପ୍ରତିଶ୍ରୁତିବଦ୍ଧ ଏବଂ ସେହି ସ୍ୱଚ୍ଛତା ଭାରତର ଲୋକଙ୍କ ପାଇଁ ମୁକ୍ତ, ପାରଦର୍ଶୀ ଏବଂ ଲୋକକୈନ୍ଦ୍ରିକ ସରକାରର ଏକ ଯୁଗକୁ ସୂଚିତ କରୁଛି। ନା, ଏହା ନୁହେଁ। ମୋଦି ଶାସନର ବର୍ଷଗୁଡ଼ିକ ତାଙ୍କ ପୂର୍ବରୁ ଥିବା କୌଣସି ସରକାରଙ୍କ ତୁଳନାରେ ଅନେକ କ୍ଷେତ୍ରରେ ଅଧିକ ଅସ୍ୱଚ୍ଛ ଓ ଅପାରଦର୍ଶୀ ରହି ଆସିଛି।

Email:aakar.patel@gmail.com

# ବିଚରା ମୁଖ୍ୟବକ୍ତା

ଚିତ୍ର ଚରିତ୍ର



ଅଧ୍ୟାପକ ନିରଞ୍ଜନ ପାଢ଼ୀ

ପୂର୍ବରୁ ବିନା ବ୍ୟୟରେ ଉପଲବ୍ଧ ବିଦ୍ୟା ଅର୍ଥର ନାଗଫାଶରେ ବନ୍ଦୀ ହୋଇସାରିଲା ପରେ ଏବେ ଅନ୍ୟ ଯେଉଁ ଚିଜ୍‌ଟି ମାଗଣାରେ ମିଳିପାରୁଛି, ତାହା ହେଉଛି ବକ୍ତୃତା ବା ଭାଷଣ। ଅନ୍ୟର ଚିନ୍ତା ଓ ଚେତନାରେ କିଛି ସମୟ ପାଇଁ ଚମକ ସୃଷ୍ଟି କରି ପାରୁଥିବା ଭାଷଣର ଆୟୁକାଳ ନିର୍ଦ୍ଧାରଣ ; ସ୍ଥଳ ବିଶେଷରେ ଭିନ୍ନ ଭିନ୍ନ ହୋଇଥାଏ। ଏହା କେଉଁଠି କାନରୁ ବାହାରି ତତ୍‌କ୍ଷଣାତ୍ ପବନରେ ମିଳାଇଯାଏ ତ ଅନ୍ୟ କେଉଁଠି ବେଶ୍ କିଛି କାଳ ଚର୍ଚ୍ଚିତ ହୋଇ ରହିଥାଏ। ରାଜନୀତିର ଅବୋଧ୍ୟ ତତ୍ତ୍ୱ ବା ସାଂସ୍କୃତିକ ଜାଗରଣର ବୌଦ୍ଧିକ ଆହ୍ୱାନ ଭଳି କ୍ଲିଷ୍ଟ ବିଷୟକୁ ସହଜ ସୁନ୍ଦର କରିପାରୁଥିବାର ଏକମାତ୍ର ସୁଲଭ ମାଧ୍ୟମ ଏହି ଭାଷଣ।

ଧର୍ମ ସମାବେଶଠାରୁ ଆରମ୍ଭ କରି ବିଦ୍ୟାଳୟର ପୁରସ୍କାର ବିତରଣ ସଭାଯାଏ ସବୁଠି ବିଶାଳ ଶ୍ରୋତୃମଣ୍ଡଳୀକୁ ଉଦ୍‌ବୋଧନ ଦେଉଥିବା ବକ୍ତାମାନେ କେବେ କାହାଠାରୁ ଫଟା ପାହୁଲାଟିଏ ନେଉଥିବାର ଦୃଷ୍ଟାନ୍ତ ବେଶ୍ ବିରଳ। ଅଥଚ ଅସାଧାରଣ ବାଗ୍ମିତା ପ୍ରଦର୍ଶନ କରି ଏମାନେ ଘଣ୍ଟା ଘଣ୍ଟା ଧରି ଶ୍ରୋତାମାନଙ୍କୁ ବହୁ ସାର ଅସାର କଥା କହି ଚମତ୍‌କୃତ କରନ୍ତି। ଅବଶ୍ୟ କାଁ ଭାଁ ଦେଖାଯାଏ, କିଛି ବକ୍ତା ନିଜ ବାଗ୍ମିତାକୁ ନେଇ କିଛି ପାରିଶ୍ରମିକ ଦାବି ରଖନ୍ତି। ତେବେ ମାଗଣାରେ ଭାଷଣ ଦେଉଥିବା ବକ୍ତାଙ୍କ ତୁଳନାରେ ଏମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ।

ଆମ ସମାଜରେ ସାଂସ୍କୃତିକ ଭିତ୍ତିଭୂମିର ବ୍ୟାପକ ପ୍ରସାର ପାଇଁ ଧର୍ମସଭା, ସାହିତ୍ୟ ସଭା ବା ସ୍କୁଲ କଲେଜର ଆନୁଷ୍ଠାନିକ ବାର୍ଷିକ ସଭାକୁ ଛାଡ଼ିଦେଲେ କ୍ଲବ ଓ ଯୁବକ ସଂଘର ବିଭିନ୍ନ କ୍ରୀଡ଼ା, ଟୁର୍ନାମେଣ୍ଟଠାରୁ ଆରମ୍ଭ କରି କବିମାନଙ୍କ କବିତା ପାଠୋତ୍ସବଯାଏ ବର୍ଷର ବିଭିନ୍ନ ସମୟରେ କିଛି ନା କିଛି ସଭା ସମାବେଶ ଅନୁଷ୍ଠିତ ହୋଇ ଚାଲିଥାଏ। ପ୍ରତି ସଭା ସମାବେଶରେ ମଞ୍ଚାସୀନ ହେବା ପାଇଁ ଅତି କମ୍‌ରେ ଚାରିଜଣ ବିଶିଷ୍ଟ ଲୋକ ଲୋଡ଼ାପଡ଼ନ୍ତି, ତେଣିକି ସଭାରେ ଉପସ୍ଥିତ ଶ୍ରୋତାଙ୍କ ସଂଖ୍ୟା ଯାହା ହୋଇଥାଉନା କାହିଁକି! ଅବଶ୍ୟ ଯେଉଁସବୁ ସଂଘ ବା ସଙ୍ଗଠନରେ ରାଜନୀତିର ମାତ୍ରା ଅଧିକ ଓ ଗଣତନ୍ତ୍ର ଅତି ମାତ୍ରାରେ ବିକଶିତ, ସେଠି ଅସ୍ଥାୟୀ ଭାବେ ଗଢ଼ି ଉଠିଥିବା ମଞ୍ଚଟି ସମ୍ଭାଳି ପାରିଲାଯାଏ ଆଗପଛ ହୋଇ ଚୌକିମାନଙ୍କ ସଂଖ୍ୟା ବଢ଼ିଚାଲିଥାଏ। ତେବେ ବର ନ ଆସିବାଯାଏ ବିବାହ କାର୍ଯ୍ୟ ସମ୍ପାଦନ ନ ହେଲା ପରି, ଯେଉଁ ଚାରିଜଣଙ୍କ ବିନା ସଭାକାର୍ଯ୍ୟ ଇଞ୍ଚେ ମଧ୍ୟ ଆଗକୁ ମାଡ଼ିପାରେ ନାହିଁ, ସେମାନେ ହେଲେ ସଭାର ସଭାପତି, ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଓ ସଙ୍ଗଠନର ବିବରଣୀ ପଢ଼ିବା ପାଇଁ ସମ୍ପାଦକ ବା ସେହି ପ୍ରକାରର ଅନ୍ୟ କେହି କାର୍ଯ୍ୟକର୍ତ୍ତା।



ଉତ୍ସବର ସବୁଠାରୁ ମୁଖ୍ୟ ଆକର୍ଷଣ ମୁଖ୍ୟ ଅତିଥି। ଶିକ୍ଷା, ସାହିତ୍ୟ, ସଂସ୍କୃତି ବା ସମାଜସେବା କ୍ଷେତ୍ରରେ ପ୍ରତିଷ୍ଠିତ କେହି ଜଣେ ବିଜ୍ଞ ଲୋକଙ୍କୁ ମୁଖ୍ୟ ଅତିଥି ଭାବେ ବରଣ କରିବା ବୋଧହୁଏ ଏତେ ଆଳଙ୍କାରିକ ହୁଏନାହିଁ ବୋଲି ସବୁଠି ଲୋଡ଼ାଯାଏ ମନ୍ତ୍ରିତ୍ୱର ମୁକୁଟ ପିନ୍ଧିଥିବା କେହି ରାଜନେତା। ମନ୍ତ୍ରୀଙ୍କ ସଦୟ ସ୍ୱୀକୃତି ଉପଲବ୍ଧ ନ ହେଲେ କୌଣସି ଦ୍ୱିତୀୟ ଶ୍ରେଣୀର ନେତା ବା ପ୍ରଶାସନିକ ଅଧିକାରୀଙ୍କ କଥା ବିଚାରକୁ ନିଆଯାଏ। ମୁଖ୍ୟ ଅତିଥିଙ୍କୁ ମଞ୍ଚ ଉପରକୁ ପାଛୋଟି ନିଆଯାଏ। ମଞ୍ଚର ଗୋଟିଏ କୋଣରେ ଜଗନ୍ନାଥଙ୍କ ଚିତ୍ରପଟରେ ଧୂପଦୀପ ଅର୍ପଣ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରନ୍ତି ମୁଖ୍ୟ ଅତିଥି। ଘନ ଘନ ତାଳିରେ ପ୍ରକମ୍ପିତ ହୋଇ ଉଠୁଥାଏ ସଭାସ୍ଥଳ। ମନ୍ତ୍ରୀ ଏହି କାର୍ଯ୍ୟଟି ନ କରି ଅନ୍ୟକେହି ସାଧାରଣ ଜ୍ଞାନୀ ଗୁଣୀଙ୍କ ଦ୍ୱାରା କାର୍ଯ୍ୟଟି ସମ୍ପାଦିତ ହେଲେ କେମିତି ଅପୂର୍ଣ୍ଣ ଅପୂର୍ଣ୍ଣ ଭାବ ଅନୁଭୂତ ହେଉଥାଏ ଚାରିଆଡ଼େ। ସାହିତ୍ୟଠାରୁ ଯୋଜନ ଯୋଜନ ଦୂରତ୍ୱରେ ଥିବା ମନ୍ତ୍ରୀ ମହୋଦୟଙ୍କ ହସ୍ତରେ ଗ୍ରନ୍ଥ ଉନ୍ମୋଚନ ନ ହେଲେ ବହିଟି କେମିତି ସୁଖପାଠ୍ୟ ହୋଇ ନ ଥାଏ।

ଭାଷଣ ପର୍ବର ଆଦ୍ୟ ସୋପାନ ମୁଖ୍ୟବକ୍ତାଙ୍କର। ମୁଖ୍ୟବକ୍ତା ଗୁଣୀ ଜ୍ଞାନୀ ଲୋକଟିଏ। ସାଧାରଣତଃ କୌଣସି ଲେଖକ, ବୈଜ୍ଞାନିକ, ସମାଜ ସଂସ୍କାରକ ବା ନିକଟସ୍ଥ କଲେଜର ଅଧ୍ୟାପକଟିଏ। ମୁଖ୍ୟବକ୍ତା ମାଇକ୍ରୋଫୋନ ଆଗରେ ଛିଡ଼ା ହୋଇ ସଭାର ଉଦ୍ଦେଶ୍ୟ ଓ ପ୍ରସଙ୍ଗକୁ ଚାହିଁ ବିଭିନ୍ନ କଥା କହନ୍ତି। ସମାଜର କ୍ରମହ୍ରାସମାନ ନୈତିକତା ଓ ସାମାଜିକତାକୁ ଉଜ୍ଜୀବିତ କରିବା ପ୍ରୟାସରେ ଶାସ୍ତ୍ର ପୁରାଣରେ ଥିବା ବିଭିନ୍ନ ଦୃଷ୍ଟାନ୍ତର ଅବତାରଣା କରନ୍ତି ଓ ସଂସାରର ସକଳ ପ୍ରକାର ଆଦର୍ଶର ଆହ୍ୱାନ ଶ୍ରୋତାମାନଙ୍କ ଆଗରେ ଅଜାଡ଼ି ପକାନ୍ତି। ତାଙ୍କ ଆହ୍ୱାନ ପ୍ରତି ଆଖି ବୁଜିଦେଲେ ଏଇ ସମାଜ ରସାତଳକୁ ଚାଲିଯିବ ବୋଲି ଚେତାବନୀ ଦେଇ ବିଦାୟ ନିଅନ୍ତି।

ମୁଖ୍ୟବକ୍ତାଙ୍କ ପରେ ଆଞ୍ଚଳିକ ଆବଶ୍ୟକତା ଭିତ୍ତିରେ ନିମନ୍ତ୍ରିତ ହୋଇଥିବା ସମ୍ମାନିତ ଅତିଥିମାନଙ୍କର ପାଳି ପଡ଼େ ଓ ଶେଷ ପର୍ଯ୍ୟାୟରେ ସଭାପତିଙ୍କଠୁ ନିମନ୍ତ୍ରଣ ଆସେ ଏମିତି କିଛି ମନ୍ତବ୍ୟ ସହ, ''ବର୍ତ୍ତମାନ ସମ୍ବୋଧନ କରିବେ ଆଜିର ମୁଖ୍ୟ ଆକର୍ଷଣ ମାନନୀୟ ମୁଖ୍ୟ ଅତିଥି ମହୋଦୟ।'' ମାନନୀୟଙ୍କ ଶ୍ରୀମୁଖରୁ ପ୍ରଥମ ଶବ୍ଦଟି ନିଃସୃତ ହେବା ପୂର୍ବରୁ ଶ୍ରୋତାମାନେ ଏକ ଅପୂର୍ବ ପୁଲକରେ ଉଲ୍ଲସିତ ହୋଇଉଠନ୍ତି ଓ ସେମାନଙ୍କ ଉଲ୍ଲାସ ପ୍ରକଟିତ ହୁଏ କେତେବେଳେ ତାଳିବାଦନ ସହ ତ ଅନ୍ୟବେଳେ ମୁଖ୍ୟ ଅତିଥିଙ୍କ ନାମରେ ଜିନ୍ଦାବାଦ ସହ। ମୁଖ୍ୟ ଅତିଥି ଆମୋଦିତ ହୁଅନ୍ତି ଓ ନିଜସ୍ୱ ଶୈଳୀରେ ତାହାର ପ୍ରତିଦାନ ଦେବାକୁ ବକ୍ତୃତା ମଧ୍ୟରେ ଘୋଷଣା କରନ୍ତି। ବାସ୍, ପୁଣି ଚାଲେ ତାଳିମାଡ଼। ଆରମ୍ଭରୁ ତାଳି ଓ ଶେଷରେ ତାଳି ସହ ମୁଖ୍ୟ ଅତିଥି ପ୍ରସ୍ଥାନ କରନ୍ତି ସଭା ମଞ୍ଚରୁ ପରମ୍ପରାଗତ ଧନ୍ୟବାଦ ଅର୍ପଣକୁ ଅପେକ୍ଷା ନ କରି ନିଜର ବ୍ୟସ୍ତ କାର୍ଯ୍ୟସୂଚୀ ସମ୍ପର୍କରେ ଉଲ୍ଲେଖ କରି।

ମୁଖ୍ୟ ଅତିଥି ଫେରିଯାଆନ୍ତି ନିଜ ଦାମିକା ଗାଡ଼ିରେ। ପଛରେ ପଡ଼ିରହନ୍ତି ସଭାସଦ୍‌ବର୍ଗଙ୍କ ସହ ସେଯାଏଁ ସମସ୍ତଙ୍କ ବିସ୍ମୃତି ଗର୍ଭରେ ଅତି ଦୟନୀୟ ଭାବେ ହଜି ଯାଇଥିବା ବିଚରା ମୁଖ୍ୟବକ୍ତା। ନିଜ ବାହୁଡ଼ା ଯାତ୍ରାର ଉପକ୍ରମ କରି ସେ ଅତ୍ୟନ୍ତ କାକୁସ୍ଥ ଭାବେ ନିମନ୍ତ୍ରଣକାରୀ ଆୟୋଜକଠୁ ବିଦାୟ ମାଗନ୍ତି। ବେଳେବେଳେ ଏମିତି ବି ହୁଏ, ମୁଖ୍ୟ ଅତିଥି ମନ୍ତ୍ରୀଙ୍କ ବିଦାୟଜନିତ କୋଳାହଳ ମଧ୍ୟରେ ଆୟୋଜକମାନେ ମୁଖ୍ୟବକ୍ତାଙ୍କ ଗସ୍ତଖର୍ଚ୍ଚ ଦେବାକୁ ଭୁଲି ଯାଇଥା'ନ୍ତି ଓ ବିଚରା ମୁଖ୍ୟବକ୍ତା ନିଜ ହାତରୁ ଗାଡ଼ିଭଡ଼ା ଭରଣା କରନ୍ତି।

ଫେରିଲାବେଳେ ମୁଖ୍ୟବକ୍ତାଙ୍କ ମନରେ କେତୋଟି ଅବ୍ୟକ୍ତ ପ୍ରଶ୍ନ ମୁଣ୍ଡ ଟେକି ତାଙ୍କୁ ଭାରି ହନ୍ତସନ୍ତ କରେ। ସେ ଭାବି ଚାଲନ୍ତି, ଏମିତି କାହିଁକି ହୁଏ ? ଏକା ଉତ୍ସବର ସମାନ ମଞ୍ଚରେ ବସିଥିବା ଦୁଇଟି ଚରିତ୍ର ପାଇଁ ଲୋକଙ୍କ ଆଚରଣ ଭିନ୍ନ ହୁଏ କାହିଁକି? ମୁଖ୍ୟ ଅତିଥିଙ୍କ ଆତିଥ୍ୟରେ ଉଷ୍ମତା ଭରି ରହିଥିବା ବେଳେ ମୁଖ୍ୟବକ୍ତାଙ୍କ ପାଇଁ ଏତେ ଶୀତଳ ପ୍ରତିବେଦନ କାହିଁକି ? ଅତିଥିଙ୍କ ବ୍ୟକ୍ତିସ୍ୱାର୍ଥ ବିଜଡ଼ିତ, ମିଥ୍ୟା ପ୍ରତିଶ୍ରୁତିମୂଳକ ବକ୍ତୃତାରେ ଶ୍ରୋତାଙ୍କ ଅବିରତ ତାଳିବାଦନ ଚାଲୁଥିବା ବେଳେ ମୁଖ୍ୟବକ୍ତାଙ୍କ ଅର୍ଥପୂର୍ଣ୍ଣ ସନ୍ଦେଶର ପ୍ରାଣମୟ ଶୁଭେଚ୍ଛା ପାଇଁ ଶ୍ରୋତାଙ୍କର ଏତେ ନିଷ୍ପ୍ରାଣ ପ୍ରତିବେଦନ କାହିଁକି? ନିଜ ଘରେ ପହଞ୍ଚିବା ପୂର୍ବରୁ ମୁଖ୍ୟବକ୍ତା ନିଜ ଅନୁଚାରିତ ପ୍ରଶ୍ନଗୁଚ୍ଛର ଉତ୍ତର ନିଜେ ପାଇଥା'ନ୍ତି। ବୋଧହୁଏ ଏଥିପାଇଁ ଯେ ତାଙ୍କ ଆଦର୍ଶବାଦର ଉଚ୍ଚାରଣ ଶ୍ରୋତାଙ୍କ କାନକୁ ଭାରି ଶୁଷ୍କ ଲାଗୁଥିବା ବେଳେ ତାଙ୍କ ଭଳି ବାକ୍ୟବୀରଙ୍କ ତୁଳନାରେ ବହୁବିଧ ପ୍ରତିଶ୍ରୁତି ଅଜାଡ଼ି ଦେଉଥିବା କର୍ମବୀର ମୁଖ୍ୟ ଅତିଥି ଅଧିକ ଓଜନଦାର ବ୍ୟକ୍ତିତ୍ୱର ଅଧିକାରୀ। ଆଉ ବକ୍ତୃତା ଫଲ୍ଗୁତା ଦେଇ ସମୟ ନଷ୍ଟ ନ କରିବାକୁ ସେଦିନ ସେ ଶପଥ ନିଅନ୍ତି ସିନା, ପରିସ୍ଥିତି ଚାପରେ ସେଇ ଶପଥ ରକ୍ଷା କରିପାରନ୍ତି ନାହିଁ ବିଚରା ମୁଖ୍ୟବକ୍ତା।

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର
ମୋ: ୮୮୯୫୬୭୨୪୧୦୫

# ସ୍ୱାଧୀନତାର ନିର୍ଭୀକ ସ୍ୱର

'ଗଣତନ୍ତ୍ର, ସମାନତା ଓ ନାରୀ ସ୍ୱାଧୀନତା ନ ମିଳିବା ଯାଏ ଇରାନର ଦମନମୂଳକ ଧର୍ମୀୟ ସରକାରଙ୍କ ନିର୍ମମ ପକ୍ଷପାତ, ଜୁଲମ ଓ ଲିଙ୍ଗଗତ ଅତ୍ୟାଚାର ବିରୋଧରେ ସଂଗ୍ରାମ ଜାରି ରହିବ'। ତେହେରାନ୍‌ର ଏଭିନ୍ ଜେଲରେ କାଳାତିପାତ କରୁଥିବା ନାରୀ ଅଧିକାର ପ୍ରବକ୍ତା ନର୍ଗିସ ମହମ୍ମଦିଙ୍କ ନାମ ୨୦୨୩ ନୋବେଲ ଶାନ୍ତି ଲାଗି ଘୋଷଣା ହେବା ପରେ ତାଙ୍କର ଏହି ବିବୃତିକୁ ଉଧାର କରି ନ୍ୟୁୟର୍କ ଟାଇମ୍ସ ଏପରି ଖବର ପ୍ରସାରଣ କରିଛି। ଉଲ୍ଲେଖ କରାଯାଇପାରେ, ରାଷ୍ଟ୍ର ବିରୋଧରେ ପ୍ରଚାର କରିବା ଅଭିଯୋଗରେ ନର୍ଗିସଙ୍କୁ ଇରାନ୍ ସରକାର କ୍ରମାଗତ ଦଣ୍ଡିତ କରିଚାଲିଛନ୍ତି। ଇସ୍‌ଲାମିକ୍ ରିପବ୍ଲିକ୍ ମହିଳାଙ୍କ ପାଇଁ କରିଥିବା ଡ୍ରେସ୍ କୋଡ୍‌କୁ ଗତବର୍ଷ ୨୨ ବର୍ଷୀୟା ମହସା ଅମିନ ବିରୋଧ କରିବାରୁ ଇରାନ୍‌ର ନୈତିକ ପୋଲିସ ହାଜତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାହାକୁ ନେଇ ସମଗ୍ର ଇରାନ୍‌ରେ ଦେଖାଦେଇଥିବା ବିକ୍ଷୋଭ ଓ ପ୍ରତିବାଦ ଅନ୍ତର୍ଜାତୀୟ ସ୍ତରରେ ହଇଚଇ ସୃଷ୍ଟି କରିଥିଲା। ଏହାର ବର୍ଷକ ପରେ ନୋବେଲ କମିଟି ନର୍ଗିସଙ୍କୁ ଶାନ୍ତି ପାଇଁ ଚୟନ କରିବା ଯଥେଷ୍ଟ ଗୁରୁତ୍ୱ ବହନ କରିଛି। ଅନ୍ୟପକ୍ଷରେ ତାଙ୍କୁ ଏହି ପୁରସ୍କାର ଲାଗି ଚୟନ କରିବା ପଛରେ ପାଶ୍ଚାତ୍ୟ ବିଧ୍ୱଂସୀ ଚିନ୍ତାଧାରା ନିହିତ ଅଛି କହି ଇରାନ୍ ସରକାର ନୋବେଲ କମିଟିକୁ ଦୋଷୀ କରିଛି। ତେବେ ନରୱେସ୍ଥିତ ନୋବେଲ କମିଟି କହିଛି ନର୍ଗିସଙ୍କୁ ଶାନ୍ତି ସମ୍ମାନ ହେଉଛି ଇରାନ୍‌ରେ ଦେଖାଦେଇଥିବା ଅପ୍ରତ୍ୟାଶିତ ପ୍ରତିବାଦ, ତିନି ଦଶନ୍ଧି ଧରି ମହିଳାଙ୍କ ଅଧିକାର ହନନ ଏବଂ ମୃତ୍ୟୁଦଣ୍ଡ ବିରୋଧରେ ସେ ଚଳାଇଥିବା ଅଭିଯାନକୁ ସ୍ୱୀକୃତି। ଶାନ୍ତି କ୍ଷେତ୍ରରେ ନୋବେଲ ପୁରସ୍କାର ବିଜେତା ହେବାରେ ନର୍ଗିସ ୧୯ତମ ମହିଳା। ସମଗ୍ର ବିଶ୍ୱର ମହିଳା, ଯେଉଁମାନେ ଯେଉଁଠାରେ ପକ୍ଷପାତିତାର ଶିକାର ହେଉଛନ୍ତି ସେମାନଙ୍କୁ 'ସାହସ ଧରି ଆଗେଇ ଚାଲିବା'ର ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ନର୍ଗିସଙ୍କୁ ଚୟନ କରାଯାଇଛି ବୋଲି ନୋବେଲ କମିଟି ଅଧ୍ୟକ୍ଷ ବେରିଟ୍ ରୈସ୍ ଆଣ୍ଡରସେନ୍ କହିଛନ୍ତି।

ବ୍ୟକ୍ତିତ୍ୱ



ନର୍ଗିସ ମହମ୍ମଦି

ଇରାନ୍ ରାଜଧାନୀ ତେହେରାନ୍‌ର ଉତ୍ତରପଶ୍ଚିମ ଜାନ୍‌ଜନଠାରେ ୧୯୭୨ରେ ନର୍ଗିସ ଜନ୍ମଗ୍ରହଣ କରିଥିଲେ। ସେ ଶାହାଙ୍କ ଶାସନ ବେଳେ ବଢ଼ିଥିଲେ। ୧୯୭୯ର 'ଇସ୍‌ଲାମିକ୍ ରିଭଲ୍ୟୁଶନ' ଅତ୍ୟାଚାରୀ ଶାହାଙ୍କ ରାଜତନ୍ତ୍ରକୁ ଫିଙ୍ଗିଦେଇଥିଲା। ଉଲ୍ଲେଖଯୋଗ୍ୟ, ମହମ୍ମଦ ରେଜା ପହଲ୍‌ବି ଥିଲେ ଇରାନ୍‌ରେ ଶେଷ ଶାହା। ଫଳରେ ସେଠାରେ ଆୟତୋଲ୍ଲା ଖୋମେଇନିଙ୍କ ଆଶୀର୍ବାଦରେ ଧର୍ମୀୟ ସରକାର ଗଠନ ହୋଇଥିଲା। ସେଥିରେ ନୂଆ ପାର୍ଲାମେଣ୍ଟ ଓ ନିର୍ବାଚିତ ରାଷ୍ଟ୍ରପତି ରହିଲେ। କିନ୍ତୁ ସବୁକିଛି ଧର୍ମୀୟ ନେତାଙ୍କ ନିୟନ୍ତ୍ରଣରେ ରହିଥିଲା। ଯେଉଁ ପ୍ରତିଶ୍ରୁତି ଦେଇ ନୂଆ ସରକାର ଆସିଥିଲା, ତାହା କ୍ରମେ ଭୁଲିବାକୁ ଲାଗିଲା। ଫଳରେ ଇରାନୀୟ ସମାଜର ଉଦାରବାଦୀମାନେ ସରକାରଙ୍କୁ ବିରୋଧ କଲେ। ସେତେବେଳେ ଯେଉଁମାନେ ଗିରଫ ହୋଇଥିଲେ ସେମାନଙ୍କ ମଧ୍ୟରେ ନର୍ଗିସଙ୍କ ଜଣେ ମାମୁ ଓ ଦୁଇ ଜଣ ସମ୍ପର୍କୀୟ ରହିଥିଲେ। ନର୍ଗିସଙ୍କ ସ୍ୱାଧୀନଚେତା ଚିନ୍ତାଧାରା ସମ୍ଭବତଃ ସେହିଠାରୁ ଗଢ଼ିଆସିଛି।

ଜାନ୍‌ଜନରେ ହାଇସ୍କୁଲ ଶିକ୍ଷା ସମାପ୍ତ କରିବା ପରେ ସେ ଗାଜ୍‌ଭିନ୍‌ସ୍ଥିତ ଇମାମ୍ ଖୋମେଇନି ବିଶ୍ୱବିଦ୍ୟାଳୟରେ ଆପ୍‌ଲାଏଡ୍ ଫିଜିକ୍ସ ପଢ଼ିଥିଲେ। ସେହି ସମୟରେ ସେ ତାସ୍‌କୋଲ ଦାନିସ୍‌ଜୋଇ ରୋସାନ୍‌ଗରନ୍ (ଛାତ୍ରୀ ଗୋଷ୍ଠୀଙ୍କୁ ଆଲୋକିତ କରିବା) ନାମକ ଏକ ସଙ୍ଗଠନର ସହ-ପ୍ରତିଷ୍ଠାତା ହୋଇଥିଲେ। ସେଥିରେ ସେ ମହିଳାଙ୍କ ପ୍ରସଙ୍ଗ ଓ ମୃତ୍ୟୁଦଣ୍ଡ ବିରୋଧୀ ଅଭିଯାନକୁ ଜାଗରଣ କରିଥିଲେ। ବିଶ୍ୱବିଦ୍ୟାଳୟରେ ପଢୁଥିବା ବେଳେ ଅନ୍ୟତମ ସାମାଜିକ କର୍ମୀ ତଘ ରାହାମନିଙ୍କ ସଂସ୍ପର୍ଶରେ ଆସିଥିଲେ ଓ ୧୯୯୯ରେ ତାଙ୍କୁ ବିବାହ କରିଥିଲେ। କଲେଜ ପଢ଼ା ସରିବା ପରେ ସେ ମହିଳା ପତ୍ରିକା 'ପେଆମ୍-ଇ ହାଜର' ପାଇଁ ଲେଖାଲେଖି କରିଥିଲେ। ଉକ୍ତ ପତ୍ରିକା ଜଣେ ପ୍ରଗତିଶୀଳ ଧର୍ମଗୁରୁ ଆୟତୋଲ୍ଲା ସୟେଦ ମହମୁଦ ଅଲେଇ ତେଲେଘାନିଙ୍କ କନ୍ୟା ଆଜାମ ଅଲେଇ ତେଲେଘାନିଙ୍କ ଦ୍ୱାରା ପ୍ରକାଶ ପାଉଥିଲା। ଜଣେ ସାମ୍ବାଦିକା ଭାବେ ନର୍ଗିସ ମହିଳାଙ୍କ ପ୍ରସଙ୍ଗ ଓ ସଂସ୍କାରଧର୍ମୀ ବିଷୟକୁ ଉତ୍ଥାପନ କରି ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ତାଙ୍କ ସ୍ୱାମୀଙ୍କୁ ୨୦୦୧ରେ ଯେତେବେଳେ ଗିରଫ କରାଗଲା ସେତେବେଳେ ସେ ଅଧିକାର ଅଭିଯାନ ଓ ଭଦ୍ରସମାଜ ଆନ୍ଦୋଳନରେ ନିଜକୁ ଅଧିକ ସକ୍ରିୟ କରିଦେଇଥିଲେ। ଏହାର ବର୍ଷକ ପରେ ସେ ଶିରିନ୍ ଏବାଦିଙ୍କ ସହ-ପ୍ରତିଷ୍ଠିତ ସଂସ୍ଥା 'ସେଣ୍ଟର ଫର୍ ଡିଫେଣ୍ଡର୍ସ ଅଫ୍ ହ୍ୟୁମାନ ରାଇଟ୍ସ'ରେ ଯୋଗଦେଇଥିଲେ। ପ୍ରସିଦ୍ଧ ମାନବ ଅଧିକାର କର୍ମୀ ଏବାଦି ୨୦୦୩ରେ ନୋବେଲ ଶାନ୍ତି ପାଇଥିଲେ। ୨୦୦୭ରେ ନର୍ଗିସ 'ନ୍ୟାଶନାଲ କାଉନ୍‌ସିଲ ଫର୍ ପିସ୍'ର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟା ରହିଥିଲେ। ଇରାନ୍‌କୁ ଆମେରିକା ଆକ୍ରମଣ କରିବା ନେଇ ଉପୁଜିଥିବା ଭୟ ପରିପ୍ରେକ୍ଷୀରେ ଏହି ସଙ୍ଗଠନ ଗଢ଼ାଯାଇ ଶାନ୍ତି ଓ ଯୁଦ୍ଧ ବିରୋଧୀ ଅଭିଯାନ ଚଳାଇଥିଲା। ତେବେ ଇରାନ ସରକାରଙ୍କ ତ୍ରୁଟିକୁ ସମାଲୋଚନା କରିବାରୁ ତାଙ୍କୁ ସନ୍ଦେହରେ ରଖାଯାଇଥିଲା। କାର୍ଯ୍ୟାନୁଷ୍ଠାନ ସ୍ୱରୂପ ୨୦୦୯ରେ ପ୍ରଥମେ ତାଙ୍କ ପାସ୍‌ପୋର୍ଟକୁ ବାଜ୍ୟାପ୍ତି କରିଦିଆଗଲା ଓ ୨୦୧୦ରେ ଗିରଫ କରାଗଲା। ତେବେ କୌଶଳ କରି ତାଙ୍କ ସ୍ୱାମୀ ୨୦୧୧ରେ ଫ୍ରାନ୍ସ ପଳାଇଗଲେ। ୨୦୧୫ରେ ତାଙ୍କ ଯାଆଁଳା ସନ୍ତାନ ସ୍ୱାମୀଙ୍କ ପାଖକୁ ଗଲେ। ନର୍ଗିସ ୧୩ ଥର ଗିରଫ ହୋଇ ଜେଲ ଯାଇଛନ୍ତି ଓ ସମୁଦାୟ ୩୧ ବର୍ଷ ଜେଲ ଭୋଗିବେ ବୋଲି କୁହାଯାଉଛି। ଏବେ ତାଙ୍କ ମୁକ୍ତି ପାଇଁ ଚାରିଆଡୁ ଚାପ ପଡୁଛି। ଜେଲ ଭିତର ଦୁର୍ଦ୍ଦଶାକୁ ଦେଖି ୨୦୨୨ରେ ପ୍ରକାଶିତ ତାଙ୍କ 'ହ୍ୱାଇଟ୍ ଟର୍ଚ୍ଚର' ପୁସ୍ତକରେ ଅନେକ କିଛି ବର୍ଣ୍ଣନା କରିଛନ୍ତି। ସେ କହନ୍ତି- ଜେଲ ତାଙ୍କୁ ଲକ୍ଷ୍ୟସ୍ଥଳରୁ କେବେ ବିଚ୍ୟୁତ କରିପାରିବ ନାହିଁ।

**- ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଗୁଜରାଟର ଟ୍ରାନ୍ସ ଓମେନ ରାଜଭି ଜାନ୍। ସେ ଏବେ ଜଣେ ସଫଳ ଉଦ୍ୟୋଗପତି। ରାଜଭି ସୁରଟରେ ଦୁଇଟି ଦୋକାନ ଖୋଲି ୨୦ ଜଣ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ପ୍ରାରମ୍ଭିକ ଜୀବନରେ ରାଜଭି ଟ୍ରାନ୍ସ ଓମେନ ଜଣାପଡ଼ିଲାପରେ ତାଙ୍କ ପିତା ତାଙ୍କୁ ଘରେ ରଖିବାକୁ ଚାହିଁନଥିଲେ। ଫଳରେ ସେ ଘର ଛାଡ଼ି ନିଜସ୍ୱ ଚେଷ୍ଟାରେ ପଢ଼ିଲେ ଓ ଚାକିରି ପାଇଁ ପ୍ରସ୍ତୁତ ମଧ୍ୟ ହେଲେ। ଚାକିରି ପାଇବାରେ ବିଫଳ ହେବା ପରେ ସେ ବ୍ୟବସାୟ କ୍ଷେତ୍ରକୁ ପ୍ରବେଶ କରିଥିଲେ। ରାଜଭି ପ୍ରଥମେ ସୁରଟରେ ଏକ ସ୍ନାକ୍ସ ଷ୍ଟୋର ଆରମ୍ଭ କରିଥିଲେ ଓ ତାଙ୍କ ମା'ଙ୍କ ନାମାନୁସାରେ ସେହି ଷ୍ଟୋର ନାମ ରଖିଥିଲେ 'ଜାଗୃତି ନମ୍‌କିନ୍'। ଏହାପରେ ସେ 'ଜାଗୃତି ବାସ୍ତୁ ଓ ପୂଜା ଷ୍ଟୋର' ଖୋଲିଛନ୍ତି। ଏହି ଦୁଇ ଦୋକାନରେ ଏବେ ସେ ୩୦ ଜଣ ମହିଳାଙ୍କୁ ରୋଜଗାର ଯୋଗାଇ ଦେଇଛନ୍ତି। ରାଜଭି କେବଳ ଏହି କାମରେ ଅଟକି ନାହାନ୍ତି, ବରଂ ସେ ଅନ୍ୟ ଟ୍ରାନ୍ସ ଓମେନଙ୍କୁ ସଶକ୍ତ କରିବା ଲାଗି ପ୍ରେରିତ କରୁଛନ୍ତି। ସେମାନେ ଆତ୍ମନିର୍ଭର ହେବା ଲାଗି ସବୁ ପ୍ରକାର ସାହାଯ୍ୟ କରୁଛନ୍ତି। ସେ ଗୁଜରାଟର ପ୍ରଥମ ଟ୍ରାନ୍ସ ବିଜ୍‌ନେସ ଓମେନ ବୋଲି ଦାବି କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୫ ଅକ୍ଟୋବର ୧୯୯୮**

- ନାଇଜେରିଆର ଉତ୍ତରାଞ୍ଚଳ କାଡୁନା ରାଜ୍ୟରେ ଏକ ନଦୀରେ ଦେଶୀ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇ ବୁଡ଼ିଯିବା ଫଳରେ ୭୩ଜଣଙ୍କ ମୃତ୍ୟୁ।
- କଲ୍ୟାଣ ପାଇଁ ଅର୍ଥନୀତିର ଅବଦାନ ଉପରେ ଗୁରୁତ୍ୱ ପ୍ରଦାନ କରିଆସିଥିବା ଭାରତୀୟ ଅର୍ଥନୀତିଜ୍ଞ ଡ. ଅମର୍ତ୍ତ୍ୟ ସେନ୍‌ଙ୍କୁ ମର୍ଯ୍ୟାଦାପୂର୍ଣ୍ଣ ନୋବେଲ ପୁରସ୍କାର।
- ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସିପିଆଇଏମ୍‌ର ବରିଷ୍ଠ ନେତା ଦଶରଥ ଦେବଙ୍କ ୮୨ ବର୍ଷ ବୟସରେ ପରଲୋକ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | |
| | | | | | 5 | 8 | 1 | 2 |
| | | 9 | 2 | | | | | 6 |
| | | | 1 | | | | 8 | |
| 2 | | | | 7 | | | | |
| | | 3 | | 4 | | | 6 | |
| | 4 | 1 | 8 | | 9 | | | |
| | | | | | | 1 | 5 | |
| 7 | 8 | 5 | | | | 4 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 3 | 1 | 2 | 8 | 4 | 9 | 7 |
| 9 | 7 | 2 | 4 | 3 | 6 | 8 | 5 | 1 |
| 8 | 4 | 1 | 9 | 5 | 7 | 3 | 2 | 6 |
| 1 | 9 | 5 | 2 | 7 | 3 | 6 | 8 | 4 |
| 2 | 3 | 6 | 8 | 4 | 5 | 7 | 1 | 9 |
| 7 | 8 | 4 | 6 | 9 | 1 | 2 | 3 | 5 |
| 3 | 2 | 9 | 5 | 6 | 4 | 1 | 7 | 8 |
| 4 | 5 | 8 | 7 | 1 | 2 | 9 | 6 | 3 |
| 6 | 1 | 7 | 3 | 8 | 9 | 5 | 4 | 2 |

ଗତ କାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରଦୂଷଣର କାରଣ

ମହାଶୟ,

ମୁଁ ୧୯୭୯ ମସିହାରେ ହାଇସ୍କୁଲରେ ପଢ଼ିବା ବେଳେ ଆମ ଗାଁର ଜଣେ ଠିକାଦାର ଘରେ ରାଜଦୁତ ମୋଟରସାଇକେଲ, ଜଣେ ବ୍ୟବସାୟୀଙ୍କ ଘରେ ବଜାଜ ଚେତକ ସ୍କୁଟର, କଣ୍ଟ୍ରୋଲ ଡିଲରଙ୍କର ବୁଲେଟ ମୋଟରସାଇକେଲ, ସ'ମିଲ୍ ମାଲିକଙ୍କର ୟେଜ୍‌ଦି ମୋଟରସାଇକେଲ ଥିଲା। ଏତଦ୍ ବ୍ୟତୀତ ଆଉ କାହା ଘରେ ମୋଟରସାଇକେଲ ନ ଥିଲା। ସ୍ୱଳ୍ପ ଧନୀ ଘରେ ସାଇକେଲଟିଏ ଥିଲା। ଗରିବ ଲୋକ ସାଇକେଲ କିଣିବାକୁ ସକ୍ଷମ ନ ଥିଲେ। କିନ୍ତୁ ବର୍ତ୍ତମାନ ଜଣକ ଘରେ ପାଞ୍ଚୋଟି ବାଇକ୍ ଦେଖିବାକୁ ମିଳୁଛି। ଏହା ହେଉଛି ପ୍ରଦୂଷଣର ମୂଳ କାରଣ।

**- କନ୍ହେଇ ଚରଣ ନନ୍ଦୀ, କମଳାକାନ୍ତ ଭବନ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

## ଚିରନ୍ତନୀ

''ନିର୍ମଳ ସେ ପୂତ ଜଳେ
ଅନ୍ତର ବେଦନା ତୋର ଲିପ
''ଜୀବନ ମନ୍ଦିର ତୂଳେ
ଜଳି ଉଠୁ ଆଶା ମହାଦୀପ !
(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସ୍କୁଟିକୁ ପିଟିଲା ଟ୍ରକ୍: ଜଣେ ମୃତ, ଜଣେ ଗୁରୁତର

ଗୋଲାମୁଣ୍ଡା,୧୪।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ନିକଟରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଯୋଗେ ପରିବାରର ୩ଜଣ ଯାଉଥିବା ବେଳେ ଏକ ଟ୍ରକ୍ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣେ ବହୁତ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ଜୟପାଟଣା ଥାନା ଟେମରା ଗାଁର ମିନାକ୍ଷୀ ନାଏକ (୧୭) ଓ ଗୁରୁତର ହେଉଛନ୍ତି ହେମରାଜ ନାଏକ (୪୩) ଓ କଳ୍ପନା ନାଏକ (୩୫)। ସୂଚନା ଯେ, ଏମାନେ କୌଣସି କାମରେ ନୂଆପଡା ଜିଲା ଅନ୍ତର୍ଗତ ସିନାପାଲି ବ୍ରାହ୍ମଣ ପଡାରୁ ନିଜ ଗାଁକୁ ଫେରୁଥିଲେ। ବୃନ୍ଦାବାହାଲ ଛକ ନିକଟରେ ପଛପଟୁ ଏକ ହାଇୱା ଗାଡି ତାଙ୍କ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ମିନାକ୍ଷୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସ୍କୁଟି ଚାଳକ ହେମରାଜଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ଅଗ୍ନିଶ୍ରମ ଗାଡି ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ମୃତକଙ୍କ ପରିବାରବର୍ଗ ମୃତଦେହ ରଖି ରାସ୍ତା ଉପରେ ଧାରଣା ଦେବାରୁ ଧର୍ମଗଡ଼ ସିନାପାଲି ମୁଖ୍ୟ ରାସ୍ତା ଯାତାୟାତ ଠପ ହୋଇଯାଇଥିଲା। ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଠିରୁ ୨ ଲକ୍ଷ ଟଙ୍କା ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା ଏବଂ ଯାତାୟାତ ସ୍ୱାଭାବିକ ହୋଇଥିଲା। ଗୋଲାମୁଣ୍ଡା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ


କନକଲତା ଶତପଥୀ।

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମାଲପଡା ନିବାସୀ ଯୋଗୀନ୍ଦ୍ର ଶତପଥୀଙ୍କ ସ୍ତ୍ରୀ କନକଲତା ଶତପଥୀ (୭୭)ଙ୍କ ଶୁକ୍ରବାର ପରଲୋକ ହୋଇଛି। ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ଧର୍ମପ୍ରାଣା ମହିଳା ଭାବେ ସେ ପରିଚିତ ଥିଲେ। କିଛିଦିନ ହେଲା ସେ ଅସୁସ୍ଥ ହୋଇପଡିଥିଲେ। ମୃତ୍ୟୁବେଳକୁ ପୁଅ ବରିଷ୍ଠ ଆଡଭୋକେଟ ଭବାନୀ ଶଙ୍କର ଶତପଥୀ, ବୋହୂ ସରସ୍ୱତୀ, ଝିଅ ପ୍ରକାଶିନୀ, ଜ୍ୟୋତ୍ସ୍ନା, କଲ୍ୟାଣୀ, ନନ୍ଦିନୀ, ଇନ୍ଦିରା, ଜ୍ୱାଇଁ ଏବଂ ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ କରିବା ପାଇଁ ବହୁ ଲୋକ ମାଲପଡା ସ୍ଥିତ ବାସଭବନକୁ ଆସି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଭୂତିପଡା ଶ୍ମଶାନରେ ତାଙ୍କର ଦାହ ସତ୍କାର ସମ୍ପନ୍ନ ହୋଇଥିଲା। ପୁଅ ଭବାନୀ ଶଙ୍କର ମୁଖାଗ୍ନି ଦେଇଥିଲେ।

# କଳାହାଣ୍ଡିରେ ହେଲାନି ଓପିଏସ୍‌ସି ପରୀକ୍ଷା କେନ୍ଦ୍ର

ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)

■ହରଡ଼ଘଣାରେ ଜିଲାରେ ୨୦୦ରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ
■୩ ଶହ କି.ମି. ଦୂର ସମ୍ବଲପୁରକୁ ଗଲେ ପରୀକ୍ଷାର୍ଥୀ

୧୫ ତାରିଖ (ରବିବାର) ରାଜ୍ୟ ବ୍ୟାପି ଅନୁଷ୍ଠିତ ହେବାକୁ ଯାଉଛି ଓପିଏସସି ପ୍ରିଲିମ୍ସ ପରୀକ୍ଷା। ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ଆୟୋଜିତ ଏହି ପରୀକ୍ଷାକୁ ନେଇ ରାଜ୍ୟର ସବୁ ଜିଲାର ପରୀକ୍ଷାର୍ଥୀ ଆଶା ବାନ୍ଧି ବସିଥିବାବେଳେ ୩୦୦ କିମି ଦୂର ସମ୍ବଲପୁରରେ ପରୀକ୍ଷା କେନ୍ଦ୍ର ପଡ଼ିଥିବାରୁ କଳାହାଣ୍ଡି ଜିଲା ପରୀକ୍ଷାର୍ଥୀମାନେ ନିରାଶ ହୋଇପଡ଼ିଛନ୍ତି। ଏପରିକି ବହୁ ପରୀକ୍ଷାର୍ଥୀ ସମ୍ବଲପୁରକୁ ଯିବାକୁ ଅଗ୍ରୀମ ଟ୍ରେନ ଟିକେଟ କରିଥିବାବେଳେ ଶନିବାର ହଠାତ୍ ସମଲେଶ୍ୱରୀ ଏକ୍ସପ୍ରେସ୍ ଟ୍ରେନ ବାତିଲ ହୋଇଯିବାରୁ ଜିଲାର ବହୁ ପରୀକ୍ଷାର୍ଥୀ ସମ୍ବଲପୁର ଯିବାକୁ ନେଇ ହଇରାଣ ହୋଇଛନ୍ତି। ଏପରିକି ବିଭିନ୍ନ ସ୍ଥାନରେ କର୍ମଜୀବୀ ଆଶାୟୀଙ୍କ ସମେତ ମହିଳା ବିଶେଷ କରି ଗୃହିଣୀମାନେ ବେଶ ହଇରାଣ ହୋଇଛନ୍ତି। ସେହିପରି ସମ୍ବଲପୁରରେ ରହିବା ବ୍ୟବସ୍ଥା, ବିଭିନ୍ନ ପରୀକ୍ଷା କେନ୍ଦ୍ରକୁ ଯାତାୟାତ ବ୍ୟବସ୍ଥା ଆଦିରେ ଘୋର ସମସ୍ୟା ଦେଖାଦେଇଥିବାବେଳେ କଳାହାଣ୍ଡି ଜିଲାର ବହୁ ପରୀକ୍ଷାର୍ଥୀ ମାନସିକ ଦୁଃଶ୍ଚିନ୍ତା ମଧ୍ୟରେ ପରୀକ୍ଷା ଦେବାକୁ ବାଧ୍ୟ ହେବେ ବୋଲି ବହୁ ପରୀକ୍ଷାର୍ଥୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ଆୟୋଜିତ ଓପିଏସସି ପରୀକ୍ଷା କେନ୍ଦ୍ର କଳାହାଣ୍ଡିରେ କରିବାକୁ ବହୁଦିନ ହେଲା ଦାବି ହେଉଥିଲେ ହେଁ ଜିଲାବାସୀଙ୍କ ଏହି ଦାବିକୁ ଅଣଦେଖା କରି ଆସିଛନ୍ତି ଲୋକ ସେବା ଆୟୋଗ ଓ ରାଜ୍ୟ ସରକାର। ଜିଲାରେ ଦଶରୁ ଅଧିକ ଉପଯୁକ୍ତ ଭିତ୍ତିଭୂମି ଥିବା ମହାବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ରହିଥିଲେ ହେଁ ଏସବୁ ପ୍ରତି ଧ୍ୟାନ ଦିଆଯାଉନାହିଁ। ଏପରିକି ଜିଲାରେ ବିଭିନ୍ନ କେନ୍ଦ୍ରୀୟ ପ୍ରବେଶିକା ଓ ଜାତୀୟସ୍ତରୀୟ ପରୀକ୍ଷା ସବୁ ସଫଳତାର ସହ ପରିଚାଳନା କରାଯାଉଥିବାବେଳେ ଓପିଏସସି ପରୀକ୍ଷା କେନ୍ଦ୍ର କରାଗଲେ ଅସୁବିଧା କେଉଁଠି ବୋଲି ଜିଲାର ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ବର୍ଷକ ତଳେ ଓଡ଼ିଶାର ଅଗ୍ରଣୀ ସାମାଜିକ ଓ ବୈଚାରିକ ସଙ୍ଗଠନ ଅଲ ଓଡ଼ିଶା ସିଡ୍ୟୁଲ୍ଡ କାଷ୍ଟ ଫେଡେରେଶନ ପକ୍ଷରୁ କଳାହାଣ୍ଡି ଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାର ଓ ଓଡ଼ିଶା ଲୋକ ସେବା ଆୟୋଗଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କଳାହାଣ୍ଡି ଜିଲାରେ ଓପିଏସସିର ପରୀକ୍ଷା କେନ୍ଦ୍ର କରାଯିବାକୁ ଦାବି କରାଯାଇଥିଲା। ଏହା ପରେ ରାଜ୍ୟ ସରକାର ଏବଂ ଓଡ଼ିଶା ଲୋକ ସେବା ଆୟୋଗ ପକ୍ଷରୁ ମଧ୍ୟ କଳାହାଣ୍ଡିରେ ପରୀକ୍ଷା କେନ୍ଦ୍ର କରାଯିବା ନେଇ ସବୁଜ ସଙ୍କେତ ମିଳିଥିଲା। ଇତିମଧ୍ୟରେ ବର୍ଷଟିଏ ବିତିସାରିଥିଲେ ହେଁ ନିଜ ଘୋଷଣାକୁ ନା ସରକାର ନା ଲୋକସେବା ଆୟୋଗ କେହି ମଧ୍ୟ କାର୍ଯ୍ୟକାରୀ କଲେ ନାହିଁ। ଫଳରେ ଜିଲାର ଶତାଧିକ ପରୀକ୍ଷାର୍ଥୀଙ୍କୁ ହଇରାଣ ହେବାକୁ ପଡ଼ିଛି।

## ଅପହରଣକାରୀଙ୍କଠାରୁ ଖସି ଆସିଲେ ବାଳକ

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)



ଅପହୃତ ହୋଇଥିବା ବାଳକଙ୍କ ପରିବାର ଲୋକେ ଟାଉନ୍ ଥାନାକୁ ଆସି ଅଭିଯୋଗ କରୁଛନ୍ତି।

ବଲାଙ୍ଗୀର ବରପାଲିପଡାର ଜଣେ ବାଳକ ଶୁଭମ୍ ବାରିକ (୧୨)ଙ୍କୁ ଶୁକ୍ରବାର ରାତିରେ ଦୁଇଜଣ ଯୁବକ ଅପହରଣ କରିନେଇଥିବା ଏବଂ ବାଳକ କୌଶଳକ୍ରମେ ଅପହରଣକାରୀଙ୍କଠାରୁ ଖସି ଆସିଥିବା ନେଇ ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ଏସଂକ୍ରାନ୍ତରେ ଟାଉନ୍ ଥାନାରେ ଏକ ମାମଲା (ନଂ. ୫୫୩/୨୩) ରୁଜୁ ହୋଇଛି। ବରପାଲିପଡା ମାମୁଁ ଘରେ ରହି ଶୁଭମ୍ ପାଠ ପଢୁଛନ୍ତି। ତାଙ୍କ ପିତାମାତା ଭୁବନେଶ୍ୱରରେ ରହନ୍ତି। ଶୁକ୍ରବାର ରାତି ପ୍ରାୟ ୮ଟାରେ ଶୁଭମ୍ ଟିଉସନ୍‌ରୁ ମାମୁଁ ଘରକୁ ଫେରିଥିଲେ। ଏହାପରେ ସାଇକେଲ ଧରି ବ୍ରାହ୍ମଣପଡା ଛକକୁ ଆସିଥିଲେ। ଛକରେ ଅଣ୍ଡା ନ ମିଳିବାରୁ ଦୁର୍ଗାମନ୍ଦିର ପଟକୁ ଯାଇଥିଲେ। ସେଠାରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଦୁଇଜଣ ଯୁବକ ଥିଲେ। ସେମାନେ କୁଆଡେ ବାଳକ ଶୁଭମ୍‌ଙ୍କୁ ଦେଖି ଏକ ଠିକଣା ପଚାରିଥିଲେ। ଶୁଭମ୍ ଠିକଣା କହୁଥିବାବେଳେ ଦୁଇ ଯୁବକ ଶୁଭମ୍‌ଙ୍କ ମୁହଁକୁ ରୁମାଲରେ ବନ୍ଦ କରିଦେଇ ତାଙ୍କୁ ଓ ତାଙ୍କ ସାଇକେଲକୁ ଉକ୍ତ ପିକ୍‌ଅପ୍ ଭ୍ୟାନରେ ଉଠାଇ ନେଇ ସମ୍ବଲପୁର ରାସ୍ତା ପଟକୁ ଚାଲିଯାଇଥିଲେ। ଶୁଭମ୍‌ଙ୍କ ମୁହଁ ବନ୍ଦ କରିବା ପରେ ସେ ଆଉ କିଛି ଜାଣି ପାରି ନ ଥିଲେ। ବଲାଙ୍ଗିର ଠାରୁ ପ୍ରାୟ ୧୦ କିଲୋମିଟର ଯିବା ପରେ ଶଙ୍କରଭୋଜି ଛକ ଠାରେ ଗାଡି ଅଟକାଇ ଦୁଇ ଅପହୃତା ଅଭିଯୁକ୍ତ ଯୁବକ କୁଆଡେ ଯାଇଥିଲେ। ଏହାର ସୁଯୋଗ ନେଇ ଶୁଭମ୍ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌ରୁ କୌଶଳ କ୍ରମେ ବାହାରି ଏବଂ ତାଙ୍କ ସାଇକେଲ ବାହାର କରି ଶଙ୍କରଭୋଜି ଛକରେ ଥିବା ଦୋକାନୀଙ୍କ ପାଖକୁ ପହଞ୍ଚିଥିଲେ। ସେଠାରେ ଥିବା କିଛି ଯୁବକଙ୍କୁ ତାଙ୍କୁ ଅପହରଣ କରାଯାଇଥିବା ସମ୍ପର୍କରେ କହିଥିଲେ। ଏହାପରେ ଭୁବନେଶ୍ୱରଠାରେ ଥିବା ତାଙ୍କ ବାପାଙ୍କ ଫୋନ୍ ନମ୍ବର ଦେଇଥିଲେ। ଶଙ୍କରଭୋଜି ଛକର କିଛି ଯୁବକ ଉକ୍ତ ଫୋନ୍‌ରେ ତାଙ୍କ ପିତାମାତାଙ୍କୁ ଯୋଗାଯୋଗ କରିଥିଲେ। ଏହାର କିଛି ସମୟ ପରେ ତାଙ୍କ ପରିବାର କିଛି ଲୋକ ପହଞ୍ଚି ଶୁଭମ୍‌ଙ୍କୁ ଘରକୁ ନେଇଥିଲେ। ଏହା ପରେ ପରିବାର ଲୋକେ ଘଟଣା ସମ୍ପର୍କରେ ଟାଉନ୍ ଥାନାକୁ ଜଣାଇଥିଲେ। ପୋଲିସ ସହରର ସିସିଟିଭି ଯାଞ୍ଚ ପରି ତଦନ୍ତ ଆରମ୍ଭ କରିଛି। କିଏ ଓ କେଉଁ ଉଦ୍ଦେଶ୍ୟରେ ଶୁଭମ୍‌ଙ୍କୁ ଅପହରଣ କରୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

## ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୪।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଛିନ୍ଦପାଣି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉମନ୍ତି ରଣା ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ୟାମଲାଲ ପ୍ରଧାନ ମୁଖ୍ୟଅତିଥି, ଗୁରୁଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା, ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ଇତ୍ୟାଦି ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ବିବେକାନନ୍ଦ


@ ବିଶ୍ୱନାଥ


@ ତଥାଗତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଖଟିଆରେ ବୁହାହୋଇ ରୋଗୀ ନଦୀପାର

ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)


ଖଟିଆରେ ବୋହି ବୃଦ୍ଧାଙ୍କୁ ନିଆଯାଉଛି।

■ରାସ୍ତା ନାହିଁ କି ପୋଲ ନାହିଁ
■ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ

ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ସବୁ ଦିନିଆ ରାସ୍ତା ଓ ପୋଲ ନ ଥିବାରୁ ବିଭିନ୍ନ ସମୟରେ ଖଟିଆରେ ବୁହାହୋଇ ଡାକ୍ତରଖାନା ଯାଉଛନ୍ତି ରୋଗୀ। ଶନିବାର ଏଭଳି ପୁଣି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଲଝାପୀ ପଞ୍ଚାୟତର ଖମନପଡା ଗ୍ରାମରେ। ଖମନପଡାର ଚନ୍ଦ୍ରିକା ଗଉଡ଼ ନାମ୍ନୀ ଜଣେ ବୃଦ୍ଧା ପଡିଯାଇ ସେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଖମନପଡା ଗାଁକୁ ଯିବାପାଇଁ ସବୁଦିନିଆ ରାସ୍ତା ନ ଥିବାବେଳେ ବାଟରେ ପଡୁଥିବା ବାଲିଯୋର ନଦୀରେ ପୋଲ ମଧ୍ୟ ନାହିଁ। ଫଳରେ ଆମ୍ବୁଲାନ୍ସ ଅଧାବାଟ ଦେର୍ଲା ଛକ ନିକଟରେ ଅଟକି ରହିଲା। ପରେ ପରିବାର ଓ ସମ୍ପର୍କୀୟମାନେ ଖଟିଆରେ କାନ୍ଧେଇ ଚନ୍ଦ୍ରିକାଙ୍କୁ ବାଲିଯୋର ନଦୀ ପାରକରି ପ୍ରାୟ ୫ କିଲୋମିଟର ମୁଖ୍ୟ ରାସ୍ତାକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରିକାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଚନ୍ଦ୍ରିକାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶିଳାନ୍ୟାସ

ଖପ୍ରାଖୋଲ ୧୪।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ରୁ କପସିପାଲି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାମରେ ଶିଳାନ୍ୟାସ ଗୋଟିଏ ଦିନରେ ଦୁଇଟି ସ୍ଥାନରେ ହୋଇଛି। ଯାହାକୁ ନେଇ ଅଞ୍ଚଳରେ ଜୋର୍ ଚର୍ଚ୍ଚା ଧରିଛି। ଶନିବାର ମଧ୍ୟାହ୍ନରେ ବଲାଙ୍ଗିର ଲୋକସଭା ସଦସ୍ୟ (ଏମ୍‌ପି) ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଭାଲୁଡୁଙ୍ଗୁରୀ ଗାଁ ମୁଣ୍ଡରେ ରାସ୍ତାକାମର ଶିଳାନ୍ୟାସ କରିଥିଲେ। ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ. ବର୍ଷାରାଣି ପାଗଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ନବୀନ ବାହାଲା, ପ୍ରମୁଖ ଯୋଗଦେଇ ପୂଜାପାଠ ସହ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରବୀଣ ଅଗ୍ରୱାଲ, ପଞ୍ଚୁ ଦେବ ସାହୁ, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ସେଦ୍ରିଆ, ଗଣେଶ ସାହୁ ସମେତ ଭାଲୁଡୁଙ୍ଗୁରି ଗ୍ରାମବାସୀ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପାଇଁ ପିଡବ୍ଲ୍ୟୁଡ଼ି ରାସ୍ତାରୁ କପସିପାଲି ଭାୟା ଭାଲୁଡୁଙ୍ଗୁରି ୭ କିମି ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ କାମ ହେବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟ ପଟେ ନିଜ ସମର୍ଥକଙ୍କୁ ନେଇ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ରାସ୍ତାର ଅନ୍ୟ ମୁଣ୍ଡରେ କପସିପାଲିଠାରେ ଅପରାହ୍ନରେ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ କୌଣସି ବିଭାଗୀୟ ଅଧିକାରୀ ନ ଥିବା ବେଳେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ରମେଶ ପ୍ରଧାନ, ପବିତ୍ର ପଟେଲ, ଗୋବିନ୍ଦ ବାରିକ, ଇନ୍ଦ୍ରମଣି ସାହୁ, ଟୁଲୁ ପ୍ରଧାନ,ସୁବାସ ଛୁରା ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ୫୦ ବର୍ଷରେ ପଦାର୍ପଣକଲା କର୍ଲାମୁଣ୍ଡା ଦୁର୍ଗାପୂଜା

କର୍ଲାମୁଣ୍ଡା,୧୪।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗା ମଣ୍ଡପଠାରେ ଶନିବାରଠୁ ସାର୍ବଜନୀନ ଦୁର୍ଗାପୂଜା ନବରାତ୍ର ଆରମ୍ଭ ହୋଇଯାଇଛି। ମା'ଙ୍କ ଏହି ପୂଜା ଶନିବାର ଆରମ୍ଭ ହୋଇ ଆସନ୍ତା ୨୫ ତାରିଖରେ ଭଷାଣିଯାତ୍ରା ହେବ ବୋଲି ଜଣାପଡ଼ିଛି। ଏଥିରେ ମୁଖ୍ୟ ପୂଜକ ଭାବେ ପଣ୍ଡିତ ନୃସିଂହ ଚରଣ ଦାଶ ରହିଥିବା ବେଳେ ଯଜ୍ଞ କର୍ତ୍ତା ସତ୍ୟନାରାୟଣ ସାହୁ ଓ ସୈରେନ୍ଦ୍ରୀ ସାହୁ ରହିଛନ୍ତି। ପୂଜାର ସୁପରିଚାଳନା ପାଇଁ ପୂଜା କମିଟି ସଭାପତି ଭାବେ ଦେବେନ୍ଦ୍ର ସାହୁ, ସମ୍ପାଦକ ଚନ୍ଦ୍ରଭାନୁ ସାହୁ, କୋଷାଧ୍ୟକ୍ଷ ହେମ ସାଗର ସାହୁ ଓ ଉପଦେଷ୍ଟା ଭାବେ ଶେଷ ଦେବ ସାହୁ, ହରିଶଙ୍କର ସାହୁ, ଭବାନୀ ଶଙ୍କର ସାହୁ, କୁଞ୍ଜ ସାହୁ, କାହ୍ନୁ ଚରଣ ସାହୁ, ପିଣ୍ଟୁ ସାହୁ, ବିକ୍ରମ ମାଝି, ଆକାଶ ସାହୁ, ସୁନାଧର ସାହୁ, ଡୋଲାମଣୀ ଭୋଇ, ବୃଜ ସାହୁ, ଦେବରାଜ ଭୋଇ, ବ୍ରଜ ଭୋଇ, ଜଗଦୀଶ ଭୋଇ ରହିଥିବା ପୂଜା କମିଟି ସଭ୍ୟ କୁଞ୍ଜ ସାହୁ ସୂଚନା ଦେଇଛନ୍ତି। ଚଳିତବର୍ଷ ଏହି ଦୁର୍ଗା ପୂଜା କମିଟି ପକ୍ଷରୁ ପାରାୟଣ ସହିତ କଂସ ଦରବାର ଓ ମିନା ବଜାର ମୁଖ୍ୟ ଆକର୍ଷଣ ହେବାକୁ ଥିବା ଜଣାପଡିଛି। ବ୍ଲକ ସଦରରେ ଚଳିତ ବର୍ଷ ଦୁଇଟି ସ୍ଥାନରେ ଦୁର୍ଗା ପୂଜା ହେଉଥିବାରୁ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି।


କର୍ଲାମୁଣ୍ଡା ବ୍ଲକ ସଦର ଦୁର୍ଗା ମଣ୍ଡପ।


ଦୁର୍ଗା ପୂଜା କମିଟି ପକ୍ଷରୁ ବିଲ୍ୟ ବରନ କରୁଛନ୍ତ।

## ଥୁଆମୂଳ ରାମପୁର: ଆଜି ମା' ମାଣିକେଶ୍ୱରୀଙ୍କ ଖଣ୍ଡାବସା

ଥୁଆମୂଳ ରାମପୁର,୧୪।୧୦(ଦୁର୍ଗା କୀର୍ତ୍ତି)

ଉତ୍ସବ ମୁଖରିତ ହୋଇପଡିଛି ଥୁଆମୂଳ ରାମପୁର।" ଭକ୍ତଙ୍କୁ ଦର୍ଶନ ଦେବେ ମାଁ ଦଶଭୁଜା ମହାମାଇ ମାଁ ମାଣିକେଶ୍ୱରୀ । କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ବହୁ ପୁରାତନ ଶକ୍ତି ପୀଠ ଭାବେ ପରିଚିତ ମା' ମାଣିକେଶ୍ୱରୀ ଦେବୀଙ୍କ ପୀଠରେ ରବିବାର ଅନୁଷ୍ଠିତ ହେବାକୁ ଯାଉଛି ପବିତ୍ର ଖଣ୍ଡାବସା ଉତ୍ସବ। ଏହି ଅବସରରେ ମଧ୍ୟାହ୍ନ ୧୨ଟା ୩୦ରେ ମା'ଙ୍କ ମସ୍ତକ ସ୍ଥାପନ ହେବା ସମେତ ବିଧିବିଧାନ ସହ ପୂଜା ଆରମ୍ଭ ହେବ। ଲଗ୍ନନିର୍ଘଣ୍ଟ ଅନୁସାରେ ସନ୍ଧ୍ୟା ପ୍ରାୟ ୭ଟା ୩୦ରେ ମା' ମାଣିକେଶ୍ୱରୀ କାଳିସୀ ଶରତ ଚନ୍ଦ୍ର ପୁଝାରୀ ମନ୍ଦିରରୁ ପାଟ ଖଣ୍ଡା ବାହାର କରି ବାହୁକ, ମୁଣ୍ଡଛିନାଙ୍କୁ ଦେବେ। ପରେ ସେମାନେ ନିକଟସ୍ଥ ବାଲିଘାଟକୁ ଯାଇ ଖଣ୍ଡା ମାର୍ଜନା କରିବା ସହିତ ପୂଜାର୍ଚ୍ଚନା ଶେଷକରି ପୁଣି ଥରେ ଖଣ୍ଡା ମନ୍ଦିର ପ୍ରତ୍ୟାବର୍ତ୍ତନ କରିବେ। ଏହି ସମୟରେ ମନ୍ଦିର ପୂଜକଙ୍କ ଦ୍ୱାରା ଖଣ୍ଡାକୁ ଚାଉଳରେ ବସାଇ ରୀତିନୀତି ଅନୁଯାୟୀ ପୂଜା କରାଯିବ। ମଧ୍ୟ ରାତ୍ରରେ ମହାପଶୁ ବଳୀ ଦିଆଯିବା ପ୍ରଥା କାହିଁ କାଳରୁ ରହିଆସିଛି।



ଥୁଆମୂଳ ରାମପୁରର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ।

ଥୁଆମୂଳ ରାମପୁର ଅଞ୍ଚଳବାସୀ ମା' ମାଣିକେଶ୍ୱରୀ ଓ ବାବା ଭୈରବ ଦେବଙ୍କଠାରୁ କରୁଣା ଲାଭ କରିଥାନ୍ତି। ମା'ଙ୍କ ଆଶୀର୍ବାଦ ଲାଭକରି ଥୁଆମୂଳ ରାମପୁରବାସୀ ବେଶ ଖୁସି ଅନୁଭବ କରିଥାନ୍ତି। ଆଶ୍ୱିନ ମାସ ପ୍ରତିପଦା କୃଷ୍ଣ ପକ୍ଷ ଦିନରୁ ଆରମ୍ଭ ହୋଇ ବିଜୟା ଦଶମୀ ପର୍ଯ୍ୟନ୍ତ ଆୟୋଜିତ ହୋଇଥାଏ ମା'ଙ୍କ ଏହି ସହୋଳ ପୂଜା। ଖଣ୍ଡାବସା ରୀତିନୀତି ଅନୁସାରେ ସମ୍ପୂର୍ଣ୍ଣ ହୋଇଥାଏ। ଏହି ସମୟରେ ଶତାଧିକ ଭକ୍ତଙ୍କ ଭିଡ ମନ୍ଦିରରେ ଦେଖିବାକୁ ମିଳିଥାଏ। ମାନସିକଧାରୀ ଯିଏ ଯାହା ମାନସିକ କରିଥାଏ ସେନେଇ ମା'ଙ୍କ ପାଖରେ ଶରଣ ନେଇ ଜଣାଇଥାନ୍ତି ଓ ତାଙ୍କର ମନସ୍କାମନା ମଧ୍ୟ ପୂରାଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ୮ଦିନ ଧରି ଏହି ମନ୍ଦିରରେ ତନ୍ତ୍ର ମନ୍ତ୍ର ବିଧି ଅନୁସାରେ ଗୁପ୍ତ ପୂଜା ହୋଇଥିବା ବେଳେ ଅଷ୍ଟମୀ ରାତିରେ ମହାପଶୁ ବଳୀ ପଡିଲା ପରେ ନୀଶି ପୂଜା ପାଇଁ ମନ୍ଦିର ସେବାୟତ ନିକଟସ୍ଥ ବାବା ଖଣ୍ଡୁଆଳ ମନ୍ଦିର ପାଖକୁ ଯାନ୍ତି। ପରବର୍ତ୍ତୀ ଦିନ ଭୋର ସକାଳୁ ଆରମ୍ଭ ହୋଇଥାଏ ଛତର ଯାତ୍ରା ବା ଜେନା ମରା ବିଧି। ଥୁଆମୂଳ ଗ୍ରାମଠାରେ ମା'ଙ୍କ ଉତ୍ପତି ହୋଇଥିବା ବେଳେ ଏହି ପୀଠରେ ମା'ଙ୍କ ଛିନ୍ନ ମସ୍ତକ ରହିଛି, ଯିଏକି ମା' ମାଣିକେଶ୍ୱରୀ (ମୁଖ୍ୟପୀଠ)। ସେହିଭଳି କାଶୀପୁରରେ ମାଙ୍କ ମସ୍ତକ ଓ ଭବାନୀପାଟଣା ରେ ମା'ଙ୍କ ଛତର ଭାବେ ପୂଜାପାଉଛନ୍ତି। ମା'ଙ୍କ ପୂଜାବିଧି ପାଇଁ ପ୍ରତିବର୍ଷ ଦେବତ୍ତ ବିଭାଗ ପକ୍ଷରୁ ମନ୍ଦିର ପୂଜା ବିଧିପାଇଁ ସ୍ୱତନ୍ତ୍ର ପାଣ୍ଠିରୁ ଆର୍ଥିକ ସାହାଯ୍ୟ କରିଥାନ୍ତି ଓ ଗ୍ରାମବାସୀ ମଧ୍ୟ ସୁନ୍ଦର ଭାବରେ ଯାତ୍ରା କରିବା ପାଇଁ ସାହାଯ୍ୟ କରିଥାନ୍ତି। ସନ୍ଧ୍ୟାରେ ଭକ୍ତଙ୍କ ମନୋରଞ୍ଜନ ସକାଶେ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି।

ସୂଚନା ଯୋଗ୍ୟ ଯେ, ପ୍ରତିବର୍ଷ ମା'ଙ୍କ ପାଖରେ ୪୫ ତୋଳା ସୁନା, ୪୦ରୁ ୫୦ ତୋଳା ରୂପା ଅଳଙ୍କାର ଲାଗେ। ଏ ବର୍ଷ ଯେହେତୁ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି ତେଣୁ ମା'ଙ୍କ ଅଳଙ୍କାର ଆସିବ କି ନାହିଁ ତାହାକୁ ନେଇ ସନ୍ଦେହରେ ଅଛନ୍ତି ଭକ୍ତ।

## ସଂକ୍ଷେପରେ

### କେରଳରେ ପୁଣି ଜଣେ ଓଡ଼ିଆ ଦାଦନ ଶ୍ରମିକ ମୃତ

ଥୁଆମୂଳ ରାମପୁର,୧୪।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡିରେ ସରୁନାହିଁ ଦାଦନ ଦୁଃଖ। ଶୁକ୍ରବାର ଜିଲାର କଳମପୁର ବ୍ଲକ ଦୁଲକିବନ୍ଧ ଗ୍ରାମର ବିଭୁତି ଲେଙ୍କିଆ (୨୩) ଜଣେ ଦାଦନ ଶ୍ରମିକ ଗୋଆକୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ମାଣାଧୀନ କୋଠା ଛାତରୁ ପଡି ମୃତ୍ୟୁବରଣ କରିଥିଲେ। ଏହି ଘଟଣାର ଦିନକ ପରେ ଶନିବାର ପୁଣି ଜିଲାର ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଅମଠା ଗୁଡା ଗ୍ରାମର ନରେନ୍ଦ୍ର ମାଝି (୨୯) ଜଣେ ଯୁବକ କେରଳକୁ ଦାଦନ ଖଟିବାକୁ ଯାଇ ସେଠାରେ ମୃତ୍ୟୁ ବରଣ କରିଛନ୍ତି। ୪ ମାସ ତଳେ ଗ୍ରାମର ସହକର୍ମୀଙ୍କ ସହ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ସେ ଏକ କ୍ରଶର କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ନରେନ୍ଦ୍ର କାମ କରୁଥିବା ବେଳେ ଏକ ପଥର ଖଣ୍ଡ ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ନରେନ୍ଦ୍ରଙ୍କ ଜଣେ ସହକର୍ମୀ ସୂଚନା ଦେଇଥିଲେ। ମୃତକଙ୍କ ପରିବାର ଲୋକେ ଶନିବାର ଜିଲାପାଳଙ୍କ ସମେତ ଥୁଆମୂଳ ରାମପୁର ଥାନା ଓ ବ୍ଲକ ପ୍ରଶାସନ ପାଖରେ ନରେନ୍ଦ୍ରଙ୍କ ମୃତଦେହ ଆଣିବା ସହ ସରକାରୀ ସହାୟତା ରାଶି ଯୋଗାଇ ଦେବା ପାଇଁ ଲିଖିତ ଅଭିଯୋଗ ମାଧ୍ୟମରେ ନିବେଦନ କରିଛନ୍ତି।

### ସ୍କୁଟିକୁ ପିଟିଲା ଟ୍ରକ୍: ଜଣେ ମୃତ, ଜଣେ ଗୁରୁତର

ଗୋଲାମୁଣ୍ଡା,୧୪।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ନିକଟରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଯୋଗେ ପରିବାରର ୩ଜଣ ଯାଉଥିବା ବେଳେ ଏକ ଟ୍ରକ୍ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣେ ବହୁତ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ଜୟପାଟଣା ଥାନା ଟେମରା ଗାଁର ମିନାକ୍ଷୀ ନାଏକ (୧୭) ଓ ଗୁରୁତର ହେଉଛନ୍ତି ହେମରାଜ ନାଏକ (୪୩) ଓ କଳ୍ପନା ନାଏକ (୩୫)। ସୂଚନା ଯେ, ଏମାନେ କୌଣସି କାମରେ ନୂଆପଡା ଜିଲା ଅନ୍ତର୍ଗତ ସିନାପାଲି ବ୍ରାହ୍ମଣ ପଡାରୁ ନିଜ ଗାଁକୁ ଫେରୁଥିଲେ। ବୃନ୍ଦାବାହାଲ ଛକ ନିକଟରେ ପଛପଟୁ ଏକ ହାଇୱା ଗାଡି ତାଙ୍କ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ମିନାକ୍ଷୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସ୍କୁଟି ଚାଳକ ହେମରାଜଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ଅଗ୍ନିଶ୍ରମ ଗାଡି ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ମୃତକଙ୍କ ପରିବାରବର୍ଗ ମୃତଦେହ ରଖି ରାସ୍ତା ଉପରେ ଧାରଣା ଦେବାରୁ ଧର୍ମଗଡ଼ ସିନାପାଲି ମୁଖ୍ୟ ରାସ୍ତା ଯାତାୟାତ ଠପ ହୋଇଯାଇଥିଲା।

# ମାନବୀୟ ପ୍ରକୃତିର ଅବକ୍ଷୟ ରୋକିବାକୁ ହେବ

### ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସରଣ୍ଡା,୧୪।୧୦(ଯୁଧିଷ୍ଠିର ମହାପାତ୍ର)

ପରସ୍ପର ମଧ୍ୟରେ ସମ୍ପର୍କର ମଧୁରତା, ନିବିଡ଼ତା ଆଉ ଦେଖିବାକୁ ମିଳୁନାହିଁ। ସମାଜରେ ଚରିତ୍ର ବଦଳି ଯାଉଛି। ମାନବୀୟ ପ୍ରକୃତିର ଅବକ୍ଷୟ ହେଉଛି। ଦିନେ ନୂଆଁଖାଇରେ ବାହାରେ ଚାକିରି କରୁଥିବା ପୁଅ ବୋହୂ ଘରକୁ ଆସୁଥିଲେ। ହେଲେ ଆଜି ମା'ବାପା ସେମାନଙ୍କ ପାଖକୁ ଯାଉଛନ୍ତି । ଏପରି ହେଲେ ଆଗାମୀ ୧୦ବର୍ଷ ପରେ ଓଡିଶାରେ ଆଉ ନୂଆଁଖାଇ କେହି ପାଳନ କରୁ ନ ଥିବେ ଏହା ବାହାରକୁ ଚାଲିଯିବ। ପୂର୍ବ ସ୍ଥିତି ଫେରାଇ ଆଣିବାକୁ ହେବ। ସ୍ୱାଭାବିକ ଖାଦ୍ୟ, ବସ୍ତ୍ର,



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ଭାଷା ଓ ଚରିତ୍ରରେ ପରିବର୍ତ୍ତନ କରାଯିବା ଦରକାର। ସମ୍ବଲପୁରୀ କୋଶଳି କହି ନିଜ ନିଜ ଭିତରେ ଲଢେଇ ନ କରି ସାମୂହିକ ଲଢ଼ିବା କଥା। ୪୦ ବର୍ଷ ତଳେ ଥିବା ଆମ ସଂସ୍କୃତି, ପରମ୍ପରା, ଚରିତ୍ର ଓ ସ୍ୱଭାବ ଫେରାଇ ଅଣାଯାଉ ବୋଲି ଶନିବାର ଗୋଡ଼ଭଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍‌ରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ସଂଘ ସଭାପତି ସୁନୀଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ରେଙ୍ଗାଲି ବିଧାୟକ ନାଉରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବାଳକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ କୁମାର ଶତପଥି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ମାଁ ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ୩୮ଜଣ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ସ୍କୁଲ, କଲେଜ ଓ ସମ୍ବଲପୁର ୟୁନିଭର୍ସିଟିର ୩୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହାସ୍ୟକବି ସମ୍ମିଳନୀରେ ହାସ୍ୟ କବିତା ପାଠ କରାଯାଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମରେ ଗୋଡ଼ଭଗା ସାରସ୍ୱତ ମହାବିଦ୍ୟାଳୟ, ଆଦର୍ଶ ସ୍କୁଲର ଛାତ୍ରୀ ଓ ଏକକ ନୃତ୍ୟରେ ସୁଶ୍ରୀ ଅନୁଷ୍କା ମିଶ୍ର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସଂଘର ସଦସ୍ୟ ଅକ୍ଷୟ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।




ନୂଆଁଖାଇ ଭେଟ୍‌ର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ।

# ସମଲେଶ୍ୱରୀ କଳା ପରିଷଦର ନୂଆଁଖାଇ ଭେଟ୍

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସୌଖୀନ ରଙ୍ଗମଞ୍ଚଠାରେ ମାଁ ସମଲେଶ୍ୱରୀ କଳା ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ପରିଷଦର ସଭାପତି ଉଦିତ ବୋନ୍ଦିଆ ମାଁ ସମଲେଇଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ କଳାକାର ସଂଘ ସଭାପତି ଚୈତନ୍ୟ ପାଇକ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ, ସମ୍ପାଦକ ଡୋଲାମଣି ଶତପଥୀ, ନୃତ୍ୟ ନିର୍ଦ୍ଦେଶକ ଅସିତ୍ ପ୍ରଧାନ, ନୃତ୍ୟ ନିର୍ଦ୍ଦେଶିକା ସଙ୍ଗୀତା ସିଂ, ମୀନା ମାଖତ୍ୟା, ଉପସଭାପତି ଅନିରୁଦ୍ଧ ପାଇକ, ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ରବିବାର ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ଏବଂ କଳା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

### ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୪।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଛିନ୍ଦପାଣି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉମନ୍ତି ରଣା ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ୟାମଲାଲ ପ୍ରଧାନ ମୁଖ୍ୟଅତିଥି, ଗୁରୁଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା, ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ଇତ୍ୟାଦି ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।


ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com




@ ବିବେକାନନ୍ଦ



@ ବିଶ୍ୱନାଥ



@ ତଥାଗତ


ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


# ଖଟିଆରେ ବୁହାହୋଇ ରୋଗୀ ନଦୀପାର

ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)

ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ କଳାହାଣ୍ଡି ଜିଲାର ଦୁର୍ଗମ ଅଞ୍ଚଳରେ ସବୁ ଦିନିଆ ରାସ୍ତା ଓ ପୋଲ ନ ଥିବାରୁ ବିଭିନ୍ନ ସମୟରେ ଖଟିଆରେ ବୁହାହୋଇ ଡାକ୍ତରଖାନା ଯାଉଛନ୍ତି ରୋଗୀ। ଶନିବାର ଏଭଳି ପୁଣି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପୀ ପଞ୍ଚାୟତର ଖମନପଡା ଗ୍ରାମରେ । ଖମନପଡାର ଚନ୍ଦ୍ରିକା ଗଉଡ଼ ନାମ୍ନୀ ଜଣେ ବୃଦ୍ଧା ପଡିଯାଇ ସେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଖମନପଡା ଗାଁକୁ ଯିବାପାଇଁ ସବୁଦିନିଆ ରାସ୍ତା ନ ଥିବାବେଳେ ବାଟରେ ପଡୁଥିବା ବାଲିଯୋର ନଦୀରେ



ଖଟିଆରେ ବୋହି ବୃଦ୍ଧାଙ୍କୁ ନିଆଯାଉଛି।

ପୋଲ ମଧ୍ୟ ନାହିଁ। ଫଳରେ ଆମ୍ବୁଲାନ୍ସ ଅଧାବାଟ ଦେର୍ଲା ଛକ ନିକଟରେ ଅଟକି ରହିଲା। ପରେ ପରିବାର ଓ ସମ୍ପର୍କୀୟମାନେ ଖଟିଆରେ କାନ୍ଧେଇ

■ରାସ୍ତା ନାହିଁ କି ପୋଲ ନାହିଁ

■ଅଧା ବାଟରେ ଅଟକିଲା ଆମ୍ବୁଲାନ୍ସ

ଚନ୍ଦ୍ରିକାଙ୍କୁ ବାଲିଯୋର ନଦୀ ପାରକରି ପ୍ରାୟ ୫ କିଲୋମିଟର ମୁଖ୍ୟ ରାସ୍ତାକୁ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ଚନ୍ଦ୍ରିକାଙ୍କୁ ଥୁଆମୂଳ ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ପରୀକ୍ଷା କରିବା ପରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ଚନ୍ଦ୍ରିକାଙ୍କୁ ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶିଳାନ୍ୟାସ

ଖପ୍ରାଖୋଲ ୧୪।୧୦(ଅଭୟ ତ୍ରିପାଠୀ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଓଡ଼ିଆପାଲି ପଞ୍ଚାୟତ ଭାଲୁଡୁଙ୍ଗୁରି ରୁ କପସିପାଲି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କାମରେ ଶିଳାନ୍ୟାସ ଗୋଟିଏ ଦିନରେ ଦୁଇଟି ସ୍ଥାନରେ ହୋଇଛି। ଯାହାକୁ ନେଇ ଅଞ୍ଚଳରେ ଜୋର୍ ଚର୍ଚ୍ଚା ଧରିଛି। ଶନିବାର ମଧ୍ୟାହ୍ନରେ ବଲାଙ୍ଗିର ଲୋକସଭା ସଦସ୍ୟ (ଏମ୍‌ପି) ସଙ୍ଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି ରୂପେ ଯୋଗଦେଇ ଭାଲୁଡୁଙ୍ଗୁରୀ ଗାଁ ମୁଣ୍ଡରେ ରାସ୍ତାକାମର ଶିଳାନ୍ୟାସ କରିଥିଲେ। ପାଟଣାଗଡ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଇ. ବର୍ଷାରାଣି ପାଗଡ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଜିତ କୁମାର ପାଢ଼ୀ, କନିଷ୍ଠ ଯନ୍ତ୍ରୀ ନବୀନ ବାହାଲା, ପ୍ରମୁଖ ଯୋଗଦେଇ ପୂଜାପାଠ ସହ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରବୀଣ ଅଗ୍ରୱାଲ, ପଞ୍ଚୁ ଦେବ ସାହୁ, ଉପେନ୍ଦ୍ର ଭୋଇ, ସତ୍ୟାନନ୍ଦ ସେହ୍ନିଆ, ଗଣେଶ ସାହୁ ସମେତ ଭାଲୁଡୁଙ୍ଗୁରି ଗ୍ରାମବାସୀ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପ ପାଇଁ ପିଡବ୍ଲୁଡ଼ି ରାସ୍ତାରୁ କପସିପାଲି ଭାୟା ଭାଲୁଡୁଙ୍ଗୁରି ୭ କିମି ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ ବରାଦରେ କାମ ହେବ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ। ଅନ୍ୟ ପଟେ ନିଜ ସମର୍ଥକଙ୍କୁ ନେଇ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର ରାସ୍ତାର ଅନ୍ୟ ମୁଣ୍ଡରେ କପସିପାଲିଠାରେ ଅପରାହ୍ନରେ ନଡ଼ିଆ ଭାଙ୍ଗି ଶିଳାନ୍ୟାସ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ କୌଣସି ବିଭାଗୀୟ ଅଧିକାରୀ ନ ଥିବା ବେଳେ ବ୍ଲକ ଅଧ୍ୟକ୍ଷା ନିରୁପମା ପଟେଲ, ରମେଶ ପ୍ରଧାନ, ପବିତ୍ର ପଟେଲ, ଗୋବିନ୍ଦ ବାରିକ, ଇନ୍ଦ୍ରମଣି ସାହୁ, ଟୁଲୁ ପ୍ରଧାନ,ସୁବାସ ଛୁରା ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ମଝିପଡ଼ା କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡାର ୫୫ତମ ସାର୍ବଜନୀନ କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର କାଳୀପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତ ବର୍ଷ କାଳୀପୂଜାର ଆୟ ବ୍ୟୟ ଉପରେ ଆଲୋଚନା ହୋଇଥିଲା । ପରେ ଚଳିତ ବର୍ଷର ପୂଜା ସମ୍ପର୍କରେ ଆଲୋଚନା କରାଯାଇ ବ୍ୟୟ ଅଟକଳ ୨୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ପୁରେନ୍ଦ୍ର ନାଏକ, ଉପସଭାପତି ସୁରଜ ସାହୁ, ସମ୍ପାଦକ ବୁବୁନ ନାଏକ, କୋଷାଧକ୍ଷ ରାଜୀବ ସାହୁ, ସାଂସ୍କୃତିକ କମିଟି ମୁଖ୍ୟ ନନ୍ଦ ନେଗୀଙ୍କୁ ମନୋନୀତ କରାଯାଇଛି। ଚଳିତବର୍ଷ ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ଜିଲା, ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ସହ ନୂତନ ଆଲୋକମାଳା ଓ ସୁନ୍ଦର ତୋରଣ ଏବଂ ମା'କାଳୀଙ୍କ ପାଇଁ କିଛି ନୂତନ ଅଳଙ୍କାର ଗଢିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଦୀର୍ଘ ୧୫ ଦିନ ଧରି ଏହି କାଳୀପୂଜା ମହୋତ୍ସବ ପାଳିତ ହେବ ବୋଲି କାଉନସିଲର ତଥା ଯୋଜନା ବୋର୍ଡ ସଦସ୍ୟ ପିୟୁଷ ପଣ୍ଡା ପ୍ରକାଶ କରିଛନ୍ତି। ମନବୋଧ ଭୋଇ, ଭାକୋଡୋ ସ୍ୱାଇଁ, ଲଡ୍ଡୁ ମଲ୍ଲିକ, ହରି ସାହୁ, ୟାସିନ ମହମ୍ମଦ, ଗୋପାଳ ମେହେର, ବାଲୁ ସରାଫ, ଚନ୍ଦନ ସାହୁ, ମନୋରଞ୍ଜନ ତ୍ରିପାଠୀ, ସତ୍ୟଦରୱାନ, କମଳାକାନ୍ତ ସାହୁ, ରଞ୍ଜିତ ସାହୁ, ସତ୍ୟ ଦେହୁରୀ, ସିପୁନ ନାଏକ ଓ ଦିଲ୍ଲୀପ ସାହୁ ଏବଂ ଆୟୋଜକ ରାମଧୁନ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



ପୂଜା ପ୍ରସ୍ତୁତି ବୈଠକରେ ଉପସ୍ଥିତ କମିଟିର ସଭ୍ୟବୃନ୍ଦ।

# ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ଆହ୍ୱାନ

### ସଂଯୁକ୍ତ ବିଦ୍ୟାର୍ଥୀ ପ୍ରଭାତ ଶାଖାର ବାର୍ଷିକୋତ୍ସବ

ଅମରପାଲି,୧୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ଭଙ୍ଗାମୁଣ୍ଡା ସ୍ଥିତ ଗାୟତ୍ରୀ ଆବାସିକ ଶିକ୍ଷା ନିକେତନ ପରିସରରେ ମହାଳୟା ତିଥି ଅବସରରେ ଶ୍ରୀନିବାସ ରାମାନୁଜନ ସଂଯୁକ୍ତ ବିଦ୍ୟାର୍ଥୀ ପ୍ରଭାତ ଶାଖାର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଉଲୁଣ୍ଡା ଖଣ୍ଡର ଅତିରିକ୍ତ ଶିକ୍ଷା ଉନ୍ନୟନ ଅଧିକାରୀ ମାର୍କଣ୍ଡ ମିଶ୍ର ଓ ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ପଶ୍ଚିମ ପ୍ରାନ୍ତର ପର୍ଯ୍ୟାବରଣ ପ୍ରମୁଖ କାନ୍ତା ପ୍ରସାଦ ଚନ୍ଦ୍ରକାନ୍ତା ଯୋଗ ଦେଇଥିଲେ। ଏଥିରେ ପ୍ରଥମ ପର୍ଯ୍ୟାୟରେ ଶାରୀରିକ କୌଶଳ ପ୍ରଦର୍ଶନରେ ଦଣ୍ଡ, ସମତା, ଦଣ୍ଡ ଯୁଦ୍ଧ ଆଦି କୌଶଳ ପ୍ରଦର୍ଶନ କରଯାଇଥିଲା । ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ସମାଜରେ ଜଣେ ଭଲ ମଣିଷ ହେବା ପାଇଁ ଛାତ୍ର ଜୀବନରୁ ପ୍ରୟାସ ଓ ପରିଶ୍ରମ କରିବା ଦରକାର ବୋଲି ପ୍ରକାଶ କରିବା ସହିତ ରାଷ୍ଟ୍ର ଗଠନରେ ରାଷ୍ଟ୍ରୀୟ ସ୍ୱୟଂ ସେବକର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା କାନ୍ତା ପ୍ରସାଦ ଚନ୍ଦ୍ରକାନ୍ତା ରାଷ୍ଟ୍ରୀୟ ସ୍ୱୟଂସେବକର ବିଚାରଧାରା ଏବଂ ରାଷ୍ଟ୍ର ଗଠନରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହା ସହିତ ଅତିଥିମାନେ ରାଷ୍ଟ୍ର ଗଠନରେ ବ୍ରତୀ ହେବାକୁ ଆହାନ କରିଥିଲେ। ବାର୍ଷିକୋତ୍ସବରେ ଅନୁଷ୍ଠାନର ଶତାଧିକ ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ଶ୍ରୀନିବାସ ରାମାନୁଜନ ସଂଯୁକ୍ତ ବିଦ୍ୟାର୍ଥୀ ପ୍ରଭାତ ଶାଖାର ପାଳକ ଅଧିକାରୀ ପଙ୍କଜ ଖମାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଶାଖାର କାର୍ଯ୍ୟବାହ ତଥା ଗାୟତ୍ରୀ ଆବାସିକ ଶିକ୍ଷା ନିକେତନର ପ୍ରଧାନ ଶିକ୍ଷକ ବିବରଣୀ ପାଠ କରିଥିଲେ। ସଭା ଶେଷରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।




ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### କେରଳରେ ପୁଣି ଜଣେ ଓଡ଼ିଆ ଦାଦନ ଶ୍ରମିକ ମୃତ

ଥୁଆମୂଳ ରାମପୁର,୧୪।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡିରେ ସରୁନାହିଁ ଦାଦନ ଦୁଃଖ। ଶୁକ୍ରବାର ଜିଲାର କଲମପୁର ବ୍ଲକ ଦୁଲକିବନ୍ଧ ଗ୍ରାମର ବିଭୁତି ଲେଞ୍ଜିଆ (୨୩) ଜଣେ ଦାଦନ ଶ୍ରମିକ ଗୋଆକୁ ଦାଦନ ଖଟିବାକୁ ଯାଇ ସେଠାରେ ନିର୍ମାଣାଧୀନ କୋଠା ଛାତରୁ ପଡି ମୃତ୍ୟୁବରଣ କରିଥିଲେ। ଏହି ଘଟଣାର ଦିନକ ପରେ ଶନିବାର ପୁଣି ଜିଲାର ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଅମଠା ଗୁଡା ଗ୍ରାମର ନରେନ୍ଦ୍ର ମାଝି (୨୯) ଜଣେ ଯୁବକ କେରଳକୁ ଦାଦନ ଖଟିବାକୁ ଯାଇ ସେଠାରେ ମୃତ୍ୟୁ ବରଣ କରିଛନ୍ତି। ୪ ମାସ ତଳେ ଗ୍ରାମର ସହକର୍ମୀଙ୍କ ସହ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ସେ ଏକ କ୍ରସର କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ନରେନ୍ଦ୍ର କାମ କରୁଥିବା ବେଳେ ଏକ ପଥର ଖଣ୍ଡ ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ନରେନ୍ଦ୍ରଙ୍କ ଜଣେ ସହକର୍ମୀ ସୂଚନା ଦେଇଥିଲେ। ମୃତକଙ୍କ ପରିବାର ଲୋକେ ଶନିବାର ଜିଲାପାଳଙ୍କ ସମେତ ଥୁଆମୂଳ ରାମପୁର ଥାନା ଓ ବ୍ଲକ ପ୍ରଶାସନ ପାଖରେ ନରେନ୍ଦ୍ରଙ୍କ ମୃତଦେହ ଆଣିବା ସହ ସରକାରୀ ସହାୟତା ରାଶି ଯୋଗାଇ ଦେବା ପାଇଁ ଲିଖିତ ଅଭିଯୋଗ ମାଧ୍ୟମରେ ନିବେଦନ କରିଛନ୍ତି।

### ସ୍କୁଟିକୁ ପିଟିଲା ଟ୍ରକ୍: ଜଣେ ମୃତ, ଜଣେ ଗୁରୁତର

ଗୋଲାମୁଣ୍ଡା,୧୪।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ବୃନ୍ଦାବାହାଲ ଛକ ନିକଟରେ ଶନିବାର ସକାଳେ ଏକ ଦୁର୍ଘଟଣା ଘଟିଛି। ଏକ ସ୍କୁଟି ଯୋଗେ ପରିବାରର ୩ଜଣ ଯାଉଥିବା ବେଳେ ଏକ ଟ୍ରକ୍ ପଛପଟୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ୨ଜଣଙ୍କ ମଧ୍ୟରୁ ଜଣେ ବହୁତ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି। ମୃତକ ହେଉଛନ୍ତି ଜୟପାଟଣା ଥାନା ଟେମରା ଗାଁର ମିନାକ୍ଷୀ ନାଏକ (୧୭) ଓ ଗୁରୁତର ହେଉଛନ୍ତି ହେମରାଜ ନାଏକ (୪୩) ଓ କଳ୍ପନା ନାଏକ (୩୫)। ସୂଚନା ଯେ, ଏମାନେ କୌଣସି କାମରେ ନୂଆପଡା ଜିଲା ଅନ୍ତର୍ଗତ ସିନାପାଲି ବ୍ରାହ୍ମଣ ପଡାରୁ ନିଜ ଗାଁକୁ ଫେରୁଥିଲେ। ବୃନ୍ଦାବାହାଲ ଛକ ନିକଟରେ ପଛପଟୁ ଏକ ହାଇୱା ଗାଡି ତାଙ୍କ ସ୍କୁଟିକୁ ଧକ୍କା ଦେଇ ଫେରାର ହୋଇଯାଇଛି। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ମିନାକ୍ଷୀଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସ୍କୁଟି ଚାଳକ ହେମରାଜଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ଅଗ୍ନିଶ୍ରମ ଗାଡି ଯୋଗେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବୁର୍ଲା ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ନେଇ ମୃତକଙ୍କ ପରିବାରବର୍ଗ ମୃତଦେହ ରଖି ରାସ୍ତା ଉପରେ ଧାରଣା ଦେବାରୁ ଧର୍ମଗଡ଼ ସିନାପାଲି ମୁଖ୍ୟ ରାସ୍ତା ଯାତାୟାତ ଠପ ହୋଇଯାଇଥିଲା।

### ମଝିପଡ଼ା କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ମଝିପଡାର ୫୫ତମ ସାର୍ବଜନୀନ କାଳୀପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର କାଳୀପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗତ ବର୍ଷ କାଳୀପୂଜାର ଆୟ ବ୍ୟୟ ଉପରେ ଆଲୋଚନା ହୋଇଥିଲା। ପରେ ଚଳିତ ବର୍ଷର ପୂଜା ସମ୍ପର୍କରେ ଆଲୋଚନା କରାଯାଇ ବ୍ୟୟ ଅଟକଳ ୨୫ ଲକ୍ଷ ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ପୁରେନ୍ଦ୍ର ନାଏକ, ଉପସଭାପତି ସୁରଜ ସାହୁ, ସମ୍ପାଦକ ବୁବୁନ ନାଏକ, କୋଷାଧକ୍ଷ ରାଜୀବ ସାହୁ, ସାଂସ୍କୃତିକ କମିଟି ମୁଖ୍ୟ ନନ୍ଦ ନେଗୀଙ୍କୁ ମନୋନୀତ କରାଯାଇଛି। ଚଳିତବର୍ଷ ପୂଜାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ଆଲୋଚନା ହୋଇଥିଲା। ଜିଲା, ରାଜ୍ୟ ତଥା ରାଜ୍ୟ ବାହାର କଳାକାରମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ, ମୀନାବଜାର ସହ ନୂତନ ଆଲୋକମାଳା ଓ ସୁନ୍ଦର ତୋରଣ ଏବଂ ମା'କାଳୀଙ୍କ ପାଇଁ କିଛି ନୂତନ ଅଳଙ୍କାର ଗଢିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଦୀର୍ଘ ୧୫ ଦିନ ଧରି ଏହି କାଳୀପୂଜା ମହୋତ୍ସବ ପାଳିତ ହେବ।

# ମାନବୀୟ ପ୍ରକୃତିର ଅବକ୍ଷୟ ରୋକିବାକୁ ହେବ

**ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

ସରଣ୍ଡା,୧୪।୧୦(ଯୁଧିଷ୍ଠିର ମହାପାତ୍ର)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

ପରସ୍ପର ମଧ୍ୟରେ ସମ୍ପର୍କର ମଧୁରତା, ନିବିଡ଼ତା ଆଉ ଦେଖିବାକୁ ମିଳୁନାହିଁ। ସମାଜରେ ଚରିତ୍ର ବଦଳି ଯାଉଛି। ମାନବୀୟ ପ୍ରକୃତିର ଅବକ୍ଷୟ ହେଉଛି। ଦିନେ ନୂଆଁଖାଇରେ ବାହାରେ ଚାକିରି କରୁଥିବା ପୁଅ ବୋହୂ ଘରକୁ ଆସୁଥିଲେ। ହେଲେ ଆଜି ମା'ବାପା ସେମାନଙ୍କ ପାଖକୁ ଯାଉଛନ୍ତି । ଏପରି ହେଲେ ଆଗାମୀ ୧୦ବର୍ଷ ପରେ ଓଡିଶାରେ ଆଉ ନୂଆଁଖାଇ କେହି ପାଳନ କରୁ ନ ଥିବେ ଏହା ବାହାରକୁ ଚାଲିଯିବ। ପୂର୍ବ ସ୍ଥିତି ଫେରାଇ ଆଣିବାକୁ ହେବ। ସ୍ୱାଭାବିକ ଖାଦ୍ୟ, ବସ୍ତ୍ର, ଭାଷା ଓ ଚରିତ୍ରରେ ପରିବର୍ତ୍ତନ କରାଯିବା ଦରକାର। ସମ୍ବଲପୁରୀ କୋଶଳି କହି ନିଜ ନିଜ ଭିତରେ ଲଢେଇ ନ କରି ସାମୂହିକ ଲଢ଼ିବା କଥା। ୪୦ ବର୍ଷ ତଳେ ଥିବା ଆମ ସଂସ୍କୃତି, ପରମ୍ପରା, ଚରିତ୍ର ଓ ସ୍ୱଭାବ ଫେରାଇ ଅଣାଯାଉ ବୋଲି ଶନିବାର ଗୋଡ଼ଭଗା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ ପକ୍ଷରୁ ଅନୁଷ୍ଠିତ ନୂଆଁଖାଇ ଭେଟ୍‌ଘାଟ୍‌ରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି ।

ସଂଘ ସଭାପତି ସୁନୀଲ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟଅତିଥି, ରେଙ୍ଗାଲି ବିଧାୟକ ନାଉରୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବାଳକୃଷ୍ଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁଶାନ୍ତ କୁମାର ଶତପଥି ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ମାଁ ସମଲେଇଙ୍କ ଫଟୋଚିତ୍ରରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ କରି ୩୮ଜଣ ବୟୋଜ୍ୟେଷ୍ଠଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ ସ୍କୁଲ, କଲେଜ ଓ ସମ୍ବଲପୁର ୟୁନିଭର୍ସିଟିର ୩୧ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହାସ୍ୟକବି ସମ୍ମିଳନୀରେ ହାସ୍ୟ କବିତା ପାଠ କରାଯାଇଥିଲା। ସଂସ୍କୃତିକ କାର୍ଯ୍ୟକ୍ରମରେ ଗୋଡ଼ଭଗା ସାରସ୍ୱତ ମହାବିଦ୍ୟାଳୟ, ଆଦର୍ଶ ସ୍କୁଲର ଛାତ୍ରୀ ଓ ଏକକ ନୃତ୍ୟରେ ସୁଶ୍ରୀ ଅନୁଷ୍କା ମିଶ୍ର ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ସଂଘର ସଦସ୍ୟ ଅକ୍ଷୟ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



ନୂଆଁଖାଇ ଭେଟ୍‌ର ଉଦ୍‌ଘାଟନୀ ସମାରୋହରେ ଅତିଥିବୃନ୍ଦ ।

## ସମଲେଶ୍ୱରୀ କଳା ପରିଷଦର ନୂଆଖାଇ ଭେଟ୍

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସୌଖୀନ ରଙ୍ଗମଞ୍ଚଠାରେ ମାଁ ସମଲେଶ୍ୱରୀ କଳା ପରିଷଦ ଆନୁକୂଲ୍ୟରେ ନୂଆଁଖାଇ ଭେଟ୍‌ଘାଟ୍ ଅବସରରେ ନୃତ୍ୟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ପରିଷଦର ସଭାପତି ଉଦିତ ବୋହିଦିଆ ମାଁ ସମଲେଇଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହିତ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ କଳାକାର ସଂଘ ସଭାପତି ଚୈତନ୍ୟ ପାଇକ, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ, ମିଳିତ କଳାକାର ମଞ୍ଚ ଅଧ୍ୟକ୍ଷ ଶଙ୍କର ପଟ୍ଟନାୟକ, ସମ୍ପାଦକ ଡୋଲାମଣି ଶତପଥୀ, ନୃତ୍ୟ ନିର୍ଦ୍ଦେଶକ ଅସିତ୍ ପ୍ରଧାନ, ନୃତ୍ୟ ନିର୍ଦ୍ଦେଶିକା ସଙ୍ଗୀତା ସିଂ, ମୀନା ମାଖତ୍ୟା, ଉପସଭାପତି ଅନିରୁଦ୍ଧ ପାଇକ, ସମ୍ପାଦିକା ପୁଷ୍ପାଞ୍ଜଳି ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ରବିବାର ଉକ୍ତ କାର୍ଯ୍ୟକ୍ରମ ଉଦ୍‌ଯାପିତ ହେବ ଏବଂ କଳା, ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପ୍ରତିଭାଧାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ବନ୍ୟପ୍ରାଣୀ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା,୧୪।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଛିନ୍ଦପାଣି ଉଚ୍ଚ ବିଦ୍ୟାଳୟଠାରେ ଜାତୀୟ ବନ୍ୟପ୍ରାଣୀ ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଉମନ୍ତି ରଣା ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ୟାମଲାଲ ପ୍ରଧାନ ମୁଖ୍ୟଅତିଥି, ଗୁରୁଦେବ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ମୁଖ୍ୟବକ୍ତା ଭାବରେ ଯୋଗଦେଇ ବନ୍ୟପ୍ରାଣୀ ସୁରକ୍ଷା, ଜଙ୍ଗଲ ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି କରିବା, ନିଆଁ ଦାଉରୁ ଜଙ୍ଗଲ ରକ୍ଷା କରିବା ଇତ୍ୟାଦି ଉପରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ଏହି ଉପଲକ୍ଷେ କୁଇଜ ଓ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com


@ ବିବେକାନନ୍ଦ


@ ବିଶ୍ୱନାଥ


@ ତଥାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମହାଳୟା ଅବସରରେ ପ୍ରଭାତ ଫେରି

ବନ୍ଧମୁଣ୍ଡା,୧୪।୧୦ (ସୁବ୍ରତ ଡେ)




ମହାଳୟା ଅବସରରେ ଶନିବାର ସକାଳେ ବନ୍ଧମୁଣ୍ଡା ସି ସେକ୍ଟର ସ୍ଥିତ ଦୁର୍ଗା ପୂଜା କମିଟି ଦ୍ୱାରା ପ୍ରଭାତ ଫେରି ବାହାରିଥିଲା। ବାଙ୍ଗଭାରତୀରୁ ବାହାରି ଥିବା ଏହି ପ୍ରଭାତ ଫେରି ସି ସେକ୍ଟର କଲୋନୀ ପରିକ୍ରମା କରି ଦୁର୍ଗା ପୂଜା ମଣ୍ଡପରେ ପହଞ୍ଚିଥିଲା। ଏହି ଅବସରରେ କମିଟିର ମହିଳା ସଦସ୍ୟମାନେ ପାରମ୍ପାରିକ ପୋଷାକ ପିନ୍ଧି ପ୍ରଭାତ ଫେରୀରେ ଅଂଶଗ୍ରହଣ କରି ସମଗ୍ର ଅଞ୍ଚଳ ବୁଲିଥିଲେ। କମିଟିର ଉଜ୍ଜ୍ୱଳ ଭଟ୍ଟାଚାର୍ଯ୍ୟ କହିଛନ୍ତି, ମହାଳୟା ଦିନ ମା'ଙ୍କ ସ୍ୱାଗତ କରାଯାଏ। ଏହି ଅବସରରେ ସମଗ୍ର ଦେଶବାସୀଙ୍କ ପାଇଁ ମାତା ଦୁର୍ଗାଙ୍କ ନିକଟରେ ସୁଖ ଏବଂ ସମୃଦ୍ଧତା ପ୍ରାର୍ଥନା କରାଯାଇଥାଏ।

## ଉଧାର ଟଙ୍କା ଫେରସ୍ତ କଲେନି, ଯୁବକ ଗିରଫ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ମଧୁସୂଦନପାଲି ଅଞ୍ଚଳର ଜଣେ ଯୁବକ ଅନ୍ୟ ଜଣେ ଯୁବତୀ କେ. ତୁଳସୀ ସ୍ୱରଣଙ୍କଠାରୁ ୫ଲକ୍ଷ ଟଙ୍କା ଉଧାର ନେଇ ଫେରସ୍ତ କରୁ ନ ଥିଲେ। ଏ ନେଇ ସମ୍ପୃକ୍ତ ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଶନିବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ହରିଶ ଚନ୍ଦ୍ର କାଠୋର(୨୪)। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୧/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି।

## ବିଶ୍ରାରେ ଅଫିସ, ରାଉରକେଲାରେ କାମ

ବିଶ୍ରା,୧୪।୧୦(ବଟ କୃଷ୍ଣ ସ୍ୱାଇଁ)

ବିଶ୍ରାରେ ବିଇଓ କାର୍ଯ୍ୟାଳୟ। ହେଲେ ଅଧିକାରୀ କାର୍ଯ୍ୟାଳୟ ଚାଲିଛି ରାଉରକେଲାରେ। ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ବିଶ୍ରା ଉଚ୍ଚବିଦ୍ୟାଳୟ ଖେଳ ପଡିଆରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଚଳିତ ବର୍ଷ ଏହାର ବ୍ୟତିକ୍ରମ ଦେଖାଦେଇଛି। ବିଶ୍ରାର କୌଣସି ଖେଳ ପଡିଆରେ ଖେଳ ନ ହୋଇ ପୌରପାଳିକାରେ କରାଯାଉଥିବାରୁ ଖେଳ ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ବିଶ୍ରାରେ ବିଇଓ କାର୍ଯ୍ୟାଳୟ ଥିବାବେଳେ କିପରି ଭାବେ ସମସ୍ତ ପ୍ରକାର କ୍ରୀଡା ପ୍ରତିଯୋଗିତା ପୌରପାଳିକାରେ କରାଯାଉଛି ଏବଂ ଏହାକୁ କିଏ ଅନୁମତି ଦେଇଛି ବୋଲି ପ୍ରଶ୍ନ କରିଛନ୍ତି। ବ୍ଲକ ସ୍ତରୀୟ କବାଡି ପ୍ରତିଯୋଗିତା ପାଇଁ ଶିକ୍ଷା ଅଧିକାରୀ କିପରି ରାଉରକେଲାକୁ ବାଛିଲେ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। କ୍ରୀଡା ଶିକ୍ଷକମାନେ ଅଭିଯୋଗ କରିଛନ୍ତି, ବ୍ଲକ ଶିକ୍ଷା ଅଧିକାରୀ ଅଫିସ ସବୁ ବିଶ୍ରାରେ ଅବସ୍ଥିତ। କିନ୍ତୁ କାହିଁକି ସବୁ ପ୍ରତିଯୋଗିତା ବିଶ୍ରା ସଦର ମହକୁମାରେ କରା ନ ଯାଇ ୩୦ କିଲୋମିଟର ଦୂର ପୌରପାଳିକାରେ କରାଯାଉଛି। ଏହାର ତଦନ୍ତ କରିବାକୁ ସ୍ଥାନୀୟ ଲୋକ ପ୍ରତିନିଧି ଅଭିଯୋଗ କରିଛନ୍ତି। ବିଶ୍ରାରୁ ରାଉରକେଲା ୧୫ କିଲୋମିଟର ହୋଇଥିବା ବେଳେ ବିଶ୍ରାରୁ ସୀମାନ୍ତ ବିଦ୍ୟାଳୟ ୨୫ କିଲୋମିଟର। ଫଳରେ ଶିକ୍ଷକ ଓ ଛାତ୍ରୀଛାତ୍ରଙ୍କୁ ଯିବାରେ ଅସୁବିଧା ହେଉଛି। ଏନେଇ ସୁକୁଡ଼ା ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ହୁର୍ଡାନନ୍ଦ ମାହାତ, ପ୍ରଭାତ ନାୟକ, ବୁଧାୟ ମୁର୍ମୁ ପ୍ରମୁଖ ବିଇଓ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ କରି ନ ଥିବାରୁ ଯୋଗାଯୋଗ ହୋଇପାରି ନାହିଁ।

## ଇଏସ୍‌ଆଇସି ହସ୍ପିଟାଲରେ ଚିକିତ୍ସା ସହାୟତା ଉଚ୍ଛେଦକୁ ବିରୋଧ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

କର୍ମଚାରୀ ରାଜ୍ୟ ବୀମା ନିଗମ (ଇଏସ୍‌ଆଇସି) ମହାନିର୍ଦ୍ଦେଶକ ଗତ ତା୧୬।୦୯।୨୩ରିଖରେ ବୀମା ଯୋଜନା ରୋଗୀଙ୍କୁ ଘରୋଇ ସୁପରସ୍ପେଶାଲିଟି ହସ୍ପିଟାଲରେ ଚିକିତ୍ସା ସୁବିଧା ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାର ବିରୋଧ କରି ଶୁକ୍ରବାର ଜେଲରୋଡ଼ ସ୍ଥିତ ଇଏସ୍‌ଆଇସି ମଡେଲ ହସ୍ପିଟାଲ ସମ୍ମୁଖରେ ଏକ ମିଳିତ ଟ୍ରେଡ଼ ୟୁନିୟନ ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଜୟନ୍ତୀ ବେହେରାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା।

ରାଉରକେଲାରେ ୨ଶହ ଶଯ୍ୟା ବିଶିଷ୍ଟ ସୁପରସ୍ପେଶାଲିଟି ହସ୍ପିଟାଲରେ ଚିକିତ୍ସା ସହାୟତା ଉଚ୍ଛେଦ ନିର୍ଦ୍ଦେଶନାମାକୁ ତୁରନ୍ତ ପ୍ରତ୍ୟାହାର, ମଡେଲ ହସ୍ପିଟାଲରେ ରକ୍ତ ନମୁନା ସଂଗ୍ରହ କେନ୍ଦ୍ର ତଳ ମହଲାରେ କରିବା, ଔଷଧ ବିତରଣ ପାଇଁ ୨ଟି କାଉଣ୍ଟର, ଏକ୍ସ-ରେ ଓ ଡିଜିଟାଲ ଏକ୍ସ-ରେ, ଅଲଟ୍ରାସାଉଣ୍ଡ ବ୍ୟବସ୍ଥା ଆରମ୍ଭ କରିବା, ରୋଗୀଙ୍କ ଖାଦ୍ୟ ମାନରେ ଉନ୍ନତି ଆଣିବା ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି। ଏହା ବ୍ୟତୀତ ଇଏସ୍‌ଆଇ ଆଞ୍ଚଳିକ କମିଟିର ନିଷ୍ପତ୍ତି ମୁତାବକ ରାଉରକେଲାରେ ଇଏସ୍‌ଆଇ ମେଡ଼ିକାଲ କଲେଜ ଓ ସୁପରସ୍ପେଶାଲିଟି ହସ୍ପିଟାଲ ପ୍ରତିଷ୍ଠା ସମ୍ପର୍କରେ ତୁରନ୍ତ ପଦକ୍ଷେପ ନେବାକୁ ମିଳିତ ଟ୍ରେଡ୍ ୟୁନିୟନର ସଦସ୍ୟମାନେ ଦାବି କରିଥିଲେ। ଇଏସ୍‌ଆଇ ଆଞ୍ଚଳିକ କମିଟି ସଭ୍ୟ ତଥା ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ବିଷ୍ଣୁ ମହାନ୍ତି, ହିନ୍ଦ୍ ମଜଦୁର ସଭା ରାଜ୍ୟ ସମ୍ପାଦକ ଦିଗମ୍ବର ମହାନ୍ତି, ଆଇଏନ୍‌ଟିୟୁସିର ଜିଲା ସଭାପତି ନିହାର ଦାସ, ୟୁଟିୟୁସିର ବିଷ୍ଣୁ ପଣ୍ଡା, ଏଆଇଟିୟୁସିର କୈଳାସ ଚନ୍ଦ୍ର ନାୟକ, ଏଆଇସିସିଟିୟୁର ମନିନ୍ଦ୍ର ସାମଲ, ଏଲପିଏଫ୍‌ର ରମେଶ ଚନ୍ଦ୍ର ସାହୁ, ଜିଏମ୍ଏମ୍‌ର ସଞ୍ଜୟ ପଣ୍ଡା, ସିଟୁର ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ଅରୁଣ ପରିଡ଼ା, ମହେଶ୍ୱର ମହାପାତ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କଲ୍ୟାଣୀ ରାୟ କଲେଜ ଚାମ୍ପିୟନ

**ଆନ୍ତଃ କଲେଜ ଫୁଟ୍‌ବଲ ପ୍ରତିଯୋଗିତା**

ଅତାବିରା/ସରଣ୍ଡା,୧୪।୧୦ (ହୃଷୀକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜ ଖେଳ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ କଲେଜ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତାବିରା ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ପ୍ରାଧ୍ୟାପିକା ଜୟକୁମାରୀ ମିଶ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଧିକାରୀ ପିଣ୍ଟୁ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ୪ଦିନ ଧରି ଚାଲିଥିବା ଜୋନ-ଏ ପ୍ରତିଯୋଗିତାରେ ୧୮ ଦଳ ଅଂଶଗ୍ରହଣ କରିଥିଲେ। ଏଠାରୁ ଧମାର ମାଁ ଝାଡ଼େଶ୍ୱରୀ କଲେଜ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହପରି ୨୨ ଦଳ ମଧ୍ୟରେ ରାଉରକେଲା ନୀଳଶୈଳ କଲେଜରେ ଚାଲିଥିବା ଜୋନ-ବି ପ୍ରତିଯୋଗିତାରୁ ରାଉରକେଲା କଲ୍ୟାଣୀ ରାୟ କଲେଜ ଫାଇନାଲକୁ ଉନ୍ନୀତ ହୋଇଥିଲା। ଲରମ୍ଭା କଲେଜ ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଉରକେଲାର କଲ୍ୟାଣୀ ରାୟ କଲେଜ ପ୍ରତିପକ୍ଷ ଧମାର ମାଁ ଝାଡ଼େଶ୍ୱରୀ କଲେଜକୁ ୧-୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଲରମ୍ଭା କଲେଜର କ୍ରୀଡ଼ା ସମ୍ପାଦକ ପବିତ୍ର ମାହାଣା ବିବରଣୀ ପାଠ କରିଥିଲେ। ସିଦ୍ଧେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

## ସଂକ୍ଷେପରେ

### ସୁନା ବେପାରୀଙ୍କଠାରୁ ସୁନା, ଟଙ୍କା ଲୁଟ

ଗୁଡ଼ଭେଲା,୧୪।୧୦(ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ କପସିଲା ଗ୍ରାମର ସୁନା ବେପାରୀ ମୁରରୀ ବୁଡେକଙ୍କଠାରୁ ଶନିବାର ତିନି ଜଣ ଦୁର୍ବୃତ୍ତ ମାଡମାରିଏକଭରିସୁନାସହ୫ରୁ୭ହଜାର ଟଙ୍କା ଲୁଟି ନେଇଥିବା ବୁଡେକ ଅଭିଯୋଗ କରିଛନ୍ତି। ଏନେଇ ତୁଷୁରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଇଁତଲା ବ୍ଲକ ଅନ୍ତର୍ଗତ ବୁଡାବାହାଲ ସାପ୍ତାହିକ ବଜାରକୁ ବୁଡେକ ବ୍ୟବସାୟ ପାଇଁ ଯାଇଥିଲେ। ସେଠାରୁ ନିଜ ସଜୁ ଘର କନ୍ଦକେଲଗାଁକୁ ବାଇକରେ ଯାଉଥିବା ବେଳେ କନ୍ଧାମୁଣ୍ଡା– ଖାରିବାହାଲ ରାସ୍ତାରେ ହଠାତ ତିନି ଜଣ ଅଜଣା ବ୍ୟକ୍ତି ବାଇକରେ ଆସି ମରଣାନ୍ତକ ଆକ୍ରମଣ କରିବା ସହ ଏକ ଭରି ସୁନା ସହ ୫ରୁ ୭ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ତୁଷୁରା ଚିକିତ୍ସାଳୟରେ ଚିକିତ୍ସା ହୋଇ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଉ

ଲାଠୋର,୧୪।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ବାଗପଡ଼ାରେ ବସବାସ କରୁଥିବା ବିଧବା ମହିଳାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଯୋଜନାରେ ସାମିଲ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଅଦ୍ୟାବଧି ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ନ ଥିବା ନେଇ ସମ୍ପୃକ୍ତ ମହିଳା ପଦ୍ମା ବେହେରା ଅଭିଯୋଗ କରିଛନ୍ତି। ଗତ ତିନି ବର୍ଷ ତଳେ ତାଙ୍କ ସ୍ୱାମୀ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପଦ୍ମା ଏକମାତ୍ର ପୁଅ ଅମନ(୮)ଙ୍କୁ ସାଙ୍ଗରେ ନେଇ ବଡ଼ ଭାଇ ଦେଇଥିବା ଭୂମିରେ ଘର ଖଣ୍ଡିଏ କରି ରହିଛନ୍ତି। ନିଜର କିଛି ସମ୍ପତ୍ତି ବାଡ଼ି ନ ଥିବା ଯୋଗୁ ଶ୍ରମିକ ଭାବେ କାମ କରି ଯାହା ରୋଜଗାର କରୁଛନ୍ତି ତଥା ପଞ୍ଚାୟତରୁ ପାଉଥିବା ୧୦ କେଜି ଚାଉଳରେ ମା' ପୁଅ ଚଳୁଛନ୍ତି। ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରି ଆଫିଡ଼େଭିଟ ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ ଆଜକୁ ଦୁଇ ମାସ ବିତିଗଲା ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ନାହିଁ। ପଚାରିଲେ ଆଜିକାଲି କହି ସମୟ ଗଡ଼େଇ ଚାଲିଛନ୍ତି। ବିଧବା ଭତା ମାସକୁ ୫ଶହ ଟଙ୍କା ପାଉଥିଲେ ତାହା ମଧ୍ୟ ଦୁଇ ମାସ ହେବ ବନ୍ଦ ହୋଇ ଯାଇଛି। ଅନ୍ୟମାନଙ୍କୁ ଭତ୍ତା ଖାତା ପ୍ରଦାନ କରାଯାଇଥିବା ବେଳେ ପଦ୍ମାଙ୍କୁ ଭତ୍ତା ଖାତା ମଧ୍ୟ ପ୍ରଦାନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ନ ପାରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦ୍ମାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ବନ୍ଦ ହୋଇଥିବା ବିଧବା ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି।

# ନବରାତ୍ର ଦୁର୍ଗାପୂଜା ଆରମ୍ଭ


ସଇଁତଲା ହାଟପଦାଠାରେ ଅନୁଷ୍ଠିତ ହେଉଥିବା ନବରାତ୍ର ଦୁର୍ଗାପୂଜା ପାଇଁ ଆୟୋଜିତ କଳସ ଯାତ୍ରାରେ ସାମିଲ ହୋଇଥିବା ଭକ୍ତ, ପୂଜା କମିଟିର କର୍ମକର୍ତ୍ତା ।

**ସଇଁତଲାରେ କଳସ ଶୋଭାଯାତ୍ରା**

ସଇଁତଲା,୧୪।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗିର ଜିଲା ସଇଁତଲା ହାଟପଦାଠାରେ ଅନୁଷ୍ଠିତ ହେଉଥିବା ନବରାତ୍ର ଦୁର୍ଗାପୂଜାର ଚଳିତବର୍ଷ ରୌପ୍ୟ ଜୟନ୍ତୀ ମହାସମାରୋହର ସହ ପାଳନ କରାଯାଉଛି। ଶନିବାର ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ମଣ୍ଡପ ନିକଟରେ ସହରର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ଏକ ବିରାଟ ଶୋଭାଯାତ୍ରାରେ ଘଣ୍ଟବାଦ୍ୟ ସହ ମଣ୍ଡପରୁ ବାହାରି ସ୍ଥାନୀୟ ନୂଆଁବନ୍ଧଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଭରା କଳସ ନେଇ ମଣ୍ଡପକୁ ଫେରିଥିଲେ। ଚଳିତବର୍ଷ କପିଳ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ରଜନୀ କର୍ତ୍ତା ଦାୟିତ୍ୱରେ ଥିବାବେଳେ ମୁଖ୍ୟ ପୂଜକ ଭାବରେ ରାଧାକାନ୍ତ ତ୍ରିପାଠୀ, କିରଣ ମିଶ୍ର, ବିକ୍ରମ ମିଶ୍ର, ନବଘନ ଷଡ଼ଙ୍ଗୀ, ମାନସ ମିଶ୍ର ଓ ସାଧୁଚରଣ ଦାସ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ପୂଜା କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଅଧକ୍ଷା ମୋନିକା ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କଳସ ଯାତ୍ରାରେ ଭାଗ ନେଇଥିଲେ।

# 'ବିସ୍ଥାପିତଙ୍କ ସମସ୍ୟାର ଆଇନସମ୍ମତ ସମାଧାନ କରାଯିବ'

**ଝାଙ୍କରପାଲି ଲୋୟର ସୁକତେଲ ପୁନର୍ବାସ କଲୋନିରେ ବିଧାୟକ ନରସିଂହ ମିଶ୍ର**

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବିସ୍ଥାପିତମାନେ ରହୁଥିବା ଝାଙ୍କରପାଲିସ୍ଥିତ ପୁନର୍ବାସ ଅସ୍ଥାୟୀ କଲୋନୀକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶନିବାର ପରିଦର୍ଶନରେ ଯାଇ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ସେଠାରେ ସେ କହିଥିଲେ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ଏହି ଅଞ୍ଚଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲାର ଲକ୍ଷାଧିକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ବିସ୍ଥାପିତମାନେ ଅନେକ କିଛି ତ୍ୟାଗ କରିଛନ୍ତି। ଗାଁ ଛାଡି ସରକାରୀ କଲୋନୀରେ ରହୁଛନ୍ତି। କିନ୍ତୁ ଅସ୍ଥାୟୀ କଲୋନୀରେ କେତେବେଳେ ବର୍ଷା ପାଣି ଭରିଯାଉଥିବା ଦେଖାଯାଉଛି। ସେମାନଙ୍କ ଦୁର୍ଦ୍ଦଶା ବିଚଳିତ କରୁଛି। ସେମାନେ ଯେପରି ଆଇନ ସମ୍ମତ ସବୁ ସୁବିଧା ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଝାଙ୍କରପାଲି ଅସ୍ଥାୟୀ ପୁନର୍ବାସ କଲୋନୀରେ ବିଧାୟକ ମିଶ୍ରଙ୍କୁ ବିସ୍ଥାପିତମାନେ ସେମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ କହିଥିଲେ। ଦୁଇ ମାସ ତଳେ ପ୍ରଶାସନ ପକ୍ଷରୁ କିଛି ବିସ୍ଥାପିତଙ୍କୁ ପଙ୍ଖା ବଣ୍ଟନ କରାଯାଇଥିଲା। ବିଧାୟକ ମିଶ୍ରଙ୍କୁ ଆମନ୍ତ୍ରଣ କରାଯାଇ ଏହି ପଙ୍ଖା ବଣ୍ଟନ କରାଯାଇଥିଲା। କିନ୍ତୁ ଆଜି କିଛି ବିସ୍ଥାପିତ ମହିଳା ବିଧାୟକଙ୍କୁ ଅଭିଯୋଗ କରିଥିଲେ ଯେ, ଦୁଇମାସ ତଳେ ଯେଉଁ ଅଧିକାରୀମାନେ ପଙ୍ଖା ବଣ୍ଟନ କରିଥିଲେ ତାହା ନାମକୁ ମାତ୍ର ଅଳ୍ପ ଲୋକଙ୍କୁ ବଣ୍ଟନ କରିଥିଲେ। ପ୍ରତିଶ୍ରୁତି ସତ୍ତ୍ୱେ ଅନେକ ଲୋକଙ୍କୁ ପଙ୍ଖା ଦିଆଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ସେଠାରେ ନିର୍ମାଣ ହୋଇଥିବା କମ୍ୟୁନିଟି ପାଇଖାନାରେ ପାଣି ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ। ଫଳରେ ଗାଧୋଇବା ପାଇଁ ବିଶେଷକରି ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏଠାରେ ଗୋଟିଏ ପୋଖରୀ ଖନନ ପାଇଁ ଲୋକଙ୍କ ଦାବିକୁ ଅଣଦେଖା କରାଯାଇଛି ବୋଲି କହିଥିଲେ। ଖାଲୁଆ ଜମିରେ ଘର ତିଆରିରେ ଅସୁବିଧା ହେଉଛି। ବିଜୁଳି ସମସ୍ୟା ରହିଛି। ସ୍କୁଲ ନ ଥିବାରୁ ଛୋଟ ଛୁଆ ଅସୁବିଧାରେ ସମ୍ମୁଖୀନ ହେଉଥିବା ଜଣାଇଥିଲେ। ଅଭିଯୋଗ ସବୁ ଶୁଣିବା ପରେ ବିଧାୟକ ମିଶ୍ର ଆଗାମୀ ସୋମବାର ସେ ପ୍ରକଳ୍ପ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଗୋଟିଏ ବିସ୍ଥାପିତ ପରିବାରର ବୃଦ୍ଧମାତା ଏବଂ ତାଙ୍କ ପୁଅଙ୍କୁ ଅଲଗା ସ୍ଥାନରେ ଘରଡିହ ଦିଆଯାଇଥିବାରୁ ବୃଦ୍ଧ ମାତା କିଭଳି ପୁଅବୋହୂଙ୍କ ସେବା ପାଇବରୁ ବଞ୍ଚିତ ହେଉଛନ୍ତି ବିଧାୟକଙ୍କୁ ଜଣାଇଥିଲେ। ଏହା ଏକ ସମ୍ବେଦନଶୀଳ ବିଷୟ କହି ଏଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ମିଶ୍ର କହିଥିଲେ। ଚୁଡାପାଲି ଠାରେ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ମିଶ୍ର ଅଧକ୍ଷତା କରିଥିଲେ। ସେଠାରୁ ଫେରିବା ବେଳେ ଝାଙ୍କରପାଲି ଅସ୍ଥାୟୀ ପୁନର୍ବାସ କଲୋନୀ ପରିଦର୍ଶନ କରିଥିଲେ।


ବିଧାୟକ ନରସିଂହ ମିଶ୍ର ଝାଙ୍କରପାଲି ପୁନର୍ବାସ କଲୋନିରେ ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

# କୁଟାସିଂହାରେ ବିଜେଡିର ପଦଯାତ୍ରା


କୁଟାସିଂହା ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅବସରରେ ସଭା।

ଲୋଇସିଂହା,୧୪।୧୦(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଆଗଲପୁର ବ୍ଲକ ଅନ୍ତର୍ଗତ କୁଟାସିଂହା ଗ୍ରାମରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ଗୋବର୍ଦ୍ଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପଦଯାତ୍ରାରେ ଯୁବନେତା ନିହାରରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟରୁ ପଦଯାତ୍ରା ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ବସ୍ତିରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବେହେରା ପଦଯାତ୍ରାର ଆଭିମୁଖ୍ୟ ଏବଂ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ବିଜେଡି ଶାସନ କାଳ ମଧ୍ୟରେ ଦ୍ରୁତ ଗତିରେ ଆଗଲପୁର ବିକାଶ ହେଉଛି। ଆଗଲପୁର ବ୍ଲକ ଏବଂ କୁଟାସିଂହା ପଞ୍ଚାୟତ ଅଞ୍ଚଳରେ ଚାଲିଥିବା ବୃହତ୍ତ ପ୍ରକଳ୍ପ ଯଥା କୁଟାସିଂହାରୁ–କପାଶିରାକୁ ସଂଯୋଗ ପାଇଁ ଅଙ୍ଗନଦୀ ଉପରେ ସେତୁ ସମେତ କେତେକ ପ୍ରକଳ୍ପ ହାତକୁ ନିଆଯାଇଥିବା ମୁଖ୍ୟ ଅତିଥି ବେହେରା କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ବେହେରାପଡାରେ ହେବାକୁ ଥିବା କଲ୍ୟାଣ ମଣ୍ଡପ ଓ ଜଗନ୍ନାଥ ଆଶ୍ରମ ପ୍ରହରୀ ମଣ୍ଡପ ପାଇଁ ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ସହ ବହୁ ଜନସାଧାରଣ ଉପସ୍ଥିତ ଥିଲେ ।

# ଅଗ୍ରୱାଲ ସମାଜର ଅଗ୍ରସେନ ଜୟନ୍ତୀ ଉତ୍ସବ

ଟିଟିଲାଗଡ଼,୧୪।୧୦(ଶରତ ମିଶ୍ର)


ଅଗ୍ରୱାଲ ସମାଜର ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବଲାଙ୍ଗିର ଜିଲା ଟିଟିଲାଗଡ଼ ଅଗ୍ରୱାଲ ମହାସଭା ପକ୍ଷରୁ ଅଗ୍ରସେନ ମହାରାଜଙ୍କ ଜୟନ୍ତି ଉତ୍ସବ ଧୁମଧାମରେ ପାଳନ ହେଉଛି। ଗତ ୬ରୁ ସ୍ଥାନୀୟ ମହାବୀର ପଞ୍ଚାୟତି ଧର୍ମଶାଳା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହର ସମେତ ବିଭିନ୍ନ ଅଞ୍ଚଳରୁ ଅଗ୍ରୱାଲ ପରିବାର ସଦସ୍ୟ ତଥା ଅନୁଷ୍ଠାନର କର୍ମକର୍ତ୍ତା ଭାଗ ନେଉଛନ୍ତି। ପ୍ରଥମ ଦିନ ମଙ୍ଗଳ ପାଠରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବିଭିନ୍ନ ଦିବସରେ ଅନଲାଇନ ଜରିଆରେ ବାହାରେ ରହୁଥିବା ଝିଅ, ବୋହୁଙ୍କ ସହ ଯୋଡିହେବା, ସାମାଜିକ ସଦଭାବ ବାର୍ତ୍ତା, ଯୁବ ସଦସ୍ୟଙ୍କ ମଧ୍ୟରେ ସାଧାରଣ ଜ୍ଞାନ, ଟାଟୁ ଅଙ୍କନ, ଗଲି କ୍ରିକେଟ, ବୁଗିବୁଗି, ମଣ୍ଡଲା ଆର୍ଟସ, ଚିତ୍ରାଙ୍କନ, ନିଉଜ ରିପୋର୍ଟିଂ, ସଙ୍ଗୀତ, କ୍ୟାରମ, ଗଣିତ, ଡାଣ୍ଡିଆ ନାଚ, ବ୍ୟାଡମିଣ୍ଟନ, ମ୍ୟୁଜିକାଲ ଚେୟାର, ଆରତି ଥାଳି ସଜାଇବା, ଏଙ୍କରିଙ୍ଗ, ଗ୍ରୁପ ନାଟିକା ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଙ୍ଗଠନର ସଭାପତି ପ୍ରେମଚନ୍ଦ ଜୈନ, ଉପସଭାପତି ନନ୍ଦକିଶୋର ଗୁପ୍ତା, ସମ୍ପାଦକ ଦୀପକ ଗୋୟଲ, ସହସମ୍ପାଦକ ପଙ୍କଜ ବିରମିୱାଲ, କୋଷାଧ୍ୟକ୍ଷ ରାଜୀବ ଜୈନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। କାର୍ଯ୍ୟକାରୀ ସଦସ୍ୟ ପଙ୍କଜ ଅଗ୍ରୱାଲ, ପ୍ରକାଶ ଗୋୟଲ, ରାହୁଲ ଜୈନ, ଅମର ଜୈନ, ଅତୁଲ ଜୈନ, ଅଭିଷେକ ଜୈନ, ଶୈଳେଶ ଗୋୟଲ, ଅମରନାଥ ସିଂଘାଲ, ଦିପେଶ ଜୈନ, ଗୋପାଳ ଜୈନ, ମହେଶ ଅଗ୍ରୱାଲ, ମନିଷ ଗୁପ୍ତା, ମନୋଜ ଡୋଡକା, ଆରୁଷି ଅଗ୍ରୱାଲ, ଆଶା ଅଗ୍ରୱାଲ, ବବିତା ଜୈନ, ଖୁସବୁ ଜୈନ, ଲଳିତା ଲାଠ, ଶ୍ୟାମଲତା ଅଗ୍ରୱାଲ, ମଞ୍ଜୁଲତା ଜୈନ, ସଙ୍ଗିତା ଅଗ୍ରୱାଲ, ରିମଝିମ ଜୈନ, ସରୋଜ ଅଗ୍ରୱାଲ, ମେମଦେବୀ ଜୈନ, ରିଙ୍କି ଅଗ୍ରୱାଲ ପ୍ରମୁଖ ସହଯୋଗ କରୁଛନ୍ତି।

# ରାଧାରାଣୀ ମନ୍ଦିର ଭଙ୍ଗା ନ ଯାଇ ସୁରକ୍ଷା କରାଯାଉ

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଦର ହସ୍ପିଟାଲ ତଥା ସମ୍ପ୍ରତି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖରେ ଥିବା ପ୍ରାଚୀନ ରାଧାରାଣୀ ମନ୍ଦିରକୁ ଭଙ୍ଗା ନ ଯାଇ ଏହାର ସୁରକ୍ଷା ଦିଗରେ ପ୍ରଶାସନ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଦୀର୍ଘ ୧୧୦ ବର୍ଷର ଏହି ମନ୍ଦିରରେ ବଲାଙ୍ଗୀରର ପିଢ଼ି ପରେ ପିଢ଼ି ଲୋକଙ୍କ ଭାବାବେଗ ଜଡିତ। ଏଠାରେ ସେମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି। କିନ୍ତୁ ବଲାଙ୍ଗୀର ତହସିଲ ଏବଂ ପୌର ପରିଷଦ ମିଳିତ ଭାବରେ ଏହି ମନ୍ଦିରକୁ ଭାଙ୍ଗିବା ପ୍ରୟାସ କରୁଛନ୍ତି। ଯଦି ଏହି ମନ୍ଦିର ଭଙ୍ଗା ଉଦ୍ୟମରୁ ସେମାନେ ବିରତ ନ ହେବେ ତେବେ ଆଗାମୀ ଦିନରେ ନିଶ୍ଚିତ ଭାବରେ ରାଧାରାଣୀ ମନ୍ଦିର ସୁରକ୍ଷା ପାଇଁ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ବିଧାୟକ ମିଶ୍ର ଚେତାବନୀ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, ସହରର ମଧ୍ୟ ଭାଗରେ ଅବସ୍ଥିତ ଏହି ମନ୍ଦିର ଯୋଗୁଁ ସାଧାରଣ ଜନତାଙ୍କ କୌଣସି ଅସୁବିଧା ହେଉନାହିଁ । କୌଣସି ଟ୍ରାଫିସ ସମସ୍ୟା ଉପୁଜୁ ନାହିଁ। ଏପରି ସ୍ଥଳେ ବଲାଙ୍ଗୀର ତହସିଲ ଓ ପୌର ପରିଷଦ ଏହି ମନ୍ଦିର ଭାଙ୍ଗିବା ପାଇଁ କରୁଥିବା ପ୍ରୟାସ ନିନ୍ଦନୀୟ ବୋଲି ସେ କହିଛନ୍ତି। ବିଭିନ୍ନ ଜିଲାରେ ମଠ, ମନ୍ଦିରର ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଅର୍ଥ ବରାଦ କରୁଥିବାବେଳେ ଏହି ମନ୍ଦିର ପ୍ରତି ତହସିଲ କାର୍ଯ୍ୟାଳୟ ଏବଂ ପୌର ପରିଷଦ କାହିଁକି ଅସୂୟା ମନୋଭାବ ପୋଷଣ କରୁଛି ବୋଲି ବିଧାୟକ ମିଶ୍ର ପ୍ରଶ୍ନ କରିଛନ୍ତି ।

### ଶ୍ୱଶୁର ମାଡ଼ରେ ଗର୍ଭବତୀ ବୋହୂ ଆହତ

ଟିଟିଲାଗଡ଼, ୧୪।୧୦(ଶରତ ମିଶ୍ର)

ଟିଟିଲାଗଡ଼ ଥାନା ଅନ୍ତର୍ଗତ ମାର୍ଲାଡ଼ ପଞ୍ଚାୟତ କାଲପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଶ୍ୱଶୁର ଗର୍ଭବତୀ ବୋହୁକୁ ମାଡ଼ ମାରି ଲହୁଲୁହାଣ କରିବା ଆଲୋଡନ ସୃଷ୍ଟି କରିଛି। ଏନେଇ ଟିଟିଲାଗଡ଼ ଥାନାରେ ବୋହୁ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ସୁକୁନାଭଟା ଗ୍ରାମର ଯାଦବ ରଣାଙ୍କ ଝିଅ ଯଶୋବନ୍ତି କାଲପଦର ଗ୍ରାମର ବୈଚନ୍ଦ୍ର ରଣାଙ୍କ ପୁଅ ସୁରେନ୍ଦ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହ ପରଠାରୁ ଶାଶୁ ଶ୍ୱଶୁର ଅଧିକ ଯୌତୁକ ଦାବି କରିଆସୁଛନ୍ତି। ଗାଡି, ସୁନା ଯାହା ସମ୍ବଳ ହେଲା ଯଶୋବନ୍ତିଙ୍କ ପିତା ଯୌତୁକ ଦେଇଥିଲେ। ହେଲେ ବିବାହ ପରେ ଅଧିକ ଯୌତୁକ ଦାବିକରି ଶାଶୁ ଶ୍ୱଶୁର ଗାଳିଗୁଲଜ କରିବା ସହିତ ଶାଶୁ ମାଡ଼ ମାରୁଥିଲେ। ନିର୍ଯାତନା ସହି ନ ପାରି ଅନେକ ଥର ନିଜ ବାପଘରକୁ ଚାଲି ଯାଉଥିଲେ ଯଶୋବନ୍ତି। ବର୍ତ୍ତମାନ ୫ ମାସର ଗର୍ଭବତୀ ଅଛନ୍ତି ଯଶୋବନ୍ତି। ଏଭଳି ସ୍ଥିତିରେ ମଧ୍ୟ ଶନିବାର ସକାଳ ପ୍ରାୟ ୮ଟାରେ ନିଜ ୩ବର୍ଷର ଝିଅକୁ ଧରି ଛିଡା ହୋଇଥିବା ଯଶୋବନ୍ତିଙ୍କୁ ଶ୍ୱଶୁର ବୈଚନ୍ଦ୍ର ମୁହଁରେ ଏକ ମୁଥ ମାରିଥିଲେ। ଫଳରେ ଯଶୋବନ୍ତିଙ୍କ ମୁହଁ ଫାଟି ଲହୁଲୁହାଣ ହୋଇଛି। ଯଶୋବନ୍ତି ଘର କାନ୍ଥରେ ପଡ଼ି ଯିବାରୁ ସେ ଧରିଥିବା ଝିଅର ଆଖି ପାଖରେ ଆଘାତ ହୋଇଛି। ପାଖ ଘରକୁ ଯାଇ ନିଜ ବାପାଙ୍କୁ ଯଶୋବନ୍ତି ଫୋନ କରି ଶ୍ୱଶୁର ମାଡ଼ ମାରିଥିବା ଜଣାଇଥିଲେ। ଖବରପାଇ ତାଙ୍କ ବାପା ଏବଂ ଗାଁଲୋକେ ଯଶୋବନ୍ତିଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଯଶୋବନ୍ତି ନିଜ ଶ୍ୱଶୁର ଏବଂ ଶାଶୁଙ୍କ ଗାଳିଗୁଲଜ ସହି ଆସୁଥିଲେ। ତେବେ ଏଥର ମାରିବାକୁ ଉଦ୍ୟମ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ଯଶୋବନ୍ତିଙ୍କ ବାପା ଯାଦବ କହିଛନ୍ତି। ଘଟଣା ନେଇ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ମନୋଜ ପଧାନ କହିଛନ୍ତି।

# ଗଳ୍ପରେ ଅତିକଳ୍ପନାର ଧାରା ବହୁ ପ୍ରାଚୀନ

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)


ରଚନା ପକ୍ଷରୁ ବଲାଙ୍ଗୀରରେ ଗାଳ୍ପିକା ହିରଣ୍ମୟୀ ମିଶ୍ରଙ୍କୁ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ପ୍ରଦାନ କରାଯାଉଛି।

**ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ସମାରୋହ ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ**

ସମାଜ–ସାହିତ୍ୟ–ସଂସ୍କୃତି କ୍ଷେତ୍ରରେ କାର୍ଯ୍ୟରତ ଅଗ୍ରଣୀ ଅନୁଷ୍ଠାନ ରଚନା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ପତିତପାବନ ଏକାଡେମୀ ସଭାଗୃହରେ କଥାକାର ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ସମାରୋହ ଓ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗାଳ୍ପିକା ଗାୟତ୍ରୀ ସରାଫ ସମାରୋହରେ ଅଧକ୍ଷତା କରିଥିଲେ। ଅତିଥି ବକ୍ତା ବିଶ୍ୱଭାରତୀ ଶାନ୍ତିନିକେତନର ପୂର୍ବତନ ପ୍ରଫେସର ଡ଼. କୈଳାଶ ପଟ୍ଟନାୟକ ଯୋଗଦେଇ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରଫେସର ପଟ୍ଟନାୟକ କହିଥିଲେ ଯେ, ଜୀବନରୁ ଗଳ୍ପର ସୃଷ୍ଟି। ଗଳ୍ପ ଭିତରେ ଜୀବନବୋଧ ବାରି ହେଉଥାଏ। ଜୀବନର ବିଚିତ୍ର ପ୍ରବହମାନତାରେ ସଭ୍ୟତା ଅତିକଳ୍ପନା ସୁସ୍ପଷ୍ଟ। ବିଶ୍ୱର ରାଶି ରାଶି ମୌଖିକ କଥା, କାହାଣୀରେ ଅତିକଳ୍ପନାର ଉପାଦାନ ସବୁ ମଣିଷର ଭାବଜଗତର ବିବିଧତାରେ ଭରିଦେଉଥାଏ। କାହାଣୀ ଭିତରେ ଅତିକଳ୍ପନାର ଛାପ ଜୀବନକୁ ନୂଆ ଅନୁଭବ ଦେଉଥାଏ। ଗଳ୍ପରେ ଅତିକଳ୍ପନାର ଧାରା ବହୁ ପ୍ରାଚୀନ। ପିଢ଼ି ପିଢ଼ି ଧରି ଏଭଳି ଉପାଦାନରୁ ପ୍ରେରିତ ଏବଂ ପ୍ରୋତ୍ସାହିତ ହୋଇଆସୁଛନ୍ତି ବୋଲି ପ୍ରଫେସର ପଟ୍ଟନାୟକ କହିଥିଲେ। ଏହି ସମାରୋହରେ ଗାଳ୍ପିକା ଡ଼. ହିରଣ୍ମୟୀ ମିଶ୍ରଙ୍କୁ ରାଜ୍ୟସ୍ତରୀୟ ମନୋଜ କୁମାର ପଣ୍ଡା ସର୍ଜନ ପୁରସ୍କାର ୨୦୨୩ ସ୍ୱରୂପ ମାନପତ୍ର ଓ ସ୍ମାରକୀ ସହିତ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ପୁରସ୍କାର ଗ୍ରହଣ ପରେ ଗାଳ୍ପିକା ମିଶ୍ର ନିଜସ୍ୱ ସାରସ୍ୱତ ଜୀବନଯାତ୍ରା ବିଷୟରେ କହି ରଚନାକୁ କୃତଜ୍ଞତା ଜଣାଇଥିଲେ। ଏହି ଅବସରରେ ରଚନା ପକ୍ଷରୁ ପ୍ରକାଶିତ କବି ଅଞ୍ଜଳି ପଟ୍ଟନାୟକଙ୍କ ସରାଗାତର ସୁରଗୀତି କବିତା ସଙ୍କଳନକୁ ଅତିଥିମାନଙ୍କ ସହିତ ବରିଷ୍ଠ କବି ଡ଼. ଗିରିବାଳା ମହାନ୍ତି ଏବଂ ପ୍ରଦୀପ କୁମାର ପଣ୍ଡାଙ୍କ ଉନ୍ମୋଚିତ କରିଥିଲେ। ରଚନା ସମ୍ପାଦକ ଭାଗୀରଥି ମିଶ୍ର ସ୍ୱାଗତ ଭାଷଣ ବକ୍ତବ୍ୟ ପ୍ରଦାନ କରି ସୁପ୍ରସିଦ୍ଧ ଗାଳ୍ପିକ ଏବଂ କଥାକାର ସ୍ୱର୍ଗତ ମନୋଜ ପଣ୍ଡାଙ୍କ ସାହିତ୍ୟ ଓ ଜୀବନୀ ଉପରେ ସୂଚନା ଦେଇଥିଲେ। ଗାଳ୍ପିକ ହୃଷୀକେଶ ପୂଜାରୀ ମଧ୍ୟ ମନୋଜ ପଣ୍ଡାଙ୍କ ସାରସ୍ୱତ କୃତୀ ଉପରେ ଆଲୋଚନା କରିଥିଲେ। ଅଧ୍ୟାପକ ଜିତେନ୍ଦ୍ରିୟ ତ୍ରିପାଠୀ କଥାକାର ପଣ୍ଡାଙ୍କ ଗୋଟିଏ ନିର୍ବାଚିତ ଗଳ୍ପ ପାଠ କରିଥିଲେ। ରଚନା ସଭାପତି ସନାତନ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟ ମଧୁପର୍ଣ୍ଣା ତ୍ରିପାଠୀ ସଂଯୋଜନା କରିଥିଲେ। ଏହି ସମାରୋହ କାର୍ଯ୍ୟକ୍ରମରେ ବହୁ ଲେଖକ, ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ।

# ବିଚାର, ଆଦର୍ଶରେ ଲଢ଼େଇ ଆହ୍ୱାନ

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ଦେଶରେ ଏବେ ଗାନ୍ଧୀ–ଲୋହିଆ–ଜୟପ୍ରକାଶ ଏବଂ କିଶନ ପଟ୍ଟନାୟକଙ୍କ ବିଚାର ଧାରା ଜାରି ରହିଛି। ଆଗକୁ ମଧ୍ୟ ଏହି ଧାରା ଜାରି ରହିବ। ୧୯୬୪–୬୫ରେ ସଂସଦରେ ଡ. ଲୋହିଆ ଦେଶର ସାଧାରଣ ଲୋକଙ୍କ ଜୀବନ ଜୀବିକା କଥା ଉପସ୍ଥାପନ କରିଥିଲେ। ସେତେବେଳେ ସେ କହିଥିଲେ, ଇନ୍ଦିରା ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ସହିତ ଗଣତନ୍ତ୍ରର ହତ୍ୟା କରାଯାଇଥିଲା। ସେଭଳି ପରିସ୍ଥିତିରେ ଏହା ବିରୁଦ୍ଧରେ ଜୟପ୍ରକାଶ ନାରାୟଣ ଏବଂ କିଶନ ପଟ୍ଟନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା ଏବଂ କଂଗ୍ରେସ କ୍ଷମତାଚ୍ୟୁତ ହୋଇଥିଲା। ବର୍ତ୍ତମାନ ମଧ୍ୟ ସେଭଳି ପରିସ୍ଥିତି ଉପୁଜିଛି ବୋଲି ବରଗଡ଼ ଜିଲା ସୋହେଲା ବ୍ଲକ ଅଧୀନ ସରକଣ୍ଡାଠାରେ ଡ. ରାମ ମନୋହର ଲୋହିଆଙ୍କ ଶ୍ରାଦ୍ଧବାର୍ଷିକୀ ଏବଂ ଲୋକ ନାୟକ



ଚାଷୀନେତା ଲିଙ୍ଗରାଜ ଉଦ୍‌ବୋଧନ ଦେଉଛନ୍ତି ।

ଜୟପ୍ରକାଶ ନାରାୟଣଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ କହିଛନ୍ତି।

ଲିଙ୍ଗରାଜ ଆହୁରି କହିଥିଲେ, ବର୍ତ୍ତମାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାଜପା ସରକାର ଗଣତନ୍ତ୍ରକୁ ହତ୍ୟା କରିଚାଲିଛି। ସାମ୍ପ୍ରଦାୟିକ ହିଂସା ସୃଷ୍ଟି କରାଯାଇ ସମସ୍ୟା ସବୁକୁ ଘଣ୍ଟ ଘୋଡ଼ାଇବା ପାଇଁ ଧର୍ମ, ଜାତି ନାମରେ ହିଂସା ରାଜନୀତି ଚାଲିଛି। ଦେଶର ସାଧାରଣ ଲୋକଙ୍କ ସେବା ବଦଳରେ କର୍ପୋରେଟ୍ ସ୍ୱାର୍ଥ ପାଇଁ କେନ୍ଦ୍ରର ଭାଜପା ସରକାର କାର୍ଯ୍ୟ କରୁଛି। ଏହାକୁ ଦେଶବାସୀ ଠିକ୍ ଭାବେ ବୁଝିସାରିଲେଣି। ୨୦୨୦ରେ କରୋନା କଟକଣା ସମୟରେ ୩ ବିବାଦୀୟ କୃଷି ଆଇନ ଆଣି କୃଷିକ୍ଷେତ୍ରକୁ କମ୍ପାନୀ ହାତରେ ଟେକି ଦେବା ପାଇଁ କେନ୍ଦ୍ରର ମୋଦି ସରକାର ଉଦ୍ୟମ କରିଥିଲା। ହେଲେ ଚାଷୀ ଆନ୍ଦୋଳନ ଫଳରେ ତାହା ଫସର ଫାଟିଥିଲା ଏବଂ କେନ୍ଦ୍ର ସରକାର ସେହି ଆଇନ ପ୍ରତ୍ୟାହାର କରିବାକୁ ବାଧ୍ୟ ହୋଇଥିଲେ। ଏହାସତ୍ତ୍ୱେ ଦେଶରେ ଜରୁରୀକାଳୀନ ପରିସ୍ଥିତ ସୃଷ୍ଟି ହେଲାଣି ଏବଂ ଏହାର ମୁକାବିଲା ପାଇଁ ବିଚାର, ଆଦର୍ଶରେ ଲଢ଼େଇ କରିବାକୁ ପଡ଼ିବ ବୋଲି ଲିଙ୍ଗରାଜ କହିଥିଲେ।

ଚାଷୀନେତା ଡୋଲାମଣି ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରିଷ୍ଠ ଚାଷୀନେତା ଶିବ ପ୍ରସାଦ ପ୍ରଧାନ, ସୁଶିଲ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃଷି ଏବଂ କୃଷକ ସମସ୍ୟା ସହିତ ଦେଶରେ ଚାଲିଥିବା ଅରାଜକତା ଉପରେ ବକ୍ତବ୍ୟ ରଖିଥିଲେ। ସଭାରେ ବରଗଡ଼ ବ୍ଲକ ସଭାପତି ସରୋଜ ପ୍ରଧାନ, ଅତାବିରା ବ୍ଲକ ସଭାପତି ଭଞ୍ଜନ ବାରିକ, ଭଟଲି ବ୍ଲକ ସଭାପତି ମାନଭଞ୍ଜନ ପ୍ରଧାନଙ୍କ ସମେତ ସମସ୍ତ ବ୍ଲକର ସଙ୍ଗଠନ ପ୍ରେମୀମାନେ ଯୋଗଦାନ କରିଥିଲେ। ଜୟ କିଷାନ ଆନ୍ଦୋଳନର ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଅଜଣା ମୃତଦେହ ସତ୍କାର କଲେ ସ୍ୱେଚ୍ଛାସେବୀ


ମୃତଦେହ ଦାହ କରିଥିବା ସ୍ୱେଚ୍ଛାସେବୀ ।

**ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲାର ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ଭଟଲି ବ୍ଲକ ଅନ୍ତର୍ଗତ ପିପଲମୁଣ୍ଡାରେ ଏକ ଅଜଣା ମୃତଦେହକୁ ସମ୍ମାନର ସହିତ ସତ୍କାର କରିଛନ୍ତି। ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ବିଜେପୁର ଥାନା ଅନ୍ତର୍ଗତ ପ୍ରଧାନପାଲି ଗ୍ରାମର ବଡ଼କଟା ପୋଖରୀରେ ଜଣେ ଅଜଣା ଲୋକଙ୍କ ମୃତଦେହ ପଡ଼ିରହିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ବିଜେପୁର ଥାନା ପୋଲିସ ମୃତଦେହ ଜବତ କରିବା ସହିତ ପଞ୍ଚନାମା କରିଥିଲା। ମୃତକ ଜଣକ ଜଣେ ପୁରୁଷ ଏବଂ ତାଙ୍କ ବୟସ ୪୦ରୁ ୫୦ବର୍ଷ ହେବ ବୋଲି ଅନୁମାନ କରାଯାଇଥିଲା। ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଶବ ସଂରକ୍ଷଣ ଗୃହରେ ମୃତଦେହକୁ ୭୨ଘଣ୍ଟା ରଖାଯିବା ସତ୍ତ୍ୱେ କେହି ଦାବିଦାର ନ ଆସିବାରୁ ବିଜେପୁର ଥାନାଧିକାରୀଙ୍କ ଅନୁରୋଧକ୍ରମେ ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀମାନେ ତାକୁ ଦାହ କରିଥିଲେ। ସଂକଳ୍ପ ପରିବାରର ସ୍ୱେଚ୍ଛାସେବୀ ଜି. ରମେଶ, ନିଲେଶ ପ୍ରଧାନ, ଚିନ୍ମୟ ପାଣ୍ଡେ, ଅନନ୍ତ ଚରଣ ସାହୁ, ସନତ କର୍ମୀ, ବିକାଶ ଅଗ୍ରୱାଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ସୁନା ବେପାରୀଙ୍କଠାରୁ ସୁନା, ଟଙ୍କା ଲୁଟ

**ଗୁଡ଼ଭେଲା,୧୪।୧୦(ମନୋଜ କୁମାର ଜୈନ)** ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ କପସିଲା ଗ୍ରାମର ସୁନା ବେପାରୀ ମୁରରୀ ବୁଡେକଙ୍କଠାରୁ ଶନିବାର ତିନି ଜଣ ଦୁର୍ବୃତ୍ତ ମାଡ ମାରି ଏକ ଭରି ସୁନା ସହ ୫ ରୁ ୭ ହଜାର ଟଙ୍କା ଲୁଟି ନେଇଥିବା ବୁଡେକ ଅଭିଯୋଗ କରିଛନ୍ତି। ଏନେଇ ତୁଷୁରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଇଁତଳା ବ୍ଲକ ଅନ୍ତର୍ଗତ ବୁଡାବାହାଲ ସାପ୍ତାହିକ ବଜାରକୁ ବୁଡେକ ବ୍ୟବସାୟ ପାଇଁ ଯାଇଥିଲେ। ସେଠାରୁ ନିଜ ସଦ୍ଦୁ ଘର କନ୍ଦକେଳଗାଁକୁ ବାଇକରେ ଯାଉଥିବା ବେଳେ କନ୍ଧାମୁଣ୍ଡା–ଖାରିବାହାଲ ରାସ୍ତାରେ ହଠାତ ତିନି ଜଣ ଅଜଣା ବ୍ୟକ୍ତି ବାଇକରେ ଆସି ମରଣାନ୍ତକ ଆକ୍ରମଣ କରିବା ସହ ଏକ ଭରି ସୁନା ସହ ୫ରୁ ୭ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ତୁଷୁରା ଚିକିତ୍ସାଳୟରେ ଚିକିତ୍ସା ହୋଇ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ପରିବାର ମଙ୍ଗଳ ଯୋଜନାରେ ସାମିଲ ଦାବି

**ଲାଠୋର,୧୪।୧୦(ଭୁବନେଶ୍ୱର ବାରିକ)** ଲାଠୋର ଗ୍ରାମର ବାଗପଡ଼ାରେ ବସବାସ କରୁଥିବା ବିଧବା ମହିଳାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଯୋଜନାରେ ସାମିଲ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଅଦ୍ୟାବଧି ତାଙ୍କୁ ସାମିଲ କରାଯାଇନାହିଁ।

# ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ



ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଅଧିଷ୍ଠାତ୍ରୀ ସମଲେଶ୍ୱରୀ ଶନିବାର ଆଶ୍ୱିନ ଅମାବାସ୍ୟା ତିଥିରେ ଧବଳମୁଖୀ ବେଶରେ ଦର୍ଶନ ଦେଇଛନ୍ତି। ଏହି ବେଶରେ ଦର୍ଶନ ପାଇଁ ଦେବୀଙ୍କ ପୀଠରେ ଭକ୍ତଙ୍କ ସମାଗମ ହୋଇଥିଲା। ବିଶ୍ୱ କଲ୍ୟାଣ ନିମିତ୍ତ ସହସ୍ରାଧିକ ଦୀପ ପ୍ରଜ୍ୱଳନ କରାଯାଇଥିଲା। ପାରମ୍ପରିକ ରୀତିନୀତିରେ ପୂଜା ସହିତ ମାଁ ସମଲେଶ୍ୱରୀଙ୍କୁ ବିଭିନ୍ନ ପ୍ରକାର ଶ୍ୱେତ ଅଳଙ୍କାର, ବସ୍ତ୍ର ଏବଂ ପୁଷ୍ପରେ ସଜ୍ଜିତ କରାଯାଇଥିଲା। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ପୂଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସନ୍ଧ୍ୟାରେ ଖଣ୍ଡାଧୂଆ ପୂଜା ପରେ ମାଁଙ୍କ ନବଦିନାତ୍ମକ ପୂଜାର ଶୁଭାରମ୍ଭ ହୋଇଥଲା।

# ଶିଶୁ ଚାଲାଣ ରୋକିବା ଉପରେ ଗୁରୁତ୍ୱ



ଶିଶୁ ଚାଲାଣ ରୋକିବା ଉପରେ ବକ୍ତବ୍ୟ ପ୍ରଦାନ କରାଯାଉଛି।

ପଦ୍ମପୁର,୧୪।୧୦(ପ୍ରଦୀପ୍ତ ଦାଶ)

ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସୁରକ୍ଷିତ ସ୍ଥାନାନ୍ତରଣ ଏବଂ ଶିଶୁ ଚାଲାଣ ଉପରେ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ୟୁନିସେଫ୍ ଏବଂ ଏଡ୍ ଆଟ୍ ଆକ୍ସନର ବୈଷୟିକ ସହାୟତା ମାଧ୍ୟମରେ ଜିଲା ପୋଲିସ ଏବଂ ଜିଲା ସମାଜ ମଙ୍ଗଳ ବିଭାଗ ସମନ୍ୱୟରେ ଶୁକ୍ରବାର ଅନୁରୂପ କାର୍ଯ୍ୟକ୍ରମ ପଦ୍ମପୁର ବ୍ଲକର ଦହିତା, ଜମଲା ଆଦି ପଞ୍ଚାୟତରେ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ୱାର୍ଡସଭ୍ୟ ଏବଂ ପ୍ରବାସୀ ପରିବାର ଲୋକେ ଯୋଗଦାନ କରିଥିଲେ। ଏଡ୍ ଆଟ୍ ଆକ୍ସନର ବରଗଡ଼ ଜିଲା ସଂଯୋଜକ ତରଣୀସେନ ପୃଷେଠ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ରାଜ୍ୟ ସଂଯୋଜକ ସରୋଜ କୁମାର ବାରିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଲୋକେ ଦାଦନ ଚାଲାଣର କିଭଳି ଶିକାର ନ ହେବେ, ତାହା ଉପରେ ସେ ସଚେତନତା ବାର୍ତ୍ତା ଦେଇଥିଲେ। ଜିଲା ପରିଷଦ ସଭ୍ୟ ମକରଧ୍ୱଜ ବଗର ସୁରକ୍ଷିତ ପ୍ରବାସ ପାଇଁ ପଞ୍ଚାୟତିରାଜ ପ୍ରତିନିଧିଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରବାସ ପୂର୍ବରୁ ଗ୍ରାମରେ ପ୍ରବାସୀ ପରିବାରକୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କର୍ମଯୋଗାଣ ପାଇଁ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି ସରପଞ୍ଚଙ୍କ ସହିତ ସ୍କୁଲ କର୍ତ୍ତୃପକ୍ଷ ପଞ୍ଚାୟତ ଗୁଡ଼ିକରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ଋତୁକାଳୀନ ଛାତ୍ରାବାସ ଆବେଦନ ପତ୍ର ଦେବା ଏବଂ ଅଧାରୁ ପାଠ ଛାଡ଼ିଥିବା ପିଲାଙ୍କୁ ବିଦ୍ୟାଳୟରେ ପୁନଃ ନାମଲେଖା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

# ଫାଇନାଲରେ ସମ୍ବଲପୁର, କୁଚିଣ୍ଡା

**ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ**

ପଦ୍ମପୁର,୧୪।୧୦(ପ୍ରଦୀପ୍ତ ଦାଶ)

ପଦ୍ମପୁର ଆଥଲେଟିକ ଆସୋସିଏଶନ ପକ୍ଷରୁ ପ୍ରଥମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶନିବାର ପ୍ରଥମ ସେମିଫାଇନାଲ ମ୍ୟାଚ୍‌ରେ କୁଚିଣ୍ଡା ଦଳ ଗୋଟିଏ ଗୋଲରେ ପଦ୍ମପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲରେ ବିଶାଖାପାଟନମ ଦଳକୁ ଦୁଇଟି ଗୋଲରେ ହରାଇ ସମ୍ବଲପୁର ଦଳ ଫାଇନାଲକୁ ପ୍ରବେଶ କରିଥିଲା। ସଚ୍ଚିଦାନନ୍ଦ ବହିଦାର, ବିଦେଶୀ ସାହୁ, ଚନ୍ଦ୍ରମଣି ସାହୁ, ହରେକୃଷ୍ଣ ମେହେର, ନରେଶ ବାରିକ, ନରୋତ୍ତମ ପ୍ରଧାନ, ପ୍ରଦୀପ ପତ୍ର, ଜୟପଲ ଭୋଇ, ଭବାନୀ ମାଝୀ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ରବିବାର ସମ୍ବଲପୁର ଓ କୁଚିଣ୍ଡା ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ପ୍ରଥମ ମ୍ୟାଚ୍‌ରେ ଅତିଥି ଭାବେ ଏସ୍‌ଡିଏମ୍‌ଓ ଡ. ସରୋଜ ସେଠ, ବସ ମାଲିକ ସଂଘ ସଭାପତି ମନୋରଞ୍ଜନ ସିଂ ବରିହା, ସମ୍ପାଦକ ଅଭିନାଶ ମିଶ୍ର, ଆଥଲେଟିକ ଆସୋସିଏଶନ ଉପସଭାପତି ନନ୍ଦ କିଶୋର ମାଝୀ, ସମ୍ପାଦକ ଶିରୀଶ କୁମାର ବହିଦାର, ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ନିରୋଜ ଦୋରା, ଧନମାଳୀ ସାହୁ, ବିଶ୍ୱକେଶନ ଦୋରା, ଲାଲବିହାରୀ ମିଶ୍ର, ନୀଳମାଧବ ଦୋରା, ଅଶ୍ୱିନୀ ପାଣିଗ୍ରାହୀ, ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ପୂର୍ବତନ ଫୁଟବଲ ଖେଳାଳି ଡ. ପ୍ରଭାତ ନାରାୟଣ ତ୍ରିପାଠୀ ଯୋଗ ଦେଇଥିଲେ।

# ମାଟ୍ରିକ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ


ମାଟ୍ରିକ ଛାତ୍ରୀଛାତ୍ରଙ୍କ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ ।

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ମାଟ୍ରିକ ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବଭଳି ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଆୟୋଜନ ପାଇଁ ଜିଲା ଶିକ୍ଷା ବିଭାଗ ନିଷ୍ପତ୍ତି ନେଇଛି। ଏହି ଅବସରରେ ଶୁକ୍ରବାର ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ (ଡିଆଇଇଟି) ପରିସରରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ଅଧ୍ୟକ୍ଷତା କରିଥିଲେ। ଜିଲା ବିଜ୍ଞାନୀ ନିରୀକ୍ଷକ ଧୀରୋଜ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ସାଇନିଂ ଷ୍ଟାର କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ରାଧାକାନ୍ତ ଛତ୍ରୀ, ବରଗଡ଼ ଜର୍ଜ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ, ସରକାରୀ ବାଳିକା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ବିଷୟର ୬୦ରୁ ଉର୍ଦ୍ଧ୍ୱ ଅଭିଜ୍ଞ ସାଧନ କର୍ମୀ ନିଜ ଅଭିଜ୍ଞତା ଉପସ୍ଥାପନ କରିଥିଲେ। ସୋହେଲା ବ୍ଲକ ଶିକ୍ଷାଧିକାରୀ ଅମୃତା ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲାରେ ପୂର୍ବବର୍ଷ ତୁଳନାରେ ବିଗତ ବର୍ଷ ମାଟ୍ରିକ ପରୀକ୍ଷା ହାର ଆଶାଜନକ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆଗାମୀ ମାଟ୍ରିକ ପରୀକ୍ଷାରେ ଜିଲାର ମାଟ୍ରିକ ପାସ୍ ହାରକୁ ଅନ୍ୟବର୍ଷ ତୁଳନାରେ ଉନ୍ନତ କରିବା ପାଇଁ ଏବେଠାରୁ ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତ କରିବା ପାଇଁ ଶିକ୍ଷାଧିକାରୀମାନେ ପରାମର୍ଶ ଦେଇଥିଲେ। ଏହି କ୍ରମରେ ଆସନ୍ତା ଡିସେମ୍ବର ମାସ ପହିଲାରୁ ମନୋନୀତ ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ନୋଡ଼ାଲ ସେଣ୍ଟରରେ ପ୍ରବେଶିକା ପରୀକ୍ଷା ଦେବା ପାଇଁ ସୂଚନା ଦିଆଯାଇଥିଲା ଏବଂ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ମାଗଣାରେ ଏହି ସୁବିଧା ପାଇବେ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

# ଲୋକ ଅଦାଲତ : ୧୭୮୧ ମାମଲା ଫଇସଲା

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ବରଗଡ଼ ସିଭିଲ କୋର୍ଟ ପରିସରରେ ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି । ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ରାଜସ୍ୱ, ଉପଭୋକ୍ତା, ଆଇପିଆର ମାମଲା ଗୁଡ଼ିକର ଅପୋସ ସହମତିରେ ସମାଧାନ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ୨୨୮୪ ବିଚାରାଧୀନ ମାମଲାର ବିଚାର ପାଇଁ


ଲୋକ ଅଦାଲତରେ ଜିଲା ଦୌରାଜଜ୍ ଏବଂ ଅନ୍ୟମାନେ ।

ବିଭିନ୍ନ ଅଦାଲତ, ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମକଦ୍ଦମା ଗୁଡ଼ିକ ମଧ୍ୟରୁ ୧୭୮୧ ବିଚାରାଧୀନ ମାମଲା ବାବଦକୁ ୩୮ଲକ୍ଷ ୪୦ହଜାର ଟଙ୍କା ଅନୁକମ୍ପାମୂଳକ ରାଶି ଆଦାୟ ହୋଇଥିଲା। ଉକ୍ତ ଲୋକ ଅଦାଲତରେ ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷା ମହାନ୍ତି, ସଚିବ ବିଭୁ କଲ୍ୟାଣ ପାଢ଼ୀ, ପାରିବାରିକ ଅଦାଲତ ବିଚାରପତି ସୁଶାନ୍ତ ପଟେଲ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ବରିଷ୍ଠ ଦେୱାନୀ ବିଚାରପତି ବର୍ଷା ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ ମିଶ୍ର, ଦେୱାନୀ ବିଚାରପତି ସୋନାଲୀ ମହାନ୍ତି, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ଆଇନ ସେବା ପ୍ରାଧିକରଣ ଏବଂ ସିଭିଲ କୋର୍ଟର କର୍ମଚାରୀମାନେ ସହଯୋଗ କରିଥିଲେ।

# ରାଧାରାଣୀ ମନ୍ଦିର ଭଙ୍ଗା ନ ଯାଇ ସୁରକ୍ଷା କରାଯାଉ

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ସଦର ହସ୍ପିଟାଲ ତଥା ସମ୍ପ୍ରତି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ସମ୍ମୁଖରେ ଥିବା ପ୍ରାଚୀନ ରାଧାରାଣୀ ମନ୍ଦିରକୁ ଭଙ୍ଗା ନ ଯାଇ ଏହାର ସୁରକ୍ଷା ଦିଗରେ ପ୍ରଶାସନ ଉଦ୍ୟମ କରିବା ଆବଶ୍ୟକ ବୋଲି ବିଧାୟକ ନରସିଂହ ମିଶ୍ର ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି। ଦୀର୍ଘ ୧୧୦ ବର୍ଷର ଏହି ମନ୍ଦିରରେ ବଲାଙ୍ଗୀରର ପିଢ଼ି ପରେ ପିଢ଼ି ଲୋକଙ୍କ ଭାବାବେଗ ଜଡିତ। ଏଠାରେ ସେମାନେ ପୂଜାର୍ଚ୍ଚନା କରି ଆସୁଛନ୍ତି। କିନ୍ତୁ ବଲାଙ୍ଗୀର ତହସିଲ ଏବଂ ପୌର ପରିଷଦ ମିଳିତ ଭାବରେ ଏହି ମନ୍ଦିରକୁ ଭାଙ୍ଗିବା ପ୍ରୟାସ କରୁଛନ୍ତି। ଯଦି ଏହି ମନ୍ଦିର ଭଙ୍ଗା ଉଦ୍ୟମରୁ ସେମାନେ ବିରତ ନ ହେବେ ତେବେ ଆଗାମୀ ଦିନରେ ନିଶ୍ଚିତ ଭାବରେ ରାଧାରାଣୀ ମନ୍ଦିର ସୁରକ୍ଷା ପାଇଁ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ବିଧାୟକ ମିଶ୍ର ଚେତାବନୀ ଦେଇଛନ୍ତି। କୌଣସି ଟ୍ରାଫିସ ସମସ୍ୟା ଉପୁଜୁ ନାହିଁ। ଏପରି ସ୍ଥଳେ ବଲାଙ୍ଗୀର ତହସିଲ ଓ ପୌର ପରିଷଦ ଏହି ମନ୍ଦିର ଭାଙ୍ଗିବା ପାଇଁ କରୁଥିବା ପ୍ରୟାସ ନିନ୍ଦନୀୟ ବୋଲି ସେ କହିଛନ୍ତି।

# ପ୍ରାୟୋଜକ ସଂଘର ନୂଆଁଖାଇ ଭେଟ୍

ବରଗଡ଼,୧୪।୧୦(ପ୍ରେମାନନ୍ଦ ଖମାରୀ)

ପଶ୍ଚିମ ଓଡ଼ିଶା ପ୍ରଡ୍ୟୁସର ଆସୋସିଏଶନ ପକ୍ଷରୁ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାୟୋଜକ ସଂଘର ସଭାପତି ସୁଧୀର ଆଚାର୍ଯ୍ୟଙ୍କ ସଭାପତିତ୍ୱ ଏବଂ ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତମ, ବିଶ୍ୱଜିତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ବାୟୋ ଇଥାନଲ ପ୍ଲାଣ୍ଟର ଆସିଷ୍ଟାଣ୍ଟ ମ୍ୟାନେଜର ରଶ୍ମିରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କଳାକାରଙ୍କ କଳା ପ୍ରଦର୍ଶନରେ ପ୍ରାୟୋଜକମାନଙ୍କ ଭୂମିକା ତଥା ନୂଆଁଖାଇ ଭେଟ୍ ଆୟୋଜନର ଆଭିମୁଖ୍ୟ ଉପରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ୨୦୦ରୁ ଅଧିକ ପ୍ରାୟୋଜକ, ଗୀତିକାର, କଣ୍ଠଶିଳ୍ପୀ, ଅଭିନେତ୍ରୀ, ଅଭିନେତା, କ୍ୟାମେରାମ୍ୟାନ, ଷ୍ଟୁଡ଼ିଓ ମାଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଶିଷ୍ଟ ପ୍ରାୟୋଜକ ଏବଂ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳାକାର ଏବଂ କଣ୍ଠଶିଳ୍ପୀମାନେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶରତ ମହାକୁର, ସୁନୀଲ ପଣ୍ଡା, ଦେବେନ୍ଦ୍ର ସାହୁ, ଅମିତ ପତି, କେ. ତମନ୍ନା, କେଦାର ଥନାପତି, ଗୋପାଳ ପ୍ରଧାନ, କନକ ସେଠ, ପ୍ରଶାନ୍ତ ପଟ୍ଟନାୟକ, ସୋମନାଥ ଯୋଶୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମାଧବ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।


ପ୍ରୟୋଜକ ସଂଘର ନୂଆଁଖାଇ ଭେଟ୍‌ରେ ଅତିଥିବୃନ୍ଦ।

# କଲ୍ୟାଣୀ ରାୟ କଲେଜ ଚାମ୍ପିୟନ

ଅତାବିରା/ସରଣ୍ଡା,୧୪।୧୦
(ହୃଷୀକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଲରମ୍ଭା କଲେଜ ଖେଳ ପଡ଼ିଆରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଆନ୍ତଃ କଲେଜ ଫୁଟ୍‌ବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଏହି ଅବସରରେ କଲେଜ ଅଧ୍ୟକ୍ଷ ଡ. ପ୍ରମୋଦ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ଅତାବିରା ବିଡ଼ିଓ ପ୍ରମୋଦ ଚନ୍ଦ୍ର ମେହେର, କଲେଜ ପରିଚାଳନା କମିଟି ସଭାପତି ରବିନାରାୟଣ ପଣ୍ଡା, ପ୍ରାଧ୍ୟାପିକା ଜୟକୁମାରୀ ମିଶ୍ର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଅଧିକାରୀ ପିଣ୍ଟୁ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ୪ଦିନ ଧରି ଚାଲିଥିବା


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ ।

ଜୋନ–ଏ ପ୍ରତିଯୋଗିତାରେ ୧୮ ଦଳ ଅଂଶଗ୍ରହଣ କରିଥିଲେ। ଏଠାରୁ ଧମାର ମାଁ ଝାଡ଼େଶ୍ୱରୀ କଲେଜ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହପରି ୨୨ ଦଳ ମଧ୍ୟରେ ରାଉରକେଲା ନୀଳଶୈଳ କଲେଜରେ ଚାଲିଥିବା ଜୋନ–ବି ପ୍ରତିଯୋଗିତାରୁ ରାଉରକେଲା

**ଆନ୍ତଃ କଲେଜ ଫୁଟ୍‌ବଲ ପ୍ରତିଯୋଗିତା**

କଲ୍ୟାଣୀ ରାୟ କଲେଜ ଫାଇନାଲକୁ ଉନ୍ନୀତ ହୋଇଥିଲା। ଲରମ୍ଭା କଲେଜ ପଡ଼ିଆରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ରାଉରକେଲାର କଲ୍ୟାଣୀ ରାୟ କଲେଜ ପ୍ରତିପକ୍ଷ ଧମାର ମାଁ ଝାଡ଼େଶ୍ୱରୀ କଲେଜକୁ ୧–୦ ଗୋଲରେ ହରାଇ ଚାମ୍ପିୟନ ହୋଇଥିଲା। ଲରମ୍ଭା କଲେଜର କ୍ରୀଡ଼ା ସମ୍ପାଦକ ପବିତ୍ର ମାହାଣା ବିବରଣୀ ପାଠ କରିଥିଲେ। ସିଦ୍ଧେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଓରାଓ, କୁଡୁଖ ସମ୍ପ୍ରଦାୟର ରୀତିନୀତି, ପରମ୍ପରା ଉପରେ ଆଲୋଚନା ଚକ୍ର

ବନ୍ଧମୁଣ୍ଡା,୧୪।୧୦ (ସୁବ୍ରତ ଡେ)

ଆନ୍ତର୍ଜାତୀୟ ଓରାମ-କୁଡୁଖ ସଂସ୍କୃତି ସଙ୍ଗଠନର ୩ ଦିନିଆ ସେମିନାର ବିଶ୍ରା ବ୍ଲକ କପାଟମୁଣ୍ଡା ସ୍ଥିତ ମଙ୍ଗଳବାଜାର କୁଡୁଖ ପାଡ଼ା ଘରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ଏବଂ ଓଡିଶା ପାଡା ବେଲ ମାଙ୍ଗେ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ସେମିନାରରେ ଓରାମ-କୁଡୁଖ ସମାଜର ରୀତିନୀତି ଏବଂ ପୂଜା ପଦ୍ଧତି ଉପରେ ଆଲୋଚନା ହୋଇଥିଲା। ସେମିନାରରେ ଉପସ୍ଥିତ ବୁଦ୍ଧିଜୀବୀ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ରୀତିନୀତିର ମହତ୍ତ୍ୱ ଏବଂ ବିଭିନ୍ନ ଅଧ୍ୟାୟ ଉପରେ ଆଲୋକପାତ କରିଥିଲେ। ଆସାମ ରାଜ୍ୟରୁ ଆସିଥିବା ଜୋଗେଶ୍ୱର ଓରାଓ ଏହି ସେମିନାର ବିଷୟରେ ବର୍ଣ୍ଣନା କରି କହିଛନ୍ତି, ବିଶେଷ ରୀତିନୀତି ଅନୁଯାୟୀ ନକରାତ୍ମକ ଶକ୍ତିକୁ ଦୁର୍ବଳ କରି ବ୍ରହ୍ମାଣ୍ଡର ସୃଷ୍ଟିକର୍ତ୍ତା ସମଗ୍ର ବ୍ରହ୍ମାଣ୍ଡକୁ ଦକ୍ଷତାର ସହିତ ନିୟନ୍ତ୍ରଣ କରିବାର ଶକ୍ତି ଯୋଗାଇ ଦେଇଥାଏ। ଏହା ସହିତ ଆୟୋଜକ କମିଟିର ଡେମେ ଓରାମ କହିଛନ୍ତି, ସାଲ ଗଛର ଉପଯୋଗିତା ଆଦିବାସୀମାନଙ୍କ ପ୍ରାଚୀନ କାଳ ସହିତ ଜଡିତ ରହିଛି। ଏହି ଗଛର ପତ୍ର ଏବଂ ଫୁଲ ପୂଜାରେ ବ୍ୟବହୃତ ହୁଏ, ଫଳ ଦୁର୍ଭିକ୍ଷ ସମୟରେ ଖାଦ୍ୟ ଭାବରେ ବ୍ୟବହୃତ ହୁଏ, ଘର ନିର୍ମାଣରେ କାଠ ବ୍ୟବହୃତ ହୁଏ, ଔଷଧ ଭାବରେ ମଧ୍ୟ ବ୍ୟବହୃତ ହୋଇଥାଏ। ଏହି ସେମିନାରରେ ଓଡିଶା, ଆସାମ ଏବଂ ଝାଡଖଣ୍ଡ ରାଜ୍ୟରୁ ଶତାଧିକ ଲୋକ ଅଂଶଗ୍ରହଣ କରି ସେମାନଙ୍କ ବିଭିନ୍ନ ମୂଲ୍ୟବୋଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶୁ ଖାଲଖୋ, ମନମୋହନ ଓରାମ, ବାସୁଦେବ ରାମ ଖାଲଖୋ, ଡେମେ ଓରାମ, ମଙ୍ଗଳା ଖାଲଖୋ, ଦେବ କେରକେଟ୍ଟା, ବିଲୁ ତିର୍କୀ, ଯୋଗେଶ୍ୱର ଓରାମ, ବଳରାମ ଓରାମ, ଆସାମ ରାଜ୍ୟର ପରସନାଥ ଓରାମ, ଝାଡଖଣ୍ଡ ରାଜ୍ୟର ମେଘା ଓରାମ, ମଧ୍ୟପ୍ରଦେଶର ନିର୍ମଳା ପ୍ରଧାନ, ପାଟଣାର ଲଳିତ ଭଗତ, ପଶ୍ଚିମବଙ୍ଗର ବାନ୍ଧନ ଓରାମ ଏବଂ ଗଣେଶ ଚନ୍ଦ୍ର ସର୍ଦ୍ଦାର ଉପସ୍ଥିତ ଥିଲେ।



କୁଆଁରମୁଣ୍ଡା ବ୍ୟାଙ୍କ ଅଫ ଇଣ୍ଡିଆ – ପଦମପୁର ରାସ୍ତା କଡ଼ରେ ଗଦା ହୋଇଥିବା ପ୍ଲାଷ୍ଟିକ ଆବର୍ଜନାକୁ ଗୋରୁ ଖାଉଛନ୍ତି। (ଫଟୋ- ମହେନ୍ଦ୍ର)

## ଗ୍ୟାସ ଗ୍ରାହକଙ୍କୁ ମିଳୁନି ହୋମ ଡେଲିଭରି ସେବା

ସବ୍‌ଡେଗା,୧୩।୧୦(ଅନନ୍ତ ପଟେଲ )

ସୁନ୍ଦରଗଡ ଜିଲା ସବ୍‌ଡେଗା ଗ୍ୟାସ ଉପଭୋକ୍ତାଙ୍କୁ ଦୀର୍ଘ ଦିନରୁ ହୋମ ଡେଲିଭରି ସେବା ମିଳୁନି। ଫଳରେ ଗ୍ୟାସ ନ ପାଇଁ ଗ୍ରାହକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହୋମ ଡେଲଭରିର ସୁବିଧା ରହିଥିଲେ ମଧ୍ୟ ଅଞ୍ଚଳବାସୀ ଏହି ସୁବିଧାରୁ ବଞ୍ଚିତ ରହୁଛନ୍ତି। ଉପଭୋକ୍ତା ଅନଲାଇନ ବୁକିଂ କଲେ ଘରେ ଗ୍ୟାସ ଡେଲିଭରି ହେବାକଥା। ଯାହା ବାବଦରେ କମ୍ପାନୀ ଉପଭୋକ୍ତାଙ୍କଠୁ ପଇସା ବି ନେଇଥାଏ ଓ ଏଜେନ୍ସିକୁ ଦେଇଥାଏ । କିନ୍ତୁ ସବ୍‌ଡେଗା ଅଞ୍ଚଳକୁ ଗ୍ୟାସ ଯୋଗାଉଥିବା ଏଜେନ୍ସି ଉକ୍ତ ନୀୟମାବଳିକୁ ବହୁଦିନ ହେଲା ବେଖାତିର କରି ନିଜ ମନମୁତାବକ ବିତରଣ କରିଚାଲିଛନ୍ତି। ଲୋକଙ୍କଠାରୁ ଗ୍ୟାସ ସିଲିଣ୍ଡର ଦେଲାବେଳେ ହୋମ ଡେଲିଭରିର ଖର୍ଚ୍ଚ ଯୋଡି ନେଉଥିବା ଜଣାପଡିଛି। ବିତରଣ ପାଇଁ ଠିକ ଜାଗା ନ ଥିବାରୁ ବସଷ୍ଟାଣ୍ଡର ଖାଲି ପଡିଆରେ ଟାଣଖରାରେ ଲୋକେ ଗ୍ୟାସ ନେବା ପାଇଁ ଅପେକ୍ଷା କରୁଛନ୍ତି। ହେଲେ ପ୍ରତ୍ୟେକ ଦିନ ଦିନ ୧୧ ଟାରେ ଗ୍ୟାସ ଗାଡି ଆସିଥାଏ। ଗ୍ୟାସର ମୂଲ୍ୟ ହୋମ ଡେଲିଭରି ସହ ୯୬୨ ଟଙ୍କା ଥିବା ବେଳେ ଲୋକଙ୍କ ଠାରୁ ୯୬୫ ଟଙ୍କା ନିଆଯାଉଛି। ଏନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ଶୀଘ୍ର ସମାଧାନ ପାଇଁ ଲୋକେ ବିଭାଗୀୟ କର୍ମଚାରୀଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ୟାସ ଏଜେନ୍ସୀ ମାଲିକ ସୁରେନ ଏକ୍କାଙ୍କୁ ପଚାରିବାରୁ, ଗ୍ରାମାଞ୍ଚଳରେ ହୋମ ଡେଲିଭରି କରି ହେବନାହିଁ ବୋଲି କହିଥିଲେ।

## ତୃଣମୂଳ ସ୍ତରରେ ସମସ୍ତେ ଏକତ୍ରିତ ହୁଅ

ବାଲିଶଙ୍କରା,୧୪।୧୦( ହୃଦାନନ୍ଦ ବାରିକ)

### ବାଲିଶଙ୍କରାରେ କଂଗ୍ରେସ କର୍ମୀ ସମ୍ମିଳନୀ

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କଂଗ୍ରେସ ପକ୍ଷରୁ ଶନିବାର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ସଭାପତି ସୁଧାଂଶୁ ପଶାୟତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କର୍ମୀ ସମ୍ମିଳନୀରେ ତେଇଶ ମାଇଲ ଜୟ ଧରମ ଛକଠାରୁ କର୍ମୀମାନେ ବିଭିନ୍ନ ସ୍ଲୋଗାନଦେଇ ଏକ ପଦଯାତ୍ରାରେ ଭାଟିପଡା, କୁଇଲେରମୁଣ୍ଡା ଗ୍ରାମ ପରିକ୍ରମା କରି କଲ୍ୟାଣ ମଣ୍ଡପଠାରେ ପହଞ୍ଚିଥିଲେ। ସେଠାରେ ଏକ ବିରାଟ ସଭା ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ରାଜଗାଙ୍ଗପୁର ବିଧାୟକ ତଥା ରାଜ୍ୟ କଂଗ୍ରେସ ଉପସଭାପତି ଡା. ସିଏସ ରାଜେନ ଏକ୍କା ଯୋଗଦେଇ ତୃଣମୂଳ ସ୍ତରରେ ସମସ୍ତେ ଏକତ୍ରିତ ହୁଅ ଏବଂ ମଇଦାନରେ ପ୍ରସ୍ତୁତ ରୁହ। ଆଗାମୀ ନିର୍ବାଚନରେ କଡା ଜବାବ ଦିଆଯିବ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ଜନାର୍ଦ୍ଦନ ଦେହୁରୀ ତଲସରା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଗଡ଼କୁ ବଞ୍ଚାଇବା ପାଇଁ ସମସ୍ତେ ପ୍ରୟାସ ଜାରି ରଖିବାକୁ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ଅନ୍ତର୍ଜାତୀୟ ଭାରତୀୟ ଦଳର ହକି ଅଧିନାୟକ ପ୍ରବୋଧ ତିର୍କୀ ଯୋଗଦେଇ କଂଗ୍ରେସ ଦଳ ମଜବୁତ ରହିଛି। ସମସ୍ତେ ଆଦିବାସୀମାନେ ଏକତ୍ରିତ ହୋଇ ଅଞ୍ଚଳର ବିକାଶ ଉପରେ ଗୁରୁତ୍ୱ ଦେବା ପାଇଁ ଦୃଷ୍ଟି ଆକର୍ଷଣ କରିବା ସହିତ ମହିଳାଙ୍କୁ ବିଶେଷ ଗୁରୁତ୍ୱ ଦେଇ ଆଗଧାଡିରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କର୍ମୀ ସମ୍ମିଳନୀରେ ଇଲିଆସ ତିର୍କୀ, ନଗେନ୍ଦ୍ର ସିଂ, କୁଟିଆ ତିର୍କୀ, ମୁରଲୀ ନାଗ, ସୁନୀଲ ବାଘ, ବାଳମତି ତିର୍କୀ, ଦିଲୀପ ଓରାମ, ଉପେଶ ସାହୁ, ଜଗତ ଓରାମ, ସାଧୁ କମାର, ମନସୁର ଖାନ, ନେହେରୁ ଓରାମ, ଲକ୍ଷ୍ମଣ ଗୁରୁ, ଉମ୍ବରୁଧର ଦେହେରି, ଶୁକ୍ରୁ ଓରାମ, ମନରଞ୍ଜନ ଓରାମ, ଅଶୋକ କିଷାନ, ମୀନ ତନ୍ତୀ ଏହି ପରି ଶତାଧିକ ମହିଳା ପୁରୁଷ କଂଗ୍ରେସ କର୍ମୀ ଯୋଗଦେଇ ଆଗାମୀ ନିର୍ବାଚନରେ କଂଗ୍ରେସ ତଲସରା ନିର୍ବାଚନ ମଣ୍ଡଳୀରେ ବିଧାୟକ ପ୍ରାର୍ଥୀଙ୍କୁ ବାଜିମାତ କରିବା ପାଇଁ ଦୃଢ ସଂକଳ୍ପ ନେଇଥିଲେ।



ଉପସ୍ଥିତ କଂଗ୍ରେସ କର୍ମୀ ଓ ଅନ୍ୟମାନେ।

## ବିଜୟୀ କବାଡ଼ି ଦଳକୁ ସମ୍ବର୍ଦ୍ଧନା

କୁତ୍ରା,୧୪।୧୦(ଦେବାଶିଷ ସାହୁ)

ବଣାଇଁସ୍ଥିତ ଧରଣୀଧର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲା ସ୍ତରୀୟ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ଏବଂ ୧୪ ବର୍ଷରୁ କମ୍ ବାଳିକା ଓ ବାଳକଙ୍କ କବାଡି ଖେଳରେ କୁତ୍ରା ବ୍ଲକ୍ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ୧୭ ବର୍ଷରୁ କମ୍ ବାଳକ ବର୍ଗରେ ଚାମ୍ପିୟନ ହୋଇଛି। ବିଜୟୀଦଳ ଫେରିବା ପରେ କୁତ୍ରା ଉଚ୍ଚ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକ,ଛାତ୍ରୀ ଛାତ୍ରଙ୍କ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀଙ୍କ ତତ୍ତ୍ୱାବଧାନରେ ବିଜୟୀ ଦଳକୁ ବ୍ୟାଣ୍ଡ ବାଜା ବଜାଇ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା। ଏହି ଅବସରରେ କୁତ୍ରା ବ୍ଲକ ତରଫରୁ ମହେନ୍ଦ୍ର କଲସେର, ପୁଲକ ପ୍ରଧାନ, ଲବଣିଧର ଗର୍ଡିଆ, ବ୍ରହ୍ମାନନ୍ଦ ମହନ୍ତ, ଅନୁପମା ଟପ୍ପୋ, କିରନଶିଲା ବାର୍ଲା, ମନୋରମା କଲସେର, ସକୁନ୍ତଳା ପ୍ରଧାନ, ସରସ୍ୱତୀ ମିଞ୍ଜ ପ୍ରମୁଖ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ଦଳର ନେତୃତ୍ୱ ନେଇଥିଲେ। ତାଙ୍କୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଶିକ୍ଷକ ବିଭୀଷଣ ବାରିକ ଦଳର ମେଣ୍ଟର ଭାବେ କାର୍ଯ୍ୟ କରିଥିଲେ। ବିଜୟୀଦଳକୁ ଶିକ୍ଷୟିତ୍ରୀ ଶିକ୍ଷକ ସମେତ ଅନୁଷ୍ଠାନର ସ୍କାଉଟସ୍ ,ଗାଇଡସ୍ , ଜୁନିୟର ରେଡକ୍ରସ, ଏନ୍‌ସିସି ଦଳ ବାଜା ବଜାଇ ପାଛୋଟି ଆଣିଥିଲେ। ଏହି ପ୍ରତିଭା ଚୟନ ପ୍ରକ୍ରିୟାରେ କୁତ୍ରା ଉଚ୍ଚ ବିଦ୍ୟାଳୟର ୧୧ ଛାତ୍ରୀଛାତ୍ର ରାଜ୍ୟ ସ୍ତରକୁ ମନୋନୀତ ହୋଇଛନ୍ତି।



ଉପସ୍ଥିତ ବିଜୟୀ ଦଳ ଓ ଅନ୍ୟମାନେ।

## ନୂତନ ବ୍ରିଜ୍‌ର ଲେଆଉଟ କାର୍ଯ୍ୟ ଆରମ୍ଭ

ସୁନ୍ଦରଗଡ଼,୧୪।୧୦( ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ସରକାରୀ କଲେଜ ପାଖ ଇବ୍ ପୋଲ ନିକଟରେ ଆଉ ଏକ ପୋଲ ନିର୍ମାଣ ପାଇଁ ଜନସାଧାରଣଙ୍କ ତରଫରୁ ଦୀର୍ଘ ଦିନ ହେବ ଦାବି ହୋଇ ଆସୁଥିଲା। ଏବେ ଏହି ବ୍ରିଜ ପାଖରେ ନୂତନ ଭାବେ ୨ୟ ସେତୁ ନିର୍ମାଣ ପାଇଁ ଶୁକ୍ରବାର ଲେଆଉଟ କାମ ଆରମ୍ଭ ହୋଇଛି। ରାଜାରାଜୁଡ଼ା ଅମଳରୁ ତିଆରି ହୋଇଥିବା ଏହି ବ୍ରିଜ କେଉଁ ମୁହୂର୍ତ୍ତରେ ଭାଙ୍ଗିଯିବ ତାହା କହି ହେବ ନାହିଁ। ଏହାଉପରେ ପ୍ରତିଦିନ ଶହଶହ ସଂଖ୍ୟାରେ କୋଇଲା ବୋଝେଇ ଭାରିଯାନ ସହିତ ଅନେକ ଛୋଟ ବଡ଼ ଗାଡି ଯା' ଆସ କରୁଛି। ଅନେକ ସମୟରେ ପୋଲ ଜାମ ରହିବା ସହିତ ଛୋଟ ବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି। ଏବେ ଏହି ପୋଲ ମରଣଯନ୍ତା ପାଲଟିଛି। ଅନେକ ସମୟରେ ବ୍ରିଜଉପରେ ଜନସାଧାରଣଙ୍କ ଦ୍ୱାରା ରାସ୍ତାରୋକୋ ମଧ୍ୟ ହେଇଛି। ତେଣୁ ଏହି ବ୍ରିଜ କଡ଼ରେ ଆଉ ଗୋଟିଏ ନୂତନ ବ୍ରିଜ ପାଇଁ ସୁନ୍ଦରଗଡ଼ ବିଜୁ ଜନତା ଦଳର ବରିଷ୍ଠନେତା ତଥା ଜିଲା ବିଜେଡି ଉପସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ସହିତ ପ୍ରତିନିଧି ମଣ୍ଡଳୀ ସବୁବେଳେ ଜିଲାପାଳଙ୍କ ଠାରେ ଏବଂ ତାଙ୍କ ଜରିଆରେ ସରକାରଙ୍କ ପାଖରେ ଦାବି କରିଆସୁଥିଲେ। ବିଜେଡି ଉପସଭାପତି ତ୍ରିପାଠୀ ଏବଂ ପୂର୍ବତନ ନଗରପାଳ ତଥା ଜିଲା ବିଜେଡି ଉପସଭାପତି ବେଣୁଧର ତାଣ୍ଡିଆ ଜିଲା ପାଳ ପରାଗ ହର୍ଷଦ ଗାଭାଲିଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ସମସ୍ୟା ବିଷୟରେ ଅବଗତ କରାଇଥିଲେ। ଇବ ବ୍ରିଜ କଡ଼ରେ ନୂତନ ବ୍ରିଜ ନିର୍ମାଣ ବିଷୟରେ ଦାବି କରିବାରୁ ଜିଲାପାଳ ସାଙ୍ଗେ ସାଙ୍ଗେ ପୂର୍ତ୍ତବିଭାଗ ଅଦିକ୍ଷଣ ଯନ୍ତ୍ରୀ ଇଂ ନାରାୟଣ ପଟେଲଙ୍କୁ ଡକାଇଥିଲେ। ବ୍ରିଜ ବିଷୟରେ ପଚାରିବାରୁ ୨୧,୪୭,୦୬,୬୦୬.୦୦ ଟଙ୍କାରେ ନିର୍ମାଣ ହେବାକୁ ଥିବା ହାଇଲେବୁଲ ବ୍ରିଜର ଟେଣ୍ଡର ପ୍ରକ୍ରିୟା ସରିଛି ଏବଂ ବାଲାଜୀ ଇଂଜିକନ ଏହି ବ୍ରିଜକୁ ୩୦ ମାସରେ ସରିବାପାଇଁ ଚୁକ୍ତି ହୋଇଥିବା ପ୍ରକାଶ କରିଥିଲେ। ଏହା ଜାଣିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ପୂର୍ତ୍ତବିଭାଗ ଏବଂ ବାଲାଜୀ ଇଂଜିକନର କର୍ମଚାରୀଙ୍କ ଉପସ୍ଥିତରେ ନୂତନ ବ୍ରିଜ ନିର୍ମାଣ ପାଇଁ ଲେଆଉଟ କାର୍ଯ୍ୟ ଆରମ୍ଭ ହୋଇଛି।



ଜିଲାପାଳଙ୍କ ସହ ଆଲୋଚନା କରୁଛନ୍ତି ବିଜେଡି ଉପସଭାପତି ଓ ଅନ୍ୟମାନେ।

## ସାଇବର ସଚେତନତା କାର୍ଯ୍ୟକ୍ରମ




ଲହୁଣୀପଡ଼ା,୧୪।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ପୋଲିସ ପକ୍ଷରୁ ବ୍ଲକ ସମ୍ମୁଖ ପଡ଼ିଆରେ ସାଇବର ସୁରକ୍ଷା ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଭୁବନେଶ୍ୱରରୁ ଆସିଥିବା ସାଇବର ରଥକୁ ଲହୁଣୀପଡା ଥାନା ଅଧିକାରୀ ସ୍ୱାଗତ କରିବା ସହିତ ସାଇବର ରଥକୁ ଏକ ଶୋଭାଯାତ୍ରା କରି ବ୍ଲକ ସମ୍ମୁଖକୁ ଆଣିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଥାନା ଅଧିକାରୀ ଗଗନ ବିହାରୀ ନାଏକ ଏବଂ ଲହୁଣୀପଡ଼ା ଷ୍ଟେଟ ବ୍ୟାଙ୍କ ଶାଖାର ମ୍ୟାନେଜର ରାକେଶ ଟୋପ୍ପୋ ଯୋଗଦେଇ ସାଇବର ସଚେତନତାର ବାର୍ତ୍ତା ଦେଇଥିଲେ। ଯଦି କୌଣସି ବ୍ୟକ୍ତି ଠକାମୀର ଶୀକାର ହେଉଛନ୍ତି ୨୪ ଘଣ୍ଟା ମଧ୍ୟରେ ସାଇବର ହେଲ୍ପଲାଇନ ୧୯୩୦ ନମ୍ବର ସହିତ ପରାମର୍ଶ କରିବାକୁ ସୂଚନା ଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦର୍ଶ ବିଦ୍ୟାଳୟର ଦେବସ୍ମିତା ଅଧିକାରୀ ଓ ସଙ୍ଗୀତା ବେହେରା ନୃତ୍ୟ ପରିବେଷଣ କରିଥିବା ବେଳେ ଅର୍ଜୁ ପରବିନ ଓ ଆକାଂକ୍ଷା ଦାଶ ସାଇବର ସୁରକ୍ଷା ଅଭିଯାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ସଚେତନତାରର ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲହୁଣୀପଡା ଥାନା ସବ ଇନ୍ସପେକ୍ଟର ପ୍ରସନ୍ନ କୁମାର ଜେନା, ପ୍ରିୟବ୍ରତ ବେହେରା, ଯଶୋବନ୍ତ ପାତ୍ର, ସାଇବର ଏକ୍ସପୋର୍ଟ ପ୍ରକାଶ କୁମାର ବେହେରା, ପ୍ରମୋଦ କୁମାର ସେଠ, ଲିଲା ରାଣୀ ମଲ୍ଲିକ, ଓଡିଶା ଆଦର୍ଶ ବିଦ୍ୟାଳୟର ହୁଦେଶ ରକ୍ସା ,ବର୍ଷାରାଣୀ ମୁଣ୍ଡା, ଅସିତ ଏକ୍କା, ଭୀମସେନ ଶବର ଓ ଲହୁଣୀପଡା ବାଳିକା ଉଚ୍ଚବିଦ୍ୟାଳୟର ସନ୍ଧ୍ୟାରାଣୀ ମାହାନ୍ତ, ଚାରୁଲତା ମଲ୍ଲିକ, ଭଗବତୀ ଝରା, ତାରା ପ୍ରସାଦ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ରକ୍ତଦାନ ଶିବିର

ସୁନ୍ଦରଗଡ,୧୪।୧୦(ଜୟ ନାରାୟଣ ମେଣ୍ଡୁଲି)

ଏନ୍‌ଟିପିସି ଡୁଲଙ୍ଗା, ଓଡିଶା ରକ୍ତ କେନ୍ଦ୍ର ସହଯୋଗରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏନ୍‌ଟିପିସି ଡୁଲଙ୍ଗା ପ୍ରକଳ୍ପର ମୁଖ୍ୟ କେ. ଚନ୍ଦ୍ରଶେଖର ଏହି ଶିବିରକୁ ଉଦ୍‌ଘାଟନ କରି ରକ୍ତଦାନର ମହତ୍ତ୍ୱ ଓ ନୂତନତ୍ୱ ଉପରେ ଆଲୋକପାତ କରିଥିଲେ। ଏଥିରେ ପ୍ରକଳ୍ପର କର୍ମଚାରୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ରକ୍ତଦାତା କର୍ମଚାରୀମାନେ ପ୍ରକଳ୍ପ ମୁଖ୍ୟ କେ. ଚନ୍ଦ୍ରଶେଖରଙ୍କ ଠାରୁ ପ୍ରମାଣପତ୍ର ଗ୍ରହଣ କରିଥିଲେ। ଓଡିଶା ରକ୍ତ କେନ୍ଦ୍ର ସୁନ୍ଦରଗଡ଼ ଜିଲା କେନ୍ଦ୍ରର କାଉନସିଲର ରତ୍ନପ୍ରଭା ନାୟକ ଓ ଷ୍ଟାଫ ଏହି ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। ଓଡିଶା ରକ୍ତ କେନ୍ଦ୍ର କୃତଜ୍ଞତା ଜଣାଇ ଶିବିରକୁ ଏକ ବଡ଼ ସଫଳତା ଦେବାରେ ଅସାଧାରଣ ଉଦ୍ୟମ ପାଇଁ ଏନ୍‌ଟିପିସି ଡୁଲଙ୍ଗାଙ୍କୁ ଅଭିନନ୍ଦନ ଜଣାଇଛି।




ଶିବିରରେ ୨ ଜଣ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

## ଝୁଲନ୍ତା ମୃତଦେହ ଜବତ

ରାଜଗାଙ୍ଗପୁର,୧୪।୧୦(ଅଶୋକ ପାଣି): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଷ୍ଟେଟ ବ୍ୟାଙ୍କ ନିକଟସ୍ଥ ବ୍ୟବସାୟୀ ତଥା ବାସିନ୍ଦା ପୱନ କୁମାର ଅଗ୍ରୱାଲ(୬୨)ଙ୍କ ଝୁଲନ୍ତା ମୃତଦେହ ଶନିବାର ପୋଲିସ ଜବତ କରିଛି। ରାଜଗାଙ୍ଗପୁର ସରକାରୀ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପଠାଇଛି। ଶନିବାର ଅପରାହ୍ନ ୪ଟାରେ ଅଗ୍ରୱାଲ ନିଜ ଘରର ଛାତ ଉପରେ ଥିବା ଏକ ଫ୍ୟାନ ହୁକରେ ରାଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି।

### ବାଳିକା ଫୁଟ୍‌ବଲ ପ୍ରତିଯୋଗିତା

## ୟୁଏଇ,ମହାରାଷ୍ଟ୍ର ଫାଇନାଲକୁ ଉତ୍ତୀର୍ଣ୍ଣ

ସୁନ୍ଦରଗଡ,୧୪।୧୦(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଜିଲା କ୍ରୀଡା ସଂସଦର ଷ୍ଟାଡିୟମଠାରେ କାଉନସିଲ ଅଫ୍ ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏକ୍ଜାମିନେଶନ (ସିଆଇଏସସିଇ) ଦ୍ୱାରା ଆୟୋଜିତ ୧୯ ବର୍ଷରୁ କମ୍ ଜାତୀୟ ବାଳିକା ଫୁଟ୍‌ବଲ ପ୍ରତିଯୋଗିତାର ୨ୟ ଦିବସରେ ୬ଟି ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚରେ ନର୍ଥ ଇଣ୍ଡିଆ ଦଳ ତାମିଲନାଡୁକୁ ୪-୧ ଗୋଲରେ ପରାସ୍ତ କରିଥିବା ବେଳେ ୨ୟ ମ୍ୟାଚରେ ୟୁଏଇ ଦଳ ନର୍ଥ ୱେଷ୍ଟ ଦଳକୁ ୩-୦ ଗୋଲରେ ପରାସ୍ତ କରିଥିଲା। ଅନ୍ୟ ମ୍ୟାଚରେ ୟୁପି-ୟୁକେ ଦଳ ଆନ୍ଧ୍ରପ୍ରଦେଶ – ତେଲେଙ୍ଗାନା ଦଳକୁ ୪-୦ ଗୋଲରେ ଓ ମହାରାଷ୍ଟ୍ର ଦଳ ପଶ୍ଚିମବଙ୍ଗ-ନର୍ଥ ଇଷ୍ଟ ଦଳକୁ ୯-୦ ଗୋଲରେ ପରାସ୍ତ କରିଥିଲା। ପ୍ରଥମ ସେମିଫାଇନାଲ ୟୁଏଇ ଓ ୟୁପି-ୟୁକେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ୟୁଏଇ ଦଳ ୬-୧ ଗୋଲ ବ୍ୟବଧାନରେ ବିଜୟୀ ହୋଇ ଫାଇନାଲରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଅପରପକ୍ଷରେ ୨ୟ ସେମିଫାଇନାଲରେ ମହାରାଷ୍ଟ୍ର ଦଳ ୮-୦ ଗୋଲରେ ନର୍ଥ ଇଣ୍ଡିଆକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ରବିବାର ଫାଇନାଲ ମ୍ୟାଚ ୟୁଏଇ ଓ ମହାରାଷ୍ଟ୍ର ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସିଆଇଏସସିଇଓ ଓଡ଼ିଶା ରିଜନର ମିଳିତ ସହଯୋଗରେ ସୁନ୍ଦରଗଡ଼ର ସେଣ୍ଟ ଟେରେସା ଇଂଲିଶ ବିଦ୍ୟାଳୟ ଏହି ପ୍ରତିଯୋଗିତାକୁ ଆୟୋଜନ କରୁଛି। ଅତିଥିଭାବେ ସିଆଇଏସସିଇର ପର୍ଯ୍ୟବେକ୍ଷକ ଡ.ଜେମ୍ସ, ଆଇସିଏସସି ସ୍କୁଲ ଓଡ଼ିଶା ରିଜନର ସମ୍ପାଦକ ତଥା ପ୍ରିନ୍ସିପାଲ କୋର୍ଡିନେଟର ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଏବଂ ଅର୍ଗାନାଇଜିଙ୍ଗ ସମ୍ପାଦକ ସିଷ୍ଟର ପି.ସେଲଭି, ସେଣ୍ଟ ଟେରେସା ଇଂଲିଶ ବିଦ୍ୟାଳୟର ଉପାଧ୍ୟକ୍ଷ ସିଷ୍ଟର ଜାଗରାନି, ସିଷ୍ଟର ଥେରେ ଶ୍ୟାମା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଅନିଲ ଦାସ, ସଞ୍ଜୟ କୁମାର ପାଢ଼ୀ, ହମିଦ କୁମାର ମହାପାତ୍ର, ଦେବାଶିଷ ସାହୁ, ସୋମ୍ୟରଞ୍ଜନ ନାୟକ ପରିଚାଳନା କରିଥିବା ବେଳେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ମ୍ୟାଚ କମିସନର ଭାବେ ନିତ୍ୟ କୁମାର ବଲ , ଅଫିସିଆଲ ଭାବେ ପ୍ରଶାନ୍ତ ପାଲ, ସନ୍ୟାସି ମୁଣ୍ଡା, ହେମନ୍ତ ଦାସ, ଅଶୋକ ପାଣ୍ଡବ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର ଓ ସୁଶାନ୍ତ କିଷାନ ଖେଳ ପରିଚାଳନା କରିଥିଲେ। ଚୟନକର୍ତ୍ତା ଭାବେ ଚିତ୍ତରଞ୍ଜନ ନାୟକ ଓ କାର୍ତ୍ତିକା ରକ୍ସା ଦାୟିତ୍ୱ ତୁଲାଇଥିଲେ।



ଫାଇନାଲକୁ ଉତ୍ତୀର୍ଣ୍ଣ ଖେଳାଳି।

## ସଂକ୍ଷେପରେ

### ସୁନା ବେପାରୀଙ୍କଠାରୁ ସୁନା, ଟଙ୍କା ଲୁଟ

ଗୁଡ଼ଭେଲା,୧୪।୧୦ (ମନୋଜ କୁମାର ଜୈନ)

ବଲାଙ୍ଗୀର ଜିଲା ତୁଷୁରା ଥାନା ଅନ୍ତର୍ଗତ କପସିଲା ଗ୍ରାମର ସୁନା ବେପାରୀ ମୁରରୀ ବୁଡେକଙ୍କଠାରୁ ଶନିବାର ତିନି ଜଣ ଦୁର୍ବୃତ୍ତ ମାଡ ମାରି ଏକ ଭରି ସୁନା ସହ ୫ ରୁ ୭ ହଜାର ଟଙ୍କା ଲୁଟି ନେଇଥିବା ବୁଡେକ ଅଭିଯୋଗ କରିଛନ୍ତି। ଏନେଇ ତୁଷୁରା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସଇଁତଳା ବ୍ଲକ ଅନ୍ତର୍ଗତ ବୁଡାବାହାଲ ସାପ୍ତାହିକ ବଜାରକୁ ବୁଡେକ ବ୍ୟବସାୟ ପାଇଁ ଯାଇଥିଲେ। ସେଠାରୁ ନିଜ ସଭୁ ଘର କନ୍ଦକେଲଗାଁକୁ ବାଇକରେ ଯାଉଥିବା ବେଳେ କନ୍ଧାମୁଣ୍ଡା-ଖାରିବାହାଲ ରାସ୍ତାରେ ହଠାତ ତିନି ଜଣ ଅଜଣା ବ୍ୟକ୍ତି ବାଇକରେ ଆସି ମରଣାନ୍ତକ ଆକ୍ରମଣ କରିବା ସହ ଏକ ଭରି ସୁନା ସହ ୫ରୁ ୭ହଜାର ଟଙ୍କା ଲୁଟି ନେଇଥିଲେ। ଏହାପରେ ତୁଷୁରା ଚିକିତ୍ସାଳୟରେ ଚିକିତ୍ସା ହୋଇ ତୁଷୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଉ

ଲାଠୋର,୧୪।୧୦(ଭୁବନେଶ୍ୱର ବାରିକ)

ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଗ୍ରାମର ବାଗପଡ଼ାରେ ବସବାସ କରୁଥିବା ବିଧବା ମହିଳାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ଦାବି ହେଉଛି। ଯୋଜନାରେ ସାମିଲ କରି ସରକାରୀ ସହାୟତା ଯୋଗାଇ ଦେବାକୁ ଦୀର୍ଘ ଦୁଇ ମାସରୁ ଉର୍ଦ୍ଧ୍ୱ ହେବ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରାଯାଇଛି। ଅଦ୍ୟାବଧି ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ନ ଥିବା ନେଇ ସମ୍ପୃକ୍ତ ମହିଳା ପଦ୍ମା ବେହେରା ଅଭିଯୋଗ କରିଛନ୍ତି। ଗତ ତିନି ବର୍ଷ ତଳେ ତାଙ୍କ ସ୍ୱାମୀ ରୋଗାଗ୍ରସ୍ତ ହୋଇ ମୃତ୍ୟୁବରଣ କରିଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ ପଦ୍ମା ଏକମାତ୍ର ପୁଅ ଅମନ(୮)ଙ୍କୁ ସାଙ୍ଗରେ ନେଇ ବଡ଼ ଭାଇ ଦେଇଥିବା ଭୂମିରେ ଘର ଖଣ୍ଡିଏ କରି ରହିଛନ୍ତି। ନିଜର କିଛି ସମ୍ପତ୍ତି ବାଡ଼ି ନ ଥିବା ଯୋଗୁ ଶ୍ରମିକ ଭାବେ କାମ କରି ଯାହା ରୋଜଗାର କରୁଛନ୍ତି ତଥା ପଞ୍ଚାୟତରୁ ପାଉଥିବା ୧୦ କେଜି ଚାଉଳରେ ମା' ପୁଅ ଚଳୁଛନ୍ତି। ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରି ଆଫିଡ଼େଭିଟ ସହ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିଛନ୍ତି। ହେଲେ ଆଜକୁ ଦୁଇ ମାସ ବିତିଗଲା ତାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରାଯାଇ ନାହିଁ। ପଚାରିଲେ ଆଜିକାଲି କହି ସମୟ ଗଡ଼େଇ ଚାଲିଛନ୍ତି। ବିଧବା ଭତା ମାସକୁ ୫ଶହ ଟଙ୍କା ପାଉଥିଲେ ତାହା ମଧ୍ୟ ଦୁଇ ମାସ ହେବ ବନ୍ଦ ହୋଇ ଯାଇଛି। ଅନ୍ୟମାନଙ୍କୁ ଭତ୍ତା ଖାତା ପ୍ରଦାନ କରାଯାଇଥିବା ବେଳେ ପଦ୍ମାଙ୍କୁ ଭତ୍ତା ଖାତା ମଧ୍ୟ ପ୍ରଦାନ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଖପ୍ରାଖୋଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କନିଷ୍କ ବିଭାରଙ୍କ ସହ ଯୋଗାଯୋଗ ସମ୍ଭବପର ହୋଇ ନ ପାରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ବ୍ଲକ ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ପଦ୍ମାଙ୍କୁ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବା ବନ୍ଦ ହୋଇଥିବା ବିଧବା ଭତ୍ତା ପ୍ରଦାନ କରିବାକୁ ଦାବି ହେଉଛି।

### କୃଷକ ସଂଘର୍ଷ ସଂଘ ବୈଠକ

ଦେବଗଡ,୧୪।୧୦(ଶଶାଙ୍କ ଶେଖର ଝାଙ୍କର): ଦେବଗଡ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଶନିବାର ଆଦିବାସୀ ଅଧ୍ୟୁଷିତ ତିଲେଇବଣି ବ୍ଲକ ଅନ୍ତର୍ଗତ ଲଇମୁରା, ଡିମିରିକୁଦା, ଗଣ୍ଡମ, ଝାରମୁଣ୍ଡା, ଝରାଗୋଗୁଆ ଓ ପାରପୋଷି ପଞ୍ଚାୟତର ଚାଷୀମାନଙ୍କ ବିଭନ୍ନ ସମସ୍ୟା ସମ୍ପର୍କୀତ ପୃଥକ ପୃଥକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା କୃଷକ ସଂଘର୍ଷ ସଂଘ ସଭାପତି ସେମ୍ ହେମ୍ବ୍ରମ, ସମ୍ପାଦକ ଗୁଣନିଧି ବେହେରା, ଗୋବିନ୍ଦ ଚନ୍ଦ୍ର ବାଘ, ବିରେନ୍ଦ୍ର କୁମାର ବାରିକ ଓ ନବଘନ ବାଘ ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କ ସହ ସେମାଙ୍କର ସମସ୍ୟା ଓ ଏଗୁଡିକର ସମାଧାନ ଉପରେ ଆଲୋଚନା କରିଥିଲେ।

## ନବରାତ୍ର ଦୁର୍ଗାପୂଜା ଆରମ୍ଭ

**ସଇଁତଳାରେ କଳସ ଶୋଭାଯାତ୍ରା**

ସଇଁତଳା,୧୪।୧୦(ରାଖାଲ ପ୍ରସାଦ ଶତପଥି)

ବଲାଙ୍ଗିର ଜିଲା ସଇଁତଳା ହାଟପଦାଠାରେ ଅନୁଷ୍ଠିତ ହେଉଥିବା ନବରାତ୍ର ଦୁର୍ଗାପୂଜାର ଚଳିତବର୍ଷ ରୌପ୍ୟ ଜୟନ୍ତୀ ମହାସମାରୋହର ସହ ପାଳନ କରାଯାଉଛି। ଶନିବାର ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ମଣ୍ଡପ ନିକଟରେ ସହରର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ ଏକ ବିରାଟ ଶୋଭାଯାତ୍ରାରେ ଘଣ୍ଟବାଦ୍ୟ ସହ ମଣ୍ଡପରୁ ବାହାରି ସ୍ଥାନୀୟ ନୂଆଁବନ୍ଧଠାରେ ପହଞ୍ଚିଥିଲେ। ସେଠାରେ ପୂଜାର୍ଚ୍ଚନା କରିବା ପରେ ଭରା କଳସ ନେଇ ମଣ୍ଡପକୁ ଫେରିଥିଲେ। ଚଳିତବର୍ଷ କପିଳ ଅଗ୍ରୱାଲ ଓ ତାଙ୍କ ସ୍ତ୍ରୀ ରଜନୀ କର୍ତ୍ତା ଦାୟିତ୍ୱରେ ଥିବାବେଳେ ମୁଖ୍ୟ ପୂଜକ ଭାବରେ ରାଧାକାନ୍ତ ତ୍ରିପାଠୀ, କିରଣ ମିଶ୍ର, ବିକ୍ରମ ମିଶ୍ର, ନବଘନ ଷଡ଼ଙ୍ଗୀ, ମାନସ ମିଶ୍ର ଓ ସାଧୁଚରଣ ଦାସ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି। ପୂଜା କମିଟିର ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ବ୍ଲକ ଅଧ୍ୟକ୍ଷା ମୋନିକା ସିଂ ଭୋଇ, ସମ୍ପାଦକ ସୁବୋଧ ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି କଳସ ଯାତ୍ରାରେ ଭାଗ ନେଇଥିଲେ।


ସଇଁତଳା ହାଟପଦାଠାରେ ଅନୁଷ୍ଠିତ ହେଉଥିବା ନବରାତ୍ର ଦୁର୍ଗାପୂଜା ପାଇଁ ଆୟୋଜିତ କଳସ ଯାତ୍ରାରେ ସାମିଲ ହୋଇଥିବା ଭକ୍ତ, ପୂଜା କମିଟିର କର୍ମକର୍ତ୍ତା ।

## 'ବିସ୍ଥାପିତଙ୍କ ସମସ୍ୟାର ଆଇନସମ୍ମତ ସମାଧାନ କରାଯିବ'

**ଝାଙ୍କରପାଲି ଲୋୟର ସୁକତେଲ ପୁନର୍ବାସ କଲୋନିରେ ବିଧାୟକ ନରସିଂହ ମିଶ୍ର**

ବଲାଙ୍ଗୀର,୧୪।୧୦(ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ବିସ୍ଥାପିତମାନେ ରହୁଥିବା ଝାଙ୍କରପାଲିସ୍ଥିତ ପୁନର୍ବାସ ଅସ୍ଥାୟୀ କଲୋନୀକୁ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଶନିବାର ପରିଦର୍ଶନରେ ଯାଇ ବିସ୍ଥାପିତଙ୍କ ବିଭିନ୍ନ ସମସ୍ୟା ଶୁଣିଥିଲେ। ସେଠାରେ ସେ କହିଥିଲେ ଯେ, ଲୋୟର ସୁକ୍‌ତେଲ ପ୍ରକଳ୍ପ ଏହି ଅଞ୍ଚଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲାର ଲକ୍ଷାଧିକ ଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏହି ପ୍ରକଳ୍ପ ଦ୍ୱାରା ଉପକୃତ ହେବେ। ଏହି ପ୍ରକଳ୍ପ ପାଇଁ ବିସ୍ଥାପିତମାନେ ଅନେକ କିଛି ତ୍ୟାଗ କରିଛନ୍ତି। ଗାଁ ଛାଡି ସରକାରୀ କଲୋନୀରେ ରହୁଛନ୍ତି। କିନ୍ତୁ ଅସ୍ଥାୟୀ କଲୋନୀରେ କେତେବେଳେ ବର୍ଷା ପାଣି ଭରିଯାଉଥିବା ଦେଖାଯାଉଛି। ସେମାନଙ୍କ ଦୁର୍ଦ୍ଦଶା ବିଚଳିତ କରୁଛି। ସେମାନେ ଯେପରି ଆଇନ ସମ୍ମତ ସବୁ ସୁବିଧା ପାଇପାରିବେ ସେ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଧାୟକ ମିଶ୍ର ବିସ୍ଥାପିତଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଝାଙ୍କରପାଲି ଅସ୍ଥାୟୀ ପୁନର୍ବାସ କଲୋନୀରେ ବିଧାୟକ ମିଶ୍ରଙ୍କୁ ବିସ୍ଥାପିତମାନେ ସେମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ କହିଥିଲେ। ଦୁଇ ମାସ ତଳେ ପ୍ରଶାସନ ପକ୍ଷରୁ କିଛି ବିସ୍ଥାପିତଙ୍କୁ ପଙ୍ଖା ବଣ୍ଟନ କରାଯାଇଥିଲା। ବିଧାୟକ ମିଶ୍ରଙ୍କୁ ଆମନ୍ତ୍ରଣ କରାଯାଇ ଏହି ପଙ୍ଖା ବଣ୍ଟନ କରାଯାଇଥିଲା। କିନ୍ତୁ ଆଜି କିଛି ବିସ୍ଥାପିତ ମହିଳା ବିଧାୟକଙ୍କୁ ଅଭିଯୋଗ କରିଥିଲେ ଯେ, ଦୁଇମାସ ତଳେ ଯେଉଁ ଅଧିକାରୀମାନେ ପଙ୍ଖା ବଣ୍ଟନ କରିଥିଲେ ତାହା ନାମକୁ ମାତ୍ର ଅଳ୍ପ ଲୋକଙ୍କୁ ବଣ୍ଟନ କରିଥିଲେ। ପ୍ରତିଶ୍ରୁତି ସତ୍ତ୍ୱେ ଅନେକ ଲୋକଙ୍କୁ ପଙ୍ଖା ଦିଆଯାଇନାହିଁ ବୋଲି ଅଭିଯୋଗ କରିଥିଲେ। ସେଠାରେ ନିର୍ମାଣ ହୋଇଥିବା କମ୍ୟୁନିଟି ପାଇଖାନାରେ ପାଣି ବ୍ୟବସ୍ଥା ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ। ଫଳରେ ଗାଧୋଇବା ପାଇଁ ବିଶେଷକରି ମହିଳାମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏଠାରେ ଗୋଟିଏ ପୋଖରୀ ଖନନ ପାଇଁ ଲୋକଙ୍କ ଦାବିକୁ ଅଣଦେଖା କରାଯାଇଛି ବୋଲି କହିଥିଲେ। ଖାଲୁଆ ଜମିରେ ଘର ତିଆରିରେ ଅସୁବିଧା ହେଉଛି। ବିଜୁଳି ସମସ୍ୟା ରହିଛି। ସ୍କୁଲ ନ ଥିବାରୁ ଛୋଟ ଛୁଆ ଅସୁବିଧାରେ ସମ୍ମୁଖୀନ ହେଉଥିବା ଜଣାଇଥିଲେ। ଅଭିଯୋଗ ସବୁ ଶୁଣିବା ପରେ ବିଧାୟକ ମିଶ୍ର ଆଗାମୀ ସୋମବାର ସେ ପ୍ରକଳ୍ପ ଯନ୍ତ୍ରୀ ଓ ଅଧିକାରୀମାନଙ୍କୁ ଡାକି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଥିଲେ। ଗୋଟିଏ ବିସ୍ଥାପିତ ପରିବାରର ବୃଦ୍ଧମାତା ଏବଂ ତାଙ୍କ ପୁଅଙ୍କୁ ଅଲଗା ସ୍ଥାନରେ ଘରଡିହ ଦିଆଯାଇଥିବାରୁ ବୃଦ୍ଧ ମାତା କିଭଳି ପୁଅବୋହୂଙ୍କ ସେବା ପାଇବରୁ ବଞ୍ଚିତ ହେଉଛନ୍ତି ବିଧାୟକଙ୍କୁ ଜଣାଇଥିଲେ। ଏହା ଏକ ସମ୍ବେଦନଶୀଳ ବିଷୟ କହି ଏଦିଗରେ ପଦକ୍ଷେପ ନେବେ ବୋଲି ବିଧାୟକ ମିଶ୍ର କହିଥିଲେ। ତୁଡାପାଲି ଠାରେ ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକ ମିଶ୍ର ଅଧ୍ୟକ୍ଷତା କରିଥିଲେ। ସେଠାରୁ ଫେରିବା ବେଳେ ଝାଙ୍କରପାଲି ଅସ୍ଥାୟୀ ପୁନର୍ବାସ କଲୋନୀ ପରିଦର୍ଶନ କରିଥିଲେ।


ବିଧାୟକ ନରସିଂହ ମିଶ୍ର ଝାଙ୍କରପାଲି ପୁନର୍ବାସ କଲୋନିରେ ଲୋୟର ସୁକ୍‌ତେଲ ପ୍ରକଳ୍ପର ବିସ୍ଥାପିତଙ୍କ ସହ ଆଲୋଚନା କରୁଛନ୍ତି।

## ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ୍ ର୍‍ୟାଙ୍କିଙ୍ଗ୍‌ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଫଳତା

ଭୁବନେଶ୍ୱର, ୧୪।୧୦(ଅସମାପିକା ସାହୁ)

ଏଜୁକେଶନ ୱାର୍ଲ୍ଡ ଇଣ୍ଡିଆ ସ୍କୁଲ ର୍‍ୟାଙ୍କିଙ୍ଗ ୨୦୨୩-୨୦୨୪ରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଫଳତା ପାଇଛି। ରାଜ୍ୟର ଦୁଇଟି ସ୍କୁଲ ଦୁଇଟି ବିଭାଗରେ ଶ୍ରେଷ୍ଠ ୧୦ ଭିତରେ ସ୍ଥାନ ପାଇଛି। ରାଜ୍ୟ ସରକାରଙ୍କ ଡେ' ସ୍କୁଲ ବିଭାଗରେ ଦେବଗଡ ଜିଲା ରିଆମାଳ ବ୍ଲକର ବୁଢ଼ାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ସ୍ଥାନ ପାଇଥିବାବେଳେ ସରକାରୀ ଆବାସିକ ବିଦ୍ୟାଳୟ ବିଭାଗରେ ମୟୂରଭଞ୍ଜ ଜିଲା ବାରିପଦା ବ୍ଲକ ରାଣୀଭୋଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ନବମ ସ୍ଥାନ ହାସଲ କରି ରାଜ୍ୟ ପାଇଁ ଗୌରବ ଆଣି ଦେଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଏହି ସଫଳତାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଏବଂ ସଙ୍ଗଠନର ସମସ୍ତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳ ଓ ଛୋଟ ସହରର ମେଧାବୀ ଛାତ୍ରୀଛାତ୍ରଙ୍କୁ ସିବିଏସ୍‌ଇ ଢାଞ୍ଚାରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସ୍ଥାପନ ରାଜ୍ୟ ସରକାରଙ୍କ ଏକ ଅଭିନବ ପରିକଳ୍ପନା।



ଡେ' ସ୍କୁଲ ବିଭାଗରେ ୮ମ ସ୍ଥାନରେ ଥିବା ଦେବଗଡ ଜିଲା ବୁଢ଼ାପାଳସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପ୍ରମାଣପତ୍ର ପ୍ରଦାନ କରାଯାଉଛି।

## ସହାୟତାର ହାତ ବଢ଼ାଇଲେ ରାଣୀ



ଦେବଗଡ଼, ୧୪।୧୦ (ଶଶାଙ୍କ ଶେଖର ଝାଙ୍କର )

ସହଯୋଗର ହାତ ବଢାଇ ପୁନର୍ବାର ଚର୍ଚ୍ଚାକୁ ଆସିଛନ୍ତି ଯାତ୍ରା କଳାକାର ରାଣୀ ପଣ୍ଡା। ଦେବଗଡ଼ ଜିଲା ଢୋଲପଡା ପଞ୍ଚାୟତ ପଥୁରିନାଳି ଗ୍ରାମର ଟିକେଶ୍ୱରୀ ଠାକୁରଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ୩ ସନ୍ତାନ ମଧ୍ୟରୁ ଜଣଙ୍କ ପାଠପଢ଼ା ଦାୟିତ୍ୱ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ରାଣୀ ପଣ୍ଡା ଆଞ୍ଚଳିକ ଜଗନ୍ନାଥ କମିଟି, ଢୋଲପଡାର କର୍ମକର୍ତ୍ତା ଦିଲୀପ ନାୟକ, ଦୀପକ ସାହୁ, ବିବେକାନନ୍ଦ ଭୋଇ ଓ ଟଙ୍କଧର ସାହୁଙ୍କ ସହିତ ପଥୁରିନାଳି ଗ୍ରାମକୁ ଯାଇ ଅସହାୟ ଗରିବ ଟିକେଶ୍ୱରୀଙ୍କ ପରିବାର କଥା ପଚାରି ବୁଝିଥିଲେ। ଅକାଳରେ ସ୍ୱାମୀ ଚାଲିଗଲା ପରେ ନିଜର ୩ ଟି ଛୁଆଙ୍କୁ ଧରି ଭଙ୍ଗା କୁଡିଆରେ ଜୀବନ କାଟୁଛନ୍ତି ଅସହାୟ ମହିଳା ଟିକେଶ୍ୱରୀ। ଘରର କାନ୍ଥ ଫାଟି ଆଁ କରିଛି। ଛାତରୁ ମଧ୍ୟ ପାଣି ଗଳୁଛି। ସ୍ୱାମୀଙ୍କ ଯିବା ପରେ ଭୋକ ଉପାସରେ ଦୟନୀୟ ଜୀବନ କାଟୁଥିବା ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢାଇଛନ୍ତି ରାଣୀ। ତାଙ୍କର ଏଭଳି ସାହାଯ୍ୟ ସହାନୁଭୂତି ମନୋଭାବକୁ ସ୍ଥାନୀୟ ଅଞ୍ଚଳବାସୀ ଭୂରି ଭୂରି ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଣୀ ଢୋଲପଡାରେ ଅନୁଷ୍ଠିତ ହେଉଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା ବେଳେ ଉପରୋକ୍ତ ପରିବାର ବିଷୟରେ ଜାଣିବା ପରେ ଶନିବାର ନିଜେ ସେଠାକୁ ଯାଇ ଆଲୋଚନା କରିବା ସହ ସହାୟତା ଯୋଗାଇ ଦେଇଛନ୍ତି।

## କୌଶଳ ଦୀକ୍ଷାନ୍ତ ସମାରୋହ



ଦେବଗଡ,୧୪।୧୦(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ସ୍ଥିତ ଜନଶିକ୍ଷଣ ସଂସ୍ଥାନ ଆନୁକୂଲ୍ୟରେ ରିଆମାଳ ବ୍ଲକ ଅନ୍ତର୍ଗତ ମଳେହିପଡା ଠାରେ ସଂସ୍ଥାନର ଭାରପ୍ରାପ୍ତ ନିର୍ଦ୍ଦେଶକ ହୃଷିକେଶ ସାହୁଙ୍କ ଅଧ୍ୟକ୍ଷତାରେ କୌଶଳ ଦୀକ୍ଷାନ୍ତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ସମ୍ମାନିତ ଅତିଥିଭାବେ ରିଆମାଳ ଡିଗ୍ରୀ କଲେଜର ଅଧ୍ୟକ୍ଷ ଫକୀର ମୋହନ ସାହୁ, ମୁଖ୍ୟବକ୍ତା ଭାବେ ନେହେରୁ ଯୁବକେନ୍ଦ୍ରର ପ୍ରଦୀପ ବିଶ୍ୱାଳ ଯୋଗଦେଇ ବିଭିନ୍ନ ଧନ୍ଦାମୂଳକ ତାଲିମ ଗ୍ରହଣ କରି ଜଣେଜଣେ କୁଶଳୀ ଭାବେ ଆତ୍ମ ନିର୍ଭରଶୀଳ ହେବାକୁ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଜନଶିକ୍ଷଣ ସଂସ୍ଥାନ ଦ୍ୱାରା ବିଗତ ଦିନରେ ତାଲିମ ଗ୍ରହଣ କରିଥିବା କୃତୀ ପ୍ରଶିକ୍ଷାର୍ଥୀଙ୍କୁ ଅତିଥି ମାନଙ୍କ ଦ୍ୱାରା ତାଲିମ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ସଂସ୍ଥାନର କର୍ମୀ ସୋନିକା ପ୍ରଧାନ,ସ୍ୱର୍ଣ୍ଣମୟୀ ଗଡେଇ, ସୁଧିର କୁମାର ପ୍ରଧାନ ଓ ବିମଳ ପାତ୍ର ପ୍ରମୁଖ ସକ୍ରୀୟ ସହଯୋଗ କରିଥିଲେ। ଶେଷରେ ସଂସ୍ଥାନର ସହ କାର୍ଯ୍ୟକ୍ରମ ଅଧିକାରୀ ପିତାମ୍ବର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାସ୍ତରୀୟ ଲୋକ ଅଦାଲତ

ଦେବଗଡ,୧୪।୧୦(ଶଶାଙ୍କ ଶେଖର ଝାଙ୍କର )

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଦେବଗଡ ଜିଲା ଓ ଦୌରାଜଜଙ୍କ ଅଦାଲତ ପରିସରରେ ଶନିବାର ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ଜିଲା ଓ ଦୌରାଜଜ ଗୌତମ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଲୋକ ଅଦାଲରେ ବହୁ ସଂଖ୍ୟକ ମୋଟର ଦୁର୍ଘଟଣା(ମୋଟର ଏକ୍ସିଡେଂଟକ୍ଲେମ ଟ୍ରିବ୍ୟୁନାଲ) ମାମଲାର ବିଚାର କରାଯାଇ କ୍ଷତିପୂରଣ ବାବଦରେ ମୋଟ ୪୬ ଲକ୍ଷ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅଦାଲତରେ ବରିଷ୍ଠ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ, ପ୍ରମୋଦ କୁମାର ନନ୍ଦ, ସଚ୍ଚିକାନ୍ତ ଦାଶ, ବିକାଶ କୁମାର ପ୍ରଧାନ, ରୁଦ୍ରମଣି ବେହେରା ଓ ରିଙ୍କୁ ନାଥଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଶ୍ୱଶୁର ମାଡ଼ରେ ଗର୍ଭବତୀ ବୋହୂ ଆହତ

ଟିଟିଲାଗଡ଼, ୧୪।୧୦(ଶରତ ମିଶ୍ର)

ଟିଟିଲାଗଡ଼ ଥାନା ଅନ୍ତର୍ଗତ ମାର୍ଲାଡ଼ ପଞ୍ଚାୟତ କାଳପଦର ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଶ୍ୱଶୁର ଗର୍ଭବତୀ ବୋହୂକୁ ମାଡ଼ ମାରି ଲହୁଲୁହାଣ କରିବା ଆଲୋଡନ ସୃଷ୍ଟି କରିଛି। ଏନେଇ ଟିଟିଲାଗଡ଼ ଥାନାରେ ବୋହୂ ଲିଖିତ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ୨୦୧୯ ଡିସେମ୍ବର ୮ରେ ସୁକୁନାଭଟା ଗ୍ରାମର ଯାଦବ ରଣାଙ୍କ ଝିଅ ଯଶୋବନ୍ତି କାଳପଦର ଗ୍ରାମର ବୈଚନ୍ଦ୍ର ରଣାଙ୍କ ପୁଅ ସୁରେନ୍ଦ୍ରଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ତେବେ ବିବାହ ପରଠାରୁ ଶାଶୁ ଶ୍ୱଶୁର ଅଧିକ ଯୌତୁକ ଦାବି କରିଆସୁଛନ୍ତି। ଗାଡି, ସୁନା ଯାହା ସମ୍ଭଳ ହେଲା ଯଶୋବନ୍ତିଙ୍କ ପିତା ଯୌତୁକ ଦେଇଥିଲେ। ହେଲେ ବିବାହ ପରେ ଅଧିକ ଯୌତୁକ ଦାବିକରି ଶାଶୁ ଶ୍ୱଶୁର ଗାଳିଗୁଲଜ କରିବା ସହିତ ଶାଶୁ ମାଡ଼ ମାରୁଥିଲେ। ନିର୍ଯାତନା ସହି ନ ପାରି ଅନେକ ଥର ନିଜ ବାପଘରକୁ ଚାଲି ଯାଉଥିଲେ ଯଶୋବନ୍ତି। ବର୍ତ୍ତମାନ ୫ ମାସର ଗର୍ଭବତୀ ଅଛନ୍ତି ଯଶୋବନ୍ତି। ଏଭଳି ସ୍ଥିତିରେ ମଧ୍ୟ ଶନିବାର ସକାଳ ପ୍ରାୟ ୮ଟାରେ ନିଜ ୩ବର୍ଷର ଝିଅକୁ ଧରି ଛିଡା ହୋଇଥିବା ଯଶୋବନ୍ତିଙ୍କୁ ଶ୍ୱଶୁର ବୈଚନ୍ଦ୍ର ମୁହଁରେ ଏକ ମୁଥ ମାରିଥିଲେ। ଫଳରେ ଯଶୋବନ୍ତିଙ୍କ ମୁହଁ ଫାଟି ଲହୁଲୁହାଣ ହୋଇଛି। ଯଶୋବନ୍ତି ଘର କାନ୍ଥରେ ପଡ଼ି ଯିବାରୁ ସେ ଧରିଥିବା ଝିଅର ଆଖି ପାଖରେ ଆଘାତ ହୋଇଛି। ପାଖ ଘରକୁ ଯାଇ ନିଜ ବାପାଙ୍କୁ ଯଶୋବନ୍ତି ଫୋନ କରି ଶ୍ୱଶୁର ମାଡ଼ ମାରିଥିବା ଜଣାଇଥିଲେ। ଖବରପାଇ ତାଙ୍କ ବାପା ଏବଂ ଗାଁଲୋକେ ଯଶୋବନ୍ତିଙ୍କୁ ଉଦ୍ଧାର କରି ଟିଟିଲାଗଡ଼ ଥାନାକୁ ଆସି ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଯଶୋବନ୍ତି ନିଜ ଶ୍ୱଶୁର ଏବଂ ଶାଶୁଙ୍କ ଗାଳିଗୁଲଜ ସହିଆସୁଥିଲେ। ତେବେ ଏଥର ମାରିବାକୁ ଉଦ୍ୟମ ନେଇ ଥାନାର ଦ୍ୱାରସ୍ଥ ହୋଇଥିବା ଯଶୋବନ୍ତିଙ୍କ ବାପା ଯାଦବ କହିଛନ୍ତି। ଘଟଣା ନେଇ ଏକ ମାମଲା ରୁଜୁ ସହ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଆଇଆଇସି ମନୋଜ ପଧାନ କହିଛନ୍ତି।

## ବରିଷ୍ଠ ନାଗରିକଙ୍କୁ ନେଇ ସାଇବର ସଚେତନତା

ଦେବଗଡ,୧୪।୧୦(ଶଶାଙ୍କ ଶେଖର ଝାଙ୍କର )

ଦେବଗଡ ଜିଲା ପୋଲିସ ପକ୍ଷରୁ ବରିଷ୍ଠ ନାଗରିକଙ୍କୁ ନେଇ ଆଦର୍ଶ ଥାନାରେ ଶନିବାର ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ୱାକାଥନ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ହେମନ୍ତ କୁମାର ପଣ୍ଡା, ଏସ୍‌ଡିପିଓ ସୌମ୍ୟରଞ୍ଜନ ମଲ୍ଲିକ ଓ ଆଦର୍ଶ ଥାନା ଅଧିକାରୀ ସରୋଜ କୁମାର ସେଠୀ ମଞ୍ଚାସୀନ ରହି ସାଇବର ଠକେଇରୁ କିଭଳି ରକ୍ଷା ପାଇପାରିବେ ସେ ସମ୍ପର୍କରେ ଉପସ୍ଥିତ ବରିଷ୍ଠ ନାଗରିକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଏଲଇଡି ପରଦା ଦ୍ୱାରା ମଧ୍ୟ ଏ ସମ୍ପର୍କୀତ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ପ୍ରଦର୍ଶନ କରାଯାଇଥିଲା। ଏହାପରେ ବରିଷ୍ଠ ନାଗରିକଙ୍କୁ ନେଇ ଆଦର୍ଶ ଥାନା ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ପୋଲିସ ଅଧିକାରୀ, ମହିଳା ଓ ପୁରୁଷ ପୋଲିସ କର୍ମଚାରୀ, ଜନସାଧାରଣ ସାଇବର ସଚେତନତା ମୂଳକ ପ୍ଲାକାର୍ଡ ଧରି ଅଂଶଗ୍ରହଣ କରିଥିଲେ। ଏହି ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଏସ୍‌ପି ପଣ୍ଡା ପତାକା ଦେଖାଇ ଶୁଭାରମ୍ଭ କରିଥିବା ବେଳେ କାର୍ଯ୍ୟକ୍ରମ ଆୟୋଜନରେ ଆଦର୍ଶ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ।



## ସଂକ୍ଷେପରେ

### କେରଳରେ ପୁଣି ଜଣେ ଓଡ଼ିଆ ଦାଦନ ଶ୍ରମିକ ମୃତ

ଥୁଆମୂଳ ରାମପୁର,୧୪।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡିରେ ସରୁନାହିଁ ଦାଦନ ଦୁଃଖ। ଶୁକ୍ରବାର ଜିଲାର କଳମପୁର ବ୍ଲକ ଦୁଲକିବନ୍ଧ ଗ୍ରାମର ବିଭୁତି ଲେଙ୍କିଆ (୨୩) ଜଣେ ଦାଦନ ଶ୍ରମିକ ଗୋଆକୁ ଦାଦନ ଖଟିବାକୁ



ଯାଇ ସେଠାରେ ନିର୍ମାଣାଧୀନ କୋଠା ଛାତରୁ ପଡି ମୃତ୍ୟୁବରଣ କରିଥିଲେ। ଏହି ଘଟଣାର ଦିନକ ପରେ ଶନିବାର ପୁଣି ଜିଲାର ଥୁଆମୂଳ ରାମପୁର ବ୍ଲକ କାଣିଗୁମା ପଞ୍ଚାୟତ ଅମଠା ଗୁଡା ଗ୍ରାମର ନରେନ୍ଦ୍ର ମାଝି (୨୯) ଜଣେ ଯୁବକ କେରଳକୁ ଦାଦନ ଖଟିବାକୁ ଯାଇ ସେଠାରେ ମୃତ୍ୟୁ ବରଣ କରିଛନ୍ତି। ୪ ମାସ ତଳେ ଗ୍ରାମର ସହକର୍ମୀଙ୍କ ସହ ଦାଦନ ଖଟିବାକୁ କେରଳ ଯାଇଥିଲେ। ସେଠାରେ ସେ ଏକ କ୍ରଶର କମ୍ପାନୀରେ କାମ କରୁଥିଲେ। ଶୁକ୍ରବାର ନରେନ୍ଦ୍ର କାମ କରୁଥିବା ବେଳେ ଏକ ପଥର ଖଣ୍ଡ ତାଙ୍କ ମୁଣ୍ଡ ଉପରେ ପଡିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ଲୋକଙ୍କୁ ଫୋନ ଯୋଗେ ନରେନ୍ଦ୍ରଙ୍କ ଜଣେ ସହକର୍ମୀ ସୂଚନା ଦେଇଥିଲେ। ମୃତକଙ୍କ ପରିବାର ଲୋକେ ଶନିବାର ଜିଲାପାଳଙ୍କ ସମେତ ଥୁଆମୂଳ ରାମପୁର ଥାନା ଓ ବ୍ଲକ ପ୍ରଶାସନ ପାଖରେ ନରେନ୍ଦ୍ରଙ୍କ ମୃତଦେହ ଆଣିବା ସହ ସରକାରୀ ସହାୟତା ରାଶି ଯୋଗାଇ ଦେବା ପାଇଁ ଲିଖିତ ଅଭିଯୋଗ ମାଧ୍ୟମରେ ନିବେଦନ କରିଛନ୍ତି।

### ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୪।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ଶନିବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀମାନେ ବ୍ଲକ ସଦର, ଓଡ଼ିଆମୁଣ୍ଡା, ରିଷିଡା, ତେରେସିଙ୍ଗା, ବେଲପଡା, ବିନ୍ଧାଣି, ପୁଟିଗାଁ ପ୍ରଭୃତି ଗାଁକୁ ପଦଯାତ୍ରାରେ ଯାଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ବିଭୁତି ଭୂଷଣ ମହାକୁଡ଼, ହେମ ସାଗର ସାହୁ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଟିକେମନ ଦୀପ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ମାହେନ୍ଦ୍ରୀ ସାହୁଙ୍କ ସମେତ ଚୈତନ୍ୟ ସାହୁ, ବିଦ୍ୟା ସାହୁ, ହେମନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଶୃଙ୍ଖଳାର ସହ ପରିଚାଳିତ ହେବ ଛତର ଯାତ୍ରା

ଭବାନୀପାଟଣା,୧୪।୧୦(ଉତ୍ତମ କୁମାର ଦାଶ)

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ମା' ମାଣିକେଶ୍ୱରୀଙ୍କ ଛତର ବିଜୟ ଯାତ୍ରା ଆସନ୍ତା ୨୨ ତାରିଖରେ ଅନୁଷ୍ଠିତ ହେବ। ଏଥି ପୂର୍ବରୁ ପ୍ରଶାସନ ଓ ପୋଲିସ ପକ୍ଷରୁ ଦୁଇଟି ପ୍ରସ୍ତୁତି ବୈଠକ ଶେଷ ହୋଇଥିବା ବେଳେ ଶୁକ୍ରବାର ସନ୍ଧ୍ୟାରେ ଭବାନୀପାଟଣା ଟାଉନ ଥାନା ପରିସରରେ ଆଉ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲ ଅଧ୍ୟକ୍ଷତା କରିଥିଲେ। ଏଥିରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଉପାଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଭବାନୀପାଟଣା ସଦର ଆଇଆଇସି ନରେଶ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ସହରର ବିଭିନ୍ନ ବର୍ଗର ଲୋକେ, ବୁଦ୍ଧିଜୀବୀ, ସଙ୍ଗଠନର କର୍ମକର୍ତ୍ତା ଓ ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ମା' ମାଣିକେଶ୍ୱରୀଙ୍କ ପବିତ୍ର ଛତର ବିଜୟ ଯାତ୍ରା ଚଳିତବର୍ଷ ସମସ୍ତ ନୀତିକାନ୍ତି ଅନୁଯାୟୀ ପାଳିତ ହେବ।

ପ୍ରାଥମିକ ସୂଚନା ଅନୁଯାୟୀ ଅକ୍ଟୋବର ୨୧ ତାରିଖ ମାଣିକେଶ୍ୱରୀଙ୍କ ମହାଷ୍ଟମୀ ପୂଜା ପରେ ମଧ୍ୟ ରାତ୍ରିରେ ମା' ଗମ୍ଭିରା ଭିତରୁ ବାହାରି ମା'ଙ୍କ ଛତର ମନ୍ଦିରରୁ ଜେନାଖାଲକୁ ଯାତ୍ରା କରିବେ।



ଅନୁଷ୍ଠିତ ବୈଠକରେ ପୋଲିସ ପ୍ରଶାସନ ସମେତ ପୌରଧ୍ୟକ୍ଷା।

**ଟାଉନ ଥାନାରେ ସବୁ ନୂଆ ବାବୁ: ପୋଲିସ ପାଇଁ ମା' ହିଁ ଭରସା**

ଅକ୍ଟୋବର ୨୨ ତାରିଖ (ରବିବାର) ଭୋର ୫.୩୦ ମିନିଟରୁ ଛତର ଯାତ୍ରା ଆରମ୍ଭ ହୋଇ ଦିନ ପ୍ରାୟ ୧୨ଟାରେ ଛତର ମନ୍ଦିର ପହଞ୍ଚିବ। ପ୍ରକାଶ ଥାଉକି କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ଛତର ଯାତ୍ରା ସମୟରେ ପ୍ରାୟ ଲକ୍ଷାଧିକ ଭକ୍ତଙ୍କ ଭିଡ ହୋଇଥାଏ, ଏକାଧିକ ଘଣ୍ଟ, ଘୁମୁରା, ବଜାସାଲ, ଆଦିବାସୀ ନୃତ୍ୟ ଦଳ ପ୍ରମୁଖ ଯୋଗଦେଇଥାନ୍ତି। ମାନସିକ ଧାରୀମାନେ ମା'ଙ୍କ ନିକଟରେ ହଜାର ହଜାର ସଂଖ୍ୟାରେ ମୁଖ୍ୟ ରାସ୍ତା ଉପରେ ବଳି ଚଢାଇଥାନ୍ତି। ପ୍ରବଳ ଭିଡ ହେବା ଆଶଙ୍କା ଥିବାରୁ ପୋଲିସ କି ପ୍ରକାର ଭାବରେ ଭିଡ଼ ନିୟନ୍ତ୍ରଣ କରିବ ସେ ବିଷୟରେ ଆଜି ଗୁରୁତର ସହ ଆଲୋଚନା ହୋଇଥିଲା। ସଦର ଥାନା ଆଇଆଇସି ନରେଶ କୁମାର ପ୍ରଧାନ ନୂଆକରି ଦାୟିତ୍ୱ ନେଇଥିବାବେଳେ ଟାଉନ ଥାନା ଆଇଆଇସି ଯଶୋବନ୍ତ ହିଆଲ ଅନ୍ୟ ପୋଲିସ ଅଧିକାରୀମାନେ ସମ୍ପୂର୍ଣ୍ଣ ନୂଆ କରି ଦାୟିତ୍ୱ ଗ୍ରହଣ କରିଛନ୍ତି। ସେମାନଙ୍କ ଛତର ଯାତ୍ରା ପରିଚାଳନାର ଅଭିଜ୍ଞତା ନ ଥିବା ଜଣାଯାଇଛି। କିନ୍ତୁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀଙ୍କ ଆଶୀର୍ବାଦ ଓ ମା'ଙ୍କ କୃପା ଲାଭକରି ନିଶ୍ଚିତ ଭାବେ ଛତର ଯାତ୍ରା ପରିଚାଳିତ ହେବ ବୋଲି ଭରସା ରଖାଯାଇଛି। ସହରରେ ଅନ୍ୟାନ୍ୟ ଦୁର୍ଗାପୂଜା ମେଢ଼ ମଧ୍ୟରୁ ୧୧ଟି ଦୁର୍ଗାମେଢ଼ ସ୍ଥାନରେ ପ୍ରବଳ ଭିଡ ହୋଇଥାଏ। ସତନ୍ତ୍ର ସ୍ୱେଚ୍ଛାସେବୀ ଓ ପୋଲିସ ଉପସ୍ଥିତି ଦ୍ୱାରା ଭିଡକୁ ନିୟନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଦୁର୍ଘଟଣା ଏବଂ ଚୋରୀକୁ ଦୃଷ୍ଟିରେ ରଖି ସହରରେ ଲାଗିଥିବା ସମସ୍ତ ସିସି କ୍ୟାମେରାକୁ ଯେପରି କାର୍ଯ୍ୟକ୍ଷମ କରାଯିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ମା' ଦୁର୍ଗାଙ୍କ ନବଦିନାତ୍ମକ ପୂଜା ତଥା ଦଶହରା ମଧ୍ୟରେ ଦେଶୀ ଓ ବିଦେଶୀ ମଦ ର ବିକ୍ରିବଟା ଉପରେ ଆଙ୍କୁଶ ଲଗାଇବା ପାଇଁ ବୁଦ୍ଧିଜୀବୀ ମହଲରୁ ମତପ୍ରକାଶ ପାଇଥିଲା।

# ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ

ପଲମ,୧୪।୧୦(ଭିକାରି ଗଉଡ)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ନର୍ଲା ଡିଗ୍ରୀ କଲେଜର ପ୍ରିନ୍ସିପାଲ ନାରାୟଣ ନାଏକଙ୍କ ଅଧ୍ୟକ୍ଷତାରେ ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ନର୍ଲା ବିଡିଓ ବାସନ୍ତୀ ସେଠି ଯୋଗଦାନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପ୍ରିନ୍ସିପାଲ ନାଏକଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମ ବିଷୟରେ ମୁଖ୍ୟଅତିଥି ସେଠୀ ବିସ୍ତୃତ ଭାବେ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଡାକରାରେ ଭାଜପ କର୍ମୀମାନେ ନର୍ଲା ନିର୍ବାଚନ ମଣ୍ଡଳୀ ସାରା ଘର ଘର ବୁଲି ମେରି ମିଟି ମେରା ଦେଶ କାର୍ଯ୍ୟକ୍ରମରେ ସୁସଜ୍ଜିତ କଳସରେ ମାଟି ସଂଗ୍ରହ କରିଥିଲେ। ଏହି ସଂଗୃହିତ ମାଟିରେ ଦିଲ୍ଲୀରେ ନିର୍ମିତ ହେବ ଅମୃତ ବାଟିକା। ଦେଶର ବୀର ଶହୀଦମାନଙ୍କ ପ୍ରତି ଏହା ଦେଶବାସୀଙ୍କ ଶ୍ରଦ୍ଧାଞ୍ଜଳୀ ବୋଲି କୁହାଯାଇଛି। ଅଧ୍ୟାପକ ସୁଶାନ୍ତ ସାହୁ, ମୃତ୍ୟୁଞ୍ଜୟ ଚାନ୍ଦ, କ୍ରୀଡା ଅଧ୍ୟାପକ ଖିତିଶ ବଗର୍ତ୍ତୀ, ଇଂଲିଶ ଅଧ୍ୟପିକା ବାସନ୍ତୀ ସାହୁ, କିଶୋର ଚାନ୍ଦ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ପରିଚାଳନା କରିଥିଲେ। ଅଧ୍ୟକ୍ଷ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।




ଆୟୋଜିତ ମେରି ମିଟି ମେରା ଦେଶ୍ କାର୍ଯ୍ୟକ୍ରମ।

# ସ୍ୱାସ୍ଥ୍ୟମେଳାରେ ଚିକିତ୍ସିତ ହେଲେ ଗର୍ଭବତୀ, ପ୍ରସୂତି ଓ ଶିଶୁ

କେସିଙ୍ଗା,୧୪।୧୦(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପ୍ରାଥମିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କାଣ୍ଡେଲ ପକ୍ଷରୁ ବାଲସି ଗ୍ରାମପଞ୍ଚାୟତସ୍ଥିତ କଲୋନୀ ପଡ଼ାରେ ଡା.ପ୍ରତିଭା ରାୟଙ୍କ ନେତୃତ୍ୱରେ ଶନିବାର ମାଗଣା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଯାଇଛି। ମେଳାରେ ଆଖପାଖ ଅଞ୍ଚଳର ମହିଳା, ଗର୍ଭବତୀ, ପ୍ରସୂତି, ପୁରୁଷ, ଶିଶୁଙ୍କୁ ସଂକ୍ରମଣ, ଅଣସଂକ୍ରମଣ, ଶିଶୁ ରୋଗ, ମ୍ୟାଲେରିଆ, ନିମୋନିଆ, ଜ୍ୱର, କାଶ ଇତ୍ୟାଦି ରୋଗର ଚିକିତ୍ସା କରାଯାଇ ମାଗଣାରେ ବିଭିନ୍ନ ଔଷଧ ପ୍ରଦାନ କରାଯାଇଥିଲା। ଏହି ମେଳାରେ ମହିଳା ସ୍ୱାସ୍ଥ୍ୟକର୍ମୀ ଆଶାଲତା ହୋତା, ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଜିତେନ୍ଦ୍ର କୁମାର ଦାଶ, ଖିତିସୁତା ହାତୀ, ସିଏଚଓ ସୀମା ପଟେଲ, ଅଙ୍ଗନବାଡି କର୍ମୀ ସଞ୍ଜୁ ସାହୁ, ଆଶା କର୍ମୀ କଲ୍ୟାଣି ବିଭାଗର ପ୍ରମୁଖ ସ୍ୱାସ୍ଥ୍ୟ ମେଳାରେ ସହଯୋଗ କରିଥିଲେ।



କଲୋନୀ ପଡ଼ାରେ ଆୟୋଜିତ ସ୍ୱାସ୍ଥ୍ୟମେଳା।

# ଜିଲା ଆଦିବାସୀ କଲ୍ୟାଣ ସଂଘର ନୂଆଁଖାଇ ଭେଟ୍‌ଘାଟ୍



ଉପସ୍ଥିତ ଅତିଥି ଓ ସମସ୍ତ କର୍ମକର୍ତ୍ତା।

ନୂଆପଡ଼ା,୧୪।୧୦(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ବ୍ଲକ ଚୁଲାଭାଟଠାରେ ଜିଲା ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ଭାନୁପ୍ରତାପ ସିଂ ମାଝିଙ୍କ ଅଧ୍ୟକ୍ଷତାରେ ଜିଲା ସତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଭଗତ ରାମ ମାଝି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ସରୋଜିନୀ ମାଝି, ବିହାରୀ ଲାଲ ବିଶାଳ, ବିକ୍ରମ ମାଝି, କମଲେଶ ଠାକୁର, ଜ୍ଞାନେଶ୍ୱର୍ ମାଝି, କାର୍ତ୍ତିକେଶ୍ୱର ମଲ୍ଲିକ, ଆଶାରାମ ବରିହା, ଆନନ୍ଦ ମାଝି ପ୍ରମୁଖ ଉପସ୍ଥିତ ରହିଥିଲେ। ଜିଲା ଆଦିବାସୀ କଲ୍ୟାଣ ସଂଘର ନୂଆପଡ଼ା ବ୍ଲକ ସଭାପତି ଭକ୍ତବନ୍ଧୁ ଧରୁଆ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ ଆଦିବାସୀଙ୍କ ଦେବଦେବୀଙ୍କଠାରେ ରୀତିନୀତି ଅନୁସାରେ ପୂଜାପାଠ କରି ଚୁଡ଼ା ଓ ଆରିସା ପିଠା ନବାନ୍ନ ଲାଗି ହୋଇ ଏକା ସାଙ୍ଗରେ ବସି ସମସ୍ତେ ଖାଇଥିଲେ। ଆଦିବାସୀମାନଙ୍କ ଐତିହ ପରମ୍ପରାକୁ କିଭଳି ଭାବେ ବଞ୍ଚି ରହିବ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ଆଦିବାସୀଙ୍କ ଉନ୍ନତି ହୋଇ ପାରିବ ସେ ଦିଗରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ନୂଆଁଖାଇ ଭେଟଘାଟ ମାଧ୍ୟରେ ଆଦିବାସୀ ଙ୍କ ଉନ୍ନତି ସହ ନୂଆପଡ଼ା ଏକ ଆଦିବାସୀ ବହୁଳ ଜିଲା ହୋଇଥିବାରୁ ଆଗାମୀ ନିର୍ବାଚନରେ ନୂଆପଡ଼ା ଓ ଖଡ଼ିଆଳ ନିର୍ବାଚନ ମଣ୍ଡଳୀ ଆଦିବାସୀ ନେତାଙ୍କୁ ଠିଆ କରାଇ ବିଜୟୀ ହେବ ବୋଲି ଜିଲା ସମ୍ପାଦକ ବାଳକୃଷ୍ଣ ଶବର କହିଛନ୍ତି। ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ଶହ ଶହ ସଂଖ୍ୟାରେ ଆଦିବାସୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ।

### ଆମ୍ବେଡକର ବିକାଶ କେନ୍ଦ୍ର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ଖଡ଼ିଆଳ,୧୪।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଡୁଆଝରଠାରେ ଡ. ଆମ୍ବେଡକର ବିକାଶ କେନ୍ଦ୍ର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ କାର୍ଯ୍ୟକ୍ରମ ହୋଇଯାଇଛି। ଡ. ଆମ୍ବେଦକର ବିକାଶ କେନ୍ଦ୍ର ସଭାପତି ଜୟନ୍ତ ନାୟକ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି ଯୋଗଦାନ କରି ସମାଜର ବିକାଶ କରିବାକୁ ହେଲେ ଆମେ ସମସ୍ତେ ଏକତାବଦ୍ଧ ଭାବରେ କାମ କରିବାକୁ ପଡିବ ବୋଲି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସମ୍ପାଦକ ମୁକେଶ ସୁନାନୀ, ଡୁଆଝର ଗ୍ରାମ ପଞ୍ଚାୟତ ସରପଞ୍ଚ ଜିତୁ କୁମାର ସମ୍ମାନିତ ଅତିଥି ଭାବେ ଯୋଗଦନ କରି ନୂଆଖାଇ ଭେଟଘାଟର ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ଓ ଛାତ୍ରୀଛାତ୍ରୀମାନେ ଯୋଗଦାନ କରି ସାମୂହିକ ନୂଆଁଖାଇ ଭେଟ୍‌ଘାଟ୍ ହୋଇଥିଲେ।

### ରାମଚଣ୍ଡୀ ମନ୍ଦିର ନିର୍ମାଣ ପାଇଁ ଜମି ପ୍ରଦାନ

ନୂଆପଡ଼ା,୧୪।୧୦(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ପଞ୍ଚାୟତ ବାଞ୍ଜିବାହାଲ ଛକଠାରେ ବ୍ଲକସ୍ତରୀୟ କୁଲୁତା ସମାଜର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋମନା ବ୍ଲକ କେନ୍ଦ୍ର ସଭାପତି ବୈଷମ୍ପାୟନ ସାହୁ (ବୈରାଜ)ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଧନୁ ପ୍ରଧାନ, ସୁବାଷ ପ୍ରଧାନ, ଛବି ଲୋଚନ ସାହୁ, ଘାସିରାମ ଭୋଇ, ବିରବଲ ପ୍ରଧାନ, ନବୀନ ପ୍ରଧାନ, ନବଘନ ପ୍ରଧାନ, ବୃନ୍ଦାବନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ସମୟରେ ଗୋହିରାପଦର ଗ୍ରାମର ଧନସିଂ ପ୍ରଧାନଙ୍କ ସ୍ତ୍ରୀ ନେପୁର ପ୍ରଧାନଙ୍କ ନାମରେ ଥିବା ୪ ଡେସିମିଲ ଜମି ରମେଶ୍ୱର ରାମଚଣ୍ଡୀ କୁଲତା ସମାଜକୁ ପ୍ରଦାନ କରିଛନ୍ତି। ଏହି ଜମିରେ ସମାଜର ବୈଠକ ଘର ନିର୍ମାଣ କରିବା ସହ ରାମେଶ୍ୱର ରାମଚଣ୍ଡୀ ମନ୍ଦିର ନିର୍ମାଣ କରିବା ପାଇଁ କହିଛନ୍ତି।

# ଆକର୍ଷଣ ସାଜିବ କୋଲକାତାର ଦକ୍ଷିଣେଶ୍ୱର କାଳୀମନ୍ଦିର

ଖଡ଼ିଆଳ,୧୪।୧୦(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ପଟ୍ଟନାୟକ ଦୁର୍ଗା ପୂଜା କମିଟି ପକ୍ଷରୁ ଦୁର୍ଗା ପୂଜା ନେଇ ଯୋରଦାର ପ୍ରସ୍ତୁତି ଚାଲିଥିବା ବେଳେ ଚଳିତ ବର୍ଷ (କଲିକତାର) ଦକ୍ଷିଣେଶ୍ୱର କାଳି ମନ୍ଦିର ତୋରଣରେ ବିଜେ କରିବେ ଜଗତ ଜନନୀ ମା' ଦୁର୍ଗା ଓ ପାର୍ଶ୍ୱ ଦେବଦେବୀ ଗଣେଶ, କାର୍ତ୍ତିକ, ଲକ୍ଷ୍ମୀ ଓ ସରସ୍ୱତୀ। ଏଠାରେ ନବରାତ୍ର ଦୁର୍ଗାପୂଜା ହୋଇ ଆସୁଥିବା ବେଳେ ବର୍ତ୍ତମାନଠାରୁ ଖଡ଼ିଆଳ ସହରରେ ବାରି ହେଲାଣି ଦୁର୍ଗାପୂଜାର ମହକ। ପୂଜା ତୋରଣ ଆରମ୍ଭ କରି ଆଲୋକ ସଜ୍ଜାର ପ୍ରାରମ୍ଭିକ କାର୍ଯ୍ୟ ଏହାର ସୂଚନା ଦେଇଛି। ପୂଜା କମିଟି ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଜୋରଦାର ଚାଲିଛି। ସେପଟେ ବିଭିନ୍ନ ଡିଜାଇନ୍ ତୋରଣ ତଥା ଆଖିଝଲସା ସାଜସଜ୍ଜା ଉପରେ ପୂଜା କମିଟି କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଉଛନ୍ତି। ଚଳିତବର୍ଷ ଆକର୍ଷଣ ପାଲଟିବ କୋଲକାତାର ଦକ୍ଷିଣେଶ୍ୱର କାଳୀ ମନ୍ଦିର ଆକୃତିର ପୂଜା ମଣ୍ଡପ। ୫୦ଫୁଟ ଉଚ୍ଚତା ଓ ୭୦ଫୁଟ ଚଉଡ଼ା ବିଶିଷ୍ଟ ଏହି ତୋରଣରେ ଲାଗିଛନ୍ତି ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କାରିଗର। ୧୯୫୪ରୁ ହୋଇଆସୁଥିବା ଏହି ପୂଜା ଚଳିତ ଏବେ ୬୯ ବର୍ଷରେ ପହଞ୍ଚିଛି। ୧୯୯୭ରୁ ନବରାତ୍ର ପୂଜା ହୋଇ ଆସୁଛି। ମଣ୍ଡପରେ ପ୍ରତିବର୍ଷ ଭିନ୍ନ ଭିନ୍ନ ଡିଜାଇନ୍ ତୋରଣ ଓ ସାଜସଜ୍ଜା



**ପଟ୍ଟନାୟକପଡ଼ା ଦୁର୍ଗା ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ**

ସମସ୍ତଙ୍କୁ ଆକର୍ଷି କରୁଥିବା ବେଳେ ଚଳିତ ଥର ମଧ୍ୟ ଏହି ତୋରଣ ସମସ୍ତଙ୍କୁ ଆକର୍ଷିତ କରିବ। ସେହିପରି ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ମଧ୍ୟ ଜୋର୍ଦାର ଚାଲିଛି। କାରିଗରମାନଙ୍କ ଦ୍ୱାରା ନିର୍ମିତ ମା'ଙ୍କ ମୂର୍ତ୍ତିରେ ଆଉ ମାତ୍ର କିଛି ଘଣ୍ଟା ପରେ ଶେଷସ୍ପର୍ଶ ଦିଆଯିବ। ବାହ୍ୟ ଚାକଚକ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉପରେ ବିଶେଷ ପ୍ରାଧାନ୍ୟ ନ ଦେଇ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଶୃଙ୍ଖଳିତ ବାତାବରଣ ଉପରେ ଗୁରୁତ୍ୱ ଦିଆଯିବ। ଏହି ପୂଜାରେ ବଳି ପ୍ରଥା ନାହିଁ ବୋଲି କମିଟି ପକ୍ଷରୁ କୁହାଯାଇଛି। ଚଳିତବର୍ଷ ପୂଜା କର୍ତ୍ତା ଭାବେ ରୂପଦେ ନାଇଖୋର ଓ ଶିଳା ନାଇଖୋର ଥିବାବେଳେ ପୂଜକ ଭାବେ ମୁଖ୍ୟ ପୂଜକ ପ୍ରଦୀପ ମିଶ୍ର, ସୁବାଷ ଦାସ ଓ ଅନ୍ୟ ୭ଜଣ ପୂଜକ ପୂଜା କାର୍ଯ୍ୟ ସମ୍ପାଦନ କରିବେ। ପୂଜା କମିଟି ସଭାପତି ସବ୍ୟସାଚୀ ପାଢ଼ୀ, ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ଓ କୋଷାଧ୍ୟକ୍ଷ ରୋହିତ ତ୍ରିବେଦୀ ଥିବାବେଳେ ପରାମର୍ଶ ଦାତା ଭାବେ ଜଗଦୀଶ



**ଧରାବତରଣ କରିବେ ମା'**

ତ୍ରିବେଦୀ, ସତୀଶ ପଟ୍ଟନାୟକ, ଅମ୍ବିକା ତ୍ରିବେଦୀ, ସୁଧୀର ପଟ୍ଟନାୟକ ସମେତ ଦୁର୍ଗା ପୂଜା କମିଟି ପଟ୍ଟନାୟକ ପଡାର ସମସ୍ତେ ସମ୍ପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିବେ। ଶନିବାର ମହାଳୟା କଳସ ଯାତ୍ରା ହେବାକୁ ଥିବାବେଳେ ରବିବାର ନବରାତ୍ର ଅଧିବାସ ସକାଳ ୫ ଘଣ୍ଟାରୁ ପୂଜା ଆରମ୍ଭ ଓ ବ୍ରାହ୍ମଣ ବରଣ କାର୍ଯ୍ୟକ୍ରମ ହେବ। ପ୍ରତ୍ୟକ ଦିନ ୨ଥର ସକାଳ ୭ଟା ଓ ରାତି ୭ଟାରେ ଆଳତି ଲାଗି ହେବ। ନଅ ଦିନ ଧରି ମଧ୍ୟାହ୍ନରେ ଗୋଟିଏ ଗୋଟିଏ ପ୍ରକାରର ଭୋଗ ଲାଗି ହେବ। ପ୍ରତ୍ୟେକ ଦିନ ୧ କୁଇଣ୍ଟାଲ ୫୦ କେଜିର ଭୋଗ ଭକ୍ତଙ୍କୁ ବଣ୍ଟା ହେବ। ଅକ୍ଟୋବର ୨୫ରେ ଖଡ଼ିଆଳର ଇଷ୍ଟ ଦେବୀ ସମଲେଶ୍ୱରୀ ଓ ରକ୍ତାମ୍ବରୀଙ୍କ ଖଡ଼ିଆଳ ଭ୍ରମଣ ପରେ ବିସର୍ଜନ କାର୍ଯ୍ୟ ଆରମ୍ଭ ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୫୫ ବର୍ଷରେ ବେହେରା ଦୁର୍ଗାପୂଜା

ବେହେରା,୧୪।୧୦(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ବେହେରା ଦୁର୍ଗାପୂଜା ଚଳିତବର୍ଷ ୫୫ ବର୍ଷରେ ପଦାର୍ପଣ କରିଛି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ମା'ଙ୍କ ପୂଜାର୍ଚ୍ଚନା ଗୁରୁତ୍ୱ ଦିଆଯାଇଥିବା କମିଟି ସମ୍ପାଦକ ତୁଳସୀରମ ବାରିକ କହିଛନ୍ତି। ଦଣ୍ଡପାଟ ଅଞ୍ଚଳର ମୁଖ୍ୟ କେନ୍ଦ୍ରସ୍ଥଳୀ ବେହେରା ହୋଇଥିବାରୁ ଆଖପାଖ ୧୫ରୁ ଅଧିକ ଗ୍ରାମପଞ୍ଚାୟତ ସମେତ ପଡୋଶୀ ନବରଙ୍ଗପୁର ଜିଲା ଓ ଛତିଶଗଡ଼ ରାଜ୍ୟର ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥାଏ। ଚଳିତବର୍ଷ ନବ ଦିନାତ୍ମକ ପୂଜନରେ କର୍ତ୍ତା ରୂପେ ସୁନୀଲ ଅଗ୍ରୱାଲ ଓ ବନ୍ଦନା ଅଗ୍ରୱାଲ, ପୂଜକ ବ୍ରହ୍ମପୁରର ମହେଶ୍ୱର ଶତପଥୀ ଓ ବେହେରା ଜଗନ୍ନାଥ ମନ୍ଦିର ପୂଜକ ମୋହନ ତିୱାରୀ ପୂଜନ କାର୍ଯ୍ୟ ସମ୍ପାଦନା କରୁଥିବା ବେଳେ ସମସ୍ତ ଗ୍ରାମବାସୀଙ୍କ ସହଯୋଗ ରହିଛି। ଶନିବାର କଳସ ଯାତ୍ରା ସମ୍ପାଦନ ହୋଇଥିବା ବେଳେ ଆଗାମୀ ନବ ଦିନରେ ନବଦୁର୍ଗାଙ୍କ ଷୋଡଶ ଉପଚାରରେ ପୂଜାର୍ଚ୍ଚନା କରାଯିବ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ।

**ନବ ଦିନାତ୍ମକ ପୂଜନ**



ଆୟୋଜିତ କଳସ ଯାତ୍ରା।

୧୭ରେ ଟୋଡୋର ରାଜା ଝିଅ ପାଇଁ ଜୀବନ ଗଲା ନାଟକ, ୧୮ରେ ଫରସୁନର ସାବତ ମା'ର କୁଟ ଚକ୍ରାନ୍ତ ନାଟକ, ୨୦ରେ ବଲାଙ୍ଗୀର ସପୁରନାଗର ଦଣ୍ଡନୃତ୍ୟ, ୨୧ରେ ଚିଚିଆର ଅଳ୍ପ ଦିନର ପ୍ରେମର ଗଳ୍ପ ଓ ୨୩ରେ ଘୁମୁରା ପ୍ରତିଯୋଗିତା ଆୟୋଜନ କରାଯାଇଛି। ଏହା ବ୍ୟତୀତ ପ୍ରତି ସନ୍ଧ୍ୟାରେ ଦଣ୍ଡପାଟର ପ୍ରସିଦ୍ଧ ଭକ୍ତି ପୁଷ୍ପାଞ୍ଜଳି ଭଜନ ସମାରୋହ ଅନୁଷ୍ଠିତ ହେବ। ଚଳିତବର୍ଷ ବଙ୍ଗୀୟ କଳାକାରଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କରାଯାଇଥିବା ବେଳେ ତୋରଣର ସାଜସଜ୍ଜା ଦର୍ଶକଙ୍କୁ ଆକୃଷ୍ଟ କରିବ। ଦୁର୍ଗାପୂଜା କମିଟି ସଭାପତି ପୂର୍ବତନ ଧର୍ମଗଡ଼ ବ୍ଲକ ଅଧ୍ୟକ୍ଷ ବଳରାମ ପୂଝରୀ, ଲଳିତ ମୋହନ ଅଗ୍ରୱାଲ, ପ୍ରେମଲାଲ ନାଏକ, ମଣ୍ଟୁ ଅଗ୍ରୱାଲ, ଘନଶ୍ୟାମ ପଟେଲ, ହେମାଳ ନାଏକ, ରଜନୀ ନାଏକଙ୍କ ସମେତ କମିଟି ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗରେ ପୂଜନ କାର୍ଯ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସଂପାଦନ ହେବା ନେଇ କମିଟି ସଭାପତି ପ୍ରକାଶ କରିଛନ୍ତି।

# ସ୍ନେହ, ସୌହାର୍ଦ୍ଦ୍ୟ, ଭାଇଚାରାର ପର୍ବ ନୂଆଁଖାଇ

ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ନୂତନ ଟାଉନ ହଲରେ ଜିଲା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନୂଆଁଖାଇକୁ ସ୍ନେହ ସୌହାର୍ଦ୍ଦ୍ୟ ଓ ଭାଇଚାରାର ପର୍ବ ବୋଲି ଅଭିହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧୀକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପଧାନ ଏବଂ ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶାଳ ଯୋଗଦେଇ ନୂଆଁଖାଇ ଧାର୍ମିକ, ସାମାଜିକ, ପାରିବାରିକ ଏକତା ସହିତ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏକ ସୁନ୍ଦର ଅବସର ବୋଲି ମତବ୍ୟକ୍ତ କରିଥିଲେ। ଭୀମଭୋଇ କଳା ପରିଷଦର କଳାକାରମାନେ ଗୁରୁ ଉମେଶ କୁମ୍ଭାରଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଓ ବିଭିନ୍ନ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ। ମମତା ଫ୍ୟାସନ ସ୍କୁଲର କୁନିକୁନି ଶିଶୁ ଅନୁଷ୍ଠାନର ନିର୍ଦ୍ଦେଶିକା ମମତା ଦାଶଙ୍କ ନିର୍ଦ୍ଦେଶନାରେ ସୁନ୍ଦର ରନୱେ ଫ୍ୟାଶନ ଶୋରେ ଅଂଶଗ୍ରହଣ କରିଥିଲେ। କୋଶଳ ଆବାସିକ ବିଦ୍ୟାଳୟ ଓ ସାହାରା ଟ୍ରଷ୍ଟ ହାଇସ୍କୁଲର ଛାତ୍ରୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ନିରାକାର ଦେହେରୀଙ୍କ ନିର୍ଦ୍ଦେଶନାରେ ମା' ମାହେଶ୍ୱରୀ ସାଂସ୍କୃତିକ ସଂସଦ ବିନିକା ପଞ୍ଚରସି ନୃତ୍ୟ ପ୍ରଦର୍ଶନ କରିଥିଲେ। ମା' ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ କରମା ନୃତ୍ୟ ଏବଂ ମା' ସମଲେଶ୍ୱରୀ ବାଡ଼ିନୃତ୍ୟ ବାରିଗାଁର କଳାକାର ବାଡ଼ି ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ। ମହିଳା ସ୍ୱୟଂସହାୟକ ଦଳ ବିଭିନ୍ନ ପ୍ରକାରର


କୃତୀ ଛାତ୍ରୀଙ୍କୁ ଜିଲାପାଳ ଚେକ୍ ପ୍ରଦାନ କରୁଛନ୍ତି।

## ସୁବର୍ଣ୍ଣପୁରରେ ନୂଆଁଖାଇ ଭେଟ୍‌ଘାଟ୍

ପିଠା, ମଣ୍ଡା ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଯମୁନା ପଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ଉଦ୍ୟମରେ ବେଟୀ ବଚାଓ ବେଟୀ ପଢ଼ାଓ ଯୋଜନାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ନମ୍ବର ରଖିଥିବା ଜିଲାର ୯୩ ଜଣ ଛାତ୍ରୀଙ୍କୁ ଜଣ ପ୍ରତି ୨୨୫୦ ଟଙ୍କା ଲେଖାଏଁ ମୋଟ ୨୦ଲକ୍ଷ ୯ହଜାର ୨୫୦ଟଙ୍କାର ଚେକ ପ୍ରୋତ୍ସାହନ ସ୍ୱରୂପ ଜିଲାପାଳ ପ୍ରଦାନ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶିନି କୁମାର ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସ୍କୁଲ କଲେଜର ଛାତ୍ରୀ ଛାତ୍ର, ସ୍ୱୟଂସହାୟକ ଗୋଷ୍ଠୀ, କଳାକାର ପ୍ରମୁଖ ଯୋଗ ଦେଇଥିଲେ।


ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ଶନିବାର ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି।

## ସଂକ୍ଷେପରେ

### ଲିପ୍‌ସା ମିଶ୍ରଙ୍କୁ ଏନ୍‌ଏସି ପକ୍ଷରୁ ସମ୍ବର୍ଦ୍ଧନା



ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ସହର ବାବୁ ସାହିର ରଜେନ୍ଦ୍ର କୁମାର ମିଶ୍ର ଓ ସ୍ନିଗ୍ଧାରାଣୀ ଶୁକ୍ଳଙ୍କ କନ୍ୟା ଡ. ଲିପ୍‌ସା ମିଶ୍ର ଆମେରିକାର ଟେକ୍ସାସ ବିଶ୍ୱବିଦ୍ୟାଳୟରେ ପୋଷ୍ଟ ଡକ୍ଟରେଟ ଡିଗ୍ରୀ ପାଇଁ ଯୋଗ୍ୟ ବିବେଚିତ ହେବା ପରେ ଶନିବାର ବୌଦ୍ଧ ଏନ୍‌ଏସି ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟ ଭଞ୍ଜନ ମଦନ ମୋହନ ପାତ୍ର ଓ ଉପାଧ୍ୟକ୍ଷା ସୁବାସିନୀ ସେଠୀ, କାଉନସିଲର ସ୍ୱର୍ଣ୍ଣଲତା ଦଳେଇ, ସନ୍ତୋଷିନୀ ନେପାକ ପ୍ରମୁଖ ଯୋଗ ଦେଇଥିଲେ। ଡ. ମିଶ୍ର ବିଭିନ୍ନ ସରକାରୀ ଅନୁଷ୍ଠାନରୁ ଶିକ୍ଷା ଲାଭ କରିବା ପରେ ଆଇଆଇଟି ବିହାର ପାଟଣାରୁ ଡକ୍ଟରେଟ ଲାଭ କରିଥିଲେ। ସେ ୨୦୨୧ରେ ଆନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ନିଜର ଗବେଷଣା ତଥ୍ୟ ଉପସ୍ଥାପନ କରି ଭାରତ ସରକାରଙ୍କ ଉଚ୍ଚ ପ୍ରଶଂସିତ ହୋଇଥିଲେ।

### ହରଭଙ୍ଗା କୋର୍ଟରେ ଜିଲାସ୍ତରୀୟ ଲୋକ ଅଦାଲତ



ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ)

ତାଲୁକ ଆଇନସେବା କମିଟି ହରଭଙ୍ଗା ପକ୍ଷରୁ ହରଭଙ୍ଗା କୋର୍ଟ ପରିସରରେ ଶନିବାର ଜିଲାସ୍ତରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା କମିଟି ଅଧ୍ୟକ୍ଷ ପ୍ରିତିଶ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଏହା ଆୟୋଜିତ ହୋଇଥିଲା। ଏଥିରେ ବିଭିନ୍ନ ମାମଲା ଫଇସଲା କରାଯାଇଥିଲା। ଲୋକ ଅଦାଲତରେ ସରକାରୀ ଓକିଲ, ସମସ୍ତ ଆଇନଜୀବୀ ଓ କୋର୍ଟ କର୍ମଚାରୀ ଉପସ୍ଥିତ ଥିଲେ ।

### ବୀରମହାରାଜପୁର ବିଡିଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୧୪।୧୦(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଡ଼ିଓ ମୋତିଲାଲ ସୁଲିଆଙ୍କୁ ସୁନ୍ଦରଗଡ ସଦର ବିଡ଼ିଓ ଭାବରେ ବଦଳି କରାଯାଇଛି। ଏହି ଅବସରରେ ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ ତରଫରୁ ସୁଲିଆଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ନାରାୟଣ ଲୁହା, ସରକାରୀ ଯନ୍ତ୍ରୀ ସନ୍ତୋଷ କୁମାର ପାଲ,ଏବିଡିଓ ପୁରୁଷୋତ୍ତମ ଧରୁଆଙ୍କ ସମେତ ସମସ୍ତ ଜେଇ, ପିଇଓ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ସୁଲିଆ ଦୀର୍ଘ ଚାରିବର୍ଷ ବିଡ଼ିଓ ଭାବରେ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ।

### ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

କର୍ଲାମୁଣ୍ଡା,୧୪।୧୦(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ସଭାପତି ସୁରେଶ ଚୌଧୁରୀଙ୍କ ନେତୃତ୍ୱରେ ଶନିବାର ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ କର୍ମୀମାନେ ବ୍ଲକ ସଦର, ଓଡ଼ିଆମୁଣ୍ଡା, ରିଷିଡା, ତେରେସିଙ୍ଗା, ବେଲପଡା, ବିନ୍ଧାଣି, ପୁଟିଗାଁ ପ୍ରଭୃତି ଗାଁକୁ ପଦଯାତ୍ରାରେ ଯାଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଫଳତା ଉପରେ ଲୋକଙ୍କୁ ସଚେତନ କରିଥିଲେ। ଏଥିରେ ବରିଷ୍ଠ କଂଗ୍ରେସ ନେତା ବିଭୁତି ଭୂଷଣ ମହାକୁଡ଼, ହେମ ସାଗର ସାହୁ, ପ୍ରଦେଶ କଂଗ୍ରେସ କମିଟି ସଭ୍ୟ ଟିକେମନ ଦୀପ ଯୋଗଦେଇଥିଲେ।

# ବିଳମ୍ବରେ ବାହାରିଲା ବାଉଡି ଛତ୍ର

ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

**ବଳିଯାତ୍ରା ପ୍ରଥମ ଦିନରେ ନୀତିକାନ୍ତିରେ ବିଭ୍ରାଟ**

ଅଷ୍ଟଚଣ୍ଡୀଙ୍କ କ୍ଷେତ୍ର ତଥା ତନ୍ତ୍ରପୀଠ ସୁବର୍ଣ୍ଣପୁରରେ ବଳିଯାତ୍ରାର ସ୍ୱତନ୍ତ୍ରତା ରହିଛି। ରାଜାରାଜୁଡା ସମୟରୁ ଏହି ଐତିହାସିକ ବଳିଯାତ୍ରା ଚାଲିଆସିଛି। ଆଶ୍ୱିନ ଅମାବାସ୍ୟାଠାରୁ ଏହି ଯାତ୍ରାର ଶୁଭାରମ୍ଭ ହୁଏ। ତେବେ ଚଳିତ ବଳିଯାତ୍ରାର ପ୍ରଥମ ଦିନ ଶନିବାର ନୀତିକାନ୍ତିରେ ବିଭ୍ରାଟ ସୃଷ୍ଟି ହୋଇଛି। ଚଳିତ ବଳିଯାତ୍ରା ପାଇଁ ବଳିଯାତ୍ରା ମୁଖ୍ୟ ପୂଜକ ଦୀପକ କୁମାର ମହାପାତ୍ରଙ୍କ ଦ୍ୱାରା ପୂର୍ବରୁ ଲଗ୍ନ ଧାର୍ଯ୍ୟ ହୋଇଛି। ତଦନୁଯାୟୀ ଅପରାହ୍ନ ୧ଟାରେ ବାଉଡି ଛତ୍ର ସୁରେଶ୍ୱରୀ ମନ୍ଦିରରୁ ବାହାରି ସମଲେଇ ମନ୍ଦିରକୁ ବିଜେ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ବାଉଡି ଛତ୍ର ଶୋଭାଯାତ୍ରା ସନ୍ଧ୍ୟା ସାଢେ ୬ଟା ପରେ ବାହାରିଥିଲା। ସେବାୟତ, ବରୁଆ, ଢୋଲିଆ ଓ ମହୁରିଆମାନେ ଠିକ୍ ସମୟରେ ସୁରେଶ୍ୱରୀ ମନ୍ଦିରରେ ପ୍ରସ୍ତୁତ ହୋଇଥିଲେ। ତେବେ ଭଡାରେ ଆସୁଥିବା ମୁଖ୍ୟ ବରୁଆଙ୍କ ଦେଖା ମିଳି ନ ଥିଲା। ତାଙ୍କ ଅନୁପସ୍ଥିତିରେ ଶୋଭାଯାତ୍ରା ବିଳମ୍ବରେ ବାହାରିଥିଲା। ଶନିବାର ରାତିରେ ସମଲେଶ୍ୱରୀ ମନ୍ଦିରରେ ଉଆଁସ ବଳି ଅନୁଷ୍ଠିତ ହେବ। ମାତ୍ର ମୁଖ୍ୟ ବରୁଆ ଆସି ନାହାନ୍ତି। ବଳିଯାତ୍ରା କମିଟିର କିଛି କର୍ମକର୍ତ୍ତା ତାଙ୍କୁ ଆଣିବା ପାଇଁ ଯାଇଛନ୍ତି। ତେବେ ବଳିଯାତ୍ରା ପାଳନ ପାଇଁ ବିନିକା ବ୍ଲକ ସକମା ଗାଁର ସେବାୟତମାନେ ରାଜା ରାଜୁଡା ଅମଳରୁ ୫୦୦ଏକର ଉର୍ବର ଚାଷ ଜମି ସେବା କାର୍ଯ୍ୟ ପାଇଁ ପାଇଛନ୍ତି। ହେଲେ ବଳିଯାତ୍ରାରେ ସାମିଲ ନ ହୋଇ କିଛି ବର୍ଷ ହେଲା କେବଳ ଭୋଗ ଦଖଲ କରୁଛନ୍ତି। ଜିଲା ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଅନ୍ୟପକ୍ଷେ ଭଡାରେ କିଛି ସେବାୟତଙ୍କୁ ଅଣାଯାଇ ପରମ୍ପରାକୁ ବଞ୍ଚାଇ ରଖାଯାଇଛି। ଜିଲା ପ୍ରଶାସନ ଓ ଦେବୋତ୍ତର ବିଭାଗର ଅବହେଳା ପାଇଁ ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

# ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଲୋକ ଅଦାଲତ

ସୋନପୁର,୧୪।୧୦(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁରରେ ତୃତୀୟ ଜିଲାସ୍ତରୀୟ ଲୋକ ଅଦାଲତ ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲା ଜଜ ରଶ୍ମିମୋହନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ଏଥିରେ ପରିବାର ଅଦାଲତ ଜଜ୍ ପ୍ରଜ୍ଞା ପାଣିଗ୍ରାହୀ, ଅତିରିକ୍ତ ଜିଲା ଜଜ୍ ପୂର୍ଣ୍ଣିମା ଜେନା, ବରିଷ୍ଠ ସିଭିଲ ଜଜ୍ ଅମିତାଭ ପଣ୍ଡା, ସିଭିଲ କୋର୍ଟ ରେଜିଷ୍ଟ୍ରାର ସଦ୍ୟସ୍ନାତା ପତି, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସ୍ୱେଦସ୍ମା ପଟ୍ଟନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନସ୍ୱିନୀ ମହାପାତ୍ର, ସରକାରୀ ଓକିଲ ବ୍ୟୋମୋକେଶ ଦାଶ, ବେଞ୍ଚ ସଭ୍ୟ ଗଦାଧର ନେଗୀ, ଚମ୍ପେଶ୍ୱର ଥନାପତି, ପ୍ରିୟଜିତ୍ ମିଶ୍ର ଓ ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ପରିବାର ବିବାଦ, ଗ୍ରାହକ ବିବାଦ ଓ ରାଜସ୍ୱ ସମ୍ପର୍କିତ ମୋଟ ୨୫ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୧୭ଟିର ଫଇସଲା ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଜ୍ୟୋତ୍ସ୍ନାରାଣୀ ବେହେରା, ସିଦ୍ଧାନ୍ତ କୁମାର ବାଘ, କମଳ ଲୋଚନ ବେହେରା, କାହ୍ନୁ ଚରଣ ରଥ, ରଞ୍ଜନ କୁମାର ଭୋଇ, ଅନାମ ସାହୁ ଓ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।



ଲୋକ ଅଦାଲତରେ ଉପସ୍ଥିତ ଜଜ୍ ଓ ଅନ୍ୟମାନେ।

# ନବରାତ୍ର ପାଇଁ କଳସ ଶୋଭାଯାତ୍ରା


ବୀରମହାରାଜପୁରରେ କଳସ ଶୋଭାଯାତ୍ରା।

ଅମରପାଲି,୧୪।୧୦(ପୀତାମ୍ବର ସାହୁ)

**ବୀରମହାରାଜପୁର ଦୁର୍ଗାମନ୍ଦିର**
- ମନ୍ଦିରରେ ମା'ଙ୍କ ଧବଳମୁଖୀ ବେଶ
- ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଦୁର୍ଗା ମନ୍ଦିରରେ ହେବାକୁ ଥିବା ନବରାତ୍ର ପୂଜା ପାଇଁ ଶନିବାର ପବିତ୍ର ମହାଳୟା ଅବସରରେ କଳସ ଶୋଭାଯାତ୍ରା କରାଯାଇଛି। ଉପକଣ୍ଠର ଐତିହାସିକ ରଜାବନ୍ଧରୁ ଜଳପୂର୍ଣ୍ଣ କଳସ ଏକ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିର ଛକ, ମୁଖ୍ୟ ଛକ ଦେଇ ଦୁର୍ଗା ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରରେ ଜଳପୂର୍ଣ୍ଣ କଳସ ସ୍ଥାପନ କରାଯାଇଥିଲା। ଏବର୍ଷ ଭାବରେ ମୁଖ୍ୟ କର୍ତ୍ତା ଭାବେ ସନ୍ତୋଷ ମିଶ୍ର ଓ ତାଙ୍କ ସ୍ତ୍ରୀ ସୁନିତା ମିଶ୍ର, ଶ୍ରୀନିବାସ ରଥ ଓ ବାସନ୍ତୀ ରଥ, ସୋମନାଥ ମିଶ୍ର, ପ୍ରଭାସିନୀ ମିଶ୍ର, ତ୍ରିନାଥ ସାହୁ, ସୁକାନ୍ତି ସାହୁ କାର୍ଯ୍ୟ ନିର୍ବାହ କରୁଛନ୍ତି । ମୁଖ୍ୟ ପୂଜକ ଭାବରେ ପଣ୍ଡିତ ମନୋରଞ୍ଜନ ଦାସ ଓ ଦୁର୍ଗା ମନ୍ଦିର ପୂଜକ ରଞ୍ଜନ ନନ୍ଦ କାର୍ଯ୍ୟ ତୁଲାଉଛନ୍ତି। ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କମିଟିର ସଭାପତି ସନ୍ତୋଷ କୁମାର ମିଶ୍ର, ଖଗେଶ୍ୱର ମେହେର, ଭାଗିରଥି ମେଣ୍ଡିଲି, ପର୍ଶୁରାମ ମେହେର, ସନତ କୁମାର ପଣ୍ଡାଙ୍କ ସମେତ କମିଟିର ସମସ୍ତ କାର୍ଯ୍ୟ କର୍ତ୍ତା ଉପସ୍ଥିତ ଥିଲେ। ଶନିବାର ସନ୍ଧ୍ୟାରେ ମହାଳୟା ଅବସରରେ ମା' ଦୁର୍ଗା ଧବଳମୁଖୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ଏହି ବେଶ ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରବିବାର ନବରାତ୍ର ପୂଜା ଆରମ୍ଭ ହେଉଥିବା ବେଳେ ସୋମବାରଠାରୁ ରାମାୟଣ ନବାହ ପାରାୟଣ ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି।

# ହରଭଙ୍ଗା ଥାନା ପକ୍ଷରୁ ସାଇବର ସୁରକ୍ଷା ଅଭିଯାନ

ତଳଗାଁ,୧୪।୧୦(କୁନା ବେହେରା)

ସାଇବର ସୁରକ୍ଷା ଅଭିଯାନ ରଥ ଶନିବାର ବୌଦ୍ଧ ଜିଲା ହରଭଙ୍ଗା ଥାନାରେ ପହଞ୍ଚିବା ପରେ ଥାନା ଅଧିକାରୀ ନଳିନୀକାନ୍ତ ଦାସଙ୍କ ତତ୍ତ୍ୱାବଧାନରେ ନାମ ସଂକୀର୍ତ୍ତନ ସହ ସ୍ୱାଗତ କରାଯାଇଥିଲା। ଥାନା ପରିସରରୁ ଏକ ବାଇକ୍ ରାଲିରେ ସଚେତନତା ରଥ ହରଭଙ୍ଗା ମଡେଲ ଉଚ୍ଚ ବିଦ୍ୟାଳୟ ଓ ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଏକ ସଚେତନତା ସଭା କରାଯାଇ ସାଇବର ଠକେଇରୁ ଛାତ୍ରୀଛାତ୍ର ଓ ଜନସାଧାରଣ କିପରି ନିଜକୁ ସୁରକ୍ଷିତ ରଖିବେ ସେ ନେଇ ମାର୍ଗଦର୍ଶନ ଦିଆଯାଇଥିଲା। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ରାଉତ ସଭାପତିତ୍ୱ କରିଥିବା ବେଳେ ଅତିଥି ଭାବେ ହରଭଙ୍ଗା ଥାନା ଅଧିକାର ଦାସଙ୍କ ସମେତ ସାଇବର ସଚେତନତା ଅଭିଯାନ ଟିମ୍ ସଦସ୍ୟା ଏସ୍‌ଆଇ ରଶ୍ମିତା ମଗର, ଟିମ୍ ମୁଖ୍ୟ ତୁଳାରାମ ମହାନନ୍ଦ, ହୃଷୀକେଶ ମେହେର ଯୋଗଦେଇ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। ପରେ ସ୍କୁଲ ଓ କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ବୌଦ୍ଧ ଜିଲା ସମିତିସଭ୍ୟ ସଂଘ ଗଠିତ

ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ସମିତିସଭ୍ୟ ସଂଘ ଗଠିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ଗୁଡଭେଲିପଦର ସମିତିସଭ୍ୟ ଦୁର୍ଯ୍ୟୋଧନ ଭୋଇଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ସମିତିସଭ୍ୟମାନଙ୍କୁ କୌଣସି କାର୍ଯ୍ୟରେ ଗୁରୁତ୍ୱ ଦେଉ ନ ଥିବା, ସେମାନଙ୍କ ବସିବା କିମ୍ବା ଆଲୋଚନା ପାଇଁ କୌଣସି ଜାଗାର ବ୍ୟବସ୍ଥା ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହାକୁ ଦୃଷ୍ଟିରେ ରଖି ଏକ ସଂଘ ଗଠନ କରିବାକୁ ନିଷ୍ପତ୍ତି ହୋଇଥିଲା। ସଭାପତି ଭାବେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ତଥା ଅଁଳାପାଲି ସମିତିସଭ୍ୟ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ଉପସଭାପତି ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ ଓ କଣ୍ଟାମାଳ ବ୍ଲକ ଅଧ୍ୟକ୍ଷ ସସ୍ମିତା ସେନାପତି, ସମ୍ପାଦକ ଖଲିଆପାଲି ସମିତିସଭ୍ୟ କେଦାରନାଥ ସାହୁ, ସହ ସମ୍ପାଦକ ବ୍ରାହ୍ମଣପାଲି ସମିତିସଭ୍ୟ ସୁମନ୍ତ ସାହୁ ଓ ଶୁଣ୍ଢିପଦର ସମିତିସଭ୍ୟା ଶିଳାବତୀ ସାହୁ, କୋଷାଧ୍ୟକ୍ଷ ଭାବେ କୁଶଙ୍ଗ ସମିତିସଭ୍ୟ କାହ୍ନୁଚରଣ ନାଥଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ଭାବେ ବାଣିଭୁଷଣପୁର ସମିତିସଭ୍ୟ ପ୍ରଶାନ୍ତ ପ୍ରଧାନ, ଖଟଖଟିଆ ସମିତିସଭ୍ୟା ଆହ୍ଲାଦିନି ମହାଲିକ, ଗୁଡଭେଲିପଦର ସମିତିସଭ୍ୟ ଦୁର୍ଯ୍ୟୋଧନ ଭୋଇ, ରକ୍ସା ସମିତିସଭ୍ୟ ଦଳଗଞ୍ଜନ ବେହେରା, କୁଲୁତାଯୋର ସମିତିସଭ୍ୟ ମହେନ୍ଦ୍ର ରଣାଙ୍କୁ ଚୟନ କରାଯାଇଛି।

# ଭାଜପାର ଜନସମ୍ପର୍କ ବୈଠକ


ବୈଠକରେ ଦଳୀୟ କର୍ମକର୍ତ୍ତାଙ୍କ ସହ ଗ୍ରାମବାସୀ।

ଘଣ୍ଟାପଡ଼ା,୧୪।୧୦(ପ୍ରଭାତ ସାହୁ)

କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଲମ୍ବସରି ପଞ୍ଚାୟତର ଗଡ଼ଫେସର୍ଫେଡି ଗ୍ରାମରେ ଭାଜପାର ଜନସମ୍ପର୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ଭାଜପା ଜଲା ସାଧାରଣ ସମ୍ପାଦକ ତଥା ପୂର୍ବତନ ରାଜ୍ୟ କାର୍ଯକାରିଣୀ ସଦସ୍ୟ ନବୀନ କୁମାର ମହାପାତ୍ର, ପୂର୍ବତନ ଜିଲା ଭାଜପା ସାଧାରଣ ସମ୍ପାଦକ ଗୋପାଳ ଚନ୍ଦ୍ର ପୁରୋହିତ ଓ ବୌଦ୍ଧ କେନ୍ଦୁପତ୍ର ଡିଭିଜନ କର୍ମଚାରୀ ସଂଘ ସମ୍ପାଦକ ଶ୍ରୀକାନ୍ତ ମିଶ୍ର ଯୋଗ ଦେଇ ଉଠା ଜଳସେଚନ, କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳିଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହିସବୁ ସମସ୍ୟା ପ୍ରଶାସନ ନିକଟରେ ଜଣାଇବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଗୋପବନ୍ଧୁ ପ୍ରଧାନ, ସୁଜ୍ଞାନି ପ୍ରଧାନ, ଜଳନ୍ଧର କମ୍ପ, ସନ୍ତୋଷ ସାହୁ, ମହେନ୍ଦ୍ର ପୋଡ଼, ତ୍ରିନାଥ ପୋଡ଼, ଶ୍ରୀବସ୍ତ ପୋଡ଼ ଉପସ୍ଥିତ ଥିଲେ।

# ପ୍ୟାକ୍ସରେ ସମ୍ପାଦକ ନିଯୁକ୍ତି ମାମଲା: ଧାରଣା ତୃତୀୟ ଦିନରେ


ସମବାୟ ସମିତି କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯାଇଛି।

ବାଉଁଶୁଣୀ,୧୪।୧୦(ଦେବାଶିଷ ନେପାକ)

ବୌଦ୍ଧ ବ୍ଲକ ମୁଣ୍ଡାପଡ଼ା ସେବା ସମବାୟ ସମିତିର ସମ୍ପାଦକ ଭାବେ ମୁଣ୍ଡାପଡ଼ାର ସଲିମ କୁମାର ସାହୁ ମନୋନୀତ ହୋଇଥିଲେ। ହେଲେ ଏହାକୁ ବିରୋଧ କରି ଏକ ଗୋଷ୍ଠୀ ତାଙ୍କୁ ନିଯୁକ୍ତ କରାଇ ନ ଦେବାରୁ ସେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ତାରିଖ ୮।୮।୨୦୨୩ ଡବ୍ଲୁପି(ସି) ନଂ.୨୫୦୧୫/୨୦୨୩ ଅନୁଯାୟୀ ତୁରନ୍ତ ନିଯୁକ୍ତି କରିବା ପାଇଁ ଆଦେଶ ଦେଇଥିଲେ। ଆଦେଶର ୨ ମାସରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ସଲିମଙ୍କୁ ନିଯୁକ୍ତି କରାଇ ଦେଉ ନ ଥିବାରୁ ଗତ ଗୁରୁବାରଠାରୁ ଆଦିବାସୀମାନେ ଧାରଣା ଆରମ୍ଭ କରିଥିଲେ। ମୁଣ୍ଡାପଡ଼ା ସେବା ସମବାୟ ସମିତି ଅଧୀନ କନ୍ଧଧୂମାଲ, ମୁଣ୍ଡାପଡ଼ା, ବଡଖଲିଗାଁ, ବ୍ରାହ୍ମଣୀପାଲି ଗ୍ରାମର ଶତାଧିକ ଆଦିବାସୀ ମହିଳା ଓ ପୁରୁଷ ଶୋଭାଯାତ୍ରାରେ ବାହାରି ମୁଣ୍ଡାପଡ଼ା ସେବା ସମବାୟ ସମିତି ପର୍ଯ୍ୟନ୍ତ ଯାଇଥିଲେ। ଫାଟକରେ ତାଲା ପକାଇ ଅଭିନବ ଉପାୟରେ ବାଜା ବଜାଇ ଧାରଣାରେ ବସିଥିଲେ। ଶନିବାର ଧାରଣା ତୃତୀୟ ଦିନରେ ପହଞ୍ଚିଛି। ସଲିମ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି।

# ବରିଷ୍ଠ ନାଗରିକଙ୍କୁ ନେଇ ସାଇବର ସଚେତନତା



ସାଇବର ସଚେତନତା ସଭା।

ବୌଦ୍ଧ,୧୪।୧୦(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ପୋଲିସ ପକ୍ଷରୁ ଶନିବାର ସହରର ବରିଷ୍ଠ ନାଗରିକମାନଙ୍କୁ ନେଇ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମର୍ଯ୍ୟାକୁଦ ବ୍ରିଜ ଛକଠାରେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ଅତିଥି ଭବେ ଯୋଗଦେଇଥିଲେ। ଏଥିରେ ବରିଷ୍ଠ ନାଗରିକ ତଥା ସ୍ୱାଧୀନତା ସଂଗ୍ରାମୀ ଗୌରମୋହନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସହରର ବହୁ ବରିଷ୍ଠ ନାଗରିକ, ଯୁବକ, ଛାତ୍ର, ମହିଳା ସାମିଲ ହୋଇ ସାଇବର ସଚତନତା ବାର୍ତ୍ତା ନେଇ ଏକ ପଦଯାତ୍ରା ସହରରେ ବୁଲିଥିଲା। ଅତିଥିମାନେ ସଚେତନ ହେଲେ ସାଇବର ଠକେଇକୁ ଦୂରେଇ ପାରିବା ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ, କର୍ମଚାରୀ ସାମିଲ ଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡ, ଆସବାବପତ୍ର ଜଳିଗଲା

ରାଉରକେଲା,୧୪।୧୦(ସଙ୍ଗୀତା ଜେନା): ଛେଣ୍ଡ ଚିନ୍ମୟ ସ୍କୁଲ ନିକଟ ବିଦ୍ୟୁତ ବସ୍ତିରେ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଘରେ ଅଗ୍ନିକାଣ୍ଡ ଯୋଗୁ ସମସ୍ତ ଆସବାବପତ୍ର ଜଳିପୋଡି ନଷ୍ଟ ହୋଇଯାଇଛି। ଘଟଣାସ୍ଥଳରେ ପାନପୋଷ ଅଗ୍ନିଶମ ଓ ରାଉରକେଲା ଅଗ୍ନିଶମ ବିଭାଗର ୨ଟି ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିରେ କୌଣସି ଜୀବନ ହାନି ହୋଇନାହିଁ। ବସ୍ତିର ଜଣେ ବ୍ୟକ୍ତିଙ୍କ ତୁଳା କପା ଆଦି ବ୍ୟବସାୟ ଥିଲା। ଘରେ କେହି ନ ଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି।

### ମୃତ ଆର୍‌ଏସ୍‌ପି କର୍ମଚାରୀଙ୍କ ସ୍ତ୍ରୀଙ୍କୁ ମିଳିଲା ଅନୁକମ୍ପାମୂଳକ ନିଯୁକ୍ତି

ରାଉରକେଲା,୧୪।୧୦(ସଙ୍ଗୀତା ଜେନା): ଗତ ୧୩ ତାରିଖ ସକାଳ ସାଢ଼େ ୬ଟାରେ ରାଉରକେଲା ଇସ୍ପାତ କାରଖାନା ସିସିଡ଼ି (ମେକାନିକାଲ) ବିଭାଗର ବରିଷ୍ଠ କର୍ମଚାରୀ ଉଦୟନାଥ ସେଠୀ ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ସ୍ୱେଶ ଛକ ରିଂରୋଡ୍‌ରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା। ସୂଚନା ପାଇବା ପରେ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ଉପସାଧାରଣ ସମ୍ପାଦକ ଚକ୍ରଧର ପ୍ରଧାନ, ଦିଲୀପ ମହାପାତ୍ର, ସମ୍ପାଦକ ଜନ୍ମେଜୟ ରାଉତରାୟ, ଯୁଗ୍ମ ସମ୍ପାଦକ ବି.ଏନ୍. ବେହେରା, ଏନ୍. ବରୱା, ଅପୂର୍ବ ଗୌଡ଼ ପ୍ରମୁଖ ଆର୍‌ଏସ୍‌ପି ପରିଚାଳନା କର୍ତ୍ତୃପକ୍ଷଙ୍କ ନିକଟରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ଦାବି କରିଥିଲେ। ଆର୍‌ଏସ୍‌ପି କର୍ତ୍ତୃପକ୍ଷ ଉକ୍ତ ଦାବିକୁ ଅନୁଧ୍ୟାନ କରି ଦିବଂଗତ ସେଠୀଙ୍କ ସ୍ତ୍ରୀ ଚନ୍ଦ୍ରମା ସେଠୀଙ୍କୁ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ ତାଙ୍କର ସେକ୍ଟର-୧୪ ବାସଭବନରେ ସମ୍ମତିପତ୍ର ପ୍ରଦାନ କରିଥିଲେ। ଅପରପକ୍ଷରେ ସେଠୀଙ୍କ ଅକାଳ ମୃତ୍ୟୁକୁ ନେଇ ଅନୁଷ୍ଠାନ ପକ୍ଷରୁ ସମବେଦନା ଜ୍ଞାପନ କରାଯାଇଛି।




ରାଉରକେଲାରେ ଶନିବାର ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ବାହାରିଥିବା ଶୋଭାଯାତ୍ରାରେ ବିଭିନ୍ନ ଦେବଦେବୀଙ୍କ ଝାଙ୍କି ସାମିଲ ହୋଇଛି।

# ସିବିଆଇ ତଦନ୍ତ ଦାବିକଲା ଜେଏମ୍‌ଏମ୍

ରାଉରକେଲା,୧୪।୧୦(ଦିନେଶ ମିଶ୍ର)

ରାଉରକେଲା ଆସିଷ୍ଟାଣ୍ଟ କଲେକ୍ଟର ସୁସ୍ମିତା ମିଞ୍ଜଙ୍କ ହତ୍ୟାକୁ ଆତ୍ମହତ୍ୟା ରୂପ ଦିଆଯାଉଛି। ଏହି ହତ୍ୟାର ପ୍ରକୃତ ତଦନ୍ତ ସିବିଆଇ ଦ୍ୱାରା କରାଗଲେ ହତ୍ୟା ପଛର କାରଣ ପଦାକୁ ଆସିବା ସହ ଏହାର ପ୍ରକୃତ ଉଦ୍ଦେଶ୍ୟ ଜଣାପଡିବ। ସୁସ୍ମିତାଙ୍କ ପରିବାର ଲୋକେ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିବା ବେଳେ ପୋଲିସ ସେହି ଅନୁସାରେ ଘଟଣାର ତଦନ୍ତ ନ କରି କିଭଳି ଏହା ଏକ ଆତ୍ମହତ୍ୟା ବୋଲି କହୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଉରକେଲା ସେକ୍ଟର-୫ ସ୍ଥିତ ପାନ୍ଥନିବାସ ପରିସରରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍‌ଏମ୍) ସୁନ୍ଦରଗଡ ଜିଲା କମିଟି ପକ୍ଷରୁ ଶନିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଜେଏମ୍‌ଏମ୍‌ର ରାଜ୍ୟ ସମ୍ପାଦକ ଲେଥା



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଦଳୀୟ କର୍ମକର୍ତ୍ତା।

**ସୁସ୍ମିତାଙ୍କ ହତ୍ୟାକୁ ଆତ୍ମହତ୍ୟା ରୂପ ଦିଆଯାଉଛି**

ତିର୍କୀ ଏଭଳି କହିଛନ୍ତି। ଏଥିସହ ସୁସ୍ମିତା ମିଞ୍ଜ ହୋଟେଲରେ ରହୁଥିବାବେଳେ ସେନ୍ସରୀ ପାର୍କ ପାଚେରି ଭିତରକୁ ଗଲେ କେମିତି ଓ ପୋଖରୀରେ ଥିବା ଅଣ୍ଟାଏ ପାଣିରେ ଆତ୍ମହତ୍ୟା କେମିତି କଲେ। ସେତେବେଳେ ପାର୍କର ଗାର୍ଡ କେଉଁଠି ଥିଲେ ଅନେକ ପ୍ରଶ୍ନ କରିଛନ୍ତି ସମ୍ପାଦକ ତିର୍କୀ। ପୋଲିସ ଏ ନେଇ ଏକ ଡେମୋ ଦେଖାଇବାକୁ ତିର୍କୀ ନିବେଦନ କରିଛନ୍ତି। ଜଣେ ଲୋକ ବୁଡିଲା ପରେ ମୃତ ଶରୀର କେତେ ଘଣ୍ଟା ପରେ ପାଣି ଉପରକୁ ଆସେ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହି ସବୁ ଦିଗକୁ ଅନୁକରଣ କରା ନ ଯାଇ ପୋଲିସ ମନଇଛା ୧୪ ଜଣଙ୍କୁ ଜେରା କରି ଏହାକୁ ଏକ ଆତ୍ମହତ୍ୟା ରୂପ ଦେଇ ପ୍ରକୃତ ସତ୍ୟକୁ ଲୁଚାଇବାକୁ ଚାହୁଁଛି। ଏହି ଘଟଣାର ପ୍ରକୃତ ତଦନ୍ତ ପାଇଁ ଜେଏମ୍‌ଏମ୍ ପକ୍ଷରୁ ଆସନ୍ତା ୧୬ ତାରିଖରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଏଡିଏମ୍‌ଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଉକ୍ତ ଦିନ ଜେଏମ୍‌ଏମ୍ ପକ୍ଷରୁ ସୁସ୍ମିତାଙ୍କ ମୃତ୍ୟୁ ହୋଇଥିବା ସେନ୍‌ସୋରି ପାର୍କ ସମ୍ମୁଖରେ ଏକ ଶୋଭାଯାତ୍ରା କରି ଏଡିଏମ୍‌ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିବାକୁ ଦଳ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ଜେଏମ୍‌ଏମ୍‌ର ଜିଲା ସଭାପତି ପାତ୍ରାସ୍ ଏକ୍କା, ପୂର୍ବତନ ଜିଲା ପରିଷଦ ସଭ୍ୟା ଶାନ୍ତି ପ୍ରକାଶ କୁଜୁର, ଜେଏମ୍‌ଏମ୍ କର୍ମୀ ବନ୍ଦନା ଟୋପୋ, କୈଳାସ ତନ୍ତୀ, ଲକ୍ଷ୍ମୀଧର ସ, ଜୁଏଲ ଜୋଜୋ, ରାଜା ତନ୍ତୀ, ରୋହିତ ସାମଦ, ରଞ୍ଜିତ କଚ୍ଛପ, ପଟେଲ ବାର୍ଲା, ରେନିସ୍ ଜୋଜୋ ପ୍ରମୁଖ ଉପସ୍ଥିତ ଥିଲେ।

# ମହାରାଜା ଅଗ୍ରସେନ ଜୟନ୍ତୀରେ ଶୋଭାଯାତ୍ରା

ରାଉରକେଲା,୧୪।୧୦(ଦିନେଶ ମିଶ୍ର)

ରାଉରକେଲା ସହରରେ ମହାରାଜା ଅଗ୍ରସେନ ଜୟନ୍ତୀ ଅଧ୍ୟକ୍ଷ କେଦାର କେଡିଆଙ୍କ ଅଧ୍ୟକ୍ଷତାରେ ଶନିବାର ପାଳିତ ହୋଇଛି। ଏହି ଅବସରରେ ରାଉରକେଲା ରେଳ ଷ୍ଟେଶନ ନିକଟରେ ଥିବା ଅମର ଭବନ ନିକଟରୁ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ରାଜା ଅଗ୍ରସେନଙ୍କୁ ଏକ ସୁସଜ୍ଜିତ ରଥରେ ରଖି ଏହି ଶୋଭାଯାତ୍ରା ରାଉରକେଲା ମେନ୍ ରୋଡ ହୋଇ ଏସ୍‌ଟିଆଇ ସ୍ଥିତ ଅଗ୍ରସେନ ଭବନ ନିକଟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ବିଭିନ୍ନ ଦେବୀଦେବଙ୍କ ଝାଙ୍କିବାହାରି ସହରବାସୀଙ୍କୁ ଆଧ୍ୟାତ୍ମିକତା ସନ୍ଦେଶ ଦେଇଥିଲା। ଏଥିସହ ଏକ ବାଇକ ରାଲି ଆୟୋଜନ କରାଯାଇଥିଲା। ଏଥିରେ ସହରର ବହୁ ବରିଷ୍ଠ ବ୍ୟକ୍ତି ଓ ସମାଜସେବୀ ଯୋଗ ଦେଇଥିଲେ। ସହରର ୟୁନିଟେକ୍, ମାରୱାଡି ଯୁବାମଞ୍ଚ ଭଳି ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରାରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ଓ ଥଣ୍ଡା ପାନୀୟ ବିତରଣ କରାଯାଇଥିଲା। ଶୋଭାଯାତ୍ରାରେ ମହାରାଜା ଅଗ୍ରସେନ ସେବା ସଂଘ ସଂଯୋଜକ ଅଶୋକ ଅଗ୍ରୱାଲ, ସଚିନ ସୀତାରାମ, ସନ୍ତୋଷ ଅଗ୍ରୱାଲ, ଅନୁପ ଟେବରିୱାଲା, ନରେଶ ଅଗ୍ରୱାଲ, ଶୈଳେନ୍ଦ୍ର ମାରେଠିଆ, ନରେଶ ଆରିୟାଙ୍କ ସମେତ ବହୁ କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

# ଲୋକ ଅଦାଲତ: ୩ କୋଟି ସାଢେ ୪ଲକ୍ଷ ଟଙ୍କା ଜରିମାନା ଆଦାୟ




ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି।

ରାଉରକେଲା,୧୪।୧୦(ବିପ୍ଳବ ରଞ୍ଜନ ଦାଶ)

ତାଲୁକ ଆଇନ ସେବା ପାନପୋଷ ରାଉରକେଲା ବିରଜାପାଲିସ୍ଥିତ ନୂତନ ସିଭିଲ କୋର୍ଟ ପରିସରରେ ଶନିବାର ପ୍ରଥମ ଅତିରିକ୍ତ ଜିଲା ଜଜ୍ ଡ. ଭି. ସୁଜାତାଙ୍କ ଅଧକ୍ଷତାରେ ଜିଲା ସ୍ତରୀୟ ତାଲୁକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫାମିଲି କୋର୍ଟ ଜଜ୍ ବିଦ୍ୟୁତ କୁମାର ମିଶ୍ର, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାର, ସବ୍‌ଜଜ୍ ସବିତା ନାୟକ, ଏସ୍‌ଡିଜେଏମ୍ ଅରୋଲିପି ପରିଜା, ସିଜି(ଜେଡି) ଜେଏମ୍‌ଏଫ୍‌ସି ଚରଣ କୁମାର ଜେନା, ଗ୍ରାମାଞ୍ଚଳ ମାଜିଷ୍ଟ୍ରେଟ ସୌରଭ ଶର୍ମା, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲୋକ ଅଦାଲତରେ ମୋଟ ୫୪ଟି ମାମଲା ଆଗତ ହୋଇଥିଲା। ସେଥିରୁ ୧୮ ମାମଲାର ତ୍ୱରିତ ସମାଧାନ ହୋଇଥିଲା। ୮ ଏମ୍‌ଏସିଟି ଜନିତ ଓ ୧୦ଟି ପାରିବାରିକ ମାମଲାର ସମାଧାନ କରାଯାଇଥିଲା। ମୋଟ ୩କୋଟି ୪ଲକ୍ଷ ୫୦ହଜାର ଟଙ୍କା ଜରିମାନା ଆଦାୟ ହୋଇଥିଲା। ଆଇନଜୀବୀ କୈଳାସ ଚନ୍ଦ୍ର ପ୍ରଧାନ, ବୈଷ୍ଣବ ଚରଣ ନାୟକ, ବି. ଏନ୍. ପଡିଆରୀ, ନିର୍ମଳ ସ୍ୱାଇଁ, ମନୋଜ ପଟ୍ଟନାୟକ, ସାମାଜିକ କର୍ମୀ ସ୍ନେହଲତା ପଟ୍ଟନାୟକ, ଡଲିରାଣୀ ବ୍ରହ୍ମା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ପକ୍ଷରୁ ନିଃଶୁଳ୍କ ମହାଳୟା ଶ୍ରାଦ୍ଧ



ହନୁମାନ ବାଟିକାରେ ଆୟୋଜିତ କାର୍ଯ୍ୟକ୍ରମ।

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

ମହାଳୟା ଶ୍ରାଦ୍ଧ ଉପଲକ୍ଷେ ଶନିବାର ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ରାଉରକେଲା ପକ୍ଷରୁ ହନୁମାନ ବାଟିକା ସତସଙ୍ଗ ଭବନରେ ଏକ ନିଃଶୁଳ୍କ ସାମୂହିକ ଶ୍ରାଦ୍ଧ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ରାଉରକେଲା ଓ ଆଖପାଖ ଅଞ୍ଚଳର ଶତାଧିକ ପରିବାର ସାମିଲ ହୋଇ ପିତୃପକ୍ଷ ତଥା ଦିବଂଗତ ଆତ୍ମାର ଶାନ୍ତି ପାଇଁ ପିଣ୍ଡଦାନ କରିଥିଲେ। ପ୍ରଥମେ ସୂର୍ଯ୍ୟଙ୍କୁ ଅର୍ଘ୍ୟଦାନ ପରେ ସମସ୍ତ ବିଧିବିଧାନ ହୋଇଥିଲା। ସମିତିର ଉପାଧ୍ୟକ୍ଷ ସମୀର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଶ୍ରୀମଦ୍ ଭଗବତ୍‌ଗୀତା ସପ୍ତମ ଅଧ୍ୟାୟ ପାଠ କରାଯାଇଥିଲା। ଚଳିତ ୟୁକ୍ରେନ ଓ ରଷିଆ ଏବଂ ଇସ୍ରାଏଲ ଓ ପାଲେଷ୍ଟାଇନ୍ ଯୁଦ୍ଧରେ ପ୍ରାଣ ହରାଇଥିବା ଦିବଂଗତ ଆତ୍ମା ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଇଥିଲା। ନାରୀ ତୁ ନାରାୟଣୀ ମହିଳା ସଙ୍ଗଠନର କର୍ମକର୍ତ୍ତା ସହଯୋଗ କରିଥିଲେ। ସମିତିର ବିଶ୍ୱଜିତ ସରକାର, ରାମେଶ୍ୱର ଦାଶ, ଜୟଶଙ୍କର ଗୌଡ଼, ପ୍ରୀତି ବିଶ୍ୱକର୍ମା, ସିଲା ଗୁପ୍ତା, ରଞ୍ଜିତ ଗୁପ୍ତା, ଶ୍ରୁତି ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଗୁରୁତର ମାଓବାଦୀଙ୍କୁ ଉଦ୍ଧାରକଲେ ସୁରକ୍ଷାବଳ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

ଓଡ଼ିଶା-ଝାଡଖଣ୍ଡ ସୀମା ଅଞ୍ଚଳରେ ଶୁକ୍ରବାର ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ ଆହତ ଜଣେ ମାଓବାଦୀଙ୍କୁ ସୁରକ୍ଷାବଳ ଶନିବାର ଉଦ୍ଧାର କରିଛି। ତାଙ୍କୁ ଅଧିକ ଚିକିତ୍ସା ପାଇଁ ରାଞ୍ଚି ହସ୍ପିଟାଲକୁ ପଠାଯାଇଥିବା ସୂଚନା ମିଳିଛି। ଏ ନେଇ ଶନିବାର ରାଞ୍ଚି ପୋଲିସ ମୁଖ୍ୟାଳୟରୁ ଏକ ପ୍ରେସ ବିବୃତିରେ କୁହାଯାଇଛି।

ଓଡ଼ିଶା-ସୀମାବର୍ତ୍ତୀ କୋଲହାନ୍ ଅଞ୍ଚଳରେ ମାଓବାଦୀ ଉପଦ୍ରବ ରୋକିବା ପାଇଁ ଗତ ଜାନୁଆରୀ ମାସରୁ ଝାଡ଼ଖଣ୍ଡ ପୋଲିସ, ସିଆରପିଏଫ୍ କୋବ୍ରା,

**ସୀମାନ୍ତରେ ଗୁଳି ବିନିମୟ ଘଟଣା**

ଜାଗୁଆର ପକ୍ଷରୁ କୋମ୍ବିଂ ଅପରେଶନ କରାଯାଉଛି। ମାଓବାଦୀ ନେତା ମିଶିର ବେଶ୍ରା, କେନ୍ଦ୍ରୀୟ କମିଟି ସଦସ୍ୟ ଅନଲ, ଅସୀମ ମଣ୍ଡଳ ଓ ଅନ୍ୟ ଶୀର୍ଷ ନେତାମାନେ ସୀମାନ୍ତ ଚାଇଁବସା ଅଞ୍ଚଳରେ ଉତ୍ପାତ ଜାରି ରଖିଥିଲେ। ଶୁକ୍ରବାର କୋଲହାନ୍ ତୁସିପି ଜଙ୍ଗଲି କ୍ଷେତ୍ରରେ ମାଓବାଦୀ ଓ ସୁରକ୍ଷା ବଳ ମଧ୍ୟରେ ଗୁଳିବିନିମୟ ଓ ଲ୍ୟାଣ୍ଡ ମାଇନ୍ସ ବ୍ଲାଷ୍ଟ କରାଯାଇଥିଲା। ଘଞ୍ଚ ଜଙ୍ଗଲର ସାହାରା ନେଇ ମାଓବାଦୀମାନେ ଉକ୍ତ ସ୍ଥାନରୁ ଚମ୍ପଟ ମାରିଥିଲେ। ଗୁଳି ବିନିମୟରେ କିଛି ମାଓବାଦୀ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ଛାଡ଼ି ନେଇ ଅନ୍ୟ ମାଓବାଦୀମାନେ ଫେରାର ହୋଇଥିଲେ। ସୁରକ୍ଷାବଳଙ୍କ ଦ୍ୱାରା ପାଟ୍ରୋଲିଂ ବେଳେ ଜଣେ ମାଓବାଦୀ ଗୁରୁତର ହୋଇଥିବା ଦେଖିବାକୁ ମିଳିଥିଲା। ସୁରକ୍ଷାବଳ ଉକ୍ତ ମାଓବାଦୀଙ୍କୁ ଉଦ୍ଧାର କରି ସିଆରପିଏଫ୍ ହାଥିବୁରୁ କ୍ୟାମ୍ପକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ହେଲିକପ୍ଟର ଯୋଗେ ରାଞ୍ଚି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସୂଚନାଯୋଗ୍ୟ, ମାଓବାଦୀ ନିୟନ୍ତ୍ରଣ ଅଭିଯାନରେ ୧୬ ଜଣ ସୁରକ୍ଷାବଳ ମୃତ୍ୟୁବରଣ କରିଛନ୍ତି । ସେହିପରି ଲ୍ୟାଣ୍ଡ ମାଇନ୍ସ ଯୋଗୁ ୮ଜଣ ଗୁରୁତର ହୋଇଛନ୍ତି। ବର୍ତ୍ତମାନର ପରିସ୍ଥିତିକୁ ନେଇ ଓଡ଼ିଶା ସୀମାନ୍ତ ସୁନ୍ଦରଗଡ଼ ଓ ରାଉରକେଲାରେ ହାଇଆଲର୍ଟ ଜାରି କରାଯାଇଛି।




ସୁରକ୍ଷାବଳ ଗୁରୁତର ମାଓବାଦୀଙ୍କୁ ହେଲିକପ୍ଟରରେ ନେଉଛନ୍ତି।

# ଅମୃତ କଳସ ଯାତ୍ରା କାର୍ଯ୍ୟକ୍ରମ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ରାଉରକେଲାର ଏନ୍‌ଏସ୍‌ଏସ୍ ପକ୍ଷରୁ ମୋ ମାଟି ମୋ ଦେଶ ଅଭିଯାନ ଅନ୍ତର୍ଭୁକ୍ତ ଅମୃତ କଳସ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏନ୍‌ଆଇଟି ନିର୍ଦ୍ଦେଶକ କେ. ଉମାମହେଶ୍ୱର ରାଓ ନିଜ ବାସଭବନରୁ ମାଟି ପ୍ରଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରେଜିଷ୍ଟ୍ରାର ପ୍ରଫେସର ରୋହନ୍ ଧୀମାନ୍, ସନ୍ତୋଷ ସାହୁ, ଅନୀଲ ସିଂହ ପ୍ରମୁଖ ଯୋଗ ଦେଇଥିଲେ। କ୍ୟାମ୍ପସରେ ବିଭିନ୍ନ ହଷ୍ଟେଲ ଗୁଡ଼ିକରେ ଅମୃତ କଳସ ଯାତ୍ରାରେ ମାଟି ସଂଗ୍ରହ କରାଯାଇଥିଲା। କିରଣ ମଜୁମଦାର ସାଓ ହଲ, ସି.ଭି. ରମଣ ହଲ୍, ଏସ୍. ଏସ୍. ଭଟ୍ଟନାଗର ହଲ୍, ଜିଡ଼ି ବିର୍ଲା ହଲ୍, ଧୀରୁଭାଇ ଅମ୍ବାନୀ ହଲ୍, ଏମ୍.ଏସ୍ ସ୍ୱାମୀନାଥନ ହଲ୍ ସମେତ ପ୍ରାୟ ୧୦ଟି ହଷ୍ଟେଲର ୱାର୍ଡେନ ମଧ୍ୟ ଛାତ୍ରୀଛାତ୍ରଙ୍କ ତ୍ରିରଙ୍ଗା ଯାତ୍ରାରେ ସାମିଲ ହୋଇଥିଲେ। ଏହି ଅବସରରେ ଅମୃତ ବାଟିକାରେ ୭୫ଟି ଚାରାରୋପଣ କରାଯାଇଥିଲା। ଏନ୍‌ଏସ୍‌ଏସ୍ -ଏନ୍‌ଆଇଟି ରାଉରକେଲାର ପ୍ରଫେସର ରତ୍ନାକର ସ୍ୱାଇଁ, ଦିବ୍ୟକାନ୍ତ ସେଠ୍‌ଙ୍କ ସମେତ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




-ଛାତ୍ରୀଛାତ୍ରଙ୍କ ସହ ଅତିଥିଗଣ।

# ୩ୟ ଥର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଦିଲୀପ

ରାଉରକେଲା,୧୪।୧୦(ସଙ୍ଗୀତା ଜେନା)

**ବେଦବ୍ୟାସରେ ଝୁଲାପୋଲ ପ୍ରସଙ୍ଗ**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ ପୀଠରେ ଉନ୍ନତୀକରଣ ସହ ଏକ ଝୁଲାପୋଲର ନିହାତି ଆବଶ୍ୟକତା ରହିଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ଜୀବନଜୀବିକା ମିଳିବା ସାଙ୍ଗକୁ ପର୍ଯ୍ୟଟନ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏଥିଲାଗି ୨୦୨୨ ୧୪ ଓ ୨୦୨୩ରେ ୫-ଟି ସଚିବଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରାଯାଇଥିଲା। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଶନିବାର ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲୀପ ରାୟ ପୁନଃ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଉଦ୍‌ବେଗ ପ୍ରକାଶ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ ରାୟ ଚିଠିରେ ଉଲ୍ଲେଖ କରିଛନ୍ତି, ଝୁଲାପୋଲ ପ୍ରକଳ୍ପ ପାଇଁ ମୋଟ ୧୪.୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଏହାର ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଲାଗି ବିଭିନ୍ନ ମହଲରେ ଦାବି ହୋଇଥିଲା। ଏଠାରେ ରାଉରକେଲା ବ୍ୟତୀତ ଆଖାପାଖ ଜିଲା ତଥା ଦୂରଦୂରାନ୍ତରୁ ବହୁ ଶ୍ରଦ୍ଧାଳୁଙ୍କ ଗହଳି ହୋଇଥାଏ। ପର୍ଯ୍ୟଟକଙ୍କୁ ଆକର୍ଷଣ କରିବା ଭଳି ସମସ୍ତ ଉପାଦାନ ରହିଛି। ମହାଶିବରାତ୍ରି ଏବଂ ଶ୍ରାବଣ ମେଳାରେ ହଜାର ହଜାର ସମାଗମ ହେଉଛି। ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲାରେ ସ୍ଥାନୀୟ ଆଦିବାସୀମାନେ ଦୀର୍ଘଦିନରୁ ଏହି ପୋଲ ଦାବି କରିଆସୁଛନ୍ତି। ହେଲେ ଏହା କରାଯାଉନାହିଁ। ଏହି ପୋଲ ନ ଥିବା ଯୋଗୁ ଲୋକେ ପୁରୁଣା ବ୍ରିଜ ଦେଇ ଅଧିକ ରାସ୍ତା ଅତିକ୍ରମ କରି ମନ୍ଦିରରେ ପହଞ୍ଚୁଛନ୍ତି। ପୋଲ ହେଲେ ବିରମିତ୍ରପୁର, କୁଆଁରମୁଣ୍ଡା, ନୂଆଗାଁ, ରଘୁନାଥପାଲ୍ଲୀ, ଛେଣ୍ଡ କ୍ୱାରୀ, ପ୍ରଧାନପାଲ୍ଲୀ, ଲୁଆକେରା, ତୁମକେଲା, ହମିରପୁର ସମେତ ସହରର ବିଭିନ୍ନ ଅଞ୍ଚଳରୁ ଲୋକେ ସହଜରେ ଉକ୍ତ ମନ୍ଦିରକୁ ଆସିପାରିବେ। ଦୂରତ୍ୱ ହ୍ରାସ ପାଇବା ସହ ଅଧିକ ଲୋକାଭିମୁଖୀ ହୋଇପାରିବ। ୨୦୧୫ରେ ରାଉରକେଲା ବିଧାୟକ ଥିବାବେଳେ ଦିଲୀପ ତତ୍କାଳୀନ ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଦାବି କରି ୧୨ କୋଟି ଟଙ୍କା ଆଦିବାସୀ କଲ୍ୟାଣ ମନ୍ତ୍ରାଳୟରୁ ଅନୁଦାନ କରାଇଥିଲେ ବୋଲି କହିଛନ୍ତି। କଟକ ଧବଳେଶ୍ୱର ଶୈବପୀଠର ଅନୁରୂପ ଏଠାକାର ଝୁଲାପୋଲର ସ୍ୱରୂପ ଦେବା ଲାଗି ପ୍ରସ୍ତାବ ଦିଆଯାଇଥିଲା। ଏପରିକି ଆଇଟିଡ଼ିଏ ଅଧ୍ୟକ୍ଷ ତଥା ତତ୍କାଳୀନ ଜିଲାପାଳ ମଧ୍ୟ ଏହି ପ୍ରକଳ୍ପ ପାଇଁ ସ୍ୱୀକୃତି ଦେଇଥିଲେ। ହେଲେ ଏହା କେବଳ କାଗଜକଲମରେ ସୀମିତ ରହିଥିଲା। ଏଥିପାଇଁ ମଞ୍ଜୁର ହୋଇଥିବା ରାଶି ମଧ୍ୟ ଫେରିଯାଇଥିଲା। ତୁରନ୍ତ ଉକ୍ତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ପାଣ୍ଠିକୁ ଅନ୍ୟତ୍ର ନ ଲଗାଇ ଝୁଲା ପୋଲ କାର୍ଯ୍ୟ ଆରମ୍ଭ କରାଯାଉ ବୋଲି ଦିଲୀପ ଚିଠିରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### କାର୍ ଚାଳକଙ୍କୁ ଆକ୍ରମଣ, ଟ୍ରକ୍ ଡ୍ରାଇଭର ଗିରଫ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଅଇଁଠାପାଲି ଛକରେ ଶନିବାର କାର୍‌କୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ଏହାପରେ କାର୍ ଚାଳକଙ୍କୁ ଲୁହା ରଡ଼ରେ ଆକ୍ରମଣ କରିବା ଅଭିଯୋଗରେ ଅଭିଯୁକ୍ତ ଟ୍ରକ୍ ଚାଳକ ଉତ୍ତରପ୍ରଦେଶ ରାଜ୍ୟର କୁଲଦିପ ସିଂ(୨୬)ଙ୍କୁ ଅଇଁଠାପାଲି ପୋଲିସ ଗିରଫ କରିଛି। ଏକ ମାମଲା ରୁଜୁ ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂଚନା ଦେଇଛି।

### ପୋଖରୀରେ ବିଷ ପ୍ରୟୋଗ ଯୋଗୁ ମାଛ ମଡ଼କ

କୁଚିଣ୍ଡା,୧୪।୧୦(ବିରଞ୍ଚି ଦର୍ଡା)

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ଗୋଛରା ଗ୍ରାମର ରାଜ କିଶୋର ଦେଓଙ୍କ ପୋଖରୀରେ କେହି ବିଷ ପକାଇଦେବାରୁ ବହୁ ପରିମାଣରେ ମାଛ ମରି ଯାଇଥିବା ମହୁଲପାଲି ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଗୋଛରା ଗ୍ରାମର ରାଜକିଶୋର ଦେଓ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନିଜ ପୋଖରୀରେ ମାଛ ଚାଷ କରିଥିଲେ। ଗୁରୁବାର କେହି ଦୁର୍ବୃତ୍ତ ତାଙ୍କ ପୋଖରୀରେ ବିଷ ପକାଇଦେବାରୁ ମାଛଗୁଡ଼ିକ ମରି ପାଣିରେ ଭାସୁଥିବା ଦେଖି ଥାନରେ ରିପୋର୍ଟ କରିଥିଲେ। ତେବେ ମରିଯାଇଥିବା ମାଛର ପରିମାଣ ଦୁଇ କୁଇଣ୍ଟାଲରୁ ଅଧିକ ହେବ ବୋଲି ଦେଓ ପ୍ରକାଶ କରିଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

### ବିଧାୟକଙ୍କୁ ଭେଟିଲେ ପାଟଣେଶ୍ୱରୀ କ୍ଲବ ପ୍ରତିନିଧି

ସମ୍ବଲପୁର,୧୪।୧୦(ବି.ଶଙ୍କର)

ସମ୍ବଲପୁର ସହରର ପାଟଣେଶ୍ୱରୀ କ୍ଲବ ପ୍ରତିନିଧି ଦଳ ଶନିବାର ବିଜେଡି ଜିଲା ସଭାପତି ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀଙ୍କୁ ସର୍କିଟ ହାଉସଠାରେ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଜିଲାର ଅନ୍ୟତମ ପ୍ରମୁଖ ଶକ୍ତିପୀଠ ମା' ପାଟଣେଶ୍ୱରୀଙ୍କ ଶାରଦୀୟ ନବରାତ୍ର ପୂଜା ଆୟୋଜନ ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପ୍ରତିନିଧି ଦଳରେ କ୍ଲବର ଶ୍ରୀମନ୍ତ ପୁରୋହିତ, ପ୍ରଭଞ୍ଜନ ବଳ ପ୍ରମୁଖ ସାମିଲ ଥିଲେ ।

### ଅଯୋଧ୍ୟା ସରୋବରରେ ସାମୂହିକ ତିଳତର୍ପଣ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ସମ୍ବଲପୁର ଜିଲା ବ୍ରାହ୍ମଣ ସମାଜ ପକ୍ଷରୁ ମହାଳୟା ତିଥିରେ ଶନିବାର ମହାନଦୀ ଅଯୋଧ୍ୟା ସରୋବର ଘାଟରେ ସାମୂହିକ ତିଳତର୍ପଣ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଶଶିଭୂଷଣ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଣ୍ଡିତ ସଚ୍ଚିଦାନନ୍ଦ ପ୍ରସାଦ ମିଶ୍ର କରଶର୍ମା ପୂଜାର୍ଚ୍ଚନା କରିଥିଲେ । ରୀତିନୀତି ସହ ଜନସାଧାରଣ ପବିତ୍ର କରଣ, ଚନ୍ଦନ ଧାରଣ, ଅକ୍ଷତ ଧାରଣ, ବଟୁ ଧାରଣ, ମଙ୍ଗଳ ପ୍ରାର୍ଥନା, ଦୀପ ସ୍ଥାପନ, ସଂକଳ୍ପ, ତର୍ପଣ ଆଦି କରିଥିଲେ। ସହରର ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା, ପୁରୁଷ, ଯୁବକ ସାମିଲ ଥିଲେ ।

### ଶିବିରରେ ୬୭ ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ଜିଲା ରେଡକ୍ରସ ସୋସାଇଟି ଓ ସେବା ମିଳିତ ଆୟୋଜନରେ ଶନିବାର ରକ୍ତଦାନ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଦୁର୍ଗାପାଲିଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ବରଦାକାନ୍ତ ପାଣ୍ଡେଙ୍କ ସ୍ମୃତିରେ କାର୍ଯ୍ୟକ୍ରମ ହୋଇଥିଲା। ସାମାଜିକ କର୍ମୀ ବଦ୍ରିନାରାୟଣ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଶିବିର ଶୁଭାରମ୍ଭ କରିଥିଲେ। କୁରୁରାବୁଆଁ ମହାବିଦ୍ୟାଳୟ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରି, ଦ୍ୱାରକା ପ୍ରସାଦ ମିଶ୍ର, ଜିଲା ରେଡକ୍ରସର କ୍ଷେତ୍ର ସଂଯୋଜିକା ପ୍ରମିଳା ବେହେରା, ସେବା ଅନୁଷ୍ଠାନର ଉପଦେଷ୍ଟା ନିହାଲ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବା ସଭାପତି ଦୀପକ ପାଣ୍ଡେଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମୋଟ ୬୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ଭିମ୍‌ସାର ରକ୍ତଭଣ୍ଡାରର ଟିମ୍ ରକ୍ତ ସଂଗ୍ରହ କରିଥିଲେ। ସେବର ଉପସଭାପତି ନାରାୟଣ ଦେଓ, ସଭ୍ୟ କିଶୋର ନାଏକ, ବଳରାମ ସାହୁ, ପୁତଲି ବେହେରା, ଲୁକେଶ୍ୱର ଉପାଧ୍ୟାୟ, ଜୟପ୍ରକାଶ ପାଣ୍ଡେ ସହଯୋଗ କରିଥିଲେ।

# ସ୍ମାର୍ଟଫୋନ୍ ବ୍ୟବସାୟ ରଣନୀତିର ଗୁରୁତ୍ୱପୂର୍ଣ୍ଣ ଅଂଶ

ସମ୍ବଲପୁର,୧୪।୧୦(ବି.ଶଙ୍କର)


ଆଇଆଇଏମ୍ ସମ୍ବଲପୁର ଆୟୋଜିତ ବିଜ୍‌ନେସ କନକ୍ଲେଭରେ ଅତିଥିମାନେ।

## ଆଇଆଇଏମ୍ ସମ୍ବଲପୁରରେ ବିଜ୍‌ନେସ କନ୍‌କ୍ଲେଭ ଉଦ୍‌ଯାପିତ

### ଦେଶର ୩୦ ବିଜ୍‌ନେସ ଲିଡର, ଶିଳ୍ପ ବିଶେଷଜ୍ଞ ସାମିଲ

ଆଇଆଇଏମ୍ ସମ୍ବଲପୁର କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ବାର୍ଷିକ ବିଜ୍‌ନେସ କନକ୍ଲେଭ ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦେଶରୁ ୩୦ ବିଜ୍‌ନେସ ଲିଡର, ଚିନ୍ତାନାୟକ, ଶିଳ୍ପ ବିଶେଷଜ୍ଞ ଓ ନୀତି ନିର୍ମାତା ସାମିଲ ହୋଇଥିଲେ। ସେମାନେ ମୁଖ୍ୟତଃ ରଣନୀତି ଓ ଶ୍ରେଷ୍ଠ ପ୍ରଥାଗୁଡ଼ିକ ଉପରେ ଆଲୋଚନା କରିଥିଲେ। ହୀରାକୁଦ ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାସ ପାଣ୍ଡେ ଯୋଗଦେଇ ଡିଜିଟାଲାଇଜେଶନ, ଦୀର୍ଘସ୍ଥାୟିତ୍ୱ ଓ କର୍ମସଂସ୍କୃତି ଉପରେ ରହିଥିବା ଆହ୍ୱାନ ଓ ସୁଯୋଗଗୁଡ଼ିକ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ସେ କହିଥିଲେ, ଆମ ପାଖରେ ନୂଆ ଓ ପୁରୁଣା ପ୍ରଯୁକ୍ତିର ସମ୍ମିଶ୍ରଣ ରହିଛି। ପୁରୁଣା ପ୍ରଯୁକ୍ତିରେ ଡାଟା ସହ ଯୋଡ଼ିହେବା, ଡାଟାକୁ ପାଇବା କିମ୍ବା ବାସ୍ତବ ସମୟ ଡାଟା ସଂଗ୍ରହ କରିବା କଷ୍ଟକର। ତେଣୁ ବର୍ତ୍ତମାନ ଆମେ ଡିଜିଟାଲାଇଜେଶନ, ଏଆଇ ଓ ମେଶିନ ଲର୍ନିଂକୁ ବ୍ୟବହାର କରି ଯୋଗାଯୋଗ ସୁବିଧା ପ୍ରଦାନ କରୁଛୁ। ଉଚିତ ସମୟରେ ସମସ୍ତ ମେଶିନ ସେଣ୍ଟରରୁ ତଥ୍ୟ ସଂଗ୍ରହ କରାଯାଉଛି । ଘଟଣା ଘଟିବା ପୂର୍ବରୁ ତାହାର ପୂର୍ବାନୁମାନ କରାଯାଇପାରୁଛି। ଆଇଆଇଏମ୍ ସମ୍ବଲପୁର ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜୈସ୍ୱାଲ ସ୍ୱାଗତ ଭାଷଣ ଦେଇ ଗତ ୮ବର୍ଷରେ ଅନ୍ତର୍ଭୁକ୍ତୀକରଣ, କ୍ଷୁଦ୍ର ବ୍ୟବସାୟକୁ ସହଯୋଗ, ଡିଜିଟାଲାଇଜେଶନ ଓ ନବସୃଜନ ଉପରେ କହିଥିଲେ। ଅନ୍ତର୍ଭୁକ୍ତୀକରଣ ପ୍ରସାର ପାଇଁ ନୋବେଲ ବିଜେତା କ୍ଲାଉଡିଆ ଗୋଲ୍‌ଡିନଙ୍କ କାର୍ଯ୍ୟ ଉପରେ ସେ ଆଲୋକପାତ କରିଥିଲେ। ଏହାସହ ଏମ୍‌ବିଏ କାର୍ଯ୍ୟକ୍ରମରେ ମହିଳାଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି କହିଥିଲେ। ବାରକୋ ଇଲେକ୍ଟ୍ରୋନିକ୍ସ ସିଷ୍ଟମସର ପୂର୍ବତନ ଏମ୍‌ଡି ରାଜୀବ ଭାଲ୍ଲା ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂଯୋଜନା ଜରିଆରେ ବ୍ୟବସାୟ ସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ, ଭବିଷ୍ୟତର ଅନିଶ୍ଚିତତା ଏବଂ ଦ୍ରୁତ ପରିବର୍ତ୍ତନ ଓ ଜଟିଳ ପରିବେଶକୁ ବ୍ୟବସାୟ ଗ୍ରହଣ କରିବାର ଆବଶ୍ୟକତା ରହିଛି। ସ୍ମାର୍ଟଫୋନ ହେଉଛି କମ୍ପ୍ୟୁଟିଂ, ଯୋଗାଯୋଗ ଓ ମନୋରଞ୍ଜନର ସମ୍ମିଶ୍ରଣ। ଏହା ସଂଯୋଜନା ଦୁନିଆରେ ବହୁ ପରିବର୍ତ୍ତନ ଆଣିପାରିଛି। ତେଣୁ ତାହା ହେଉଛି ବ୍ୟବସାୟ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି କହିଥିଲେ। ଜି ୫ର ବିଜ୍‌ନେସ ଆଣ୍ଡ ମାର୍କେଟିଂ ଆନାଲିଟିକ୍ସ ନିର୍ଦ୍ଦେଶିକା ରଚିତା ପ୍ରଧାନ କହିଥିଲେ, ବଜାର ପରିବର୍ତ୍ତନକୁ ଗ୍ରହଣ କରିବା ଓ ଏକ ପରିବର୍ତ୍ତିତ ପରିବେଶରେ ପ୍ରତିଦ୍ୱନ୍ଦ୍ୱିତାର ଲାଭ ହାସଲ କରିବା ଲାଗି ସଂଯୋଜନାକୁ ବ୍ୟବହାର କରିବାକୁ ପଡ଼ିବ । ଜଣେ ପ୍ରକୃତ ନେତୃତ୍ୱ ଆଗକୁ କ'ଣ ହେବ ତାହା ଜାଣିପାରିବେ ଏବଂ ସେହି ଅନୁସାରେ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ପ୍ରଫେସର ସୁଦ୍ଧେନ୍ଦ୍ର ହନୁମନ୍ତ ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଏବିଭିପି ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ

ସମ୍ବଲପୁର,୧୪।୧୦ (ବି.ଶଙ୍କର)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଶନିବାର ସମ୍ବଲପୁର ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ରାଜ୍ୟସ୍ତରୀୟ ଛାତ୍ରନେତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏବିଭିପିର ରାଷ୍ଟ୍ରୀୟ ସହ ସଙ୍ଗଠନ ସମ୍ପାଦକ ଗୋବିନ୍ଦ ନାୟକ, କ୍ଷେତ୍ରୀୟ ସଙ୍ଗଠନ ସମ୍ପାଦକ ଅପାଂଶୁ ଶେଖର ସିଲ, ପ୍ରାନ୍ତ ସଙ୍ଗଠନ ସମ୍ପାଦକ ବୈଲୋଚନ ସାହୁ ଓ ପ୍ରାନ୍ତ ସହ ସଙ୍ଗଠନ ସମ୍ପାଦକ ନିକୁଞ୍ଜ ବିହାରୀ ପଣ୍ଡା ଯୋଗଦେଇ ଛାତ୍ରନେତାମାନଙ୍କୁ ମାର୍ଗଦର୍ଶନ କରିଥିଲେ। ପଶ୍ଚିମ ଓଡ଼ିଶାର ୧୪ ଜିଲାରେ ବର୍ତ୍ତମାନ ସୁଦ୍ଧା ୩ଶହରୁ ଅଧିକ ମହାବିଦ୍ୟାଳୟ ୟୁନିଟ ଘୋଷଣା ହୋଇସାରିଛି। ୟୁନିଟଗୁଡ଼ିକର ସଭାପତି, ସମ୍ପାଦକ ଓ ନଗର ସମ୍ପାଦକମାନଙ୍କୁ ନେଇ ସମ୍ମିଳନୀ ଲକ୍ଷ୍ୟ ରହିଛି। ଏହି ସମ୍ମିଳନୀରେ ୩୫୦ରୁ ଅଧିକ ଛାତ୍ରନେତା ଯୋଗ ଦେଇଥିଲେ। ପୂର୍ବରୁ ସମସ୍ତ ଜିଲାରେ ସମ୍ମିଳନୀ କରାଯାଇ କ୍ୟାମ୍ପସ ଓ ଛାତ୍ରମାନଙ୍କ ସମସ୍ୟା ସମାଧାନ ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଏବିଭିପି ଛାତ୍ରନେତାମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ୟା ସମାଧାନ ନ ହେଲେ ଆଗାମୀ ଶୀତ ଅଧିବେଶନରେ ଏବିଭିପି ୫୦ ହଜାର ଛାତ୍ରୀଛାତ୍ରଙ୍କୁ ନେଇ ବିଧାନସଭା ଘେରାଉ କରିବାକୁ ନିଷ୍ପତ୍ତି ହୋଇଛି । ରାଜ୍ୟ ସମ୍ପାଦକ ଅଜିତ ପଟ୍ଟନାୟକ, ରାଜ୍ୟ ସହ ସମ୍ପାଦକ ଏସ୍ ଶେଖର ବରାଇ ଓ ବିଜୟ କଳତା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅମନ ପ୍ରତୀକ ଦାସ, ସ୍ୱରାଜ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ: ମଦ ଜବତ, ୪ ଗିରଫ

କୁଚିଣ୍ଡା,୧୪।୧୦ (ବିରଞ୍ଚି ଦର୍ଡା)

କୁଚିଣ୍ଡା ଅବକାରୀ, ସମ୍ବଲପୁର ଇଆଇ ଓ ଇବି ୟୁନିଟ ଶନିବାର ମିଳିତ ଚଢାଉ କରି ବ୍ୟାପକ ମହୁଲି ମଦ ଜବତ ସହ ପୋଚ ନଷ୍ଟ କରି ୪ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସାତକମା ଗ୍ରାମର ଉର୍ମିଳା ପ୍ରଧାନ, ଭୋଜପୁରର ସୁଶାନ୍ତ ସୁନାନୀ, ମାତାମହୁଲର ନୀଳାଦ୍ରି ଛତ୍ରିଆ ଓ ଗୋଛରାର ହୀରାଲାଲ ବେହେରା। ଏ ନେଇ ଅବକାରୀ ଥାନାରେ ୬ଗୋଟି ମାମଲା ରୁଜୁ ହୋଇଛି। କୁଚିଣ୍ଡା ଅଞ୍ଚଳରେ ବ୍ୟାପକ ମହୁଲି ମଦ ରନ୍ଧା ହେଉଥିବା ଖବର ପାଇ ସମ୍ବଲପୁର ଅବକାରୀ ମୋବାଇଲ ଟିମ ଓ କୁଚିଣ୍ଡା ଅବକାରୀ ବିଭାଗପକ୍ଷରୁ ଗୋଛରା, ସାତକମା, ଖାରମୁଣ୍ଡା, ଭୋଜପୁର ଓ ମାତାମହୁଲ ଗ୍ରାମରେ ମିଳିତ ଭାବେ ଚଢାଉ କରାଯାଇଥିଲା। ଏହି ସମୟରେ ୩୦୫ଲିଟର ରନ୍ଧାମଦ ଜବତ ସହ ୨ କୁଇଣ୍ଟାଲ ମହୁଲ ପୋଚ ନଷ୍ଟ କରିଥିବା ସୂଚନା ମିଳିଛି। ଚଢାଉରେ କୁଚିଣ୍ଡା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ, ସମ୍ବଲପୁର ଅବକାରୀ ୟୁନିଟ ଏସ୍‌ଆଇ ଅଲେଖ ପ୍ରଧାନ, କୁଚିଣ୍ଡା ଅବକାରୀ ଅଧିକାରୀ ଟଙ୍କଧର କିଷାନ, ଏଏସ୍‌ଆଇ ଅଭିଳାଷ ବେହେରାଙ୍କ ସହ କନଷ୍ଟେବଳମାନେ ସାମିଲ ଥିଲେ।


ଜବତ ମଦ ଓ ଗିରଫ ଅଭିଯୁକ୍ତମାନେ।

# କାମାକ୍ଷା ଦେବୀ, ପାଟଣେଶ୍ୱରୀଙ୍କ ଧବଳମୁଖୀ ବେଶ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ଶାରଦୀୟ ନବରାତ୍ର ପୂଜା ଉପଲକ୍ଷେ ଶନିବାର ପ୍ରତ୍ୟୁଷରେ ମା' କାମାକ୍ଷା ଦେବୀଙ୍କ ଧବଳମୁଖୀ ବେଶ କରାଯାଇଥିଲା। ମା'ଙ୍କ ସ୍ୱତନ୍ତ୍ର ପୂଜା କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲାଯାଇଥିଲା। ମୁଖ୍ୟ ପୂଜକ ପଣ୍ଡିତ ଜୟ ଗୋପାଳ ସୁଆର ମା'ଙ୍କୁ ଶୃଙ୍ଗାର କରିଥିଲେ। ପଞ୍ଚାନନ ଦେହୁରି ସହଯୋଗ କରିଥିଲେ। ନବରାତ୍ର ପାଇଁ ମନ୍ଦିରକୁ ବିଭିନ୍ନ ଆଲୋକ ମାଳାରେ ସୁସଜ୍ଜିତ କରାଯାଇଛି। ରବିବାର ମା'ଙ୍କ ନବରାତ୍ର ପାଇଁ କଳସ ଯାତ୍ରା ଅନୁଷ୍ଠିତ ହେବ। ଏଥିସହ ମାନସିକ ଦୀପ ପ୍ରଜ୍ୱଳନ, ହୋମ, ଚଣ୍ଡୀପାଠ, ଭକ୍ତମାନଙ୍କୁ ଅନ୍ନପ୍ରସାଦ ବଣ୍ଟନ କରାଯିବା କାର୍ଯ୍ୟକ୍ରମ ରହିଛି। ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ବୈଦାର ନୂଆପାଲି ଗ୍ରାମବାସୀ ମହାଷ୍ଟମୀରେ ଗ୍ରାମ ଦେବୀ ସମଲେଇଙ୍କଠାରୁ ପାହୁର ଭାର ଓ ବିରାଟ ଜୁଗାର ଆଣି ମା'ଙ୍କୁ ଅର୍ପଣ କରିବେ ବୋଲି ମନ୍ଦିର ପକ୍ଷରୁ ସୂଚିତ କରାଯାଇଛି।

ଦେବୀ ପାଟଣେଶ୍ୱରୀ ଶନିବାର ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ରୀତିନୀତି ଓ ପରମ୍ପରାରେ ପୂଜକମାନେ ଦେବୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଦୁଲଦୁଲି ବାଜା, ଘଣ୍ଟ, ଶଙ୍ଖ ସହ ଶୁକ୍ରବାର ରାତି ୧୦ଟାରେ ମହାନଦୀ ବାଲିବନ୍ଧା ଘାଟରୁ ତିନୋଟି ପିତଳ ପାତ୍ରରେ ଜଳ ଅଣାଯାଇଥିଲା। ଦେବୀଙ୍କ ସ୍ନାନ କରାଯାଇ ହଳଦୀ, ପଞ୍ଚାମୃତ, ହରିଡା ଲେପନ କରାଯାଇଥିଲା। ପରେ ପଞ୍ଚାମୃତରେ ସ୍ନାନ ନୀତି ହୋଇଥିଲା। ରାତି ୧୧ଟାରେ ଖଡି ଓ ଅରୁଆ ଚାଉଳରେ ଦେବୀଙ୍କ ଧବଳମୁଖୀ ବେଶ କରାଯାଇଥିଲା । ପୂଜକ ଦଧିବାମନ ପଣ୍ଡା, ରମେଶ ପୁରୋହିତ ବେଶ କରିଥିଲେ। ପ୍ରାତଃ ୫ଟା୩୦ରୁ ଭକ୍ତଙ୍କ ଦର୍ଶନ ନିମନ୍ତେ ଦ୍ୱାର ଖୋଲାଯାଇଥିଲା। ସେହିପରି ମୁଦିପଡାସ୍ଥିତ ଭୁବନେଶ୍ୱରୀ ଦେବୀଙ୍କ ମଧ୍ୟ ରୀତିନୀତି ଅନୁସାରେ ଧବଳମୁଖୀ ବେଶ କରାଯାଇଥିଲା।


କାମାକ୍ଷା ଦେବୀ।


ଦେବୀ ପାଟଣେଶ୍ୱରୀ।

### ରେଳବାଇ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଚାରାରୋପଣ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ପରିବେଶ ସୁରକ୍ଷା ଲକ୍ଷ୍ୟ ନେଇ ପୂର୍ବତଟ ରେଳବାଇ ମହିଳା କଲ୍ୟାଣ ସଙ୍ଗଠନ ପକ୍ଷରୁ ଶନିବାର ଚାରାରୋପଣ କାର୍ଯ୍ୟକ୍ରମ ରେଳ ନଗରସ୍ଥିତ ଅଫିସର କ୍ଲବଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ବିଭାଗୀୟ ରେଳ ପରିଚାଳକ ଭିନୀତ ସିଂ, ଅତିରିକ୍ତ ବିଭାଗୀୟ ରେଳ ପରିଚାଳକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସ୍ୱଚ୍ଛତା ଓ ସବୁଜ ପରିବେଶ ପାଇଁ ଅଧିକରୁ ଅଧିକ ଗଛ ଲଗାଇ ସଚେତନତା ସୃଷ୍ଟି କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପୂର୍ବତଟ ରେଳ ମହିଳା କଲ୍ୟାଣ ସଙ୍ଗଠନର ସଭାନେତ୍ରୀ ଅଞ୍ଜାନୀ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଳ ମହିଳା କଲ୍ୟାଣ ସଙ୍ଗଠନ ସଦସ୍ୟ, ସମସ୍ତ ଅଧିକାରୀ ଓ ସେମାନଙ୍କ ପରିବାର ସଦସ୍ୟ ଗଛ ଲଗାଇଥିଲେ।

### ହତ୍ୟା ଧମକ ନେଇ ଥାନାରେ ଏତଲା

ପଡିଆବାହାଲ, ୧୪।୧୦(ରାଧାମୋହନ ଷଡ଼ଙ୍ଗୀ)

ସଦର ଥାନା ଅନ୍ତର୍ଗତ ବଡଡୁରାଙ୍ଗ ଗ୍ରାମର ସୁଶାନ୍ତ ବାଗଙ୍କୁ ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। କୌଣସି କାରଣକୁ ନେଇ ଦୁଇଜଣ ବ୍ୟକ୍ତି ତାଙ୍କ ଘରକୁ ଆସି ମାଡ଼ ମାରି ହତ୍ୟା ଧମକ ଦେଇଥିବା ସୁଶାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି ।

# ବିଧାୟକଙ୍କ ସନାତନପାଲି କୃଷକ କମ୍ପାନୀ ପରିଦର୍ଶନ

ପଡିଆବାହାଲ,୧୪।୧୦(ରାଧାମୋହନ ଷଡ଼ଙ୍ଗୀ)

ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ଶନିବାର ଝୁଝୁମୁରା ବ୍ଲକ ସନାତନପାଲି ଗ୍ରାମକୁ ଆସି ସବୁଜ ସନାତନପାଲି କୃଷକ ଉତ୍ପାଦକ କମ୍ପାନୀ ପରିସର ବୁଲି ଦେଖିଥିଲେ। ଏହି ସମୟରେ ସେ କମ୍ପାନୀର ନିର୍ଦ୍ଦେଶକମାନଙ୍କ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝିଥିଲେ। ଏହାସହିତ ଚାଷୀଙ୍କ ପାଇଁ ସରକାର ପ୍ରଣୟନ କରିଥିବା ନୂତନ ଯୋଜନା ବିଷୟରେ ଅବଗତ କରାଇ ତା'ର ସୁଯୋଗ ନେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ କର୍ମକର୍ତ୍ତା ଓ ବହୁ ଚାଷୀ ଉପସ୍ଥିତ ଥିଲେ।


ବିଧାୟକଙ୍କ ସହ କମ୍ପାନୀ କର୍ମକର୍ତ୍ତାମାନେ।

# ବିଦ୍ୟୁତ୍ ବିଭାଗର ତ୍ୱରିତ ପଦକ୍ଷେପ

କୁଚିଣ୍ଡା,୧୪।୧୦ (ବିରଞ୍ଚି ଦର୍ଡା)

କୁଚିଣ୍ଡା ବ୍ଲକ ରାମତିଲେଇମାଲ ପ୍ରାଥମିକ ସ୍କୁଲ କଡରେ ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମର ଓ ବାଉଁଶ ବାଡିରେ ଫେଜ ବନ୍ଧା ସମ୍ପର୍କିତ ଖବର ଶନିବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ହୋଇଥିଲା। ଫଳରେ ବିଦ୍ୟୁତ୍ ବିଭାଗ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଯୁଦ୍ଧକାଳୀନ ଭିତ୍ତିରେ ଶନିବାର ଏକ ଟିମ୍ ରାମତିଲେଇମାଲ ଗସ୍ତକରି ବାଉଁଶ ବାଡିକୁ ପରିବର୍ତ୍ତନ କରି କଟ୍‌ଆଉଟ ମାଧ୍ୟମରେ ବିଦ୍ୟୁତ୍ ସଂଯୋଗ କରିଛନ୍ତି। ସେହିପରି ଟ୍ରାନ୍ସଫର୍ମରଟି ଗ୍ରାମର ପ୍ରାଥମିକ ସ୍କୁଲ କଡରେ ଥିବାରୁ ଏହା ସ୍କୁଲ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ଏହାର ପରିବର୍ତ୍ତନ ପାଇଁ ଝାରସୁଗୁଡା ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ପତ୍ରାଳାପ କରାଯାଇଥିବା କୁଚିଣ୍ଡା ସହକାରୀ ଯନ୍ତ୍ରୀ ସୁବ୍ରତ ପଣ୍ଡା କହିଛନ୍ତି। ବିଦ୍ୟୁତ୍ ବିଭାଗର ଏଭଳି ତ୍ୱରିତ ପଦକ୍ଷେପକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶଂସା କରାଯାଇଛି।

# ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଚାମ୍ପିୟନ



ଚାମ୍ପିୟନ ଟ୍ରଫି ସହ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଦଳ।

ସମ୍ବଲପୁର,୧୪।୧୦(ବି.ଶଙ୍କର)

## ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ସମ୍ବଲପୁର ଜିଲା ବର୍ଷିଆନ କ୍ରୀଡ଼ାସଂଘ ପକ୍ଷରୁ ଆୟୋଜିତ ସୈରେନ୍ଦ୍ରି ନାୟକ ଆନ୍ତଃ ହାଇସ୍କୁଲ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଛି। ହାୱା ମଇଦାନଠାରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଓ ଦିଲ୍ଲୀ ପବ୍ଲିକ ସ୍କୁଲ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଜିଲା ସ୍କୁଲ ଦଳ ୭-୦ ଗୋଲରେ ବିଜୟୀ ହୋଇ ଚଳିତବର୍ଷ ଚାମ୍ପିୟନ ଟ୍ରଫି ହାସଲ କରିଛି। ରେଫରି ସରୋଜ କିଷାନ, ମଥୁରା ଓରାମ, ମନୋଜ ଭୋଇ ଓ ଜଗନ୍ଧର ଓରାମ ମ୍ୟାଚ ପରିଚାଳନା କରିଥିଲେ। ବିଜେଡି ଯୁବ ନେତା ସିଦ୍ଧାର୍ଥ ସାହା ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ। ଓମ୍ ପ୍ରକାଶ ସାଙ୍ଗୋଲିଆ ଓ ଏନ୍ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଥିଲେ। ଆୟୋଜକ ଅନୁଷ୍ଠାନର ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଓ ସଭାପତି ଗୋକୁଳ ଚନ୍ଦ୍ର ଦର୍ଜିଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ହୋଇଥିଲା।

# ପ୍ରତିଭା ଦେଖାଇଲେ ୩୫୦ ଛାତ୍ରୀଛାତ୍ର

ନାକଟିଦେଉଳ,୧୪।୧୦(ବୈକୁଣ୍ଠ ନାଥ ସାହୁ)

## ନାକଟିଦେଉଳ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ନାକଟିଦେଉଳ ବ୍ଲକସ୍ତରୀୟ ସୁରଭି ଓ ମିଲେଟ-୨୦୨୩ କାର୍ଯ୍ୟକ୍ରମ ଶୁକ୍ରବାର ବିଇଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସୁରଭି ପ୍ରତିଯୋଗିତାରେ ବ୍ଲକର ସମସ୍ତ ୧୩ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ୪ର୍ଥରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ ସମୁଦାୟ ୩୫୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ବରିଷ୍ଠ ବିଭାଗ ତର୍କ ପ୍ରତିଯୋଗିତାରେ ପିଏମ୍ ହାଇସ୍କୁଲ ଜଗନ୍ନାଥପ୍ରସାଦର ଛାତ୍ରୀ ମଧୁମିତା ସାହୁ, ରଚନା ପ୍ରତିଯୋଗିତାରେ ଆଦର୍ଶ ବିଦ୍ୟାଳୟ ପେଣ୍ଡବାହାଳର ଛାତ୍ରୀ ଏଲିନା ପ୍ରିୟଦର୍ଶିନୀ ବିଶ୍ୱାଳ, ଚିତ୍ରାଙ୍କନରେ ସରାପାଲି ହାଇସ୍କୁଲର ଛାତ୍ର କ୍ରିଶ ବଡେଇ, ସାଧାରଣ ଜ୍ଞାନରେ ଘୋଷରାମାଳ ଉଚ୍ଚବିଦ୍ୟାଳୟର ଆୟୁଷ ଅଂଶୁମାନ ପଣ୍ଡା, ସଙ୍ଗୀତରେ କିସିଣ୍ଡା ଉଚ୍ଚବିଦ୍ୟାଳୟର ଛାତ୍ରୀ ପ୍ରଜ୍ଞାପାରମିତା ପଟ୍ଟନାୟକ, ସୃଜନଶୀଳ ଲିଖନରେ ଡଇଁଚା ବାପୁଜୀ ଉଚ୍ଚବିଦ୍ୟାଳୟର ଛାତ୍ରୀ ରାଶେଶ୍ୱରୀ ଦଳବେହେରା ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି କନିଷ୍ଠ ବିଭାଗର ଚିତ୍ରାଙ୍କନ ପ୍ରତିଯୋଗିତାରେ ମୁଟୁରୁମୁଣ୍ଡା ସେବାଶ୍ରମ ବିଦ୍ୟାଳୟର ଅନୁଷ୍କା କୁଜୁର, ସାଧାରଣ ଜ୍ଞାନରେ ବାଟଗାଁ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଅଧିରାଜ ପ୍ରସାଦ ଦାଶ, ସୃଜନଶୀଳ ଲିଖନରେ ଆଦର୍ଶ ବିଦ୍ୟାଳୟର ଜାଗୃତି ସାହୁ, ହସ୍ତାକ୍ଷରରେ ଆଦର୍ଶ ବିଦ୍ୟାଳୟ ରୋଜାଲିନ ସାହୁ, ସଂଗୀତରେ ତଣ୍ଡବିରା ପ୍ରାଥମିକ ବିଦ୍ୟାଳୟର ପ୍ରିୟତମା ପ୍ରଧାନ ପ୍ରଥମସ୍ଥାନ ଅଧିକାର କରିଥିଲେ। ଯୁକ୍ତଦୁଇ ବିଭାଗରେ ସାଧାରଣ ଜ୍ଞାନରେ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସ୍ୱାତୀ ଏସ ପ୍ରଧାନ, ରଚନାରେ ମେନକା ମାଝି ଓ ଚିତ୍ରାଙ୍କନରେ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରୋଶନ ଲୁଗୁନ, ତର୍କରେ ଅନସୂୟା ରଣା, ସୃଜନଶୀଳ ଲିଖନରେ ଅମ୍ବିକା ପ୍ରଧାନ ପ୍ରଥମସ୍ଥାନ ଅଧିକାର କରିଥିଲେ। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ବ୍ଲକ ଅଧ୍ୟକ୍ଷା ସ୍ୱରୂପାରାଣୀ ସାହୁ ମୁଖ୍ୟଅତିଥି ଓ ଜାମୁଯୋରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦ୍ରମଣୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପରସ୍କାର ପ୍ରଦାନ କରିଥିଲେ। ଶେଷରେ ନାକଟିଦେଉଳ ସିଆର୍‌ସିସି ମହେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଛାତ୍ରୀମାନେ।

## ସେନା ହେଲିକପ୍ଟରର ଜରୁରୀ ଅବତରଣ

ଭାରତୀୟ ସେନାର ଏକ ଚେତକ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଶନିବାର ସକାଳେ ଏହା ଉତ୍ତରପ୍ରଦେଶର ପ୍ରୟାଗରାଜଠାରେ ଜରୁରୀ ଅବତରଣ କରିଥିଲା। ସେନା ଇଞ୍ଜିନିୟରିଂ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବୈଷୟିକ ଅନୁଧାନ କରିଥିଲେ। ହେଲିକପ୍ଟରଟି ଏକ ଦୈନନ୍ଦିନ ପ୍ରଶିକ୍ଷଣ ମିଶନରେ ଯାଉଥିବାବେଳେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା। ଆବଶ୍ୟକ ବୈଷୟିକ ସହାୟତା ପରେ ଏହା ବାୟୁସେନା ଘାଟିକୁ ଫେରିଯାଇଛି।

**ସଂକ୍ଷେପରେ**

## ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଘୋଷିତ

**ନୂଆଦିଲ୍ଲୀ,୧୪।୧୦:** ଭାରତ ସରକାର ଅଗଷ୍ଟ ୨୩କୁ 'ଜାତୀୟ ମହାକାଶ ଦିବସ' ଭାବେ ଶନିବାର ଘୋଷଣା କରିଛନ୍ତି। ଏହି ଦିନ ଚନ୍ଦ୍ରୟାନ-୩ର ଲ୍ୟାଣ୍ଡର ବିକ୍ରମ ଚନ୍ଦ୍ର ଦକ୍ଷିଣ ପାର୍ଶ୍ୱରେ ସଫଳତାର ସହ ସଫ୍ଟ ଲ୍ୟାଣ୍ଡିଂ କରିଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ କେନ୍ଦ୍ର ସରକାର ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଚନ୍ଦ୍ରୟାନ-୩ର ସଫଳତା ଯୋଗୁ ଭାରତ ପ୍ରଥମ ଦେଶ ଭାବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚି ଇତିହାସ ସୃଷ୍ଟି କରିଥିଲା। ୪ ବର୍ଷ ପୂର୍ବେ ଇସ୍ରୋର ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ସଫ୍ଟ ଲ୍ୟାଣ୍ଡିଂ କରିବାରେ ବିଫଳ ହୋଇଥିଲା।

## କ୍ରିଷ୍ଟୋଫର ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ନିର୍ବାଚିତ



**ଅକ୍ଲାଣ୍ଡ,୧୪।୧୦:** ପୂର୍ବତନ ବ୍ୟବସାୟୀ କ୍ରିଷ୍ଟୋଫର ଲକ୍ସନ୍ ଶନିବାର ନିର୍ବାଚନରେ ବିଜୟୀ ହୋଇ ନ୍ୟୁଜିଲାଣ୍ଡର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି। ଜେସିଣ୍ଡା ଆର୍ଡେନ୍ଙ୍କ ୬ ବର୍ଷର ସରକାରକୁ ବଦଳାଇବା ପାଇଁ ଜନସାଧାରଣ ଭୋଟ ଦେଇଥିଲେ। ଭୋଟ ଗଣତି ଜାରି ରହିଥିବାବେଳେ କ୍ରିଷ୍ଟୋଫର ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି ଜଣାପଡ଼ିବା ପରେ ତାଙ୍କ ଦଳ ପକ୍ଷରୁ ବିଜୟୋତ୍ସବ ଆରମ୍ଭ ହୋଇଯାଇଛି। ଅକ୍ଲାଣ୍ଡଠାରେ ଏକ ଉତ୍ସବରେ ସେ ତାଙ୍କ ସ୍ତ୍ରୀ ଆମଣ୍ଡା ଏବଂ ପିଲାମାନଙ୍କ ସହ ସାମିଲ ହୋଇଥିଲେ। ନିର୍ବାଚିତ କରାଇଥିବାରୁ ସେ ଦେଶବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଗତ ଜାନୁୟାରୀରେ ପ୍ରଧାନମନ୍ତ୍ରୀ ପଦରୁ ଆର୍ଡେନ୍ଙ୍କ ଇସ୍ତଫା ଦେବା ପରେ କ୍ରିସ୍ ହିପ୍‌କିନ୍ସ ୯ ମାସ ହେଲା କ୍ଷମତାରେ ରହିଥିଲେ।

# ହମାସ୍ କମାଣ୍ଡର ନିହତ



ଗାଜା ଷ୍ଟ୍ରିପ୍‌ର ଦକ୍ଷିଣ ଭାଗରେ ଇସ୍ରାଏଲ ବୋମା ମାଡ଼ରେ ଧ୍ୱଂସ ହୋଇଯାଇଥିବା ବିଲ୍ଡିଂର ଭଗ୍ନାବଶେଷ ଉପରେ ଲୋକେ ଚାଲୁଛନ୍ତି।

- ମୃତ୍ୟୁସଂଖ୍ୟା ୩,୫୦୦ ଟପିଲା
- ୪ ଲକ୍ଷ ପାଲେଷ୍ଟିନୀୟ ଘର ଛାଡ଼ିଲେଣି

**ଜେରୁଜେଲମ୍/ଗାଜା ସିଟି,୧୪।୧୦**

ଇସ୍ରାଏଲ୍ ଉପରେ ଆକ୍ରମଣର ନେତୃତ୍ୱ ନେଉଥିବା ହମାସ୍‌ର ନୁଖ୍‌ବା ୟୁନିଟ୍ କମାଣ୍ଡର ଅଲି କାଦି ଇସ୍ରାଏଲୀ ସେନାର ଡ୍ରୋନ୍ ଆକ୍ରମଣରେ ନିହତ ହୋଇଛନ୍ତି। ଗତ ୭ ତାରିଖରେ ଅଲି ନିହତ ହୋଇଥିବା ଇସ୍ରାଏଲ୍ ଡିଫେନ୍ସ ଫୋର୍ସ (ଆଇଡିଏଫ୍ ) ଏବଂ ଆଇଏସ୍ଏ ଗୋଇନ୍ଦା ତଥ୍ୟ ଆଧାରରେ ଏହାର ବାୟୁସେନା ପକ୍ଷରୁ ଉପରୋକ୍ତ ସୂଚନା ଦିଆଯାଇଛି। ଶୁକ୍ରବାର ଆଇଡିଏଫ୍ ସ୍ଥଳଭାଗରେ ଆକ୍ରମଣ ଆରମ୍ଭ କରିବା ପୂର୍ବରୁ ଉତ୍ତର ଗାଜା ଷ୍ଟ୍ରିପ୍‌ରୁ ୧୦ ଲକ୍ଷ ଲୋକମାନଙ୍କୁ ଦକ୍ଷିଣ ଭାଗକୁ ପଳାଇଯିବା ପାଇଁ ନିର୍ଦ୍ଦେଶ ଦେଇଥିଲା। ବର୍ତ୍ତମାନ ସୁଦ୍ଧା ୪ ଲକ୍ଷରୁ ଊର୍ଦ୍ଧ୍ୱ ପାଲେଷ୍ଟିନୀୟ ଘରଦ୍ୱାର ଛାଡ଼ି ପଳାଇଗଲେଣି। ଗତ ୨୪ ଘଣ୍ଟା ମଧ୍ୟରେ ଇସ୍ରାଏଲୀ ସେନା ଗାଜା ଉତ୍ତର ଭାଗର ଅନେକ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ଉକ୍ତ ଅଞ୍ଚଳରୁ ଆତଙ୍କବାଦୀ ଓ ଅସ୍ତ୍ରଶସ୍ତ୍ର ଖୋଜା ଚାଲିଛି। ଏଥିସହିତ ଦକ୍ଷିଣ ଇସ୍ରାଏଲରୁ ଅପହୃତ ହୋଇଥିବା ଲୋକମାନଙ୍କୁ ମଧ୍ୟ ଇସ୍ରାଏଲୀ ସେନା ଖୋଜୁଛି। ଗତ ସପ୍ତାହର ଆକ୍ରମଣ ବେଳେ ହମାସ୍ ଆତଙ୍କବାଦୀମାନେ ୧୫୦ରୁ ଊର୍ଦ୍ଧ୍ୱ ଇସ୍ରାଏଲୀ ଓ ବିଦେଶୀ ନାଗରିକଙ୍କୁ ଅପହରଣ କରିନେଇଥିଲେ। ଯୁଦ୍ଧକୁ ଗୋଟିଏ ସପ୍ତାହ ବିତିଥିବାବେଳେ ମୃତ୍ୟୁସଂଖ୍ୟା ୩,୫୦୦ ଅତିକ୍ରମ କରିଛି। ଇସ୍ରାଏଲୀ ସେନାର କ୍ରମାଗତ ଏୟାରଷ୍ଟ୍ରାଇକ୍‌ରେ ଗାଜା ଷ୍ଟ୍ରିପ୍‌ର ୭୨୪ ଶିଶୁଙ୍କ ସମେତ ୨,୨୧୫ ଜଣ ପ୍ରାଣ ହରାଇଲେଣି। ସେହିପରି ହମାସ୍ ବିଦ୍ରୋହୀଙ୍କ ଆକ୍ରମଣରେ ୧,୩୦୦ରୁ ଅଧିକ ଇସ୍ରାଏଲୀ ନିହତ ହୋଇଥିବା ଜଣାପଡ଼ିଛି। ଉକ୍ତ ଅଞ୍ଚଳରେ ହିଂସା ବଢ଼ିବା ସହ ଉତ୍ତେଜନା ମଧ୍ୟପ୍ରାଚ୍ୟର ଅନ୍ୟାନ୍ୟ ଦେଶକୁ ବ୍ୟାପିବାରେ ଲାଗିଛି। ବିଭିନ୍ନ ସହରରେ ପାଲେଷ୍ଟିନୀୟଙ୍କ ସମର୍ଥନରେ ଓ ଇସ୍ରାଏଲ୍‌ର ଏୟାର ଷ୍ଟ୍ରାଇକ୍‌କୁ ନିନ୍ଦା କରି ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ବେରୁଟ୍, ଇରାକ, ଇରାନ, ଜୋର୍ଡାନ ଏବଂ ବାହାରିନ୍‌ରେ ପାଲେଷ୍ଟାଇନ୍ ସମର୍ଥନରେ ହଜାର ହଜାର ଲୋକ ବିକ୍ଷୋଭରେ ସାମିଲ ହୋଇଛନ୍ତି। ଇସ୍ରାଏଲ୍ ବୋମା ଓ ରକେଟ ମାଡ଼ ଜାରି ରଖିଥିବାବେଳେ ଆହତମାନଙ୍କ ଚିକିତ୍ସା ଲାଗି ଗାଜା ହସ୍ପିଟାଲଗୁଡ଼ିକରେ ସମସ୍ୟା ଦେଖାଦେଇଛି। ସେଠାର ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ଏକପ୍ରକାର ଅଚଳ ହୋଇପଡ଼ିଛି।

## ଇସ୍ରାଏଲ୍‌ରୁ ଫେରିଲେଣି ୪୪୭ ଭାରତୀୟ

**ଜେରୁଜେଲମ,୧୪।୧୦**

ଯୁଦ୍ଧ ଲାଗିରହିଥିବା ଇସ୍ରାଏଲ୍‌ରୁ ଦୁଇଦିନରେ ୪୪୭ ଭାରତୀୟ ନୂଆଦିଲ୍ଲୀ ଫେରିଲେଣି। ଶନିବାର ଆଉ ଦୁଇଟି ସ୍ୱତନ୍ତ୍ର ବିମାନରେ ଅଧିକ ଭାରତୀୟ ଫେରିବେ ବୋଲି ତେଲ୍ ଆଭିଭ୍‌ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ସୂଚନା ଦିଆଯାଇଛି। ଇସ୍ରାଏଲ୍‌ରୁ ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ଲାଗି କେନ୍ଦ୍ର ସରକାର ଗତ ୧୨ ତାରିଖରୁ 'ଅପରେଶନ ଅଜୟ' ଆରମ୍ଭ କରିଥିବାବେଳେ ଉକ୍ତ ସ୍ୱତନ୍ତ୍ର ବିମାନ ଏହାର ଅଂଶବିଶେଷ। ଉକ୍ତ ବିମାନ ଦୁଇଟିରେ ଯଥାକ୍ରମେ ୨୩୦ ଓ ୩୩୦ ଭାରତୀୟ ଫେରିବେ। ଶୁକ୍ରବାର ସକାଳେ ପ୍ରଥମ ପର୍ଯ୍ୟାୟରେ ୨୧୨ ଜଣ ଫେରିଥିବାବେଳେ ଶନିବାର ସକାଳେ ଆଉ ୨୩୫ ଜଣ ଦିଲ୍ଲୀରେ ପହଞ୍ଚିଛନ୍ତି।

## ସ୍ୱାଧୀନ ପାଲେଷ୍ଟାଇନ୍ ପାଇଁ ନ୍ୟୁୟର୍କରେ ବିକ୍ଷୋଭ




**ନ୍ୟୁୟର୍କ,୧୪।୧୦**

ପାଲେଷ୍ଟାଇନ୍‌କୁ ମୁକ୍ତ କର ଦାବିରେ ଆମେରିକାର ନ୍ୟୁୟର୍କରେ ଶୁକ୍ରବାର ଜୋର୍‌ଦାର ବିକ୍ଷୋଭ ହୋଇଛି। ଗାଜା ଷ୍ଟ୍ରିପ୍‌ରେ ଇସ୍ରାଏଲୀ ବୋମାମାଡ଼କୁ ବିରୋଧକରି ହଜାର ହଜାର ବିକ୍ଷୋଭକାରୀ ରାସ୍ତାକୁ ଓହ୍ଲାଇଥିଲେ। ଇସ୍ରାଏଲ୍ ଦଖଲରୁ ମୁକ୍ତ କରି ପାଲେଷ୍ଟିନୀୟ ଅଞ୍ଚଳକୁ ସ୍ୱାଧୀନ କରିବା ପାଇଁ ବିକ୍ଷୋଭକାରୀମାନେ ଆହ୍ୱାନ ଦେଇଛନ୍ତି। ଏହି ବିକ୍ଷୋଭରେ ବିଭିନ୍ନ ଧର୍ମ ଓ ଦେଶର ଲୋକେ ସାମିଲ ହୋଇଥିଲେ। ଇସ୍ରାଏଲ୍ ଗଣହତ୍ୟା ଚଳାଇଛି। ଏହି ମଧ୍ୟପ୍ରାଚ୍ୟ ସହଯୋଗୀଠାରୁ ଆମେରିକା ସମର୍ଥନ ପ୍ରତ୍ୟାହାର କରୁ ବୋଲି ସେମାନେ ଦାବି କରିଛନ୍ତି।

## ଭାରତ-ଶ୍ରୀଲଙ୍କା ଫେରି ସେବା ଆରମ୍ଭ

**ନୂଆଦିଲ୍ଲୀ,୧୪।୧୦**

ଦୀର୍ଘ ୪୧ ବର୍ଷର ବ୍ୟବଧାନ ପରେ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଫେରି ସେବା ଶନିବାର ଆରମ୍ଭ ହୋଇଛି। ଦୁଇ ଦେଶ କୂଟନୈତିକ ଏବଂ ଅର୍ଥନୈତିକ ସମ୍ପର୍କରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ଯାଉଛନ୍ତି ବୋଲି ଫେରି ସେବା ଶୁଭାରମ୍ଭ କରିବା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ତାମିଲନାଡୁର ନାଗପଟ୍ଟିନମ୍ ଏବଂ ଜାଫନାର କଙ୍କେସନ୍ତୁରାଇ ମଧ୍ୟରେ ଏହି ଫେରି ସେବା ଆରମ୍ଭ ହୋଇଛି, ଯାହା ସମସ୍ତ ଐତିହାସିକ ଏବଂ ସାଂସ୍କୃତିକ ସମ୍ପର୍କକୁ ଉଜ୍ଜୀବିତ କରିଛି ବୋଲି ଏହି ଅବସରରେ ଏକ ଭିଡିଓ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଫେରି ସେବା କେବଳ ଦୁଇଟି ସହରକୁ ନିକଟତର କରାଇବ ନାହିଁ, ଏହା ଦୁଇ ଦେଶକୁ, ଏହାର ଜନସାଧାରଣଙ୍କୁ ଏବଂ ଆମର ହୃଦୟକୁ ନିକଟତର କରାଇବ ବୋଲି ମୋଦି କହିଛନ୍ତି। ଦୀର୍ଘବର୍ଷ ପରେ ଫେରି ସେବା ଆରମ୍ଭ ହୋଇଥିବାରୁ ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ ଏହାକୁ ସ୍ୱାଗତ କରିବା ସହ ଏହା ଦୁଇ ଦେଶ ମଧ୍ୟରେ ଯୋଗାଯୋଗ, ବାଣିଜ୍ୟ ଓ ସାଂସ୍କୃତିକ ସମ୍ପର୍କ ବଢ଼ାଇବାରେ ସହାୟକ ହେବ ବୋଲି କହିଛନ୍ତି।

## ପ୍ରଥମ ଅଗ୍ନିବୀରଙ୍କ ମୃତ୍ୟୁ ପରେ ସମ୍ମାନ ଦେଲାନି ସେନା

**ମନସା(ପଞ୍ଜାବ),୧୪।୧୦**

ଭାରତର ପ୍ରଥମ ଅଗ୍ନିବୀର ଭାବେ ପ୍ରାଣ ହରାଇଥିବା ପଞ୍ଜାବ ମନ୍‌ସା ଅଞ୍ଚଳର ଅମ୍ରିତ୍‌ପାଲ ସିଂଙ୍କ ଶେଷକୃତ୍ୟରେ ଭାରତୀୟ ସେନା ସାମିଲ ନ ହେବା ଏବଂ ଗାର୍ଡ ଅଫ୍ ଅନର ପ୍ରଦାନ କରା ନ ଯିବା ଦୁଃଖଦାୟକ। ଏପରି କି ତାଙ୍କ ମରଶରୀରକୁ ମଧ୍ୟ ସେନା ଗାଡ଼ିରେ ଜନ୍ମସ୍ଥାନକୁ ଅଣାଗଲା ନାହିଁ। ଏକ ଘରୋଇ ଆମ୍ବୁଲାନ୍ସ ଭଡ଼ାକରି ମୃତଦେହ ଗାଁକୁ ଅଣାଯାଇଥିବାବେଳେ ସାଙ୍ଗରେ ଜଣେ ଜେସିଓ ଏବଂ ଅନ୍ୟ ର୍‍ୟାଙ୍କ୍‌ର ୩ ଜଣ ଯବାନ ଆସିଥିଲେ।



ଅମ୍ରିତ୍‌ପାଲ ସିଂ

ସ୍ଥାନୀୟ ଲୋକଙ୍କ ଅନୁରୋଧକ୍ରମେ ପୋଲିସ ପକ୍ଷରୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଜଣେ ଦିବଙ୍ଗତ ସୈନ୍ୟଙ୍କ ପ୍ରତି ସରକାରଙ୍କ ଏଭଳି ବ୍ୟବହାରକୁ ସମାଲୋଚନା କରାଯାଇଛି। ୧୯ ବର୍ଷୀୟ ଅମ୍ରିତପାଲ୍ ଗତ ମାସରେ ଜମ୍ମୁ-କଶ୍ମୀରର ପୁଞ୍ଛରେ ଡ୍ୟୁଟି ଆରମ୍ଭ କରିଥିବାବେଳେ ଅକ୍ଟୋବର ୧୧ରେ ରାଜୌରୀ ସେକ୍ଟରରେ କର୍ତ୍ତବ୍ୟରତ ଥିବାବେଳେ ନିଜ ବନ୍ଧୁକରୁ ଗୁଳି ଫୁଟିବାରୁ ତାଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ତାଙ୍କ ଶେଷକୃତ୍ୟ ଶୁକ୍ରବାର ଜନ୍ମସ୍ଥାନ ମନସାରେ ସମ୍ପନ୍ନ ହୋଇଛି। ପୁଅ ମୃତ୍ୟୁର ତଦନ୍ତ ଲାଗି ତାଙ୍କ ବାପା ଗୁରଦୀପ୍ ସିଂ ଦାବି କରିଛନ୍ତି। ମୃତ୍ୟୁର କାରଣ ଜାଣିବା ଲାଗି କୋର୍ଟ ଅଫ୍ ଇନ୍‌କ୍ୱାରିର ଆବଶ୍ୟକତା ରହିଛି। ଅନ୍ୟପକ୍ଷେ ଅଗ୍ନିବୀର ଅମ୍ରିତ ପାଲ୍ ନିଜେ ନିଜକୁ ମାରିଥିବାରୁ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇ ନାହିଁ ବୋଲି କର୍ ପକ୍ଷରୁ କୁହାଯାଇଛି। ଏହି ଘଟଣା ଅନେକ ସନ୍ଦେହ ସୃଷ୍ଟି କରିଛି। ଜଣେ ନବ ନିଯୁକ୍ତ ସୈନ୍ୟ ନିଜକୁ ନିଜେ କାହିଁକି ମାରିବେ ବୋଲି ପ୍ରଶ୍ନ ଉଠିଛି।

**ଫୁର୍‌ସତ୍**

## ୯୦ ବର୍ଷ ପରେ ଲାଇବ୍ରେରିକୁ ଫେରିଲା ବହି

**ଲଣ୍ଡନ**

ଅନେକ ଲୋକ ଲାଇବ୍ରେରି ଯିବାକୁ ପସନ୍ଦ କରନ୍ତି ଏବଂ ସେଠାକୁ କିଛି ବହି ମଧ୍ୟ ଆଣିଥା'ନ୍ତି। ହେଲେ କିଛି ଲୋକ ବହି ଫେରାଇବାକୁ ଭୁଲିଯାଆନ୍ତି। କିଛିଦିନ ପୂର୍ବେ ବ୍ରିଟେନ୍‌ରେ ଜଣେ ବ୍ୟକ୍ତି ତାଙ୍କ ଜେଜେବାପା ନେଇଥିବା ବହିକୁ ୯୦ ବର୍ଷ ପରେ ଲାଇବ୍ରେରିକୁ ଫେରାଇଛନ୍ତି। ଏଥିପାଇଁ ତାଙ୍କୁ ଜରିମାନା ମଧ୍ୟ ଦେବାକୁ ପଡ଼ିଛି। ରିପୋର୍ଟ ମୁତାବକ, ୧୯୩୩ରେ ଲାର୍ଚମୋଣ୍ଟ ପବ୍ଲିକ ଲାଇବ୍ରେରିରୁ ଜଣେ ବ୍ୟକ୍ତି ଯୋଶେଫ କନରାଡଙ୍କ ୧୯୨୫ ମସିହାର ବହି 'ୟୁଥ୍ ଆଣ୍ଡ ଟୁ ଅଦର ଷ୍ଟୋରିଜ୍'କୁ ନେଇଥିଲେ, ଯାହାକୁ ତାଙ୍କ ନାତି ଜୋନି ମାର୍ଗନ ନିକଟରେ ଫେରାଇଛନ୍ତି। ଲାଇବ୍ରେରିଆନ୍ କାରୋଲିନ୍ କନିଂହାମ କହିଛନ୍ତି, ଯେତେବେଳେ ବ୍ୟକ୍ତି ଜଣକ ଏହି ବହି ନେଇଥିଲେ, ସେ ଏଇ ପାଖରେ ରହୁଥିଲେ। ହେଲେ ଏବେ ତାଙ୍କ ପାଇଁ ଖୁସିର ବିଷୟ ଏହା କି ଏତେ ପୁରୁଣା ବହି ସେମାନେ ଫେରିପାଇଛନ୍ତି। ହେଲେ ଆଶ୍ଚର୍ଯ୍ୟର କଥା, ଲାଇବ୍ରେରିଆନ ମାର୍ଗନଙ୍କଠାରୁ ମାତ୍ର ୫ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୧୭ ଟଙ୍କା ଜରିମାନା ନେଲେ। ଲାଇବ୍ରେରିଆନ କାରୋଲିନ୍‌ଙ୍କ କହିବା କଥା, କିଛିଦିନ ଆଗରୁ ମାର୍ଗନ ତାଙ୍କ ସହ ଯୋଗାଯୋଗ କରିଥିଲେ। ମାର୍ଗନ ଯେତେବେଳେ କହିଲେ ଲାଇବ୍ରେରିକୁ ଏତେ ପୁରୁଣା ବହି ଆସୁଛି ତାହା କାରୋଲିନ୍‌ଙ୍କୁ ବିଶ୍ୱାସ ହୋଇ ନ ଥିଲା। ଜିମ୍ମି ଏଲିସ୍ ନାମକ ଜଣେ ବ୍ୟକ୍ତି ଏହି ବହି ନେଇଥିଲେ। ସେତେବେଳେ ସେ ଲାଇବ୍ରେରି ପାଖରେ ନିଜ ସ୍ତ୍ରୀ ଏବଂ ୨ ପିଲାଙ୍କ ସହ ରହୁଥିଲେ। ହେଲେ ୧୯୭୮ରେ ଏଲିସ୍‌ଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ବହିଟି ରହିଯାଇଥିଲା। ମାର୍ଗନ କହିଛନ୍ତି, ଦିନେ ସେ ଘର ସଫା କରିବାବେଳେ ଏହି ବହିଟିକୁ ପାଇଥିଲେ।




## ଖେଳ ଦେଖିବାକୁ ଶୁଟିଂ ଛାଡ଼ି ଷ୍ଟୁଡିଓରେ ସଲ୍‌ମାନ

**ମୁମ୍ବାଇ**

ଗୁଜରାଟର ଅହମଦାବାଦସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଶନିବାର ଆୟୋଜିତ ଆଇସିସି କ୍ରିକେଟ୍ ବିଶ୍ୱକପ୍- ୨୦୨୩ରେ ଭାରତ ପାକିସ୍ତାନକୁ ହରାଇଛି। ଏହି ଅବସରରେ ଅନେକ ଲୋକଙ୍କ ସହିତ କଳାକାର ଟିମ୍ ମଧ୍ୟ ଇଣ୍ଡିଆକୁ ସମର୍ଥନ ଜଣାଇଥିଲେ। ତେବେ ଖେଳ ଦେଖିବାକୁ ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍ 'ବିଗ୍‌ବସ୍'ର ଶୁଟିଂ ଛାଡ଼ି 'ଷ୍ଟାର ସ୍ପୋର୍ଟସ' ଷ୍ଟୁଡିଓରେ ଆସି ପହଞ୍ଚିଥିଲେ। ସେଠାରେ ସେ ପୂର୍ବତନ କ୍ରିକେଟର ମହମ୍ମଦ କେଫ୍ ଓ ହରଭଜନ ସିଂଙ୍କୁ ଭେଟିଛନ୍ତି। ତେବେ ସଲ୍‌ମାନଙ୍କୁ ଷ୍ଟୁଡିଓରେ 'ଟାଇଗର-୩' ଗେଟ୍‌ଅପ୍‌ରେ ଦେଖିବାକୁ ମିଳିଛି। ସଲ୍‌ମାନ ୧୯୮୮ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତାଙ୍କ ଅଭିନୟର ଯାଦୁରେ ଅନେକଙ୍କ ଭଲପାଇବା ସାଉଁଟିଛନ୍ତି। ସେ ଅନେକ ଫିଲ୍ମରେ କାମ କରିସାରିଛନ୍ତି। ନିକଟରେ ତାଙ୍କୁ 'କିସି କା ଭାଇ କିସି କି ଜାନ୍'ରେ ଦେଖିବାକୁ ମିଳିଥିଲା। ଏବେ ସେ ଟାଇଗର-୩ର ଶୁଟିଂରେ ବ୍ୟସ୍ତ ଅଛନ୍ତି।



## ୧୩୩ କୋଟିରେ ନିର୍ମିତ ମହଲ ୮୩ କୋଟିରେ ବିକ୍ରିହେବ



**ଟ୍ରେନଟନ୍**

ନ୍ୟୁଜର୍ସିର ବାସିନ୍ଦା ଡ୍ୟାନ୍ ତାଙ୍କ ପ୍ରେମିକା ଶେରୀ ଫୁନ୍‌ଶଙ୍କୁ ଏପରି ଏକ ଉପହାର ଦେଇଛନ୍ତି, ସେଥିପାଇଁ ଏବେ ସେ ଚର୍ଚ୍ଚାରେ ଅଛନ୍ତି। ଦୁହେଁ ଡେଟିଂ କରିବାବେଳେ ଶେରୀଙ୍କ ପାଇଁ ଡ୍ୟାନ୍ ଏକ ସୁନାର ମହଲ କରିବେ। ତା' ପରେ ବିବାହ କରିବେ ବୋଲି କଥା ଦେଇଥିଲେ। ସେ ନିଜ କଥା ରଖି ବିବାହ ପୂର୍ବରୁ ଶେରୀଙ୍କ ପାଇଁ ଏକ ସୁନ୍ଦର ମହଲ ତିଆରି କଲେ। ଏଥିଲାଗି ସେ କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ କଲେ। ହେଲେ ଏବେ ସେ ସେହି ଘରକୁ ବିକ୍ରି କରିବାକୁ ଚାହୁଁଛନ୍ତି। ରିପୋର୍ଟ ମୁତାବକ, ଶେରୀ ଏବଂ ଡ୍ୟାନ୍ ୨୦୦୫ରେ ପ୍ରଥମ ଦେଖାରେ ଭଲ ପାଇ ବସିଥିଲେ। ସେତେବେଳେ ଡ୍ୟାନ୍ ଏହି ଉପହାର କଥା କହିଥିଲେ। ସେଥିପାଇଁ ସେ ୨୦୦୭ରେ ୨ ମିଲିୟନ ଡଲାର ଅର୍ଥାତ୍ ୧ କୋଟି ୬୬ ଲକ୍ଷରୁ ଊର୍ଦ୍ଧ୍ୱ ମୂଲ୍ୟର ଏକ ଜାଗା କିଣି ସେଠାରେ ଏକ ସୁନ୍ଦର ମହଲ ନିର୍ମାଣ କରିଥିଲେ। ସେତେବେଳେ ଏହି ମହଲ ନିର୍ମାଣରେ ୧୩୩ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। କିନ୍ତୁ ଏବେ ସେ ମହଲକୁ ୫୦ କୋଟି କମ୍ ମୂଲ୍ୟରେ ବିକ୍ରି କରିବାକୁ ଚାହୁଁଛନ୍ତି। ସେହି ସୁନାର ମହଲ ନିର୍ମାଣରେ ୨୨ କ୍ୟାରେଟ ସୁନା ପରସ୍ତର ୪୭ ହଜାର ଶିଟ୍ ବ୍ୟବହୃତ ହୋଇଥିଲା। ଉକ୍ତ ମହଲରେ ୮ ବେଡ୍‌ରୁମ୍, ୧୩ ଫାୟାର ପ୍ଲେସ୍, ଗୋଟିଏ ହୋମ୍ ଥିଏଟର, ୨ଟି ବାର୍ ରହିଛି। ମହଲ ଦ୍ୱାର ଖୋଲିବାମାତ୍ରେ ସିଣ୍ଡ୍ରେଲା ଶିଡ଼ି ଦେଖିବାକୁ ମିଳିବ, ଯାହା ଧଳା ମାର୍ବଲରେ ନିର୍ମିତ। ଏହା ଉପରେ ସୁନାର ପରସ୍ତ ମଧ୍ୟ ରହିଛି। ଶେରୀ ଏହି ମହଲକୁ ସ୍ୱର୍ଗ ବୋଲି କହିଛନ୍ତି। ହେଲେ ଏହି ମହଲ ବିକ୍ରି ପଛର କାରଣ ଜଣାପଡ଼ିନି।

## ସଂସ୍କୃତ ଭାଷା ପ୍ରଚଳିତ ଆମେରିକୀୟ ସହର



**ୱାଶିଂଟନ**

ଏମିତି ଏକ ସହର ଅଛି, ଯେଉଁଠାରେ ଲୋକେ ପରସ୍ପର ମଧ୍ୟରେ ସଂସ୍କୃତରେ କଥାବାର୍ତ୍ତା ହୁଅନ୍ତି। ଏହି ସହର ଆମେରିକାର ଆଇଓ୍ୱା ରାଜ୍ୟରେ ରହିଛି। ଏହି ରାଜ୍ୟ ପ୍ରାଚୀନ ହିନ୍ଦୁପ୍ରଥାକୁ ଅନୁସରଣ କରିଥାଏ। ଏହି ସହର ମହର୍ଷି ବୈଦିକ ସିଟି ନାମରେ ପରିଚିତ। ସହରର ସମସ୍ତ ଅଟ୍ଟାଳିକାର ମୁହଁ ପୂର୍ବଦିଗକୁ ରହିଛି। ଏଠାରେ ଅଣଜୈବିକ ଖାଦ୍ୟ ଉପରେ ମଧ୍ୟ ନିଷେଧାଦେଶ ରହିଛି। ଉକ୍ତ ସହରକୁ ଆମେରିକାର 'ସବୁଠାରୁ ଅଜବ' ସହର କୁହାଯାଏ। ରିପୋର୍ଟ ଅନୁଯାୟୀ, ଆମେରିକାର ଟେଲିଭିଜନ ପ୍ରଯୋଜକ ଓପ୍‌ରା ୱିନ୍‌ଫ୍ରେ ଥରେ ଏହି ସହରକୁ ସବୁଠୁ ବିଚିତ୍ର ସହର ବୋଲି କହିଥିଲେ। ଟ୍ରାନ୍ସେଣ୍ଡେଣ୍ଟାଲ ମେଡିଟେଶନ(ଯୋଗ ବା ଧ୍ୟାନ)ର ପ୍ରତିଷ୍ଠାତା ସ୍ୱର୍ଗତ ମହର୍ଷି ମହେଶ ଯୋଗୀ ଏହାକୁ ୨୦୦୧ରେ ପ୍ରତିଷ୍ଠା କରିଥିଲେ, ଯାହାକୁ ଆମେରିକାର 'ଅଜବ ସହର' ଭାବେ ପରିଚିତ କରାଯାଇଥିଲା। ସହରରେ ଅଧିକାଂଶ ଲୋକ ସଂସ୍କୃତ ଭାଷାରେ କଥା ହୁଅନ୍ତି। ଏଠାରେ ଲୋକଙ୍କୁ ମହେଶ ଯୋଗୀଙ୍କ ଟ୍ରାନ୍ସେଣ୍ଡେଣ୍ଟାଲ ମେଡିଟେଶନ ଉପରେ ଶିକ୍ଷା ଦିଆଯାଇଥାଏ, ଯାହା ବିଶ୍ୱକୁ ଶାନ୍ତି ଆଣିପାରେ ବୋଲି ବିଶ୍ୱାସ କରାଯାଏ। ୧୯୮୧ରେ ନିର୍ମିତ ଗୋଲ୍ଡେନ ଡୋମ୍ସ ମହର୍ଷି ଇଣ୍ଟରନ୍ୟାଶନାଲ ୟୁନିଭର୍ସିଟି କ୍ୟାମ୍ପସ୍‌ରେ ଦୁଇଟି ଅଟ୍ଟାଳିକା ରହିଛି। ଏଥିରୁ ଗୋଟିଏରେ ପୁରୁଷମାନେ ଧ୍ୟାନ କରୁଥିବାବେଳେ ଅନ୍ୟଟିରେ ଯୋଗ କରନ୍ତି ସମସ୍ତ ମହିଳା। ୨୦୨୦ ଜନଗଣନା ଅନୁଯାୟୀ, ସାଢ଼େ ୩ ବର୍ଗ ମାଇଲ ଗ୍ରାମାଞ୍ଚଳର ଏହି ଛୋଟ ସହରରେ ବର୍ତ୍ତମାନ ୨୭୭ ଘର ରହିଛି। ମହର୍ଷି ବୈଦିକ ସ୍ଥାପତ୍ୟର ନୀତି ଅନୁସାରେ ସମଗ୍ର ସହରକୁ ଡିଜାଇନ୍ କରାଯାଇଛି।

# ଦୁର୍ଘଟଣାରେ ୩ ଦଶମ ଶ୍ରେଣୀ ଛାତ୍ର ମୃତ

## କୋଚିଂ ସେଣ୍ଟରରୁ ଫେରିବାବେଳେ ଭ୍ୟାନ୍ ସହ ମୁହାଁମୁହିଁ ଧକ୍କା

ବାଙ୍କୀ,୧୪।୧୦
(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ-କଟକ ମୁଖ୍ୟ ରାସ୍ତାର ରଣଶଙ୍ଖ ନିକଟରେ ଶନିବାର ପୂର୍ବାହ୍ନ ପ୍ରାୟ ୯ଟାରେ ଏକ ସଡ଼କ ଦୁର୍ଘଟଣାରେ ୩ଜଣ ସ୍କୁଲ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ସ୍ଥାନୀୟ ହରିରାଜପୁର ଗ୍ରାମର ସୋହନ ନାଏକ ଓ ଅବିନାଶ ଧଳ ଏବଂ ଶୁଖୁଆଖଳା ଗ୍ରାମର ଅମିୟାଂଶୁ ପିରୋଇ। ୩ଜଣ ଯାକ ଦଶମ ଶ୍ରେଣୀର ଛାତ୍ର ଅଟନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ପରେ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ମିଳିଥିବା ସୂଚନା ଅନୁସାରେ ସୋହନ, ଅବିନାଶ ଏବଂ ଅମିୟାଂଶୁ ଏକ ମୋଟର ସାଇକେଲରେ ଡମପଡ଼ା ବ୍ଲକ ପାଥପୁର ପଞ୍ଚାୟତ ଚକୁଳେଶ୍ୱର ଗ୍ରାମରେ ଥିବା ଏକ କୋଚିଂ ସେଣ୍ଟରରୁ ପଢ଼ା ସାରି ଘରକୁ ଫେରୁଥିଲେ। ରଣଶଙ୍ଖର ୧୦୦ମିଟର ଦୂରରେ ଥିବା ମୋଡ଼ଣି ନିକଟରେ ବାଙ୍କୀରୁ ଜାତମୁଣ୍ଡିଆ ଅଭିମୁଖେ ଯାଉଥିବା ଏକ ଥଣ୍ଡା ପାନୀୟ ଜଳ ବୋଝେଇ ପିକ୍‌ଅପ୍ ଭ୍ୟାନ(ଓଡି୦୨-ବିଡବ୍ଲୁ-୯୪୮) ସହ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ୩ଜଣ ଛାତ୍ର ଗୁରୁତର ହୋଇ ଚେତାଶୂନ୍ୟ ହୋଇପଡ଼ିଥିଲେ। ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ବାଙ୍କୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ିରେ ଆହତମାନଙ୍କୁ ବାଙ୍କୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ମେଡିକାଲରେ ସୋହନଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଦୁଇଜଣ ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ଦୁଇଜଣ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ସେଠାରେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ଘଟଣାରେ ବାଙ୍କୀ ଥାନାରେ ଏକ ମାମଲା(ନଂ.୩୭୬/୨୩) ରୁଜୁ ହେବା ସହ ଗାଡିଟିକୁ ଥାନାରେ ଅଟକ ରଖାଯାଇଛି। ଘଟଣାସ୍ଥଳରୁ ଡ୍ରାଇଭର ଖସି ପଳାଇଛନ୍ତି। ଅପରପକ୍ଷରେ ୩ଛାତ୍ର ଯାଉଥିବା ମୋଟରସାଇକେଲ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଛି। ଦଶମ ଶ୍ରେଣୀରେ ପଢୁଥିବା ୩ଛାତ୍ରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଖୋଲିଲା ଶିମିଳିପାଳ

## ଆଦିବାସୀ ନୃତ୍ୟ ଗୀତରେ ପର୍ଯ୍ୟଟକଙ୍କୁ ସ୍ୱାଗତ

ବାରିପଦା, ୧୪।୧୦
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ଶନିବାରଠାରୁ ଖୋଲାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶିପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ଆଦିବାସୀ ନୃତ୍ୟଗୀତରେ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଥିଲେ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି। ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦ ପ୍ରମୋଦ ଓ ରହଣି ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରଥମ ଦିବସରେ ପିଠାବଟା ଦେଇ ୪ଟି ଓ କାଳିଆଣି ଦେଇ ୯ଟି ଗାଡ଼ି ଶିମିଳିପାଳ ମଧ୍ୟକୁ ପ୍ରବେଶ କରିଥିଲା। ଉଭୟ ଗେଟ୍ ଦେଇ ମୋଟ ୭୩ ପର୍ଯ୍ୟଟକ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରୁ ୫୦ଜଣ ଓଡ଼ିଶାର ହୋଇଥିବା ବେଳେ ୨୩ଜଣ



ଶିମିଳିପାଳକୁ ପ୍ରବେଶ କରୁଥିବା ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଉଛି।

■ ପ୍ଲାଷ୍ଟିକମୁକ୍ତ ପରିବେଶ ପାଇଁ ନିବେଦନ
■ ମୁଖ୍ୟ ଆକର୍ଷଣ ଖଇରି ବାଘୁଣୀ ମ୍ୟୁଜିୟମ

ରାଜ୍ୟ ବାହାର। ପର୍ଯ୍ୟଟକଙ୍କ ସୁରକ୍ଷା ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ ସହ ଗାଇଡ୍ ବ୍ୟବସ୍ଥା କରାଯାଇଛି। ଜାମୁଆଣି, କୁମାରୀ, ଗୁଡୁଗୁଡିଆ, ମୁକ୍ତାପୁର, ବରେହିପାଣି ଓ ରାମତୀର୍ଥଠାରେ ପର୍ଯ୍ୟଟକଙ୍କ ଲାଗି ରାତ୍ରିଯାପନ ଓ ରେଷ୍ଟୁରାଣ୍ଟ ବ୍ୟବସ୍ଥା ହୋଇଛି। ପର୍ଯ୍ୟଟକଙ୍କ ଆମୋଦପ୍ରମୋଦ ନିମନ୍ତେ ସାନ୍ତାଳୀ ସମ୍ପ୍ରଦାୟର କୁଟୀର, ଆଦିବାସୀ କୁଟୀର, ବାଉଁଶ କୁଟୀର ଓ ଟ୍ରି ହାଉସ ଭଳି ବ୍ୟବସ୍ଥା ରହିଛି। ସେହିପରି ପଲିଥିନ, ଅଗ୍ନି ସଂଯୋଗକାରୀ ସାମଗ୍ରୀ, ଆମିଷ ଓ ମାଦକ ଦ୍ରବ୍ୟ ବ୍ୟବହାର ଉପରେ କଟକଣା କରାଯାଇଛି। ଚଳିତବର୍ଷ ଶୀଘ୍ର ଅଭୟାରଣ୍ୟ ଖୋଲିଥିବାରୁ ବନ୍ୟପ୍ରାଣୀକୁ ଦେଖିବାର ସୁଯୋଗ ମିଳିବ ବୋଲି ବାରିପଦାର ପୀୟୁଷ ରଞ୍ଜନ କଲିଆ କହିଛନ୍ତି। ସେହିପରି ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକ ରାଜଶ୍ରୀ କୁହନ୍ତି, ଶିମିଳିପାଳ ବୁଲିବାର ମଜା ନିଆରା। ଚଳିତବର୍ଷ ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ଗୀତ ଗାଇ ପାଛୋଟି ନେଉଥିବାରୁ ବହୁତ ଖୁସି ଲାଗୁଛି। ଉପ ନିର୍ଦ୍ଦେଶକ ଗୌଡ଼ା କହିଛନ୍ତି, ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ଅନ୍‌ଲାଇନ ପୋର୍ଟାଲ ଖୋଲାଯାଇଛି। ଚଳିତବର୍ଷ ନୂତନ ଭାବେ ଖଇରୀ ବାଘୁଣୀ ସମ୍ପର୍କିତ ମ୍ୟୁଜିୟମ ଖୋଲିଛି। ଅପରାହ୍ନ ୩ଟା ପୂର୍ବରୁ ପର୍ଯ୍ୟଟକମାନେ ଯୋରନ୍ଦା, ବରେହିପାଣି ଜଳପ୍ରପାତ ଏବଂ ଅପରାହ୍ନ ୪ଟା ପୂର୍ବରୁ ସମସ୍ତେ ଚହଲା ସ୍ଥାନକୁ ଛାଡ଼ିବା ପାଇଁ ବାଧ୍ୟତାମୂଳକ କରାଯାଇଛି। କୌଣସି କାରଣ ବଶତଃ ଗାଡ଼ି ଖରାପ ହେଲେ ପର୍ଯ୍ୟଟକମାନଙ୍କୁ ବାରିପଦା ଓ ଯଶୀପୁର ବସଷ୍ଟାଣ୍ଡକୁ ସ୍ଥାନାନ୍ତରିତ କରିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଛନ୍ତି।

# ବିଧାୟକ ପ୍ରତାପଙ୍କୁ ସମନ

## ୩୧ରେ ବ୍ୟକ୍ତିଗତ ହାଜର ନିର୍ଦ୍ଦେଶ

ମାହାଙ୍ଗା/ନିଶ୍ଚିନ୍ତକୋଇଲି, ୧୪।୧୦(ଯଯାତି ସିଂ/ଅଶୋକ କୁମାର ମହାପାତ୍ର)

ମାହାଙ୍ଗା ଡବଲ ମର୍ଡର ଘଟଣାର ଅଭିଯୁକ୍ତ ତାଲିକାରେ ଥିବା ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କୁ ଶନିବାର ସମନ ଜାରି ହୋଇଛି। ସାଲେପୁର ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ(ଜେଏମ୍ଏଫ୍‌ସି) କୋର୍ଟଙ୍କ ଦ୍ୱାରା ପ୍ରେରିତ ସ୍ୱତନ୍ତ୍ର ମେସେଞ୍ଜର ବିଧାୟକଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଏହି ସମନ ପ୍ରଦାନ କରିଛନ୍ତି। ବିଧାୟକ ଉକ୍ତ ସମନକୁ ଗ୍ରହଣ କରିଥିବା ଜଣାପଡ଼ିଛି। ଆସନ୍ତା ୩୧ତାରିଖରେ କୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ମାହାଙ୍ଗା ଡବଲ ମର୍ଡର ଘଟଣାରେ ବିଧାୟକ ପ୍ରତାପଙ୍କ ନାମ ୧୩ନମ୍ବର ତାଲିକାରେ ଥିଲା। ହେଲେ ପୋଲିସ ଉକ୍ତ ନାମକୁ ଚାର୍ଜଶିଟରୁ କାଟିଦେଇଥିଲା। ଏହାକୁ ବିରୋଧ କରି କୁଳମଣିଙ୍କ ପୁଅ ରମାକାନ୍ତ ବରାଳ ସାଲେପୁର ଜେଏମ୍ଏଫ୍‌ସି କୋର୍ଟରେ ଏକ ପ୍ରୋଟେଷ୍ଟ ପିଟିଶନ (ନଂ.୨୧୭/୨୧) ଦାଏର କରିଥିଲେ। ମାମଲାର ଶୁଣାଣି କରି ମାଜିଷ୍ଟ୍ରେଟ୍ ବିଧାୟକ ଜେନାଙ୍କ ବିରୋଧରେ ଆସିଥିବା ଅଭିଯୋଗର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ରିପୋର୍ଟ ଦେବାକୁ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ପୋଲିସ ରିପୋର୍ଟ ଦେବାରେ ବିଳମ୍ବ କରିବାରୁ କୋର୍ଟ ତାଙ୍କୁ ଭର୍ତ୍ସନା କରିଥିଲେ। ଶେଷରେ ପୋଲିସ ଚାର୍ଜଶିଟ୍, ସିଡିଆର ସମେତ ମାମଲାର ଦସ୍ତାବିଜ କୋର୍ଟରେ ଦାଖଲ କରିଥିଲା। ଇତିମଧ୍ୟରେ କୁଳମଣିଙ୍କ ପୁଅ ରମାକାନ୍ତଙ୍କ ମୃତ୍ୟୁ ହେବା ପରେ ତାଙ୍କ ଭାଇ ରଞ୍ଜିତ କୁମାର ବରାଳ ପୁନର୍ବାର ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ସାକ୍ଷ୍ୟପ୍ରମାଣକୁ ଭିତ୍ତିକରି ସାଲେପୁର ଜେଏମ୍ଏଫ୍‌ସି କୋର୍ଟ ଗତ ୨୫ ତାରିଖରେ ବିଧାୟକ ପ୍ରତାପ ଜେନାଙ୍କ ନାମରେ ଆଇପିସି ଦଫା ୩୦୨, ୧୨୦ ବି ଓ ୫୦୬ (ହତ୍ୟା, ଷଡ଼ଯନ୍ତ୍ର, ହତ୍ୟା ଧମକ ଦେବା) ଅନୁଯାୟୀ ମାମଲା ଚାଲୁ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି ପ୍ରତାପ ଜଣେ ବିଧାୟକ ହୋଇଥିବାରୁ ତାଙ୍କ ମାମଲାର ବିଚାର ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରେ ହେବ ବୋଲି ନିର୍ଦ୍ଦେଶ ଦେବା ସହ ତାଙ୍କୁ ଅକ୍ଟୋବର ୩୧ରେ କୋର୍ଟରେ ହାଜର ହେବାକୁ ସ୍ୱତନ୍ତ୍ର ମେସେଞ୍ଜର ମାଧ୍ୟମରେ ସମନ ଜାରି କରିଥିଲେ।

# ଜମି କିଣାଇଦେବା ନାଁରେ ଠକେଇ, ବ୍ୟବସାୟୀ ଗିରଫ

ଭୁବନେଶ୍ୱର,୧୪।୧୦
(ସୂର୍ଯ୍ୟକାନ୍ତ ବେହେରା)

ଜମି କିଣାଇ ଦେବା ନାଁରେ ସାଢେ ୬ ଲକ୍ଷ ଟଙ୍କା ଠକିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଜମି ବ୍ୟବସାୟ କରୁଥିବା ଜଗତ୍‌ସିଂହପୁରର ଦେବାଶିଷ ଜେନା। ସୂଚନାନୁସାରେ, ଦେବାଶିଷ ହେଲେ ଅଭିଯୋଗକାରୀ ଦେବେନ୍ଦ୍ର ପ୍ରସାଦ ପଟ୍ଟନାୟକଙ୍କ ସମ୍ପର୍କୀୟ ଭାଇ। ତେଣୁ ଦେବାଶିଷ ଜଟଣୀ ଉତ୍ତର ମୁହାଣରେ ୮ ଲକ୍ଷ ୪୦ ହଜାର ଟଙ୍କା ମୂଲ୍ୟରେ ଗୋଟିଏ ପ୍ଲଟ୍ କିଣାଇଦେବା ପାଇଁ ଦେବେନ୍ଦ୍ରଙ୍କୁ କହିଥିଲେ। ଏଥିପାଇଁ ଦେବାଶିଷ ଉଷାରାଣୀ ମହାନ୍ତିଙ୍କ ପ୍ଲଟ୍‌କୁ ବିକ୍ରୟ କରିବାକୁ ଜାଲ୍ ଦସ୍ତଖତ ଥିବା ଚୁକ୍ତିପତ୍ର ଦେଖାଇ ଦେବେନ୍ଦ୍ରଙ୍କଠାରୁ ସାଢେ ୬ ଲକ୍ଷ ଟଙ୍କା ନେଇଥିଲେ। ହେଲେ ଉକ୍ତ ପ୍ଲଟ୍‌କୁ ଦେବେନ୍ଦ୍ରଙ୍କ ନାମରେ ପଞ୍ଜୀକୃତ କରି ନ ଥିଲେ ଦେବାଶିଷ। ଏନେଇ ଦେବେନ୍ଦ୍ର ଉକ୍ତ ଜମିର ମାଲିକାଣୀ ଉଷାରାଣୀ ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ଦେବେନ୍ଦ୍ର ଫେବୃୟାରୀ ୨୦ରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ ୬୦/୨୦୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା।

# ୧୬ରୁ ବିଶ୍ୱ ଦକ୍ଷତା କେନ୍ଦ୍ରରେ ସ୍ପଟ୍ ନାମଲେଖା

ଭୁବନେଶ୍ୱର, ୧୪।୧୦
(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ସ୍ପଟ୍ ନାମଲେଖା କରାଯିବ। ଏହି ପ୍ରକ୍ରିୟା ଆସନ୍ତା ୧୬ରୁ ୩୧ ତାରିଖ ପର୍ଯ୍ୟନ୍ତ ସକାଳ ୧୦ଟାରୁ ଅପରାହ୍ନ ୫ଟା ଯାଏ ଚାଲିବ। ଓଡ଼ିଶାର ଯୋଗ୍ୟ ତଥା ଆଗ୍ରହୀ ପ୍ରାର୍ଥୀମାନେ ଆବଶ୍ୟକ ପ୍ରମାଣପତ୍ର ଦାଖଲ କରି ନାମ ଲେଖାଇବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ପଟ୍ ନାମଲେଖା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଏବଂ ସ୍କୁଲ ଅଫ୍ ସର୍ଭିସେସ୍ ପାଠ୍ୟକ୍ରମ ଅଧୀନରେ ଥିବା ମୋଟ ୭ଟି ବିଷୟରେ କରାଯିବ। ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ୍ ଇଲେକ୍ଟ୍ରିକାଲ ସର୍ଭିସେସ୍, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେଶନ୍, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ୍, ମେକାଟ୍ରୋନିକ୍ସ ଏବଂ ଇଲେକ୍ଟ୍ରିକାଲ ଟେକ୍ନୋଲୋଜି ଭଳି ୫ଟି ଅତ୍ୟାଧୁନିକ ବିଷୟ ରହିଛି। ପ୍ରାର୍ଥୀମାନେ ନିଜ ଆଧାରକାର୍ଡ ଏବଂ ପାସପୋର୍ଟ ଫଟୋ ସହିତ ମାଟ୍ରିକ୍, ଆଇଟିଆଇ କିମ୍ବା ଡିପ୍ଲୋମା ଏବଂ ସିଏଲ୍‌ସି ସାର୍ଟିଫିକେଟ ସାଙ୍ଗରେ ଆଣିବାକୁ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଅନୁସୂଚିତ ଜାତି, ଜନଜାତି ଏବଂ ପଛୁଆ ବର୍ଗର ଛାତ୍ରୀଛାତ୍ରଙ୍କୁ ଜାତିଗତ ପ୍ରମାଣପତ୍ର ଆଣିବାକୁ ପରାମର୍ଶ ଦିଆଯାଇଛି। ସ୍ପଟ୍ ନାମଲେଖା ସମ୍ପର୍କରେ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବ୍‌ସାଇଟରୁ www.worldskillcenter.org ଅଧିକ ସୂଚନା ପାଇପାରିବେ। ତା'ଛଡ଼ା ୧୮୦୦ ୨୬୬ ୬୦୦୨/ ୦୬୭୪ ୨୫୮୦୦୭୯ ନମ୍ବରରେ କଲ୍ କରିପାରିବେ।

ସୂଚନାଯୋଗ୍ୟ, ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ଅତ୍ୟାଧୁନିକ ବିଷୟରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣାରେ ଦିଆଯାଉଛି। ତା'ଛଡ଼ା ଚଳିତ ଶିକ୍ଷାବର୍ଷରେ ଅନୁସୂଚିତ ଜାତି, ଜନଜାତି, ପଛୁଆ ଏବଂ ସଂଖ୍ୟାଲଘୁ ବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ କୋର୍ସ ଫି' ସମ୍ପୂର୍ଣ୍ଣ ମାଗଣା ରହିଛି।

# କୋରାପୁଟ-ସୁନାବେଡ଼ା ଏନ୍‌ଏଚ୍‌ରେ ଜଳିଗଲା ବୋଲେରୋ



କୋରାପୁଟ,୧୪।୧୦
(ଅମିତାଭ ବେହେରା )

କୋରାପୁଟ-ସୁନାବେଡ଼ା ୨୬ ନଂ. ଜାତୀୟ ରାଜପଥର ନୂଆ କଲୋନି ନିକଟରେ ଶନିବାର ସନ୍ଧ୍ୟାରେ ଏକ ବୋଲେରୋ (ଓଡି ୦୭-ସି ୧୫୧୦) ହଠାତ୍ ନିଆଁ ଜଳିଯାଇଛି। ବୋଲେରୋଟି କୋରାପୁଟରୁ ସୁନାବେଡ଼ା ଅଭିମୁଖେ ଯାଉଥିଲା। କୌଣସି କାରଣବଶତଃ ଏଥିରେ ନିଆଁ ଲାଗି ଯାଇଥିଲା। ସ୍ଥାନୀୟ ବ୍ୟକ୍ତି ସଙ୍ଗେ ସଙ୍ଗେ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଧୂଆଁ ବାହାରିବା ଦେଖି ଗାଡ଼ିରେ ଥିବା ୪ ଜଣ ବ୍ୟକ୍ତି ବାହାରକୁ ବାହାରି ଆସିଥିଲେ । ସେମାନେ ବାହାରକୁ ଚାଲି ଆସିବା ପରେ ବୋଲେରୋଟି ଜଳିଯାଇଥିଲା। ଏହି ସମୟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଗାଡ଼ିମୋଟର ଅଟକି ରହିଥିଲା।

# ମା'ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ

■ ଦର୍ଶନକଲେ ଲକ୍ଷାଧିକ ଭକ୍ତ
■ ଲାଗିହେଲା ମୁଗବରା ଭୋଗ

ସମ୍ବଲପୁର,୧୪।୧୦(ବି.ଶଙ୍କର)

ଆଶ୍ୱିନ ମହାଳୟା ତିଥିରେ ଶନିବାର ସମ୍ବଲପୁରର ଇଷ୍ଟଦେବୀ ସମଲେଶ୍ୱରୀ ଗଙ୍ଗା ତଥା ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରାତଃ ୪ଟାରେ ମହା ଆଳତି ପରେ ଭୁବନେଶ୍ୱରୀଙ୍କ ବୀଜମନ୍ତ୍ରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ଦେବୀଙ୍କ ପ୍ରିୟ ମୁଗବରା (ମୁଗ ଓ ଗୁଡରେ ପ୍ରସ୍ତୁତ) ଭୋଗ ଲାଗି ହୋଇଥିଲା। ପ୍ରାତଃ ସାଢ଼େ ୪ଟାରେ ଦ୍ୱାର ଉନ୍ମୁକ୍ତ ହେବା ପରେ ଅପେକ୍ଷାରତ ଲକ୍ଷାଧିକ ଭକ୍ତ ଧାଡିରେ ଯାଇ ମା'ଙ୍କୁ ଦର୍ଶନ କରିଥିଲେ। ମହାଳୟା ତିଥି ଅନୁସାରେ ୧୨ଟାରେ ଅନ୍ନଭୋଗ, ରାତି ୮ଟାରେ ଆଳତି ଓ ୯ଟାରେ ଅନ୍ନଭୋଗ ଲାଗିଥିଲା। ମନ୍ଦିର ମୁଖ୍ୟ ପୂଜକ ଅମ୍ବିକା ପ୍ରସାଦ ରାୟଙ୍କ ତତ୍ତ୍ୱାବଧାନରେ ପୂଜାର୍ଚ୍ଚନା ହୋଇଥିଲା। ଶୁକ୍ରବାର ରାତିରେ ଗୋପୀ ତିଳକ ଓ ଶଙ୍ଖର ମିଶ୍ରଣରେ ଦେବୀଙ୍କୁ ଧବଳମୁଖୀ ବେଶ କରାଯାଇଥିଲା। ରାତ୍ରି ୧୨ଟାରୁ ବେଶ ଆରମ୍ଭ ହୋଇ ସାଢ଼େ ୨ଟାରେ ଶେଷ ହୋଇଥିଲା। ୩ଟାରେ ପୂଜକମାନେ ମହାନଦୀ ସମଲେଇ ଘାଟରେ ସ୍ନାନ କରିଥିଲେ। ପିତ୍ତଳ ପାତ୍ର (ଗରିଆ)ରେ ପାଣି ଆଣି ଦେବୀଙ୍କୁ ସ୍ନାନ କରାଇବାପରେ ସମଲେଇଙ୍କୁ ସମ୍ବଲପୁରୀ ଶ୍ୱେତ ପାଟବସ୍ତ୍ର ପରିଧାନ କରାଇଥିଲେ। ପୂଜକ ପ୍ରକାଶ



ରାୟ, ସଗନ ରାୟ, ଗଙ୍ଗାଧର ରାୟ, ନିର୍ଭୟ ରାୟ, ହିମାଂଶୁ ରାୟ, ଗଗନ ରାୟ, ଅକ୍ଷୟ ରାୟ, ପ୍ରଶାନ୍ତ ରାୟ, ମନୋଜ ରାୟ, ବୃନ୍ଦାବନ ରାୟ ପ୍ରମୁଖ ଦେବୀଙ୍କ ବେଶ କରିଥିଲେ।

ସୂଚନାଯୋଗ୍ୟ, ଚୌହାନ ରାଜା ବଳରାମ ଦେବଙ୍କ ରାଜତ୍ୱ କାଳରେ ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ମହାଳୟା ତିଥିରେ ଦେବୀ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଆସୁଛନ୍ତି। ଧବଳମୁଖୀ ବେଶକୁ ଗଙ୍ଗା ଦର୍ଶନ କୁହାଯାଏ। ମା' ସମଲେଶ୍ୱରୀ ବର୍ଷର ସମସ୍ତ ଦିନ ଓ ପର୍ବରେ ସିନ୍ଦୂରବର୍ଣ୍ଣା ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କିନ୍ତୁ କେବଳ ମହାଳୟାରେ ମା' ଶ୍ୱେତ ବର୍ଣ୍ଣରେ ଦର୍ଶନ ଦେଇଥାନ୍ତି। ମହାଳୟାରେ ପିତୃପୁରୁଷଙ୍କୁ ପିଣ୍ଡଦାନ ପରେ ଗଙ୍ଗା ସ୍ନାନ କରିବାର ନିୟମ ରହିଛି। କିନ୍ତୁ ସମସ୍ତଙ୍କ ପକ୍ଷେ ଗଙ୍ଗା ଦର୍ଶନ କରିବା ସମ୍ଭବ ନୁହେଁ। ଯେଉଁ ଭକ୍ତମାନେ ଗଙ୍ଗା ଯାଇପାରନ୍ତି ନାହିଁ ସେମାନେ ପିତୃପୁରୁଷ ପିଣ୍ଡଦାନ ପରେ ମା' ସମଲେଶ୍ୱରୀଙ୍କ ଏହି ଅପୂର୍ବ ଧବଳମୁଖୀ ବେଶ ଦର୍ଶନ କରି କାର୍ଯ୍ୟସିଦ୍ଧି କରୁଥିବା ଲୋକକଥା ରହିଛି। ମା'ଙ୍କ ଏହି ବେଶ ଦର୍ଶନ ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଟ୍ରଷ୍ଟବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ସଭ୍ୟ ପ୍ରଫୁଲ୍ଲ କୁମାର ହୋତା, ଅନିନ୍ଦିତ ଦାଶ, ବୀରେନ୍ଦ୍ର ରାୟ, ହେମନ୍ତ କୁମାର ମିଶ୍ର, ସନ୍ତୋଷ ପୃଷ୍ଟେଠ, ଦେବ କୁମାର ଆଜମେରିଆ ଉପସ୍ଥିତ ଥିଲେ। ଆସନ୍ତା ୧୬ ତାରିଖ ଅପରାହ୍ନ ୨ଟା ପର୍ଯ୍ୟନ୍ତ ସମଲେଇ ଧବଳମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେବେ ବୋଲି ପୂଜକମାନେ ସୂଚିତ କରିଛନ୍ତି।

ODISHA STATE AGRICULTURAL MARKETING BOARD
Plot No.1800(P), Baramunda, Post- Khandagiri, Near Indian Oil Petrol Pump, Bhubaneswar
Ph.No. 0674-2351311, Fax: 0674-2351316, Email: osamboard99@yahoo.com, Website: osamboard.org
Ref.No.: 01/Estt-II-16/2022 Dated: 10.10.2023

Advertisement for engagement of Secretary-RMC on Contractual basis

No.H-38:- Applications are invited for the post of Secretary- Regulated Market Committee (RMC) (who will serve as Chief Executive for the given Market Committee) to work under supervision of OSAM Board.

| | |
|---|---|
| Name of the position | Secretary- Regulated Market Committee (RMC) |
| Number of vacancy | 18 Nos. |
| Minimum Eligibility Criteria | MBA or Equivalent in Agribusiness Management / Rural Management |
| Desired Experience | Minimum 3 years of relevant experience. For details refer to TOR available at the OSAMB's website. |
| Nature of work | Contractual, Initial service contract for 3 years, extended upto another 2 years depending upon the performance and requirements. |
| Emoluments | Consolidated remuneration of Rs.75,000/- (Rupees Seventy Five Thousand only) per month. Additionally, HRA and TA: as per the entitlement of Group B State Government Officers. |
| Selection process | Online test (subject mattter + general awareness) and personal interview. |

Application Process: Download the application format from the website: osamb.odisha.gov.in. Fill out the application with all the details and send the same along with all other required documents to: **OSAMB Recruitment Office, Room No.69, Xavier Institution of Mangement, Chandrasekharpur, Bhubanewar- 751013 through Speed Post / Registered Post only latest by 7th November, 2023. Applications received after the last date shall not be entertained.**

**Sd./- General Manager (OSAMB)**
OIPR-01444/11/0009/2324

କଟକ ମୁକାମ ୫ମ ଅତିରିକ୍ତ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ
ଟାଇଟେଲ ସୁଟ ନଂ ୨୧୧ /୯୫
ଡାନିଏଲ ଦାସ (ମୃତ) ଓଗେର ...........ବାଦୀ
-ବନାମ -
ସତ୍ୟଜିତ ଦାସ (ମୃତ) ଅନ୍ୟମାନେ ..... ପ୍ରତିବାଦୀ

**ନୋଟିସ**

ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫ ରୁଲ ୨୦ ମତେ, ପ୍ରତିବାଦୀ ନଂ ୧ (ଘ) ଅମିନା ଅଖତର ଓରଫ ଫରାନଜିନ ବାନୁ, ବୟସ ୬୮ ବର୍ଷ, ସ୍ୱାମୀ : ସତ୍ୟଜିତ୍ ଦାସ ସେଖ୍, ରେହମାନ, ସା : ବେଲହମପୁର, ପୋ/ଥାନା/ଜିଲ୍ଲା : ଯାଜପୁର।

ଉପରେକ୍ତ ବାଦୀ ଓଗେର ଆପଣଙ୍କ ବିରୁଦ୍ଧରେ ତଫସିଲ ବୃତ୍ତିରେ ଭାଗବଣ୍ଟା ଓ ଚିରସ୍ଥାୟୀ ନିଷେଧାଜ୍ଞା ନିମନ୍ତେ ଉପରୋକ୍ତ ମକଦ୍ଦମା ଆଗତ କରିଛନ୍ତି । ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଛି ଯେ ଧାର୍ଯ୍ୟ ତା ୦୬.୧୧.୨୦୨୩ ରିଖ ଦିତବା ୧୦ ଘ. ୩୦ ମିନିଟ ସମୟରେ ହାଜର ହୋଇ ଜବାବ ଦାଖଲ କରିବେ ନଚେତ ମକଦ୍ଦମା ଆପଣଙ୍କ ଅନୁପସ୍ଥିତିରେ ଆଇନ ମୁତାବକ ବିଚାର କରାଯିବ।

ସାକ୍ଷର : ୫ମ ଅତିରିକ୍ତ ସିଭିଲ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ, କଟକ

ତଫସିଲ ବୃତ୍ତି

ମୌଜା : କଟକ ସହର ୟୁନିଟ ନଂ ୮, ଦକ୍ଷିଣ ତୁଳସୀପୁର, ଥାନା : ବିଡ଼ାନାସୀ, ନଂ୭, ତହସିଲ : କଟକ ସଦର, ତହସିଲ ନଂ ୨୦୯, ଜିଲ୍ଲା : କଟକ, ସଂଶୋଧିତ ଖାତା ନଂ ୪୨୬/୪, ଖାତା ନଂ୫, ପ୍ଲଟ ନଂ ୨୫୪, ରକବା ୦.୦୮୧ ଡି.ସଂଲଗ୍ନ ଉପସ୍ଥିତ କୋଠା, ହୋଲଡିଂ ନଂ ୯୨୯, ୱାର୍ଡ ନଂ ୭, କଟକ ମ୍ୟୁନିସିପାଲଟି।

OFFICE OF THE SITE-IN-CHARGE
MANDIRA SMALL HYDRO ELECTRIC PROJECT (10 MW)
GEDCOL-SAIL POWER CORPORATION LIMITED (GSPCL)
Site Office: Qtr. No. A/44, Sector-16, Rourkela - 769003, Dist.: Sundergarh, Email: gspcl.rourkela@gmail.com
No. GSPCL/RKL/Hired Vehicle/2023/163 Dated: 09.10.2023

TENDER CALL NOTICE No. 01/2023-24

No. CAD-2439: Sealed tenders are invited in two parts i.e. (i) Techno-Commercial Bid, (ii) Price Bid for providing 01 No. Commercial Petrol/Diesel AC Light Vehicle (Bolero/TUV300/Sumo Gold/Ertiga) on monthly hired basis at GSPCL Site Office, Rourkela from registered travel agencies/individual vehicle owners having PAN & GSTIN.

| Description of type of Service and Vehicle | Cost of Tender Paper in Rs. | EMD in Rs. | Date of Sale of Tender Documents |
|---|---|---|---|
| Providing 01 No. Commercial Petrol/Diesel AC Light Vehicle (Bolero/TUV300/ Sumo Gold/Ertiga) on monthly hired basis at GSPCL Site Office, Rourkela | 4000 + 720 (GST) = 4720/- | 5000/- Per Vehicle | From 17.10.2023 to 31.10.2023 (01.00 P.M.) |

For details of the tender document, terms and conditions, please refer our website **www.gedcol.com** from **17.10.2023**.
**N.B.: All the subsequent addendum/corrigendum/extension regarding this tender shall be hosted in our website: www.gedcol.com only.**
**OIPR-04012/11/0020/2324** **DGM (Elect.), GSPCL, Rourkela**

## ପ୍ରଥମ ପୃଷ୍ଠାରୁ...

### ପାକିସ୍ତାନକୁ ହରାଇ ...

ପଡ଼ିଥିଲା। ଡେଙ୍ଗୁ ଯୋଗୁ ପ୍ରଥମ ୨ଟି ମ୍ୟାଚରେ ଖେଳିପାରି ନ ଥିବା ଶୁବମନ ଗିଲ୍ ଏଠାରେ ଇଶାନ କିଶନଙ୍କ ସ୍ଥାନରେ ସୁଯୋଗ ପାଇ ମାତ୍ର ୧୬ ରନ କରିବାକୁ ସକ୍ଷମ ହୋଇଥିଲେ। ଅଧିନାୟକ ରୋହିତ ଶର୍ମାଙ୍କ ସହ ବିରାଟ କୋହଲି ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଦଳୀୟ ସ୍କୋର ୭୯ ଥିବାବେଳେ ହାସନ ଅଲୀଙ୍କ ଏକ ଅଫ୍‌ଷ୍ଟମ୍ପ ବାହାରର ଶର୍ଟ ଅଫ୍ ଲେନ୍ଥ ବଲ୍‌କୁ କୋହଲି କ୍ରସ୍ ବ୍ୟାଟ୍‌ରେ ଖେଳିବାକୁ ଚେଷ୍ଟା କରିଥିଲେ। ମାତ୍ର ଏହା ମିସ୍-ହିଟ୍ ହୋଇଥିଲା ଏବଂ ମିଡ୍‌ଅନ୍‌ରେ ତାଙ୍କ କ୍ୟାଚ ନେଇଥିଲେ ମହମ୍ମଦ ନୱାଜ। ଦର୍ଶକରେ ଭର୍ତ୍ତି ଷ୍ଟାଡିୟମ କିଛିକ୍ଷଣ ପାଇଁ ସମ୍ପୂର୍ଣ୍ଣ ନୀରବି ଯାଇଥିଲା। କୋହଲି ୧୬ ରନ କରି ଆଉଟ ହେବାରୁ ପାକିସ୍ତାନ ଶିବିରରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ମାତ୍ର ରୋହିତ ଓ ଶ୍ରେୟସ ଆୟର ଚାପର ବଶବର୍ତ୍ତୀ ନ ହୋଇ ଦଳକୁ ବିଜୟ ପଥରେ ଆଗେଇ ନେଇଥିଲେ। ହିଟ୍‌ମ୍ୟାନ ରୋହିତ ବିସ୍ଫୋରକ ବ୍ୟାଟିଂକରି ଶତକର ନିକଟତର ହୋଇଥିଲେ ହେଁ ଦଳ ପକ୍ଷରୁ ସର୍ବାଧିକ ୮୬ ରନକରି ଆଉଟ ହୋଇଥିଲେ। ସେ ୬୩ଟି ବଲ୍ ଖେଳି ନିଜ ଇନିଂସ ମଧ୍ୟରେ ୬ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଶ୍ରେୟସ ଆୟର ୫୩ (୬୨ ବଲ, ୩ ଚୌକା, ୨ ଛକା) ଓ ଲୋକେଶ ରାହୁଲ ୧୯ ରନରେ ଅପରାଜିତ ରହି ୩୦.୩ ଓଭରରେ ଭାରତକୁ ବିଜୟୀ କରିଥିଲେ। ପାକିସ୍ତାନ ପକ୍ଷରୁ ଶାହିନ ଶାହା ଆଫ୍ରିଦି ୨ଟି ଏବଂ ହସନ ଅଲୀ ଗୋଟିଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା ଭାରତ। ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଭାରତୀୟ ବୋଲରମାନେ ଆରମ୍ଭରୁ ଭଲ ବୋଲିଂ କରିଥିଲେ। ଦଳୀୟ ସ୍କୋର ୪୧ ହୋଇଥିବାବେଳେ ୮ମ ଓଭର ଅନ୍ତିମ ବଲ୍‌ରେ ଅବଦୁଲା ଶଫିକ୍‌ଙ୍କୁ ଏଲବିଡବ୍ଲ୍ୟୁ କରି ପାକିସ୍ତାନକୁ ପ୍ରଥମ ଝଟ୍‌କା ଦେଇଥିଲେ ମହମ୍ମଦ ସିରାଜ। ଏହାର ୪ ଓଭର ପରେ ହାର୍ଦ୍ଦିକ ପାଣ୍ଡ୍ୟା ଉଇକେଟ କିପର ଲୋକେଶ ରାହୁଲଙ୍କ ହାତରେ କ୍ୟାଚ କରାଇ ଇମାମ-ଉଲ-ହକ୍‌ଙ୍କୁ ପ୍ୟାଭିଲିୟନ ଫେରାଇବାରୁ ୧୨.୩ ଓଭର ବେଳକୁ ପାକିସ୍ତାନ ସ୍କୋର ୭୩/୨ ହୋଇଯାଇଥିଲା। ଶଫିକ ୨୦ ଓ ଇମାମ ୩୬ ରନ କରିଥିଲେ। ଅଧିନାୟକ ବାବର ଆଜମ ଓ ଇନ୍‌ଫର୍ମ ମହମ୍ମଦ ରିଜୱାନ ଇନିଂସକୁ ଯେପରି ଆଗେଇ ନେଇଥିଲେ ପାକିସ୍ତାନ ୩୦୦ ପାଖାପାଖି ସ୍କୋରରେ ପହଞ୍ଚିଯିବ ବୋଲି ଆକଳନ କରାଯାଉଥିଲା। ମାତ୍ର ତୃତୀୟ ଉଇକେଟରେ ୧୦୩ ବଲ୍‌ରୁ ୮୨ ରନର ଭାଗୀଦାରି ପରେ ଭାରତକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ ମହମ୍ମଦ ସିରାଜ। ସିରାଜଙ୍କର ଏକ ଗୁଡ୍‌ଲେନ୍ଥ ବଲ୍‌କୁ ଥାର୍ଡମ୍ୟାନ ଅଞ୍ଚଳକୁ ଖେଳିବା ପ୍ରୟାସରେ ବାବର କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ବାବର ଆଉଟ ହେବାସହ ପୂରା ଷ୍ଟାଡିୟମକୁ ଦର୍ଶକମାନେ କୋଳାହଳରେ ପ୍ରକମ୍ପିତ କରିଥିଲେ। ତେବେ ଆଉଟ ହେବା ପୂର୍ବରୁ ଚଳିତ ବିଶ୍ୱକପରେ ପ୍ରଥମଥରପାଇଁ ଅର୍ଦ୍ଧଶତକ ପୂରଣ କରିଥିଲେ ବାବର। ସେ ୫୮ ବଲ୍‌ରୁ ୭ ଚୌକା ସହାୟତାରେ ୫୦ ରନ କରିଥିଲେ। ପୂର୍ବରୁ ସେ ୨ଟି ଇନିଂସରେ ଯଥାକ୍ରମେ ୫ ଓ ୧୦ ରନ କରିଥିଲେ। ବାବର ଆଜମ ଆଉଟ ହେବାସହ ପାକିସ୍ତାନ ଇନିଂସ ଦିଗହରାହୋଇ ଯାଇଥିଲା। ମଧ୍ୟଭାଗରେ ସୌଦ ଶକିଲ (୬), ଇଫତିକାର ଅହମଦ (୪), ଶଦାବ ଖାଁ (୨) ଓ ମହମ୍ମଦ ନୱାଜ (୪) ଦୁଇଅଙ୍କ ସ୍ପର୍ଶ କରିବାରେ ବିଫଳ ହୋଇଥିଲେ। କୁଲଦୀପ ଯାଦବ ଗୋଟିଏ ଓଭରରେ ଶକିଲ ଓ ଇଫତିକାରଙ୍କ ଉଇକେଟ ନେବା ଏବଂ ରିଜୱାନ ୪୯ (୬୯ ବଲ, ୭ ଚୌକା) ରନକରି ପ୍ୟାଭିଲିୟନ ଫେରିବାରୁ ପାକିସ୍ତାନ ସମ୍ମାନଜନକ ସ୍କୋରରେ ପହଞ୍ଚିବା ପାଇଁ ସଂଘର୍ଷ କରିଥିଲା। ମ୍ୟାଚରେ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରିଥିଲେ। ଫଳରେ ପାକିସ୍ତାନ ଇନିଂସ ପୂରା ୫୦ ଓଭର ତିଷ୍ଠିପାରି ନ ଥିଲା। ୪୨.୫ ଓଭରରେ ୧୯୧ ରନରେ ଏହି ଦଳ ସୀମିତ ରହି ଯାଇଥିଲା। ୧୯୯୯ ପରେ ଭାରତ ବିପକ୍ଷରେ ବିଶ୍ୱକପରେ ପାକିସ୍ତାନର ଏହା ସର୍ବନିମ୍ନ ସ୍କୋର। ଭାରତର ୫ ବୋଲର ଯଶପ୍ରୀତ୍ ବୁମ୍‌ରା, ମହମ୍ମଦ ସିରାଜ, ହାର୍ଦ୍ଦିକ ପାଣ୍ଡ୍ୟା, କୁଲଦୀପ ଯାଦବ ଓ ରବୀନ୍ଦ୍ର ଜାଡେଜା ୨ଟି ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ।

Govt. of India | भारत सरकार
Ministry of Skill Development and Entrepreneurship | कौशल विकास और उद्यमशीलता मंत्रालय
Directorate General of Training | प्रशिक्षण महानिदेशालय
National Skill Training Institute, Bhubaneswar | राष्ट्रीय कौशल प्रशिक्षण संस्थान, भुवनेश्वर
NSIC Building, 5th Floor, IDCO Plot No.06, Mancheswar I. E, Bhubaneswar, Odisha – 751010 | एन.एस.आई.सी. बिल्डिंग, 5 वीं मंजिल, आई.डी.सी.ओ. प्लॉट नंबर-06, मांचेस्वर इंडस्ट्रियल एस्टेट, भुवनेश्वर, ओडिशा - 751010
Email: nsti-bhubaneshwar@dgt.gov.in | Telephone: 0674-2974498/38

ADVERTISEMENT FOR ENGAGEMENT OF GUEST FACULTY FOR CRAFT INSTRUCTOR TRAINING SCHEME

Applications are invited from interested candidates for engaging one Guest Factulty for CITS Electronics Mechanic trade of this institute. The applications with copy of all relevant documents should reach at the institute either by speed post / e-mail or by hand till 26.10.2023 (Friday) by 5.00 P.M.
The details of post, qualification and experience are as follows.

| Name of the post | Vacancy | Qualification & Experience |
|---|---|---|
| Guest Faculty, Electronics, Mechanic | 1 | B.Voc/Degree in appropriate branch of Electronics Engineering from AICTE / UGC recognized University with one year experience in relevant field. OR 03 years Diploma in appropriate branch of Electronics Engineering from AICTE/ recognized Board / Institution or relevant Advanced Diploma (Vocatinal) from DGT with two years experience in relevant field. OR NTC/ NAC passed in the Electronics Mechanic with three years experience in relevant field. Essential Qualification: Natinal Craft Instructor Certificate (NCIC) in Electronics Mechanic trade, in any of the variants under DGT |

Note: 1. Engagement of the guest faculty will be purely on temporary basis.
2. Remuneration will be paid after engagement on hourly basis @ Rs.250/- per hour as per Govt. norms, subject to maximum of Rs.30,000/- per month.
3. No TA / DA will be paid for appearing the interview.
4. The authority reserves the right to select or reject the advertisement.
5. Any corrigendum shall be put up in the institute website.
(Application form can be downloaded from institute's website: www.nstibhubaneswar.dgt.gov.in)
(Email ID: nsti-bhubaneshwar@dgt.gov.in)

**Sd./- Principal /Hoo**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରେୟାଂଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦୁର୍ନୀତି ଯୋଗୁ ବିକାଶ ବାଧାପ୍ରାପ୍ତ: ଧର୍ମେନ୍ଦ୍ର

## ଭାଜପାର ସଂକଳ୍ପ ସମାବେଶ

ଆଠଗଡ,୧୪।୧୦(ସତ୍ୟ ପ୍ରସାଦ ରଥ)

କଟକ ଜିଲା ଆଠଗଡ଼ସ୍ଥିତ ମହୋତ୍ସବ ପଡ଼ିଆଠାରେ ଶନିବାର ଜିଲା ଭାଜପା ପକ୍ଷରୁ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ନୂତନଭାବେ ଦଳରେ ଯୋଗଦେଇଥିବା ଯୁବନେତା ଅଭୟ କୁମାର ବାରିକ ଏହାର ନେତୃତ୍ୱ ନେଇଥିଲେ। ଏଥିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଦୁର୍ନୀତି ଯୋଗୁ ରାଜ୍ୟ ଓ ସ୍ଥାନୀୟ ଅଞ୍ଚଳରେ ବିକାଶ ବାଧାପ୍ରାପ୍ତ ହୋଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଗୃହ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ରାଜ୍ୟ ସରକାର ଠିକ୍ ଭାବେ କାର୍ଯ୍ୟକାରୀ କରୁ ନ ଥିବାରୁ ଟଙ୍କା ଫେରିଯାଉଛି ବୋଲି ଧର୍ମେନ୍ଦ୍ର କହିଥିଲେ।

ଏହାଛଡ଼ା ରାଜ୍ୟରେ ବଂଶବାଦକୁ ପ୍ରୋତ୍ସାହନ ଦିଆଯାଉଛି ବୋଲି ସେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଭାଜପା କଟକ ଜିଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା, ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବାରଙ୍ଗ ଜିଲାପରିଷଦ ସଭ୍ୟ ତୁଷାରକାନ୍ତ ଚକ୍ରବର୍ତ୍ତୀ, ବଡ଼ମ୍ବା ବିଧାୟକ ପ୍ରାର୍ଥୀ ବିଜୟ କୁମାର ଦଳବେହେରା, ମାହାଙ୍ଗା ବିଧାୟକ ପ୍ରାର୍ଥୀ ସାରଦା ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ରଶ୍ମିରେଖା ଦାସ, ରାଜ୍ୟ ମହିଳା ମୋର୍ଚ୍ଚା ସଭାପତି ଶ୍ରୁତି ପଟ୍ଟନାୟକ, ବାଙ୍କୀ ବିଧାୟକ ପ୍ରାର୍ଥୀ ଶୁଭ୍ରାଂଶୁ ମୋହନ ପାଢ଼ୀ ଏବଂ ପିପିଲି ବିଧାୟକ ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ଆଠଗଡ ସହର ରଥଗଡା ଛକରୁ ଏକ ସୁସଜ୍ଜିତ ଗାଡ଼ିରେ ମନ୍ତ୍ରୀଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳକୁ ନିଆଯାଇଥିଲା। ସଭାରେ ଜିଲା ସଭାପତି ପ୍ରକାଶ, ଯୁବନେତା ଅଭୟ ଓ କେନ୍ଦ୍ର ମନ୍ତ୍ରୀଙ୍କ ବ୍ୟତୀତ ଆଉ କାହାକୁ ମଞ୍ଚରେ କହିବାକୁ ଡକାଯାଇ ନ ଥିଲା। ଅପରପକ୍ଷେ କାର୍ଯ୍ୟକ୍ରମରେ ଆଠଗଡ଼ ବିଧାୟକ ପ୍ରାର୍ଥୀ ବ୍ରଜେନ୍ଦ୍ର ରାଏ, ଜିଲା ସାଧାରଣ ସମ୍ପାଦକ ରାମ ନାରାୟଣ ମହାନ୍ତି, ଜିଲା ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ବିକ୍ରମ ଦାସ, ଆଠଗଡ ଏନ୍ଏସି ଅଧକ୍ଷା ପ୍ରାର୍ଥନା ଇଲା ପଣ୍ଡାଙ୍କ ସହ ୫ମଣ୍ଡଳ ସଭାପତିଙ୍କ ସମେତ କେତେକ ଜିଲାସ୍ତରୀୟ ଓ ସ୍ଥାନୀୟ କାର୍ଯ୍ୟକର୍ତ୍ତା ଅନୁପସ୍ଥିତ ଥିଲେ।


ଆଠଗଡ଼ଠାରେ ଶନିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଦଳୀୟ କର୍ମୀମାନେ ଶୋଭାଯାତ୍ରାରେ ସଭାସ୍ଥଳକୁ ନେଉଛନ୍ତି।

# ନିଜ କର୍ତ୍ତବ୍ୟ ଭୁଲିଯାଉଛି ଭାଜପା: ସଞ୍ଜୟ

**ମୁମ୍ବାଇ,୧୪।୧୦:** ଭାରତ ବିପକ୍ଷ ବିଶ୍ୱକପ୍ ମ୍ୟାଚ ପୂର୍ବରୁ ପାକିସ୍ତାନ କ୍ରିକେଟ ଦଳକୁ ସ୍ୱାଗତ କରାଯିବା ନେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ। ଏହି ଘଟଣାରେ ସଞ୍ଜୟ ଭାଜପାକୁ କଡ଼ା ସମାଲୋଚନା କରି ଶନିବାର କହିଛନ୍ତି,ଏହା କେବଳ ଗୁଜରାଟରେ ହିଁ ଘଟିଥାଏ। ଯଦି ଏଭଳି ଘଟଣା ଅନ୍ୟ କୌଣସି ରାଜ୍ୟରେ ହୋଇଥାନ୍ତା ତେବେ ଗୈରିକ ଦଳ ହଙ୍ଗାମା ସୃଷ୍ଟି କରିଥାନ୍ତା। ଭାଜପା ଆମକୁ ଶିକ୍ଷା ଦେବାକୁ ଚେଷ୍ଟା କରୁଛି, ମାତ୍ର ନିଜର କର୍ତ୍ତବ୍ୟ ଭୁଲି ଯାଉଛି। ମହାରାଷ୍ଟ୍ରରେ ବାଲା ସାହେବଙ୍କ ନାମରେ ଭାଜପା ସରକାର ଗଠନ କରିଛି, କିନ୍ତୁ ତାଙ୍କ ଆଦର୍ଶକୁ ଅନୁସରଣ କରିନାହିଁ।

## ମନେ ପଡ଼ନ୍ତି


### ଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱଶ୍ରୀଧର ମହାପାତ୍ର
ସେବକ ସାହି, ସାକ୍ଷୀଗୋପାଳ, ପୁରୀ
ଆବିର୍ଭାବ-ଏପ୍ରିଲ ୧୯୩୯
ତିରୋଧାନ- ୦୬।୧୦।୨୦୨୩
ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସାକ୍ଷୀଗୋପୀନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: ଶ୍ରୀପତି, ଶ୍ରୀବତ୍ସ, ଲିନା, ଶ୍ରୀମତି, ମୀନା, ରୀନା, ରାଜା, ଗୁଡ୍ଡୁ, ଇଶା, ବନ୍ଧୁ ଓ ପରିବାରବର୍ଗ।
ଧ-୭୭୭୭୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱଶ୍ରୀମତୀ ମୋନାଲିସା ଶ୍ରୀଚନ୍ଦନ
ଆବିର୍ଭାବ-୨୮।୦୮।୧୯୮୩
ତିରୋଧାନ- ୦୫।୧୦।୨୦୦୫
ଆଶ୍ୱିନ ମାସ ଅମାବାସ୍ୟା ପରଦିନ ପ୍ରତିପଦାରେ ତୁ ଚାଲିଗଲୁ ବହୁ ଦୂରକୁ... ଅତୀତ ସ୍ରୋତସ୍ୱିନୀ ସାଜି ମିଶିଗଲୁ ପୁଣ୍ୟର ସାଗର ଗର୍ଭରେ, ଆଉ ଫେରିବୁନି ସତ, କିନ୍ତୁ ତୋର ଛାପ ରହିଗଲା ମୋର ଅଧାପୋଡ଼ା ହୃଦୟ ଭିତରେ।
ତୋର ଅଭାଗିନୀ "ମା" ଓ ତୋର ହତଭାଗା ଭାଇ ଚନ୍ଦୁ
ଧ-୬୯୦୯୪

### ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରାମଚନ୍ଦ୍ର ଚୌଧୁରୀ
ଆବିର୍ଭାବ: ୨୦।୦୬।୧୯୩୯
ତିରୋଧାନ: ୦୬।୧୦।୨୦୦୨
(ତିଥି- ଆଶ୍ୱିନ ଶୁକ୍ଳ ପ୍ରତିପଦା)
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଠାକୁରଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୭୪୫୮୮

MARUTI GROUP OF INSTITUTION
BARGARH, ODISHA
MARUTI PHARMACY COLLEGE
COURSES : D. PHARMA (2 Yrs.)
: B. PHARMA (4 Yrs.)
MARUTI INSTITUTE OF PARAMEDICAL & ALLIED SCIENCE
COURSES : DIPLOMA IN MEDICAL LABORATORY
: TECHNICIAN (DMLT) - 2 Yrs.
Consultancy required contact:
7605930501, 9438066954
Eligibility for Admission for all +2 Science Pass


# ରାଜପଥ ମୃତ୍ୟୁଯନ୍ତା, କେନ୍ଦ୍ରମନ୍ତ୍ରୀ ନୀରବ କାହିଁକି: ବିଜେଡି

ଭୁବନେଶ୍ୱର,୧୪।୧୦(ଅନିଲ ଦାସ)

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଠଗଡ଼ରେ ଯେଉଁ ଅଭିଭାଷଣ ରଖିଲେ, ସେଥିରୁ ତାଙ୍କର ଅଜ୍ଞତା ପଦାରେ ପଡ଼ିଛି। କେନ୍ଦ୍ରମନ୍ତ୍ରୀ କହୁଛନ୍ତି, ମିଶନ ଶକ୍ତି ତାଙ୍କ ସରକାର ସମୟରେ ଆରମ୍ଭ ହୋଇଥିଲା। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ମିଥ୍ୟା ବୋଲି ବିଜେଡି ପ୍ରବକ୍ତା ଇପ୍ସିତା ସାହୁ କହିଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟରେ ୨୦୦୧ରେ ମିଶନ ଶକ୍ତି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

ଏଭଳି ବିଭ୍ରାନ୍ତିକର ତଥ୍ୟ ଦେଇ କେନ୍ଦ୍ରମନ୍ତ୍ରୀ ରାଜ୍ୟର ଲକ୍ଷ ଲକ୍ଷ ମିଶନ ଶକ୍ତି ମା'ମାନଙ୍କୁ ଅପମାନିତ କରିଛନ୍ତି। ଯେଉଁ ମା'ମାନେ ଗଛ ତଳେ ବସି, ମୁଠିଚାଉଳ ଦେଇ ଏହାକୁ ଗଢ଼ିଛନ୍ତି, ତାଙ୍କ କାର୍ଯ୍ୟ ବିଷୟରେ ନ ଜାଣି ବକ୍ତବ୍ୟ ଦେବା ସେମାନଙ୍କ ପ୍ରତି ଅପମାନ ଓ ଅତ୍ୟନ୍ତ ଦୁର୍ଭାଗ୍ୟଜନକ କଥା।

କେନ୍ଦ୍ରମନ୍ତ୍ରୀ ଆଠଗଡ଼ ନିର୍ବାଚନମଣ୍ଡଳୀ ମଧ୍ୟଦେଇ ଯାଇଥିବା ଜାତୀୟ ରାଜପଥର ଶୋଚନୀୟ ଅବସ୍ଥାକୁ ସୁଧାରିବାକୁ କ'ଣ କରିଛନ୍ତି। ୯ ବର୍ଷର କେନ୍ଦ୍ରମନ୍ତ୍ରିତ୍ୱ ସମୟରେ କ'ଣ ପଦକ୍ଷେପ ନେଇଛନ୍ତି ସେ ବିଷୟରେ ଆଠଗଡ଼ବାସୀଙ୍କୁ କହିଥିଲେ ଭଲ ହୋଇଥାନ୍ତା। କାରଣ ଖାଲି ଆଠଗଡ଼ବାସୀ ନୁହନ୍ତି, ସାରା ଓଡ଼ିଶାବାସୀ ଜାଣିବାକୁ ଚାହୁଁଛନ୍ତି କାହିଁକି ଏନ୍ଏଚ୍-୫୫ ମରଣଯନ୍ତା ହେଲା ପରେ ମଧ୍ୟ ସେ ଚୁପ୍ ହୋଇ ରହିଛନ୍ତି।

ସେହିଭଳି ଓଡ଼ିଶାର ଭାଜପା ଏମ୍‌ପିମାନେ ଷଡ଼ଯନ୍ତ୍ର କରି ଗରିବ ଆଦିବାସୀଙ୍କୁ ମିଳିବାକୁ ଥିବା ଘର ବନ୍ଦ କରିଦେଲେ। ସଭାରେ ଧର୍ମେନ୍ଦ୍ର ଏ ବାବଦରେ ପଦୁଟିଏ ମଧ୍ୟ ଉଲ୍ଲେଖ କଲେ ନାହିଁ। ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ସାମ୍ନାରେ ଏଭଳି ଅବିଚାର ନେଇ ବକ୍ତବ୍ୟ ରଖିଥିଲେ ଭଲ ହୋଇଥାନ୍ତା।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଆପଣ ଦାୟିତ୍ୱ ତୁଲାଉଛନ୍ତି। ଆଠଗଡ଼ ଗସ୍ତ ସମୟରେ ଜବାହର ନବୋଦୟ ବିଦ୍ୟାଳୟ ଅଥବା କେନ୍ଦ୍ରୀୟ ବିଦ୍ୟାଳୟ ନେଇ ଶିଳାନ୍ୟାସ କରିଥିଲେ ଆଠଗଡ଼ବାସୀ ଉପକୃତ ହୋଇଥାନ୍ତେ। ଶିକ୍ଷାମନ୍ତ୍ରୀ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନ ବୁଲୁଛନ୍ତି। କେତେ କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହର ନବୋଦୟ ବିଦ୍ୟାଳୟ ସ୍ଥାପନ ପାଇଁ ଆପଣ କି ପଦକ୍ଷେପ ନେଇଛନ୍ତି। ସଭାରେ ବିଭ୍ରାନ୍ତିକର ତଥ୍ୟ ଦେବା ବଦଳରେ ଏସବୁର ହିସାବ ଦେଇଥିଲେ ଭଲ ହୋଇଥାନ୍ତା ବୋଲି ଇପ୍ସିତା କହିଛନ୍ତି।

# ବିଜେଡିର ପଦଯାତ୍ରା

ଔପଦା,୧୪।୧୦(ଧରିତ୍ରୀ ପଣ୍ଡା)

ଔପଦାରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ସ୍ଥାନୀୟ ଶିବମନ୍ଦିର ନିକଟରୁ ବାହାରି ନବୀନ ପଟ୍ଟନାୟକଙ୍କ ଜନହିତକର ଯୋଜନା ସମ୍ପର୍କରେ ସ୍ଲୋଗାନ ଦେଇ ବଜାର ପରିକ୍ରମା କରି ଔପଦା ହାଇସ୍କୁଲ ପଡ଼ିଆରେ ଆୟୋଜିତ ସଭାରେ ପହଞ୍ଚିଥିଲା। ଔପଦା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟଧାରା ପାଇଁ ସେ ସର୍ବଭାରତୀୟ ସ୍ତରରେ ପରିଚିତ ହୋଇପାରିଛନ୍ତି। ୫-ଟି ଯୋଜନା ସହ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିପାରିଥିବା ବେଳେ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ନୀଳଗିରି ନିର୍ବାଚନମଣ୍ଡଳୀର ବିଜେଡି ନେତା ସନ୍ତୋଷ ଖଟୁଆ ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ ନିଜ ପରିବାର ବୋଲି ଭାବନ୍ତି, ତାଙ୍କ ଯୋଜନାକୁ ଘରେ ଘରେ ପହଞ୍ଚାଇବା ସମସ୍ତଙ୍କର କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ପଦଯାତ୍ରାରେ ଅତିଥି ଭାବେ ଜିଲା ମହିଳା ସଭାପତି ବିନ୍ଦୁବାଳା ନନ୍ଦୀ, ଔପଦା ବ୍ଲକ ଅଧକ୍ଷା ବିସିବିସ୍ମା ପାତ୍ର, ଜିଲା ପରିଷଦ ସଦସ୍ୟ ଗତିକୃଷ୍ଣ ନନ୍ଦ, ଜିଲା ପରିଷଦ ସଭ୍ୟା ମୁନି ସିଂ, ଆଇନଜୀବୀ ଅମର ପ୍ରସାଦ ପଟ୍ଟନାୟକ, ସରପଞ୍ଚ ନିତ୍ୟାନନ୍ଦ ମୁଦୁଲି, ମନସ୍ମିତା ପଣ୍ଡା, ଜୟଶ୍ରୀ ମାଝି, ଯୁବନେତା ମନୋରଞ୍ଜନ ମହାନ୍ତି, ଔପଦା ବ୍ଲକ ବିଜେଡି ମହିଳା ସଭାପତି କନକଲତା ମୁଦୁଲି, ନେତା ସଚ୍ଚିନ୍ଦ୍ର ଦାସ, କାର୍ତ୍ତିକେଶ୍ୱର ପଣ୍ଡା, ଏସ୍‌ଡିସି ମଦନ ମାଝି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ନିରଞ୍ଜନ ପ୍ରସାଦ ବାରିକ ଅତିଥିମାନଙ୍କୁ ମଞ୍ଚକୁ ଆହ୍ୱାନ କରିଥିବା ବେଳେ ଜୟଶ୍ରୀ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଇନଜୀବୀ ଶରତ କୁମାର ବେହେରା ଧନ୍ୟବାଦ ଦେଇଥିଲେ।


# Classified Everyday 0674-2580101, 2549949


MATRIMONIAL

GROOM WANTED

60 ବୟସ୍କା Govt. ଚାକିରିଆ Retd. ମହିଳାଙ୍କୁ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। (Urgent required). 9040735426. D-1564


AUTOMOBILE

SALE

TATA HYVA (Model-3118) 2018, 5 Nos., TATA HYVA (Model-2518) 2016, 4 Nos. - 9348369473, 7504690838. D-75235


REAL ESTATE

SALE

Duplex sale at Bhubaneswar @ 57 lakhs only. Contact: 9777433701. D-75232

ଭୁବନେଶ୍ୱର ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ ଏବଂ ଗଙ୍ଗପଡା ପାଖରେ ସ୍ଥିତିବାନ୍ possession plot କିଣି ଘର କରନ୍ତୁ। Contact: 9777067303. D-1513

3500 Sqrft Land with 5000 Sqrft, Construction 3 storeyed building for sale near Amri Hospital, Bhubaneswar, price-3crore, No mediator please. Contact No-7377777979. D-1563

Commercial plot suitable for Health Clinic or any Other Business purpose 3 sides road facing to NH Nakhara to Niali road frontage 60 foot facing to south 10000sft. 8 k.m. from Nakhara. 8249851363. D-75049

ପୁରୀ ଶ୍ରୀମନ୍ଦିର ପାଖରେ Furnished One Bedroom new flat with Kitchen & Bathroom ମାତ୍ର 25 ଲକ୍ଷ (Negotiable). Only genuine buyer contact: 9438220432/8144658008. D-1557

ଘରବାରି ବାସୋଉପଯୋଗୀ ପାଚେରି, ଇଲେକ୍ଟ୍ରିସହ ଭୁବନେଶ୍ୱର ନିୟୁରେଲଓ୍ୱେ ଷ୍ଟେସନ୍ ନିକଟରେ ପ୍ଲଟ୍ ସୁଲଭମୂଲ୍ୟରେ ଉପଲବ୍ଧ ଅଛି। ସମ୍ପର୍କ କରନ୍ତୁ। 9439924161. D-75236

Khurda ITBP & IRB ପାଖରେ Sthitiban Gharabari plot Electricity ସହିତ ମିଳୁଅଛି। Contact- 9090772843, 9800700664. D-1420

ଭୁବନେଶ୍ୱର NH-16 ପିତାପଲ୍ଲୀରୁ 1 K.M. ମଧ୍ୟରେ Carmel School ପାଖରେ 30' road, boundary ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 9337166296, 9853474706. D-75233

ଜଟଣୀଗେଟ୍ NHରୁ ଅଳ୍ପ ଦୂରତାରେ sqft.-300/-, ଛତାବର- 500/-, ନଖରା SC/Gen plot-300/-. 7978663279. D-75231

ଭୁବନେଶ୍ୱର Gita College ନିକଟ Gridco Colony/ Infocity-2 ପାଖରେ ପ୍ଲଟ୍ sqft. 520/- ବିକ୍ରିହେବ। 8917351078. D-75237

Khurda-Bhubaneswar, ମଧ୍ୟରେ Pitapalli Chhakରେ Sthitiban plot Electricity, Boundary ସହିତ ମିଳୁଅଛି। Contact- 7735888421, 7750068828. D-1421

New house 2 Stories on 5000Sqft. Land with shops for urgent sale Mainroad, Bhagwanpur, Dhenkanal@1.5cr, OSHB MIG house at Mahisapat @ 42lakhs. 9337416139. D-1549

4 Bedroom new Construction individual duplex house sale at Gita Engineering College, NH-5 Goharia Chhak, Bhubaneswar, cost@85lac (land area-1560sqft, built up-2426sqft). Mob-9938867397. D-1555

PURCHASE

ଭୁବନେଶ୍ୱରରେ ଘର କଲା ଭଳି କିସମ- ଘରବାରି yellow zone ଥାଇ ପିଚୁ ରାସ୍ତାକୁ ଲାଗି ଜାଗା ଆବଶ୍ୟକ ଅଛି। 9799798009ରେ Whatsapp କରନ୍ତୁ। D-74589




Office Space available at Esplanade Mall, Rasulgarh (1432sqft.). Contact: 9776505301. D-1498

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




Relax, Refresh your body, Mind at Saikrupa Spa with best therapies. 8984068077. D-1502

Full Body massage, expert Therapist positively health benefits. 8917243035 / 7205044659. D-75156

Spa Kerala body Massage only best Therapist @699/- Bhubaneswar. 9337672475. D-1535

Body massage by experience, good looking therapist @999/-. (Bhubaneswar) 9078484455. D-1533

Newly open health benefits Spa special offer @ 999. Contact: 7749034655. D- 75157

Full body massage by expert therapist positively health benefits. 9938843929. D-75159

Asribadda Panchakarma herbal SPA Kesharimall, Bhubaneswar. Contact: 8926173473. D-75051

AFFIDAVIT

By virtue of an affidavit sworn before the Executive Magistrate, Bonai on 12.09.2016, I, Urmila Mishra, S/o. Late Sadhu Charan Mishra, Vill/PO: Kalta, PS: Koira, Dist. Sundargarh declare that my correct name is Urmila Mishra which is reflected in my Aadhar card. But in my School Certificate my surname has been wrongly mentioned as Urmila Sarangi in place of Urmila Mishra. Both the names Urmila Mishra and Urmila Sarangi is one and same person. D-1570

Bhimasen Samantaray, S/o Late Purna Chandra Samantaray, PO/PS-Badagada Brit Colony, Dist-Khordha, Henceforth is known as Bhimsen Samantaray. D-1569

Shantilata Samantaray, D/o Late Biswanath Mansingh, PO/PS-Badagada Brit Colony,Dist-Khordha,Henceforth is known as Santilata Samantaray. D-1568

Email ମାଧ୍ୟମରେ କ୍ଲାସିଫାଏଡ଼ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଜନ୍ମଦିନ ଶୁଭେଚ୍ଛା



ରେୟାଂଶ
ପୁରୀ ମାଟିତୋଟା
ପ୍ରଥମ ଜନ୍ମ ବାର୍ଷିକ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ମହାପ୍ରଭୁ ତୋ ଚଲାପଥକୁ କୁସୁମିତ କରିବା ସହ ଦୀର୍ଘାୟୁ କରନ୍ତୁ।
ଶୁଭେଚ୍ଛା ସହ: ବାପା, ବୋଉ, ଜେଜେ ମା', ପିଉସୀ, ଅଜା, ଆଈ, ମାଉସୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୫୬୭


CONSTRUCTION

Construct your home 850/-, 1340/- which includes Architecture structure along with 3 years FMC, provide BDA Plan approval, boring-SNV Construction-9439295469. D-75226


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ପ୍ରବନ୍ଧକ

ଭୁବନେଶ୍ୱର,୧୪।୧୦

ୟୁକୋ ବ୍ୟାଙ୍କ ବାଲେଶ୍ୱର ଅଞ୍ଚଳର ନୂତନ ଆଞ୍ଚଳିକ ପ୍ରବନ୍ଧକ ଭାବେ ସହାୟକ ମହାପ୍ରବନ୍ଧକ ସୁଦୀପ ଡାକୁଆ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ୟୁକୋ ବ୍ୟାଙ୍କ ବାଲେଶ୍ୱର ମୁଖ୍ୟ ଶାଖାର ଶାଖା ମୁଖ୍ୟ ରୂପେ କାର୍ଯ୍ୟ କରିବା ସହ ଜିଲାର ଅଗ୍ରଣୀ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ସେ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ୧୧ ବର୍ଷରୁ ଊର୍ଦ୍ଧ୍ୱ ସମୟ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି। ଡାକୁଆ ଉତ୍ତମ ଗ୍ରାହକ ସେବା ଉପରେ ଗୁରୁତ୍ୱାରୋପ କରିବା ସହ ଉକ୍ତ ଅଞ୍ଚଳ ଅଧୀନରେ ଥିବା ୮୨ଟି ଶାଖାରେ ଖୁଚୁରା, ଏମ୍ଏସ୍ଏମ୍ଇ ଓ କୃଷିକ୍ଷେତ୍ରର ଅଭିବୃଦ୍ଧି ଉପରେ ଗୁରୁତ୍ୱ ପ୍ରଦାନ କରିବେ। ସେହିଭଳି ୭୦%ରୁ ଊର୍ଦ୍ଧ୍ୱ ଶାଖା ଗ୍ରାମାଞ୍ଚଳରେ ଅବସ୍ଥିତ ଏବଂ କୃଷି କ୍ଷେତ୍ରରେ ଋଣ ଅଭିବୃଦ୍ଧି ପାଇଁ ଏସ୍ଏଚ୍‌ଜି ସହ ଋଣ ସଂଯୋଗୀକରଣ ଗୁରୁତ୍ୱପୂର୍ଣ୍ଣ ହେବ ବୋଲି ସେ ମତପ୍ରକାଶ କରିଛନ୍ତି। ଏପରିକି ଡିଜିଟାଲ ଲେଣ୍ଡିଂ, ଏଟିଏମ୍ ସେବା ଏବଂ ମୋବାଇଲ ପ୍ଲାଟ୍‌ଫର୍ମ ପରି ଡିଜିଟାଲ ଉତ୍ପାଦର ଲୋକପ୍ରିୟତା ଉପରେ ମଧ୍ୟ ସେ ଗୁରୁତ୍ୱ ଦେବେ। ବ୍ୟାଙ୍କ ମଧ୍ୟ ଆଗାମୀ ଦିନରେ ନୂତନ ଶାଖା ଓ ଡିଜିଟାଲ ୟୁନିଟ୍ ଖୋଲିବାକୁ ଯୋଜନା କରୁଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି।



ସୁଦୀପ ଡାକୁଆ

# ରେଭେନ୍‌ଶାରେ ୧୦୮ ଫୁଟର ସ୍ମାରକୀ ପତାକା ପୋଲ୍ ଉନ୍ମୋଚିତ

## ଜାନୁୟାରୀ ୨୩କୁ ଜାତୀୟ ପତାକା ଦିବସ କରାଯାଉ- ନବୀନ

ଭୁବନେଶ୍ୱର ,୧୪।୧୦ (ଅଭୟ ଦାଶ)




ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ (ଏଫ୍ଏଫ୍ଓଆଇ) ପକ୍ଷରୁ ଶନିବାର ରେଭେନ୍‌ଶା ୟୁନିଭର୍ସିଟି ପରିସରରେ ଏକ ୧୦୮ଫୁଟ ସୁଉଚ୍ଚ ସ୍ମାରକୀ ପତାକା ପୋଲ୍ ଉନ୍ମୋଚିତ ହୋଇଯାଇଛି। ଏଫ୍ଏଫ୍ଓଆଇ ସଭାପତି ତଥା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ଅଧ୍ୟକ୍ଷ ନବୀନ ଜିନ୍ଦଲ, କଟକ ମହାନଗର ନିଗମ (ସିଏମ୍‌ସି)ର ମେୟର ସୁବାସ ଚନ୍ଦ୍ର ସିଂ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଳ ପବନ କଲ୍ୟାଣ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ଉପ କୁଳପତି ଡ. ସଞ୍ଜୟ କୁମାର ନାୟକ ଏବଂ କୁଳ ସଚିବ କେସି ମଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉନ୍ମୋଚନ ସହ ୧୦୮ ଫୁଟ ମନୁମେଣ୍ଟାଲ ଫ୍ଲାଗ୍ ପୋଲ୍‌ରେ ୩୬/୨୪ଫୁଟ ତିରଙ୍ଗା ପତାକାକୁ ଉତ୍ତୋଳନ କରିଥିଲେ।

ଏହି ଅବସରରେ ଜିନ୍ଦଲ କହିଥିଲେ, ଏହି ପ୍ରସିଦ୍ଧ ଶିକ୍ଷାନୁଷ୍ଠାନ ପରିସରରେ ୧୦୮ଫୁଟର ସ୍ମାରକୀ ଜାତୀୟ ପତାକା ପୋଲର ସ୍ଥାପନ କେବଳ ଏକ ପ୍ରତୀକ ନ ହୋଇ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଜାତୀୟତାର ଭାବନା ସୃଷ୍ଟି କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ସେହିଭଳି ଜାନୁୟାରୀ ୨୩ରେ ଆମେ ଜାତୀୟ ପତାକାକୁ ସମ୍ମାନର ସହ ପ୍ରଦର୍ଶନ କରିବାର ଅଧିକାର ପାଇଥିବାରୁ ଏହି ଦିନକୁ ଆମେ ଜାତୀୟ ପତାକା ଦିବସ ଭାବେ ପାଳନ କରିବା ଉଚିତ ବୋଲି ନବୀନ କହିଛନ୍ତି। ଅଧିକାଂଶ ଦେଶରେ ଜାତୀୟ ପତାକା ଏବଂ ଏହାର ମୂଲ୍ୟବୋଧ ପାଳନ କରିବାକୁ ଜାତୀୟ ପତାକା ଦିବସ ରହିଛି। ଉକ୍ତ କାର୍ଯ୍ୟକ୍ରମରେ ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାରର ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍ (ସିଏସ୍ଆର୍ ଆଣ୍ଡ ଏଜୁକେଶନ) ପ୍ରଶାନ୍ତ କୁମାର ହୋତାଙ୍କ ସମେତ ଫ୍ଲାଗ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ମହାସଚିବ ମେଜର ଜେନେରାଲ (ଅବସରପ୍ରାପ୍ତ) ଅସୀମ କୋହଲି, ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପ୍ରଫେସର ଡ. ଅସୀମା ସାହୁ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ଡ. ଧର୍ମବ୍ରତ ମହାପାତ୍ର ଏବଂ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।


## ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ, ପୁରୀ

ପତ୍ର ସଂଖ୍ୟା: ୯୪୩୬ ତାରିଖ: ୧୨।୧୦।୨୦୨୩

### ବିଜ୍ଞାପନ

No. C-1628: ଏତଦ୍ୱାରା ପୌରସଂସ୍ଥାର ସମସ୍ତ ଅବସରପ୍ରାପ୍ତ ପେନ୍‌ସନ୍‌ଧାରୀ/ପରିବାର ପେନ୍‌ସନ୍‌ଧାରୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ୨୦୨୩-୨୪ ମସିହା ନିମନ୍ତେ ଜୀବିତ ପ୍ରମାଣ ପତ୍ର (Life Certificate) ସଂଗ୍ରହ କରାଯାଉଅଛି।

ଏଣୁ ସମସ୍ତ ପେନ୍‌ସନ୍/ପରିବାର ପେନ୍‌ସନ୍‌ଧାରୀ ଆସନ୍ତା ୩୦।୧୧।୨୦୨୩ରିଖ ସୁଦ୍ଧା ବ୍ୟକ୍ତିଗତ ଭାବେ କାର୍ଯ୍ୟାଳୟର ସମ୍ପୃକ୍ତ ବିଭାଗରେ ହାଜର ହୋଇ ନିର୍ଦ୍ଧାରିତ ଫର୍ମରେ ଦସ୍ତଖତ କରିବା ସହିତ ସେମାନଙ୍କର ବ୍ୟାଙ୍କ ହିସାବଖାତାରେ ଉଲ୍ଲେଖ ଥିବା Account Numberର ନକଲ ଦାଖଲ କରିବେ। ଏଥିରେ ବ୍ୟତିକ୍ରମ କଲେ ଆସନ୍ତା ଡିସେମ୍ବର ମାସଠାରୁ ସେମାନଙ୍କର ପେନ୍‌ସନ୍ ପ୍ରଦାନ ବନ୍ଦ କରିଦିଆଯିବ। ଏଥି ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
OIPR-13159/11/0030/2324 ପୁରୀ ପୌରସଂସ୍ଥା, ପୁରୀ

## FOREST HEADQUARTERS, ODISHA
## OFFICE OF THE PRINCIPAL CHIEF CONSERVATOR OF FORESTS & HoFF
## ARANYA BHAWAN, BHUBANESWAR - 23

NIT No.20363/10F-CAMPA-54/2022
Dated, Bhubaneswar the 13 October, 2023

**No.MM-220:** The Principal Chief Conservator of Forests & HoFF, Odisha invites Technical & Financial Proposals in sealed cover from the National Reputed Party agencies for Selection of Expert Agency for preparation of Detail Project Report for SMC works under CAMPA APO 2023-24 in 35 Forest/Wildlife Divisions of Forest Department Odisha. Details of the provisions in RFP are available at www.odishaforest.in & www.odisha.gov.in (All Tender section). Interested agencies should submit their proposal along with other related documents as per the RFP addressed to the Chief Executive Officer, State Authority, CAMPA, O/o the PCCF & HoFF, Odisha, Plot No.GD-2/12, Aranya Bhawan, Chandrasekharpur, Bhubaneswar-751023 within the stipulated date.

Sd./-Chief Executive Officer
State Authority, CAMPA
Email:campa.pccfodisha@gmail.com
OIPR-08002/11/0016/2324 Tel.No.0674-2302036 (O)


# ଉତ୍କର୍ଷ ପ୍ରଦାନକୁ ବେଦାନ୍ତର ଗୁରୁତ୍ୱ

ଭୁବନେଶ୍ୱର,୧୪।୧୦



ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ମାନକ ଦିବସ ଶନିବାର ପାଳିତ ହୋଇଯାଇଛି। ବିଶେଷକରି କମ୍ପାନୀ ବ୍ୟାପକ ଉତ୍ପାଦ ପରିସରର ଗୁଣବତ୍ତା ଏବଂ ସ୍ଥିରତା ମାନକୁ ବିସ୍ତାର କରିବା ପାଇଁ ଉତ୍ସର୍ଗୀକୃତ ହୋଇଛି। ଏପରିକି ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ ପ୍ରଥମ କମ୍ପାନୀ ଭାବେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍)ର ପ୍ରମାଣପତ୍ର ହାସଲ କରିଥିବାବେଳେ ଗୁଣାତ୍ମକ ମାନ ଅନୁଯାୟୀ କମ୍ପାନୀ ଅନେକ ଆଲୁମିନିୟମ୍ ଉତ୍ପାଦ ବିଆଇଏସ୍ ପ୍ରମାଣପତ୍ର ଲାଭ କରିଛି। ଏହି ଅବସରରେ ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ (ବିଆଇଏସ୍) ଦ୍ୱାରା ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ କମ୍ପାନୀ ମଧ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରି ବ୍ୟବସାୟର ଉତ୍କର୍ଷ ଏବଂ ସଫଳତା ନିଶ୍ଚିତ କରିବାର ଉଚ୍ଚମାନ ଉପରେ ଗୁରୁତ୍ୱାରୋପ କରିଛି।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ଆଲୁମିନିୟମ୍ ଏକ ଉଚ୍ଚ ବୈଷୟିକ, ସ୍ୱଳ୍ପ କାର୍ବନ ଭବିଷ୍ୟତର ଅଗ୍ରଭାଗରେ ଛିଡ଼ା ହୋଇଛି। ଏପରିକି ସ୍ୱଚ୍ଛ ଶକ୍ତି ସମାଧାନ, ଗତିଶୀଳତା, ଉନ୍ନତ ଉତ୍ପାଦନ, ସ୍ଥାୟୀ ପ୍ୟାକେଜିଂ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏହା ସୀମାହୀନ ସମ୍ଭାବନା ପ୍ରଦାନ କରୁଛି। ବିଶେଷକରି ବେଦାନ୍ତ ଆଲୁମିନିୟମ ଉତ୍ପାଦର ଉତ୍କର୍ଷ ଏବଂ ନୂତନତ୍ୱକୁ କ୍ରମାଗତ ଭାବେ ବୃଦ୍ଧି କରିବା ପାଇଁ ଦୃଢ଼ ମାନକ ପ୍ରତିଷ୍ଠା କରିଛି। ଆପୋସ ଆପତ୍ତିଜନକ ଗୁଣବତ୍ତା ଏବଂ ସ୍ଥିରତା ମାନକ ସହ ସ୍ୱେଚ୍ଛାକୃତ ମୂଲ୍ୟାଙ୍କନ ହାଇଲାଇଟ୍ ଆସୋସିଏସନ୍ ଉପରେ ଆଧାରକରି ଆମର ଉତ୍ପାଦକୁ ଦିଆଯାଇଥିବା ସମ୍ମାନଜନକ ପ୍ରମାଣପତ୍ର ଏବଂ ଏହି ସୁବିଧାଗୁଡ଼ିକ ଆମର ଉପଭୋକ୍ତାମାନଙ୍କୁ ଉପକୃତ ହେବା ପାଇଁ ସହଜରେ ବିସ୍ତାରିତ ହୋଇଛି। ବିଶ୍ୱର ଉତ୍ପାଦନ ଉତ୍କର୍ଷର ପଥରେ ଭାରତ ଆଗକୁ ବଢ଼ୁଛି। ଆମେ ଦେଶର ଉତ୍ପାଦନ ପ୍ରବୃତ୍ତିରେ ଏକ ଅଗ୍ରଣୀ ଯୋଗଦାନକରି ଗର୍ବିତ ଏବଂ ଆମର ଉତ୍ପାଦ ଏବଂ କଞ୍ଚାମାଲ ପାଇଁ ବିଏସ୍ ମାନଦଣ୍ଡ ଗ୍ରହଣକରି ଗୁଣାତ୍ମକ ଉତ୍ପାଦକୁ ପ୍ରୋତ୍ସାହିତ କରିବା ପାଇଁ ମୂଲ୍ୟ ଶୃଙ୍ଖଳା ମାଧ୍ୟମରେ ଆମର ଅଂଶୀଦାରମାନଙ୍କୁ ଉତ୍ସାହିତ କରୁଛୁ। ସେହିଭଳି ପ୍ରତ୍ୟେକ କ୍ଷେତ୍ରରେ ଉନ୍ନତ ଦ୍ରବ୍ୟର ବିକାଶ ପାଇଁ କମ୍ପାନୀ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ ସଙ୍ଗଠନଗୁଡ଼ିକରୁ ମଧ୍ୟ ଅନେକ ପ୍ରମାଣପତ୍ର ହାସଲ କରିଛି। ବିଶେଷକରି ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ସର୍ବୋଚ୍ଚ ଘରୋଇ ସଂସ୍ଥା ଶିଳ୍ପ କ୍ଷେତ୍ରଗୁଡ଼ିକରେ ଗୁଣାତ୍ମକ ମାନ ନିର୍ଣ୍ଣୟ କରିବା ଦାୟିତ୍ୱ ବହନ କରିଥାଏ। ଏପରିକି କଠୋର ମୂଲ୍ୟାଙ୍କନ ପରେ ବିଏସ୍ ଷ୍ଟାଣ୍ଡାର୍ଡ ମାର୍କ ପ୍ରଦାନ କରିଥାଏ। ବେଦାନ୍ତ ଆଲୁମିନିୟମର ତାର ଉତ୍ପାଦ ପାଇଁ ତାର ରଡ୍, ବିଭିନ୍ନ ପ୍ରକାର ଇଙ୍ଗୋଟ୍, କାଷ୍ଟ ବାର୍ସାଣ୍ଡ ରୋଲ୍ଡ ଉତ୍ପାଦ (ସିଟ୍, ପ୍ଲେଟ୍-କଣ୍ଡକ୍ଟର ଏବଂ ପ୍ଲେଟ୍- ଜେନେରାଲ୍ ଇଞ୍ଜିନିୟରିଂ) ପାଇଁ ୧୫ ଟି ବିଆଇଏସ୍ ପ୍ରମାଣପତ୍ର ଅଛି। ଅନ୍ୟ ଆଲୁମିନିୟମ ଉତ୍ପାଦ ଏବଂ ଶିଳ୍ପ କଞ୍ଚାମାଲ ପାଇଁ ମାନକ ବିକାଶ ନିମନ୍ତେ କମ୍ପାନୀ ବିଏସ୍ ସହ ସକ୍ରିୟ ଭାବେ ସହଯୋଗ କରୁଛି ଯେଉଁଥିପାଇଁ ସମ୍ପ୍ରତି ଉପଯୁକ୍ତ ଗୁଣାତ୍ମକ ମାନ ବିଦ୍ୟମାନ ନାହିଁ, ଯାହା ଦେଶରେ ସମଗ୍ର ଆଲୁମିନିୟମ ଇକୋସିଷ୍ଟମକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି।


## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## DEOGARH IRRIGATION DIVISION, DEOGARH

E-mail id: sedid821@gmail.com

**e-Procurement Notice No.SEDID-02/2023-24**
**Bid Identification No.SEDID-02(01)/2023-24 to SEDID-02 (11)/2023-24**

No.710 Date:13.10.2023

**No.A-667:** Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-Procurement portal https://tendersodisha.gov.in complete online process only.

| | | |
|---|---|---|
| 1. | Nature of Works | Building, Canal & Road Works |
| 2. | Nos. of Works | 11 (Eleven) |
| 3. | Bid Identification No. | SEDID-02(01)/2023-24 to SEDID-02 (11)/ 2023-24 |
| 4. | Estimated Cost | 3.39 Lakhs to 33.61 Lakhs |
| 5. | Earnest Money Deposit | Referred to DTCN |
| 6. | Cost of Tender Paper | Referred to DTCN |
| 7. | Period of Completion | Referred to DTCN |
| 8. | Date and Time of availability of Bid document in the Portal | Dt.20.10.2023 at 11.00 AM to Dt.31.10.2023 upto 17.00 PM |
| 9. | Last Date/Time for receipt of Bids in the Portal | Dt.31.10.2023 upto 17.00 PM. |
| 10. | Date of Bid Opening | Dt.01.11.2023 at 11.00 A.M. |
| 11. | Clarification seeking date | Dt.20.10.2023 at 11.00 AM to 31.10.2023 at 17.00 PM |
| 12. | Date of Lottery (if required) | Will be intimated later on |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum / cancellation of tender can also be seen in said website.

Sd./- Superintending Engineer
Deogarh Irrigation Division, Deogarh
OIPR-32505/11/0003/2324

## OFFICE OF THE DEAN & PRINCIPAL, VSS INSTITUTE OF MEDICAL SCIENCES & RESEARCH : BURLA

Order No.6015/VIMSAR, Burla Dated 26.09.2023

### TENDER CALL NOTICE

**No.E-477:** Sealed tenders in plain paper are hereby invited by the undersigned from the Govt. registered firms having registration certification under the GST Act and food License for supply of dietary articles i.e. **Gram, sliced Milk Bread, Green Grass, Green Vegetables** for the animal house of VIMSAR, Burla for the financial year 2023-24. The tender will be received in office of the undersigned up to 12.00 Noon of **31.10.2023** and the tender will be opened on **dt.01.11.2023** at 3.30 P.M. The tender received beyond scheduled date and time will not be accepted. The tenderers or their authorized representative may attend the office of the undersigned at the time of opening of the tenders. The tenderers also instructed to produce their original documents in support of their STCC registration. Food License and GST Certificate at the time of opening of the tenders, before the undersigned for necessary verification. The rate should be exclusive of all taxes except GST and sample should be accompanied with their tenders. Delivery will be made to different departments of this College. The caption of the advertisement should be attached with tenders in original. An earnest money of Rs.5,000/-(Rupees Five Thousand) only in the shape of Bank Draft should be accompanied with the tenders duly pledged in favour of the undersigned. The Food License and GST Registration Certificate must be submitted with the tenders without which the tender papers will not be considered and will be rejected. The quoted price shall be F.O.R. to Burla. The authority reserves the right to accept or reject any or all the tenders without assigning any reason thereof. Any dispute in this matter will be settled up under the jurisdiction of Sambalpur Court.

Sd./-Dean & Principal
VSS, Institute of Medical Science & Research, Burla
OIPR-10187/11/0023/2324

ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ,ଗଜପତି , ପାରଳାଖେମୁଣ୍ଡି

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER,GAJAPATI, PARALAKHEMUNDI

ଇ-ମେଲ୍-gajapaticdmo@gmail.com
ଫୋନ୍ ନଂ.-୦୬୮୧୫-୨୨୨୨୦୫/୨୨୨୩୦୫/୨୨୩୮୩୪

No.7270/2023 dated 13.10.2023

**Tender Call Notice for Supply of ANM Training Centre, Gajapati Library Books**

**No.E-478:** Sealed Tenders are invited from the Book Suppliers and including local public Sector retail outlets for supply of the books as per list for establishment of Library of ANMTC, Gajapati within 30.10.2023 by 5.00 P.M. The details of Book List and other conditions of supply can be downloaded from the District Website http//www.gajapati.nic.in. The Tenders received after due date and incomplete application will not be entertained. The authority has the right to reject any one or all the applications without assigning any reason thereof.

Sd./- Chief District Medical & Public Health Officer
Gajapati, Paralakhemundi
OIPR-10105/11/0009/2324

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR

E-mail ID: cebuildings_orissa@yahoo.co.in, Tel.: (0674) 2391523

B-IV-H-ALMC-08/2021 (PT.) Lr. No. 42221 Dt. 6th Oct. 2023

No. B-1076 **REQUEST FOR PROPOSAL**

**RFP Identification No. C.E. (B) - 36/2023-24**

| | | |
|---|---|---|
| 1. | The Chief Engineer, Buildings, Odisha invites proposal through online mode only from interested bidders who have successfully completed one CFMS work in any hospital in India having 1000 functional bed strength for **"PROVIDING COMPREHENSIVE FACILITY MANAGEMENT SERVICES (CFMS) FOR FOLLOWING MEDICAL COLLEGES & HOSPITALS, (1) D.D. MEDICAL COLLEGE & HOSPITAL, KEONJHAR, (2) GOVT. MEDICAL COLLEGE & HOSPITAL, SUNDERGARH, (3) SLN MCH, KORAPUT, (4) GOVT. MEDICAL COLLEGE & HOSPITAL, KALAHANDI, (5) GOVT. MEDICAL COLLEGE & HOSPITAL, JAJPUR, (6) PGMIER, BHUBANESWAR**. The tender document can be downloaded from the website: **www.tenderodisha.gov.in**. | |
| 2. | Nature of Work | CFMS Services |
| 3. | No. of Work | 06 Nos. |
| 4. | Bid Cost (Online) | Rs.10,000/- (Each) |
| 5. | Availability of Bid documents in the website | From Dt.17.10.2023 to 17.00 hours of Dt.06.11.2023 in **www.tendersodisha.gov.in** (Online mode only) |
| 6. | Date of Pre-Bid Meeting | 30.10.2023 at 11.30 A.M. |
| 7. | Date of Opening of Bid | 07.11.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **www.tendersodisha.gov.in**. Any addendum/corrigendum/cancellation of tender can be seen in the said website only. | |

Sd./- Chief Engineer, Buildings
Odisha, Bhubaneswar
OIPR-34117/11/0077/2324

## STATE POLLUTION CONTROL BOARD, ODISHA

[Department of Forest, Environment & Climate Change Govt. of Odisha]
Paribesh Bhawan, A/118, Nilakanthanagar, Unit-VIII, Bhubaneswar - 751012

No.: 16002/IND-II-PH-1145 Date: 10.10.2023

### NOTICE

No. CAD-2454: It is brought to the notice of all concerned that **M/s. L.N. Metalliks Limited has proposed to have Environmental Assessment for Exp. of existing 60,000 TPA of Sponge Iron Plant to proposed final capacity of 9.0 LTPA (through put) Beneficiation Plant, 6.0 LTPA Pelletization Plant, 2.97 LPTA Sponge Iron, 1,57,500 TPA Billets, 1.50 LTPA Rolling Mill, 2 × 9 MVA Submerged Arc Furnace for Ferro Alloy & 46 MW CPP (21 MW WHRB & 25 MW CFBC) at Village Sripura under Jharsuguda Tahasil of Jharsuguda district** to obtain Environmental Clearance from Ministry of Environment, Forests & Climate Change, Govt. of India. The proponent has applied to the State Pollution Control Board, Odisha, Bhubaneswar for a Public Hearing. By virtue of Ministry of Environment, Forests & Climate Change, Government of India Notification No. S.O. 1533 (E) Dtd.14.09.2006, the Board has been authorized to conduct environmental public hearing and as such invites suggestions, views, comments and objections on matters relating to environmental aspects of the proposed project from all the persons including bonafide residents, environmental groups and others located at the proposed site/sites of displacement/sites likely to be affected.

For the above purpose, a person will only mean:

A. Any person who is likely to be affected by the grant of Environmental Clearance.
B. Any person who owns his control over the project with respect to which an application has been submitted for Environmental Clearance.
C. Any association of persons whether incorporated or likely to be affected by the project and/or functioning in the field of Environment.
D. Any local authority within any part of whose local limits is within the neighbourhood, wherein the project is proposed to be located.

Persons as above who desire to submit their views, comments, objections etc. relevant to the project, may do so in writing within 30 days from the date of publication of this notice addressing the same to the Member Secretary, State Pollution Control Board, Odisha through Registered Post. Besides this, persons interested to submit their views relevant to the proposed project in writing or orally may also do so during the public hearing to be conducted on **22.11.2023 at 11.00 A.M. over Khata No. 178, Plot No. 53 in Mouza: Sripura under Jharsuguda Tahasil of Jharsuguda district**.

Persons desirous of participating in the public hearing may go through the Environmental Impact Assessment (EIA)/Environmental Management Plan (EMP) of the said project which will be available at the following offices. Copy of the Executive Summary both in English & Odia is also available in the following offices & the same can also be downloaded from the website **www.ospcboard.org** free of cost.

1. District Collector's Office, **Jharsuguda**
2. District Industries Centre, **Jharsuguda**
3. In the Office of the Chief Executive Officer, Zilla Parishad, **Jharsuguda**
4. In the Head Office of the State Pollution Control Board, Odisha, Parivesh Bhawan, A/118, Nilakanthanagar, Unit - VIII, Bhubaneswar - 12.
5. Regional Office, State Pollution Control Board, Odisha, **Jharsuguda**.
6. Department of Forest & Environment (Environment), Govt. of Odisha, Bhubaneswar.

For any further clarification in the matter, the **Regional Officer, State Pollution Control Board, Jharsuguda** or the **Member Secretary, State Pollution Control Board, Odisha** at Bhubaneswar may be contacted.

Sd./- Member Secretary
OSPCB-PH-MISC-0025-2023/10/2023 OIPR-08012/11/0115/2324

## ODISHA HYDRO POWER CORPORATION LIMITED

OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: AT/POST:BALIMELA:DIST:MALKANGIRI, PIN:764051(ODISHA)
Phone Nos.:06861-232581(O)/ 232641(R), Fax No. 06861-232541, Email:unit.head_balimela@yahoo.com/bhep.balimela@gmail.com

**'e' Procurement Notice**
**NOTICE INVITING TENDER NO.BHEP/16/2023-24 DATED 09.10.2023**

**No.CAD-2445:** The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double cover system i.e. Cover-I (Technical Bid) & Cover-II (Price Bid) for the work through e-Procurement as detailed in the table below. The bids should be submitted 'online' in https://tendersodisha.gov.in by eligible 'B' Class Civil Contractors registered with the State Government and contractors of equivalent grade/class registered with central government/ railways having registration for execution of civil works can participate in the works on production of definite proof from the appropriate authority. The bidders should have necessary portal enrolment with his/her own Digital Signature Certificate. The bidder may submit bid for the work as per the following table.

| SL. No. | Name of the Work | Approx. Estimated Cost in Rs. | EMD in Rs. | Class of Contractor | Cost of Bid documents in Rs. | Period of Completion |
|---|---|---|---|---|---|---|
| 01 | Metal gravelling over P.C.C. including construction of drain of feeder-3, Unit-3, Unit-4 & by-pass Bus area inside 220 K.V. Switchyard at Balimela | 48,82,671.00 | 49,000.00 | 'B' | 10,000/-+ GST @ 18%=11,800/- | 120 days |

Date & Time of availability of bid document in the portal: From 11.00 Hrs. of 16.10.2023 to 30.10.2023 (upto 17.00 Hrs.). Last date & time of submission of bid: Upto 17.00 Hrs. of 30.10.2023. The date & time of opening of the bid: 13.00 Hrs. onwards of 31.10.2023. (Only Technical Bid)
Further details can be seen from the e-Procurement portal https://tendersodisha.gov.in.

OIPR-04019/11/0021/2324 Sd./- Unit Head, BHEP, Balimela

GOVERNMENT OF ODISHA
## OFFICE OF THE EXECUTIVE ENGINEER, RURAL WORKS DIVISION, ROURKELA

E-mail:rw_rourkela@yahoo.co.in
TENDER CALL NOTICE
BID IDENTIFICATION NO.ONLINE-SERKL-15 OF 2023-24

**No.O-1282:** 1. Name of the Work : Building Works. 2. Total No. of Works: 08 (Eight) Nos. 3.Estimated Cost: Rs.0.84 to 4.20 Lakhs. 4. Class of Contractor: "C" & "B" Class. 5. Period of Completion: 01 (One) & 02 (Two) Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of Tender On-line for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Rourkela | On-line-SERKL-15 of 2023-24 | 20.10.2023 from 10.00 AM | 01.11.2023 upto 05.00 PM | 31.10.2023 upto 1.00 PM | 02.11.2023 at 11.00 AM |

Further details can be seen from the website www.tendersorissa.gov.in & for more information please visit the office.

OIPR-25067/11/0016/2324 Sd./- Superintending Engineer, RW Division, Rourkela

GOVERNMENT OF ODISHA No. O-1276
## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR

At/P.O.: Nayabazar, Cuttack - 753004, Tel No. 0671-2444488, Email: serw_kpd@yahoo.com

No. Tender Online RCK-36/23 Letter No. 3822 Date: 10.10.2023

### e-Procurement NOTICE

1. Name of the work : Tender for the building works in the Dist. of Kendrapara for the year 2023-24
2. Class of Contractor : As specified in the Column-7 of the Annexure.
3. Time of Completion : As specified in the Column-8 of the Annexure.
4. Detail Projects : As per Annexure attached
5. Other details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-36/23 | 19.10.2023 at 11.30 A.M. | 02.11.2023 to 05.00 P.M. | 02.11.2023 upto 02.00 P.M. | 03.11.2023 at 11.30 A.M. | To be Intimated Later |

Further details can be seen from the website **www.tendersorissa.gov.in**.

Sd./- D.P. Karan, Chief Construction Engineer
Rural Works Circle, Kendrapara-Jajpur
OIPR-25129/11/0041/2324

See Career Appointment on every Wednesday & Saturday

## ଏ ସପ୍ତାହର ପ୍ରଶ୍ନ

୧– ପିତୃପକ୍ଷ ମେଳା .................... ରାଜ୍ୟରେ ଆୟୋଜନ କରାଯାଇଛି ?
୨– ଫ୍ରାଙ୍କ୍ ରୁବିଓ ଜଣେ ............................ ?
୩– ପିସିଭି ହେଉଛି ...............ର ଏକ ପଲିମର୍ ?
୪– ବୋହାଗ ବିହୁ ପର୍ବ ............ରାଜ୍ୟରେ ପାଳନ କରାଯାଏ ?
୫–ୱାର୍ଲ୍ଡ ଇକୋନୋମିକ୍ ଫୋରମ୍‌ର ପ୍ରତିଷ୍ଠାତା ......................... ?

## ଗତ ଥରର ଉତ୍ତର

୧ ଲିଆଣ୍ଡର ପେସ୍
୨ ଉତ୍ତରପ୍ରଦେଶ
୩ ଭାରତ
୪ ନୂଆଦିଲ୍ଲୀ
୫ ଶଶି ଥରୁର୍

## ଉତ୍ତରଦାତା


ସୁନୀଲ କୁମାର ବେହେରା, ବ୍ରହ୍ମପୁର


ଶେଖ୍ ୟାକୁବ୍ ଗୋପ


ନିର୍ବିକଳ୍ପ ନାଥ ଘଣ୍ଟେଶ୍ୱର

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀ ପ୍ରସିଦ୍ଧ ସହର (ଫେମସ୍ ଷ୍ଟ୍ରିଟ୍)



୧– ଚ୍ୟାମ୍ପ ଏଲିସିଜ୍ ........................ ଫ୍ରାନ୍ସ
୨– ଲାସ୍ ଭେଗାସ୍ ଷ୍ଟ୍ରିପ୍ ........................ ଲାସ୍ ଭେଗାସ୍
୩– ଭାୟା ଡୋଲୋରୋସା ........................ ଜେରୁସାଲେମ୍
୪– ୱାଲ୍ ଷ୍ଟ୍ରିଟ୍ ........................ ନ୍ୟୁୟର୍କ
୫– ଖାଓ ସ୍ୟାନ୍ ରୋଡ୍ ........................ ବ୍ୟାଙ୍ଗକକ୍
୬– ଅର୍‌ଚାର୍ଡ ରୋଡ୍ ........................ ସିଙ୍ଗାପୁର୍
୭– ଲା ରାମ୍ଭଲା ........................ ବାର୍ସେଲୋନା, ସ୍ପେନ୍
୮– ହଲିଉଡ୍ ୱାକ୍ ଅଫ୍ ଫେମ୍ ........................ ଲସ୍ ଆଞ୍ଜେଲ୍ସ
୯– ଆବେ ରୋଡ୍ ........................ ଲଣ୍ଡନ
୧୦– ଲମ୍ବାର୍ଡ ଷ୍ଟ୍ରିଟ୍ ........................ ସ୍ୟାନ୍ ଫ୍ରାନ୍ସିସ୍କୋ

## ଜାଣନ୍ତୁ ଦୁନିଆ

# ଭୂକମ୍ପ ସୂଚନା ଦେବ ଏଆଇ

ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ବର୍ତ୍ତମାନ ପ୍ରାୟ ସବୁ କ୍ଷେତ୍ରରେ ଏହାର କାୟା ବିସ୍ତାର କରିବାରେ ଲାଗିଛି। ମଣିଷ ତୁଳନାରେ କମ୍ ଭୁଲ୍, ଅଳ୍ପ ସମୟରେ ଅଧିକ କାମ ସହ ୨୪ ଘଣ୍ଟା ଉପଲବ୍ଧ ହୋଇପାରୁଥିବାରୁ ଏହା ସବୁଠି ଆଦୃତ ହେବାରେ ଲାଗିଛି। ହେଲେ ଆପଣ କେବେ ଭାବିଛନ୍ତି କି, ଭବିଷ୍ୟବାଣୀ ଦେବା ଲାଗି ବି ଏଆଇର ବ୍ୟବହାର କରାଯାଇପାରେ। ହେଲେ ଏହା ସମ୍ପୂର୍ଣ୍ଣ ସତ। ଜାଣିବା ସେ ସମ୍ପର୍କରେ...

ବର୍ତ୍ତମାନ ଅଧିକାଂଶ କ୍ଷେତ୍ରରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାର କରାଯାଉଛି। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ବର୍ତ୍ତମାନ ଏଆଇ ଭୂକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟ ସମ୍ପର୍କରେ ମଧ୍ୟ ଭବିଷ୍ୟବାଣୀ ଦେଇପାରିବ। ଏକ ଗବେଷଣା ରିପୋର୍ଟ ମୁତାବକ ଭୂକମ୍ପ ସମ୍ପର୍କରେ ଏଆଇ ଏକ ସପ୍ତାହ ପୂର୍ବରୁ ସୂଚନା ଦେଇପାରୁଛି, ଯାହାକି ପ୍ରାୟ ୭୦ ପ୍ରତିଶତ ଠିକ୍ ମଧ୍ୟ ରହୁଛି।

ଚାଇନାର ଅଷ୍ଟିନ୍‌ସ୍ଥିତ ଟେକ୍ସାସ୍ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ଏଭଳି ଏଆଇ ପ୍ରସ୍ତୁତ କରିଛନ୍ତି, ଯାହା ଠିକ୍ ସମୟରେ ଭୂକମ୍ପ ସମ୍ପର୍କରେ ସୂଚନା ଦେବା ଲାଗି ତାଲିମପ୍ରାପ୍ତ। ତାଲିମ ପୂର୍ବରୁ ଏହି ଏଆଇକୁ ପୂର୍ବରୁ ହୋଇଥିବା କେତୋଟି ଭୂକମ୍ପ ଡାଟା ପ୍ରଦାନ କରାଯାଇଥିଲା। ୭ ମାସ ପରୀକ୍ଷଣ କରାଯିବା ସମୟରେ ଦେଖାଯାଇଥିଲା ଯେ, ୨୦୦ ମାଇଲ ଦୂରତା ମଧ୍ୟରେ ହେବାକୁ ଥିବା ୧୪ଟି ଭୂକମ୍ପ ବିଷୟରେ ଏହି ଏଆଇ ସଠିକ ସୂଚନା ଏକ ସପ୍ତାହ ପୂର୍ବରୁ ସୂଚନା ଦେଇଥିଲା। ଯଦିଓ ଏହା ବ୍ୟତୀତ ଗୋଟିଏ ଭୂକମ୍ପ ବିଷୟରେ ତାହା ନ ଜାଣିପାରିବା ବେଳେ ଅନ୍ୟ ଆଠଟି ବିଷୟରେ ଭୁଲ ତଥ୍ୟ ଦେଇଥିଲା। ତଥାପି ଏହି ଏଆଇ ପ୍ରାୟ ୭୦ ପ୍ରତିଶତ ଠିକ୍ ତଥ୍ୟ ଦେଇ ପାରୁଥିବାରୁ ଭବିଷ୍ୟତରେ ଏହାଦ୍ୱାରା ଭୂକମ୍ପ ଟ୍ରାକିଂ କରିହେବା ସହ ଏହାଯୋଗୁ ହେଉଥିବା କ୍ଷୟ କ୍ଷତିକୁ କିଛି ମାତ୍ରାରେ ରୋକାଯାଇପାରିବ।




# ସେଫ୍ ଡ୍ରାଇଭିଂ

ବର୍ତ୍ତମାନ ବେପରୁଆ ଗାଡ଼ିଚାଳନା ସାଙ୍ଗକୁ ଗାଡ଼ିରେ ମୋବାଇଲ ଫୋନ୍ ବ୍ୟବହାର ଦିନକୁଦିନ ସଡ଼କ ଦୁର୍ଘଟଣାଜନିତ ଜୀବନହାନି ସଂଖ୍ୟା ବୃଦ୍ଧି କରୁଛି। ତେଣୁ ସୁରକ୍ଷା ଦୃଷ୍ଟିରୁ ଏଥିପ୍ରତି ସଚେତନ ରହିବା ଆବଶ୍ୟକ...





ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ୍ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ମୁତାବକ, ବର୍ତ୍ତମାନ ସମଗ୍ର ପୃଥିବୀରେ ୮ମ ସର୍ବାଧିକ ମୃତ୍ୟୁସଂଖ୍ୟାର କାରଣ ସାଜିଛି ସଡ଼କ ଦୁର୍ଘଟଣା। ଏହାଦ୍ୱାରା କୌଣସି ନା କୌଣସି ସ୍ଥାନରେ ପ୍ରତି ୨୪ ସେକେଣ୍ଡରେ ଜଣଙ୍କର ବା ବର୍ଷକୁ ପ୍ରାୟ ୧.୩ ବିଲିୟନ୍ ଜୀବନହାନି ହେଉଛି। ତେବେ ଅତ୍ୟନ୍ତ ପରିତାପର ବିଷୟ ଯେ, ସବୁଆଡ଼େ ହେଉଥିବା ଦୁର୍ଘଟଣା ମଧ୍ୟରେ ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର ସର୍ବାଧିକ। ଅର୍ଥାତ୍ ଏଠାରେ ବର୍ଷକୁ ୧.୫ ମିଲିୟନ ଲୋକଙ୍କ ମୃତ୍ୟୁ ହେଉଥିବା ବେଳେ ସେଥିରେ ଯୁବପିଢ଼ିଙ୍କ ସଂଖ୍ୟା ସର୍ବାଧିକ।

ଗାଡ଼ି ଚଳାଇବା ବେଳେ ସାମାନ୍ୟ ଅବହେଳା ବି ବଡ଼ ଦୁର୍ଘଟଣାର କାରଣ ସାଜିପାରେ। ତେଣୁ ନିଜ ସହିତ ଅନ୍ୟମାନଙ୍କ ସୁରକ୍ଷା ନିମନ୍ତେ ଗାଡ଼ି ଚଳାଇବା ବେଳେ କେତେକ ଦିଗ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ...

**ଦ୍ରୁତ ଗତି ମହାବିପତ୍ତି:** ଅଧିକ ସ୍ପିଡ୍‌ରେ ଗାଡ଼ି ଚଳାଇବା ବର୍ତ୍ତମାନ ଅଧିକାଂଶ ଦୁର୍ଘଟଣାର ମୂଳ କାରଣ ସାଜିଛି। ସ୍ପିଡ୍‌ରେ ଗାଡ଼ି ଚଳାଇବା ଦ୍ୱାରା ଆଗରେ କୌଣସି ଗାଡ଼ି, ମଣିଷ କିମ୍ବା ପଶୁ ଆସିଗଲେ ପିଟି ହୋଇଯାଏ କିମ୍ବା ହଠାତ୍ ବ୍ରେକ୍ କରିବା ଦ୍ୱାରା ଗାଡ଼ି ଭାରସାମ୍ୟ ହରାଇ ପଡ଼ିଯାଏ। ଏପରି ନ ହେବା ଲାଗି ଗାଡ଼ିର ସ୍ପିଡ୍ ସବୁବେଳେ ମଧ୍ୟମ ତଥା ନିୟନ୍ତ୍ରଣରେ ରଖନ୍ତୁ।

**ଫୋନ୍ ବ୍ୟବହାର ବିପଦପୂର୍ଣ୍ଣ:** ନ୍ୟାଶନାଲ ସେଫ୍ଟି କାଉନ୍‌ସିଲ ରିପୋର୍ଟ ଅନୁଯାୟୀ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ଦୁର୍ଘଟଣା ପାଇଁ ବିଶେଷ ଭାବେ ଦାୟୀ। ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, ସିଧାସଳଖ ମୋବାଇଲ ଫୋନ୍ ନ ଧରି ବ୍ଲୁଟୁଥ୍ ଭଳି ହ୍ୟାଣ୍ଡ୍‌ସ ଫ୍ରି ଡିଭାଇସ୍ ବ୍ୟବହାର କରିବା ନିରାପଦ। ହେଲେ ବାସ୍ତବରେ ଏହା ମଧ୍ୟ ଦୁର୍ଘଟଣା ଲାଗି ସମପରିମାଣରେ ଦାୟୀ। ତେବେ ଏହାଦ୍ୱାରା ଚାଳକ ନିଜ ଜୀବନ ସହିତ ଅନ୍ୟମାନଙ୍କ ଜୀବନକୁ ମଧ୍ୟ ମୃତ୍ୟୁମୁଖକୁ ଠେଲି ଦେଇଥାଏ। କେବଳ ଏତିକି ନୁହେଁ, ବର୍ତ୍ତମାନ ଅଧିକାଂଶ ଯୁବପିଢ଼ିଙ୍କଠାରେ ଗାଡ଼ି ଚଳାଇବା ବେଳେ ଦେଖିବାକୁ ମିଳୁଥିବା ସେଲ୍‌ଫି ନେବା, ଭିଡିଓ ଶୁଟ୍ କରିବାର କ୍ରେଜ୍ ବି ଆକ୍ସିଡେଣ୍ଟ ହେବାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଗାଡ଼ି ଚଳାଇବା ବେଳେ କଲ୍ ଆସୁଥିଲେ ରାସ୍ତା କଡ଼ରେ ଡ୍ରାଇଭିଂ ବନ୍ଦ କରି କଥା ହୁଅନ୍ତୁ କିମ୍ବା ପହଞ୍ଚିବା ପରେ ଫୋନ୍ କରନ୍ତୁ । ସେହିପରି ଗାଡ଼ି ଚଳାଇବା ବେଳେ ଫଟୋ, ଭିଡିଓ ଆଦି ଉଠାନ୍ତୁ ନାହିଁ କିମ୍ବା ଗାଡ଼ିରେ ବସିଥିଲେ ଚାଳକଙ୍କୁ ଏସବୁ କରି ଡିଷ୍ଟର୍ବ କରନ୍ତୁ ନାହିଁ। ଏଭଳି ଦୁର୍ଘଟଣା ରୋକିବା ଲାଗି କାଲିଫର୍ନିଆ, କନେକ୍ଟିକଟ୍, ଡେଲାୱେର୍, ୱାଶିଂଟନ୍ ଡିସି, ହାୱାଇ, ଇଲିନୋଇସ୍, ମାରିଲାଣ୍ଡ, ନେଭାଡ଼ା, ନ୍ୟୁୟର୍କ, ଆରେଗନ୍, ଭେରମଣ୍ଟ ଭଳି କେତେକ ସହରରେ ଗାଡ଼ି ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର କରିବା ନିଷେଧ କରାଯାଇଛି।

**ହେଲ୍‌ମେଟ୍ ଓ ସିଟ୍‌ବେଲ୍ଟ:**
ଅନେକେ ଟ୍ରାଫିକ୍ ନିୟମ ଅନୁଯାୟୀ ଫାଇନ୍ ଦେବା ଡରରେ ହେଲ୍‌ମେଟ୍ ପିନ୍ଧୁଥିବା ବେଳେ ଟ୍ରାଫିକ୍ ନ ଥିବା ସ୍ଥାନରେ ହେଲ୍‌ମେଟ୍ ଖୋଲି ଗାଡ଼ି ଚଳାନ୍ତି। ହେଲେ ଏହାଦ୍ୱାରା ଦୁର୍ଘଟଣା ହେଲେ ମୁଣ୍ଡରେ ଆଘାତ ଲାଗିବା ସହ ମୃତ୍ୟୁ ଆଶଙ୍କା ବୃଦ୍ଧି ପାଇଥାଏ। ତେଣୁ ଦୁଇଚକିଆ ଯାନ ଚଳାଇବା ବେଳେ ହେଲମେଟ୍ ନିହାତି ପିନ୍ଧିବା ଆବଶ୍ୟକ। ସେହିପରି ପଛରେ ବସିଥିବା ବ୍ୟକ୍ତିଙ୍କୁ ବି ହେଲ୍‌ମେଟ୍ ପିନ୍ଧିବା ଜରୁରୀ। ସେହିପରି ୪ ଚକିଆ ଗାଡ଼ି ଚଳାଇବା ବେଳେ ସିଟ୍ ବେଲ୍ଟ ବାନ୍ଧିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା । କାରଣ ହଠାତ୍ ଆକ୍ସିଡେଣ୍ଟ ହୋଇଗଲେ ଏହା ବେଶି କ୍ଷତି ହେବାରୁ ରକ୍ଷା କରିଥାଏ । ତେଣୁ ଏଥିପ୍ରତି ସତର୍କ ହେବା ଜରୁରୀ।

**ରୁହନ୍ତୁ ନିଶାମୁକ୍ତ:** ଆଲ୍‌କୋହଲ ପିଇ ଗାଡ଼ି ଚଳାଇବା ଦୁର୍ଘଟଣାର ଅନ୍ୟ ଏକ ମୁଖ୍ୟ କାରଣ। ତେଣୁ ଡ୍ରିଙ୍କ୍ କରିଥିଲେ ଗାଡ଼ି ଚଳାନ୍ତୁ ନାହିଁ । କାରଣ ଆପଣଙ୍କ ଏହି ଭୁଲ ନିଜ ସହିତ ଅନ୍ୟର ଜୀବନକୁ ବି ବିପଦରେ ପକାଇପାରେ।

**ଓଭରଲୋଡ୍:** ବାଇକ୍ ହେଉ ବା କାର୍, ଗୋଟେ ଗାଡ଼ିରେ ଆବଶ୍ୟକତାଠାରୁ ଅଧିକ ବ୍ୟକ୍ତି ଯାଆନ୍ତୁ ନାହିଁ । କାରଣ ଏହାଦ୍ୱାରା କେବେକେବେ ଗାଡ଼ି ଭାରସାମ୍ୟ ହରାଇ ଦୁର୍ଘଟଣା ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ।

**ଟ୍ରାଫିକ୍ ନିୟମ:** ଟ୍ରାଫିକ ନିୟମକୁ କେବଳ ଫାଇନ୍ ଦେବାରୁ ବଞ୍ଚିତ ହେବାର ଏକ ମାଧ୍ୟମ ବୋଲି ଭାବନ୍ତୁ ନାହିଁ। ମଣିଷସମାଜର ସୁରକ୍ଷା ନିମନ୍ତେ କରାଯାଇଥିବା ଏହିସବୁ ନିୟମ ମାନନ୍ତୁ ଏବଂ ନିଜ ସହ ଅନ୍ୟମାନଙ୍କୁ ମଧ୍ୟ ସୁରକ୍ଷିତ ରଖନ୍ତୁ।

### କ'ଣ କୁହନ୍ତି ଏମାନେ...



**ହରପ୍ରସାଦ ସ୍ୱାଇଁ** (କର୍ମଜୀବୀ, ହରିଅନ୍ତା, ପିପିଲି, ପୁରୀ)– ସଡକ ସୁରକ୍ଷା ଆଜିର ଦିନରେ ସମସ୍ତଙ୍କ ପାଇଁ ଏକ ବଡ ଚ୍ୟାଲେଞ୍ଜ। କାରଣ ବର୍ତ୍ତମାନ ଯେତେମାତ୍ରାରେ ଗାଡି ସଂଖ୍ୟା ବଢୁଛି ଅନେକଙ୍କ ବେପରୁଆ ଗାଡି ଚାଳନା ଯୋଗୁ ମୃତ୍ୟୁସଂଖ୍ୟା ସେତେ ବୃଦ୍ଧି ପାଉଛି। ତେଣୁ ମୋ ମତରେ ଗାଡି ଚଲାଇବା ବେଳେ ସତର୍କ ରହିବା ଆବଶ୍ୟକ। ତା'ଛଡା ଷ୍ଟାଇଲ୍ ପାଇଁ ଅଧିକ ହେଭି ଏବଂ ସ୍ପିଡ୍ ଗାଡି ପରିବର୍ତ୍ତେ ଆମ ଅଞ୍ଚଳର ରାସ୍ତାଘାଟକୁ ଚାହିଁ ଗାଡି ବ୍ୟବହାର କରିବା ଦରକାର। ତେଣୁ ରାସ୍ତା ପାର ହେବା ବେଳେ ଉଭୟ ପାର୍ଶ୍ୱକୁ ଭଲ ଭାବେ ଦେଖିବା ତଥା ଗାଡି ଚଲାଇବା ବେଳେ ସ୍ପିଡ୍‌ରେ କାହାକୁ ଓଭରଟେକ୍ ନ କରିବା ଦିଗରେ ସବୁବେଳେ ଯତ୍ନଶୀଳ ରହିଥାଏ।



**ମନୋଜ କୁମାର ସାହୁ**(ଛାତ୍ର, ଫୁଲନଖରା, କଟକ)– ଦୁର୍ଘଟଣା ସବୁବେଳେ ଅକସ୍ମାତ ହୋଇଥାଏ। ହେଲେ ସାମାନ୍ୟ ଅବହେଳା କିମ୍ବା ବେପରୁଆ ଗାଡି ଚାଳନା ପାଇଁ ଯେପରି ନିଜେ କିମ୍ବା ମୋ ପାଇଁ ଅନ୍ୟ କେହି ଅସୁବିଧାର ସମ୍ମୁଖିନ ନ ହେଉ ସେଥିପ୍ରତି ସଜାଗ ରହିଥାଏ। ଟ୍ରାଫିକ୍ ନିୟମ ମାନିବା ସହ ସବୁବେଳେ ହେଲ୍‌ମେଟ୍ ବ୍ୟବହାର କରେ ଏବଂ ସ୍ପିଡ୍ ନିୟନ୍ତ୍ରଣରେ ରଖେ। ସବୁଠୁ ବଡ କଥା ହେଲା ଗାଡି ଚଲାଇବା ବେଳେ ମୋବାଇଲ୍ ଫୋନ୍‌ରେ କଥା କିମ୍ବା ସେଲ୍ଫି ନେବା ଭଳି କାର୍ଯ୍ୟ ଆଦୌ କରେ ନାହିଁ କିମ୍ବା କାହା ପଛରେ ଗାଡିରେ ବସିଥିବା ବେଳେ ଡିଷ୍ଟର୍ବ ମଧ୍ୟ କରେ ନାହିଁ।







## ୟୁଥ୍ ଆଲର୍ଟ

# ଅମୃତଭଣ୍ଡା ସହ ଏହି ଖାଦ୍ୟ ମନା...

ଅମୃତଭଣ୍ଡା ଖାଇବାକୁ ଅନେକେ ଭଲପାଆନ୍ତି। ଏହା କେବଳ ସ୍ୱାଦିଷ୍ଟ ନୁହେଁ, ବରଂ ଏଥିରେ ଭରି ରହିଛି ଅନେକ ପୋଷକତତ୍ତ୍ୱ। ହେଲେ ଆପଣ ଜାଣନ୍ତିକି ଏହା ସହ କେତେକ ଖାଦ୍ୟ ଖାଇବା ଦ୍ୱାରା ଏହାର ଗୁଣବତ୍ତା ନଷ୍ଟ ହେବା ସହ ବିଭିନ୍ନ ସମସ୍ୟା ବି ଉପୁଜିପାରେ। ଜାଣିରଖନ୍ତୁ କେଉଁ ଖାଦ୍ୟ ଅମୃତଭଣ୍ଡା ସହ ଖାଇବା ଠିକ୍ ନୁହେଁ...



**କ୍ଷୀର :** ଫ୍ରୁଟ୍ ସେକ୍ ପିଇବାକୁ ଅନେକେ ବହୁତ ଭଲପାଆନ୍ତି, ଯାହାକୁ ପ୍ରସ୍ତୁତ କରିବା ଲାଗି ଫଳକୁ କ୍ଷୀର ସହ ମିଶାଇ ଗ୍ରାଇଣ୍ଡିଂ କରାଯାଏ। ହେଲେ ଆପଣ ଜାଣନ୍ତିକି, କ୍ଷୀର ସହ ଅମୃତଭଣ୍ଡା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହୋଇପାରେ। କାରଣ ଏହାଦ୍ୱାରା ପେଟ ଯନ୍ତ୍ରଣା, ଗ୍ୟାସ୍, ବଦହଜମି, କୋଷ୍ଠକାଠିନ୍ୟ ଏବଂ କେବେକେବେ ଝାଡ଼ାବାନ୍ତି ଭଳି ସମସ୍ୟା ବି ଉପୁଜିପାରେ।

**ଦହି:** କେବଳ କ୍ଷୀର ନୁହେଁ, ଦହି ବି ଏହା ସହ ଖାଇବା ଠିକ୍ ନୁହେଁ। ଆୟୁର୍ବେଦ ଅନୁଯାୟୀ ଅମୃତଭଣ୍ଡା ଗରମ ଓ ଦହି ଥଣ୍ଡା ହୋଇଥିବାରୁ ଏହି ଦୁଇଟି ଖାଦ୍ୟ ମିଶାଇ ଖାଇବା ଦ୍ୱାରା ଥଣ୍ଡା, କଫ, ମୁଣ୍ଡବିନ୍ଧା ଭଳି ସମସ୍ୟା ଦେଖାଦେଇପାରେ। ତେଣୁ ଅମୃତଭଣ୍ଡା ଖାଇବାର ଅତିକମ୍‌ରେ ଏକ ଘଣ୍ଟା ପରେ ଦହି ଖାଆନ୍ତୁ।

**କମଳା ଏବଂ ଲେମ୍ବୁ:** ଫ୍ରୁଟ୍ ଚାଟ୍‌ରେ ସବୁ ଫଳ ଏକାଠି ଖାଇବାକୁ କିଏ ବା ଭଲ ନ ପାଏ ! କିନ୍ତୁ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ କିଛି ଫଳ ଏମିତି ଅଛି, ଯାହାକୁ ଅନ୍ୟ ଫଳ ସହ ଖାଇବା ସ୍ୱାସ୍ଥ୍ୟକର ନୁହେଁ। ଠିକ୍ ଯେମିତି ଅମୃତଭଣ୍ଡା ସହ କମଳା କିମ୍ବା ଲେମ୍ବୁ ଆଦି ଖଟା ଫଳ ଖାଇବା ଭଲ ନୁହେଁ। କାରଣ ଏଭଳି ଫଳରେ ଥିବା ସାଇଟ୍ରିକ୍ ଏସିଡ୍ ଏବଂ ଭିଟାମିନ୍ ସି ଅମୃତ ଭଣ୍ଡା ସହ ମିଶିବା ପରେ ହଜମ ସମସ୍ୟା ସୃଷ୍ଟି କରିଥାଏ। ଏହା ଏସିଡିଟି, ଛାତି ପୋଡ଼ିବା, ପାକସ୍ଥଳୀରେ ଯନ୍ତ୍ରଣା ଆଦି ସମସ୍ୟାର କାରଣ ସାଜିପାରେ।



**କଲରା:** ଅମୃତଭଣ୍ଡାରେ ଜଳୀୟ ଅଂଶ ଭରପୂର ମାତ୍ରାରେ ଥିବାରୁ ଏହା ଶରୀରକୁ ହାଇଡ୍ରେଟ୍ ରଖିଥାଏ। କିନ୍ତୁ କଲରା ଅତ୍ୟନ୍ତ ପିତା ହେବା ସହ ଏହା ଶରୀରରୁ ଜଳୀୟାଂଶ ଶୋଷି ନେଇଥାଏ। ତେଣୁ ଏହି ଦୁଇଟି ଖାଦ୍ୟ ଏକାଠି ଖାଇବା ଦ୍ୱାରା ଡିହାଇଡ୍ରେଶନ୍ ସମସ୍ୟା ଉପୁଜିପାରେ। ତେଣୁ ଏହି ଦୁଇଟି ଖାଦ୍ୟ ଏକାଠି ନ ଖାଇବା ଭଲ।







ସୁନିଧି ଚୌହାନ

# ଅହମଦାବାଦରେ ମ୍ୟୁଜିକାଲ ସ୍ପେଶାଲ

**ଅହମଦାବାଦ,୧୪।୧୦(ପି.ଟି.)**

ଚଳିତ ବିଶ୍ୱକପ୍‌ରେ ଉଦ୍‌ଘାଟନୀ ସମାରୋହ ହୋଇ ନ ଥିବା ବେଳେ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଏକ ମ୍ୟୁଜିକାଲ ସ୍ପେଶାଲ ଆୟୋଜନ କରିଥିଲା ବିସିସିଆଇ। ଏହି କାର୍ଯ୍ୟକ୍ରମରେ ବଲିଉଡ୍‌ର ନାମୀଦାମୀ ସିଙ୍ଗରମାନେ ଯୋଗ ଦେଇଥିଲେ। ଅରିଜିତ୍ ସିଂ, ସୁଖବିନ୍ଦର ସିଂ, ସୁନିଧି ଚୌହାନ ଓ ଶଙ୍କର ମହାଦେବନଙ୍କ ପରି ଗୀତିକାରମାନେ ଯୋଗଦେଇ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ମ୍ୟାଚ୍‌ର ଦେଢ ଘଣ୍ଟା ପୂର୍ବରୁ ଏହି ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ତେବେ କେବଳ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ ଏହି କାର୍ଯ୍ୟକ୍ରମର ମଜା ନେଇଥିଲେ। ଏହାର ଲାଇଭ୍ ପ୍ରସାରଣ କରାଯାଇ ନ ଥିବାରୁ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା। ଶଙ୍କର ମହାଦେବନ, ଅରିଜିତ୍ ସିଂ ଓ ସୁଖବିନ୍ଦର ସିଂ ପ୍ରଥମେ ବନ୍ଦେ ମାତରମ୍ ଗୀତ ଗାଇଥିବା ବେଳେ ଶଙ୍କର ମହାଦେବନ ତାଙ୍କର ସିଙ୍ଗଲ୍ସ ଗୌର ସେ ସୁନଲୋ ଦୁନିଆୱାଲୋ ଗାଇଥିଲେ। ସୁଖବିନ୍ଦର ଓ ସୁନିଧିଙ୍କ 'ଶାକି ଶାକି' ଗୀତରେ ଦର୍ଶକ ଝୁମିଥିବା ବେଳେ ପ୍ରତ୍ୟେକ ସିଙ୍ଗର ନିଜର ହିଟ୍ ସିଙ୍ଗଲ୍ସ ଗାଇଥିଲେ। ଏହା ସହିତ ବିସିସିଆଇ ପକ୍ଷରୁ ଗୋଲ୍ଡେନ୍ ଟିକେଟ ପାଇଥିବା ସୁପରଷ୍ଟାର ରଜନୀକାନ୍ତ ଓ ଅମିତାଭ ବଚ୍ଚନ ଯୋଗ ଦେଇ ମ୍ୟୁଜିକାଲ ସ୍ପେଶାଲର ମଜା ନେଇଥିଲେ। ବିଶ୍ୱକପ୍‌ର ଆମ୍ବାସାଡର ରହିଥିବା ସଚିନ ତେନ୍ଦୁଲକର ଓ ପୂର୍ବତନ ଓପନର ବୀରେନ୍ଦ୍ର ସେହ୍ୱାଗ ମ୍ୟାଚ୍ ପୂର୍ବରୁ ଉପସ୍ଥିତ ରହିଥିଲେ।



ସଙ୍ଗୀତ ପରିବେଷଣ ଅବସରରେ ସୁଖବିନ୍ଦର ସିଂ।



ଶଙ୍କର ମହାଦେବନ

## ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୨ | ୧ | ୧ | ୨ | +୦.୫୫୩ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |
| ଆଫଗାନିସ୍ତାନ | ୨ | ୦ | ୨ | ୦ | -୧.୯୦୭ |

## ସ୍କୋର ବୋର୍ଡ

**ପାକିସ୍ତାନ ଇନିଂସ**

ଅବ୍‌ଦୁଲ୍ଲା ଶଫିକ୍-ଏଲ୍‌ବିଡବ୍ଲ୍ୟୁ-ସିରାଜ-୨୦
ଇମାମ ଉଲ୍ ହକ୍-କ-ରାହୁଲ-ବୋ-ହାର୍ଦ୍ଦିକ-୩୬
ବାବର ଆଜମ- ବୋ-ସିରାଜ-୫୦
ମହମ୍ମଦ ରିଜୱାନ-ବୋ-ବୁମ୍‌ରା-୪୯
ସୌଦ ଶକିଲ-ଏଲ୍‌ବିଡବ୍ଲ୍ୟୁ-କୁଲଦୀପ-୬
ଇଫତିଖାର ଅହମଦ-ବୋ-କୁଲଦୀପ-୪
ଶଦାବ ଖାନ୍-ବୋ-ବୁମ୍‌ରା-୨
ମହମ୍ମଦ ନୱାଜ-କ-ବୁମ୍‌ରା-ବୋ-ହାର୍ଦ୍ଦିକ-୪
ହସନ ଅଲି-କ-ଶୁବମନ-ବୋ-ଜାଡେଜା-୧୨
ଶାହିନ ଆଫ୍ରିଦୀ-ନଟ୍‌ଆଉଟ-୨
ହାରିସ ରୌଫ୍-ଏଲ୍‌ବିଡବ୍ଲ୍ୟୁ-ଜାଡେଜା-୨
ଅତିରିକ୍ତ: ୪
ମୋଟ: (୪୨.୫ ଓଭର/ଅଲଆଉଟ) ୧୯୧।
ଉଇକେଟ ପତନ: ୧/୪୧, ୨/୭୩, ୩/୧୫୫, ୪/୧୬୨, ୫/୧୬୬, ୬/୧୬୮, ୭/୧୭୧, ୮/୧୮୭, ୯/୧୮୭।

**ବୋଲିଂ (ଭାରତ)**

ଯଶପ୍ରୀତ ବୁମ୍‌ରା ୭-୧-୧୯-୨
ମହମ୍ମଦ ସିରାଜ ୮-୦-୫୦-୨
ହାର୍ଦ୍ଦିକ ପାଣ୍ଡ୍ୟା ୬-୦-୩୪-୨
କୁଲଦୀପ ଯାଦବ ୧୦-୦-୩୫-୨
ରବୀନ୍ଦ୍ର ଜାଡେଜା ୯.୫-୦-୩୮-୨
ଶାର୍ଦ୍ଦୂଳ ଠାକୁର ୨-୦-୧୨-୦।

**ଭାରତ ଇନିଂସ**

ରୋହିତ ଶର୍ମା-କ-ଇଫ୍‌ତିଖାର ଅହମଦ-ବୋ-ଶାହିନ ଆଫ୍ରିଦୀ-୮୬
ଶୁବମନ ଗିଲ୍-କ-ଶଦାବ ଖାନ୍-ବୋ-ଶାହିନ ଆଫ୍ରିଦୀ-୧୬
ବିରାଟ କୋହଲି-କ-ମହମ୍ମଦ ନୱାଜ-ବୋ-ହସନ ଅଲି-୧୬
ଶ୍ରେୟସ ଆୟର-ନଟ ଆଉଟ-୫୩
କେ.ଏଲ୍. ରାହୁଲ-ନଟ ଆଉଟ-୧୯
ଅତିରିକ୍ତ: ୨
ମୋଟ: (୩୦.୩ ଓଭର/୩ ଉଇକେଟ) ୧୯୨।
ଉଇକେଟ ପତନ: ୧/୨୩, ୨/୭୯, ୩/୧୫୬।

**ବୋଲିଂ (ପାକିସ୍ତାନ)**

ଶାହିନ ଆଫ୍ରିଦୀ ୬-୦-୩୬-୨
ହସନ ଅଲି ୬-୦-୩୪-୧
ମହମ୍ମଦ ନୱାଜ ୮.୩-୦-୪୭-୦
ହାରିସ ରୌଫ୍ ୬-୦-୪୩-୦
ଶଦାବ ଖାନ୍ ୪-୦-୩୧-୦

# ଭ୍ୟୁୟରଶିପ୍ ରେକର୍ଡ ଭାଙ୍ଗିଲା

**ନୂଆଦିଲ୍ଲୀ,୧୪।୧୦(ପି.ଟି.)**

ଓଟିଟି ଭ୍ୟୁୟରଶିପ ସମସ୍ତ ରେକର୍ଡ ଭାଙ୍ଗିଲା ଭାରତ-ପାକିସ୍ତାନ ମ୍ୟାଚ୍। ଶନିବାର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚକୁ ଓଟିଟିରେ ସର୍ବାଧିକ ୩.୫ କୋଟି ଲୋକ ଦେଖିଥିଲେ। ଭାରତରେ ଅନୁଷ୍ଠିତ କୌଣସି କ୍ରୀଡା ଇଭେଣ୍ଟ ପାଇଁ ଓଟିଟିରେ ଏହା ଏକ ରେକର୍ଡ। ଏହା ସହିତ ଆଇପିଏଲ୍ ଫାଇନାଲର ରେକର୍ଡକୁ ଭାଙ୍ଗି ଦେଇଛି ଏହି ମ୍ୟାଚ୍। ଆଇପିଏଲ୍ ଫାଇନାଲକୁ ସର୍ବାଧିକ ୩.୨ କୋଟି ଦର୍ଶକ ଦେଖିଥିଲେ। ବିଶ୍ୱକପ ମ୍ୟାଚ୍‌ଟି ଟିଭିରେ ମଧ୍ୟ ପ୍ରଦର୍ଶିତ ହେଉଥିବା ବେଳେ ଏହାର ଭ୍ୟୁୟରଶିପ ସଂଖ୍ୟା ଜଣା ପଡିନାହିଁ। ଏକ ସପ୍ତାହ ମଧ୍ୟରେ ବାର୍କର ରିପୋର୍ଟ ଆସିବା ପରେ ଏହିଚ ସଂଖ୍ୟା ପ୍ରକାଶ ପାଇବ ବୋଲି ଜଣାପଡିଛି। ବିଶ୍ୱକପର ଉଭୟ ଟିଭି ଓ ଡିଜିଟାଲ ରାଇଟ୍ସ ଡିଜନୀ+ହଟଷ୍ଟାର ନିକଟରେ ରହିଛି। ଏହା ସହିତ ସମଗ୍ର ଦେଶର ୧୧୬ଟି ସେଣ୍ଟରରେ ମ୍ୟାଚ୍ ପ୍ରସାରଣ ପାଇଁ ଡିଜନୀ+ହଟଷ୍ଟାର ଅନୁମତି ଦେଇଛି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଇଂଲଣ୍ଡ ବନାମ ଆଫଗାନିସ୍ତାନ**

**ସ୍ଥାନ: ଦିଲ୍ଲୀ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଭୁଲ୍ ଜର୍ସିରେ ନଜର ଆସିଲେ କୋହଲି

**ଅହମଦାବାଦ,୧୪।୧୦(ପି.ଟି.)**

ଭାରତୀୟ ଦଳର ଷ୍ଟାର ବ୍ୟାଟର ବିରାଟ କୋହଲି ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭୁଲ୍ ଜର୍ସି ପିନ୍ଧି ଖେଳିବାକୁ ପଳାଇ ଆସିଥିଲେ। ଭାରତ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନେଇଥିବା ବେଳେ କୋହଲି ଭୁଲ ଜର୍ସିରେ ପ୍ରାୟ ୭ ଓଭର ଫିଲ୍ଡିଂ କରିଥିଲେ। କୋହଲି ପିନ୍ଧିଥିବା ଜର୍ସିରେ କାନ୍ଧରେ ୩ଟି ଧଳା ଷ୍ଟ୍ରିପ ରହିଥିଲା। ତେବେ ବିଶ୍ୱକପ ପାଇଁ ପ୍ରସ୍ତୁତ ଭାରତୀୟ ଜର୍ସିରେ ଉକ୍ତ ସ୍ଥାନରେ ତିରଙ୍ଗାର ରଙ୍ଗ ରହିଛି। ଅଷ୍ଟମ ଓଭରରେ ଅବଦୁଲ୍ଲା ଶଫିକ୍ ଆଉଟ ହେବା ପରେ କୋହଲି ନିଜ ଭୁଲ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଏହାପରେ ସେ ଡଗ୍‌ଆଉଟକୁ ଦୌଡି ଯିବା ସହିତ ଜର୍ସି ପରିବର୍ତ୍ତନ କରି ଆସିଥିଲେ।



ବିରାଟ କୋହଲି (ବାମରୁ ଦ୍ୱିତୀୟ)।



ମ୍ୟୁଜିକାଲ ସ୍ପେଶାଲର ଅନ୍ୟତମ ଆକର୍ଷଣ ଅରିଜିତ ସିଂ।

# ଦିନିକିଆରେ ରୋହିତଙ୍କ ୩୦୦ ଛକା

**ଅହମଦାବାଦ,୧୪।୧୦(ପି.ଟି.)**

ଦିନିକିଆ କ୍ରିକେଟରେ ୩୦୦ ଛକା ପୂରଣ କରିଛନ୍ତି ରୋହିତ ଶର୍ମା। ହାରିସ୍ ରୌଫ୍‌ଙ୍କୁ ଚମତ୍କାର ପୁଲ୍ ଶଟ୍ ଜରିଆରେ ଛକା ମାରିବା ସହିତ ରୋହିତ ଦିନିକିଆରେ ୩୦୦ ଛକା ପୂରଣ କରିଥିଲେ। ଦିନିକିଆ ଅନ୍ତର୍ଜାତୀୟରେ ଛକା ସଂଖ୍ୟାରେ ରୋହିତ ବର୍ତ୍ତମାନ ତୃତୀୟ ସ୍ଥାନରେ ରହିଛନ୍ତି। କ୍ରିସ୍ ଗେଲ୍ ୩୩୧ ଛକା ସହିତ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଶାହିଦ ଆଫ୍ରିଦି ୩୫୧ ଛକା ସହ ପ୍ରଥମ ସ୍ଥାନରେ ରହିଛନ୍ତି। ଚଳିତ ବିଶ୍ୱକପ୍‌ର ଆଫଗାନିସ୍ତାନ ବିପକ୍ଷ ମ୍ୟାଚ୍‌ରେ ରୋହିତ ଅନ୍ତର୍ଜାତୀୟ କ୍ୟାରିୟରରେ ସର୍ବାଧିକ ଛକାରେ କ୍ରିସ୍ ଗେଲଙ୍କୁ ଅତିକ୍ରମ କରିଥିଲେ। ଏହା ସହିତ ବିଶ୍ୱକପରେ ଗୋଟିଏ ଇନିଂସରେ ୫ ଛକା ମାରିବାରେ କ୍ରିସ୍ ଗେଲ୍ ଓ ଏବି ଡିଭିଲିୟର୍ସଙ୍କ ସମକକ୍ଷ ହୋଇଛନ୍ତି ରୋହିତ। ଉଭୟ ଖେଳାଳି ୩ ଥର ଲେଖାଏ ଏଭଳି କାରନାମା କରିଥିବା ବେଳେ ରୋହିତ ସେମାନଙ୍କ ସମକକ୍ଷ ହୋଇଛନ୍ତି।



# ଟି୨୦ରେ ସର୍ବାଧିକ ସ୍କୋର କଲା ଆର୍ଜେଣ୍ଟିନା

**ବୁଏନ୍ସ ଏୟାର୍ସ, ୧୪।୧୦**

ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ସର୍ବାଧିକ ସ୍କୋର ରେକର୍ଡ କରିଛି ଆର୍ଜେଣ୍ଟିନା ମହିଳା ଦଳ। ଚିଲି ବିପକ୍ଷ ୨୦ ଓଭର ବିଶିଷ୍ଟ ମ୍ୟାଚରେ ଆର୍ଜେଣ୍ଟିନା ମହିଳା ଦଳ ଏକ ଉଇକେଟ ହରାଇ ୪୨୭ ରନ୍ ସ୍କୋର କରିଛି। ଉଭୟ ପୁରୁଷ ଓ ମହିଳା ଟି୨୦ କ୍ରିକେଟରେ ଏହା ସର୍ବାଧିକ ସ୍କୋର। ପୂର୍ବରୁ ସର୍ବାଧିକ ସ୍କୋରର ରେକର୍ଡ ନେପାଳ ନାମରେ ରହିଥିଲା। ନେପାଳ ଏସିଆନ୍ ଗେମ୍ସରେ ୪ ଉଇକେଟ ହରାଇ ୩୧୪ ରନ୍ ସଂଗ୍ରହ କରିଥିଲା। ଏହା ସହିତ ଏହି ମ୍ୟାଚରେ ଚିଲି ମାତ୍ର ୬୩ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୩୬୪ ରନ୍‌ରେ ଜିତିଥିଲା ଆର୍ଜେଣ୍ଟିନା। ଅନ୍ତର୍ଜାତୀୟ କ୍ରିକେଟରେ ଏହା ବୃହତ୍ ବ୍ୟବଧାନ ବିଜୟ ତାଲିକାରେ ପ୍ରଥମ ସ୍ଥାନରେ ରହିଛି। ଆର୍ଜେଣ୍ଟିନାର ଦୁଇ ଓପନର ଲୁସିଆ ଟେଲର ୧୬୯ ରନ୍ କରିଥିବା ବେଳେ ଆଲବର୍ଟିନା ଗେଲାନୋ ୧୪୫ ରନ୍ ସ୍କୋର କରିଥିଲେ। ଉଭୟ ପ୍ରଥମ ଉଇକେଟରେ ୩୫୦ ରନ୍ ଯୋଡିଥିବା ବେଳେ ଏହା ବିଶ୍ୱ କ୍ରିକେଟର କୌଣସି ଉଇକେଟରେ ସର୍ବାଧିକ ଭାଗୀଦାରି। ସେହିପରି ଲୁସିଆ ସ୍କୋର କରିଥିବା ୧୬୯ ରନ୍ ମହିଳା କ୍ରିକେଟରେ ସର୍ବାଧିକ ସ୍କୋର। ଲୁସିଆ ୮୪ ବଲ୍ ଖେଳି ୨୭ ଚୌକା ମାରିଥିବା ବେଳେ ଗେଲାନୋ ସମାନ ସଂଖ୍ୟକ ବଲ୍ ଖେଳି ୨୩ ଚୌକା ମାରିଥିଲେ। ଏହି ମ୍ୟାଚ୍‌ରେ ଚିଲିର ବୋଲରମାନେ ୭୨ ରନ୍ ଅତିରିକ୍ତ ଭାବରେ ବ୍ୟୟ କରିଥିଲେ। ଚିଲି ଖେଳାଳିମାନେ କେବଳ ୫୮ଟି ନୋ ବଲ୍ ବୋଲିଂ କରିଥିଲେ। ପୂର୍ବରୁ ଏହି ରେକର୍ଡ ପାକିସ୍ତାନ ନାମରେ ରହିଥିଲା। ଥରେ ୱେଷ୍ଟଇଣ୍ଡିଜ୍ ଓ ଥରେ ସ୍କଟ୍‌ଲାଣ୍ଡ ବିପକ୍ଷରେ ପାକିସ୍ତାନ ୫୯ ଅତିରିକ୍ତ ରନ୍ ବ୍ୟୟ କରିଥିଲା।

ସେହିପରି ଗୋଟିଏ ଓଭରରେ ସର୍ବାଧିକ ରନ୍ ବ୍ୟୟ କରିବାର ରେକର୍ଡ ନିଜ ନାମରେ କରିଛନ୍ତି ଫ୍ଲୋରେନ୍ସିଆ ମାର୍ଟିନେଜ୍। ଗୋଟିଏ ଓଭରରେ ସେ ୫୨ ରନ୍ ବ୍ୟୟ କରିବାର ଅଲୋଡା ରେକର୍ଡ ନିଜ ନାମରେ କରିଥିବା ବେଳେ ଏହି ଓଭରରେ ସେ ୧୭ଟି ନୋ ବଲ୍ ବୋଲିଂ କରିଥିଲେ। ଉଲ୍ଲେଖଯୋଗ୍ୟ, ୪ ବର୍ଷ ପରେ ପ୍ରଥମଥର ଟି୨୦ ଖେଳୁଥିବା ଚିଲି ପକ୍ଷରୁ ଏହି ମ୍ୟାଚ୍‌ରେ ୭ ଜଣ ଖେଳାଳି ପଦାର୍ପଣ କରିଥିଲେ।



ଲୁସିଆ ଟେଲର

**ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍**

## ଆନୁଷ୍ଠାନିକ ବିଡ୍ ଦାଖଲ କରିନାହିଁ ଭାରତ

**ମୁମ୍ବାଇ, ୧୪।୧୦(ପି.ଟି.)**

ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ୨୦୨୭ର ଆୟୋଜନ ଲାଗି ଭାରତ ଏ ପର୍ଯ୍ୟନ୍ତ ଆନୁଷ୍ଠାନିକ ବିଡ୍ ଦାଖଲ କରି ନାହିଁ। ଏ ସମ୍ପର୍କିତ ନିଷ୍ପତ୍ତି ଆଗାମୀ କିଛିଦିନ ମଧ୍ୟରେ ନିଆଯିବ ବୋଲି ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ଆଦିଲ ସୁମାରିୱାଲା ସ୍ପଷ୍ଟ କରିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ର ବର୍ତ୍ତମାନ ସଂସ୍କରଣ ହଙ୍ଗେରୀର ବୁଦାପେଷ୍ଟଠାରେ ହେଉଛି। ପରବର୍ତ୍ତୀ ଚାମ୍ପିୟନଶିପ୍ ୨୦୨୫ରେ ଜାପାନରେ ଅନୁଷ୍ଠିତ ହେବ। ଇଭେଣ୍ଟର ୨୦୨୭ ସଂସ୍କରଣ ଆୟୋଜନ ପାଇଁ ଭାରତ ଆନୁଷ୍ଠାନିକ ବିଡ୍ ଦାଖଲ କରିବ ବୋଲି ରିପୋର୍ଟରେ ପ୍ରକାଶ ପାଇଥିଲା। ଆମେ ଆଲୋଚନା ପରେ କିଛିଦିନ ମଧ୍ୟରେ ନିଷ୍ପତ୍ତି ନେବୁ ବୋଲି ଏଠାରେ ଏଏଫ୍‌ଆଇ ଏବଂ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଦ୍ୱାରା ଆୟୋଜିତ ଏକ ଇଭେଣ୍ଟରେ ଯୋଗଦାନପୂର୍ବକ ସୁମାରିୱାଲା ପ୍ରକାଶ କରିଛନ୍ତି। ଭାରତ ୨୦୩୬ ଅଲିମ୍ପିକ୍ସ ଆୟୋଜନ ଲାଗି ବିଡ୍ ଦାଖଲ କରିବା ଯୋଜନାରେ ଅଛି। ଭାରତରେ ଗେମ୍ସ ଆୟୋଜନ ସେ ଦେଖିବାକୁ ଚାହାନ୍ତି ବୋଲି ୱାର୍ଲ୍ଡ ଆଥ୍‌ଲେଟିକ୍ସ ସଭାପତି ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଦସ୍ୟ ସେବାଷ୍ଟିଆନ କୋ ଏଠାରେ ଗଣମାଧ୍ୟମକୁ କହିଛନ୍ତି।

**ନେଦରଲାଣ୍ଡ୍ସ ଟୁର୍**

## ଓପ୍‌ନିଂ ମ୍ୟାଚ ଜିତିଲା ସବ୍‌ଜୁନିୟର ହକି ଦଳ

**ନୂଆଦିଲ୍ଲୀ, ୧୪।୧୦(ପି.ଟି.)**

ଭାରତର ପୁରୁଷ ଓ ମହିଳା ସବ୍‌ଜୁନିୟର ହକି ଦଳ (୧୭ ବର୍ଷରୁ କମ୍) ବିଜୟ ସହ ନେଦରଲାଣ୍ଡ୍ସ ଟୁର୍ ଆରମ୍ଭ କରିଛନ୍ତି। ଏହା ହେଉଛି ସେମାନଙ୍କ ପ୍ରଥମ ଅନ୍ତର୍ଜାତୀୟ ଟୁର୍। ମହିଳା ଦଳ ସିନିୟର ଇଡିଇ ଦଳକୁ ୩-୨ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ପୁରୁଷ ଦଳ ଡଚ୍ ପ୍ରତିପକ୍ଷ ଦଳକୁ ୮-୦ ଗୋଲ୍‌ରେ ହରାଇ ଦେଇଛନ୍ତି। ମହିଳା ଗେମ୍‌ରେ ଇଡିଇ ପ୍ରଥମେ ଅଗ୍ରଣୀ ଲାଭ କରିଥିଲେ ମଧ୍ୟ ରବିନା, କରୁଣା ମିଞ୍ଜ୍ ଓ ଭାବ୍ୟାଙ୍କ ଗୋଲ୍ ଯୋଗୁ ଭାରତ ଦୃଢ଼ ପ୍ରତ୍ୟାବର୍ତ୍ତନ କରିଥିଲା।

# ଆଇଓସି ସଭାପତିଙ୍କ ସହ ଓଡ଼ିଶା ସ୍କୁଲ ପିଲାଙ୍କ ବିଶେଷ ବାର୍ତ୍ତାଳାପ


ସ୍କୁଲ ପିଲାଙ୍କ ସହ ଆଇଓସି ସଭାପତି ଥୋମାସ ବାକ, କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଓ ଅଭିନବ ବିନ୍ଦ୍ରା।

**ମୁମ୍ବାଇ, ୧୪।୧୦**

ଓଡ଼ିଶା ସରକାରୀ ସ୍କୁଲର ୫ଜଣ ଛାତ୍ରଙ୍କୁ ମୁମ୍ବାଇଠାରେ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସଭାପତି ଥୋମାସ ବାକ୍‌ଙ୍କ ସହ ବାର୍ତ୍ତାଳାପ କରିବାର ଏକ ଅନନ୍ୟ ସୁଯୋଗ ମିଳିଥିଲା। ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ (ଓଭିଇପି)ର ଏକ ଅଂଶବିଶେଷ ସ୍ୱରୂପ ଏହି ବୈଠକର ଆୟୋଜନ କରାଯାଇଥିଲା। ସ୍କୁଲ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଶାରୀରିକ କାର୍ଯ୍ୟକଳାପ ଏବଂ କ୍ରୀଡ଼ାରେ ଅଂଶଗ୍ରହଣ ପାଇଁ ଉତ୍ସାହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ବାର୍ତ୍ତାଳାପ ସମୟରେ ପିଲାମାନେ ଥୋମାସ ବ୍ୟାକ୍‌ଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ଲାଗି ସୁଯୋଗ ପାଇଥିଲେ। ସେମାନେ ବ୍ୟାକ୍‌ଙ୍କ ଅଲିମ୍ପିକ ଯାତ୍ରା ଏବଂ ଆଜିକାର ବିଶ୍ୱରେ ଅଲିମ୍ପିକ ମୂଲ୍ୟବୋଧର ମହତ୍ତ୍ୱ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏହି ଅବସରରେ ପିଲାମାନେ ପ୍ରସ୍ତୁତ କରିଥିବା ଏକ କଳାକୃତି ଆଇଓସି ସଭାପତିଙ୍କୁ ପ୍ରଦାନ କରିଥିଲେ, ଯେଉଁଥିରେ କି ଅଲିମ୍ପିକ ମୂଲ୍ୟବୋଧ ସମ୍ପର୍କରେ ସେମାନେ କ'ଣ ବୁଝନ୍ତି ତାହା ପରିପୁଷ୍ଟ ହୋଇଥିଲା। ଏହାଛଡ଼ା ସେମାନେ 'ମଡେଲ ଆଇଓସି ଅଧିବେଶନ' ଉପରେ ପ୍ରସ୍ତୁତ କରିଥିବା ଏକ ବିସ୍ତୃତ ରିପୋର୍ଟ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରୀଡ଼ା ଓ ଯୁବ ସଶକ୍ତୀକରଣ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ୟମକୁ ଆଇଓସି ସଭାପତି ପ୍ରଶଂସା କରିଥିଲେ। ଓଭିଇପି ଏବଂ ଓଡ଼ିଶା ରିଡ୍‌ଲେ ବନ୍ୟପ୍ରକଳ୍ପରେ ଆଇଓସିର ସହଭାଗିତାରେ ଓଡ଼ିଶା ରିଡ୍‌ଲେ ବନ୍ୟ ପ୍ରକଳ୍ପ କାର୍ଯ୍ୟ କରୁଛି। ଏହି ପ୍ରକଳ୍ପ ଅଧୀନରେ ୧ ନିୟୁତ ବନ୍ୟ ବୃକ୍ଷରୋପଣ କାର୍ଯ୍ୟକାରୀ ହେଉଛି। ଏହି ଇଭେଣ୍ଟ ଅଲିମ୍ପିକ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ । ସୂଚନାଯୋଗ୍ୟ, ବାକ୍ ବର୍ତ୍ତମାନ ଆଇଓସି ଅଧିବେଶନ ପାଇଁ ମୁମ୍ବାଇ ଆସିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭିନିଲ କ୍ରିଷ୍ଣା, ଅଲିମ୍ପିକ ଚାମ୍ପିୟନ ଏବଂ ଏବିଏଫ୍‌ଟି ପ୍ରତିଷ୍ଠାତା ଅଭିନବ ବିନ୍ଦ୍ରା ଓ ଆଇଓସି ଆଇଲେଟ୍ସ କମିଶନ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ସେମିରେ ହାରିଲେ ସିନ୍ଧୁ

**ଭାନ୍ଟା (ଫିନ୍‌ଲାଣ୍ଡ), ୧୪।୧୦(ପି.ଟି.)**

ଭାରତର ପି.ଭି. ସିନ୍ଧୁ ଏଠାରେ ଚାଲିଥିବା ଆର୍କଟିକ୍ ଓପନ ସୁପର ୫୦୦ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଶନିବାର ୫ମ ସିଡ୍ ତଥା ଚାଇନାର ଝି ୟି ୱାଙ୍ଗ୍‌ଙ୍କଠାରୁ ସେ ୧୨-୨୧, ୨୧-୧୧, ୨୧-୭ରେ ହାରିଯାଇଛନ୍ତି।




# ଓଡ଼ିଶାରୁ ଭାଗନେବେ ୭ ଆଥ୍‌ଲେଟ


ପ୍ରଫୁଲ୍ଲ ଖଣ୍ଡାୟତରାୟ


ଜୟନ୍ତି ବେହେରା


ପ୍ରମୋଦ ଭଗତ


ପୂଜାସ୍ୱିନୀ ନାୟକ


ରାଖାଲ କୁମାର ସେଠୀ


ସୌନ୍ଦର୍ଯ୍ୟ ପ୍ରଧାନ


ଭି. ରମେଶ ରାଓ

**ଏସିଆନ୍ ପାରା ଗେମ୍ସ**

**ଭୁବନେଶ୍ୱର, ୧୪।୧୦(ସରୋଜ ଜେନା)**

ଚୀନ୍‌ର ହାଙ୍ଗଝୋରେ ଅକ୍ଟୋବର ୨୨ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଏସିଆନ୍ ପାରା ଗେମ୍ସ। ଏସିଆନ୍ ଗେମ୍ସ ସମାପ୍ତ ହେବାର ୧୪ ଦିନ ମଧ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଭାରତ ଅନ୍ୟୁନ ୧୦୦ ମେଡାଲର ଲକ୍ଷ୍ୟ ରଖିଛି। ଏହି ଟୁର୍ଣ୍ଣାମେଣ୍ଟରେ ଓଡ଼ିଶାରୁ ୭ ଜଣ ଖେଳାଳି ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ହୁଇଲ ଚେୟାର ଫେନସିଂରେ ସର୍ବାଧିକ ୪ ଜଣ ଖେଳାଳି ରହିଥିବା ବେଳେ ବ୍ୟାଡମିଣ୍ଟନ, ଆଥଲେଟିକ୍ସ ଓ ବ୍ଲାଇଣ୍ଡ ଚେସ୍‌ରେ ଜଣେ ଲେଖାଏ ପ୍ରତିଯୋଗୀ ରହିଛନ୍ତି। ପାରା ଅଲିମ୍ପିକ୍ସ ପଦକ ବିଜେତା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତଙ୍କ ସହ ଜାତୀୟ ପାରା ଆଥଲେଟିକ୍ସରେ ଏକାଧିକ ପଦକ ବିଜେତା ଜୟନ୍ତୀ ବେହେରା ଭାରତୀୟ ଦଳରେ ସାମିଲ ଅଛନ୍ତି। ଦୃଷ୍ଟିବାଧିତ ଚେସ୍ ଦଳରେ ସୌନ୍ଦର୍ଯ୍ୟ କୁମାର ପ୍ରଧାନ ରହିଥିବା ବେଳେ ହୁଇଲ ଚେୟାର ଫେନସିଂରେ ରାଖାଲ କୁମାର ସେଠୀ, ଭି ରମେଶ ରାଓ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ ଓ ପୂଜାସ୍ୱିନୀ ନାୟକ ଅଂଶଗ୍ରହଣ କରିବେ।

**ଖୋର୍ଦ୍ଧା ଜିଲା ଚେସ୍**

# ୩ ରାଉଣ୍ଡ ଶେଷରେ ୧୭ ଅଗ୍ରଣୀ



ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଉଦ୍‌ଘାଟନୀ ଅବସରରେ ଅତିଥି ଓ କର୍ମକର୍ତ୍ତା।

**ଭୁବନେଶ୍ୱର, ୧୪।୧୦ (ତପନ ସ୍ୱାଇଁ)**

ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହୋଇଛି। ଏଥିରେ ୧୭୮ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ୩ ରାଉଣ୍ଡ ଖେଳ ଅନୁଷ୍ଠିତ ହୋଇଛି। ଏଥିରେ ସୌମ୍ୟରଞ୍ଜନ ସାହୁ, ରାଜେନ୍ଦ୍ର କୁମାର ସାହୁ, ୟଶିତା ରାଉତ ଓ କୌସ୍ତୁଭ ଦାସଙ୍କ ସମେତ ମୋଟ ୧୭ ଖେଳାଳି ଅଗ୍ରଣୀ ହାସଲ କରିଛନ୍ତି। ରବିବାର ଆଉ ୪ ରାଉଣ୍ଡ ଖେଳ ସହ ପ୍ରତିଯୋଗିତା ଉଦ୍‌ଯାପିତ ହେବ। ପୂର୍ବାହ୍ନରେ ଭେଙ୍କଟେଶ୍ୱର ଇଂଲିଶ୍ ମିଡିୟମ ସ୍କୁଲର ମୁଖ୍ୟ ପ୍ରଶାସକ ହିମାଂଶୁ ଶେଖର ପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆୟୋଜକ ଖୋର୍ଦ୍ଧାଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କିଶୋର ବେହେରା, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ ଓ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ରାଉଣ୍ଡ ଆରମ୍ଭ ହେବା ପୂର୍ବରୁ ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ମେଣ୍ଟର ସ୍ୱର୍ଗତ ଶରତ ଚନ୍ଦ୍ର ମିଶ୍ରଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ଶତପଥୀ